

ଶୂନ୍ୟ ଅନୁପ୍ରବେଶ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ସୁଟିଂ ପାଇଁ ମୁମ୍ବାଇ ଗଲେ ମୋନାଲିସା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୧୪ Vol. 21 No-314 12 FEBRUARY 2025 WEDNESDAY BHUBANESWAR ବୁଧବାର, ୧୨ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଜେଇଇ ମେନ୍ ରେଜଲ୍ଟ ପ୍ରକାଶିତ

ନୂଆଦିଲ୍ଲୀ, ୧୧।୨: ଏନଟିଏ ଦ୍ୱାରା ପରିଚାଳିତ ଜେଇଇ ମେନ୍ ପରୀକ୍ଷାର ପ୍ରଥମ ଅଧିବେଶନର ମୁଖ୍ୟ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ୧୪ଜଣ ପରୀକ୍ଷାର୍ଥୀ ଶତପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୩ଜଣ ପୁଅ ରହିଥିବାବେଳେ ଜଣେ ଝିଅ ରହିଛନ୍ତି। ଚଳିତବର୍ଷ ୧୨ଲକ୍ଷ ୮୫ ହଜାର ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିଲେ। ଶତପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ରାଜସ୍ଥାନର ଓମ୍‌ପ୍ରକାଶ ବେହେରା, ଅର୍ଣ୍ଣବ ସିଂ, ସକ୍ଷମ ଜିନ୍ଦଲ, ଆୟୁଷ ସିଂଘଲ ଓ ରାଜିତ ଗୁପ୍ତା ରହିଥିବାବେଳେ କର୍ଣ୍ଣାଟକର କୁଶଗ୍ର ଗୁପ୍ତା, ଦିଲ୍ଲୀର ଦକ୍ଷ ଓ ହର୍ଷ ଝା, ଉତ୍ତରପ୍ରଦେଶର ଶ୍ରେୟସ ଲୋହିଆ ଓ ସୌରଭ, ମହାରାଷ୍ଟ୍ରର ବିଷାଦ ଜୈନ, ଗୁଜରାଟର ସିଭେନ୍ ବିକାଶ, ତୋଷଣୀ ଓ୍ୱାଲ, ଆନ୍ଧ୍ରର ସାଇ ମନୋଗଣ ଗୁଥିକୋଣ୍ଡା ଏବଂ ତେଲଙ୍ଗାନାର ବାଣୀବ୍ରତ ମାଝୀ। ତେବେ ଓଡ଼ିଶାର ନବନୀତ ପ୍ରିୟଦର୍ଶୀ ତାଲିକାର ୨୬ ନମ୍ବରରେ ରହିଛନ୍ତି।

### ୯ମ, ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମିଳିବ ମଧ୍ୟାହ୍ନ ଭୋଜନ

କଟକ, ୧୧।୨(ଭାସ୍କର ନ୍ୟୁଜ): ଏଣିକି ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ମିଳିବ। କଟକରେ ଏକ କାର୍ଯ୍ୟକ୍ରମରେ ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୂର୍ବରୁ ବିଦ୍ୟାଳୟଗୁଡ଼ିକରେ କେବଳ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ମିଳୁଥିଲା। ଛାତ୍ରଛାତ୍ରୀମାନେ ଯେଭଳି ପାଠରେ ଧ୍ୟାନ ଦେଇପାରିବେ ଓ ଭୋକରେ ରହିବେନି ସେ ନେଇ ଏହି ବ୍ୟବସ୍ଥା କରାଯାଇଥିବା ଶ୍ରୀ ମାଝୀ କହିଛନ୍ତି।

ସେନ୍‌ସେକ୍ସ: ୭୭,୩୧୧.୮୦
ସର୍ବାଧିକ: ୩୨.୦ ଡିଗ୍ରୀ
ସର୍ବନିମ୍ନ: ୨୧.୨ ଡିଗ୍ରୀ

**୧୧।୨।୨୦୨୫ ର ମତାମତ**

୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲମୁକ୍ତ ଭାରତ ଗଠନ ସମ୍ଭବ କି?




**ଆଜିର ପ୍ରସଙ୍ଗ**

ଇଭିଏମ୍ ବଦଳରେ ବାଲାଟ୍ ଭୋଟ ପ୍ରଚଳନ ଦାବି ଠିକ୍ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଇଭିଏମ୍ ତଥ୍ୟ ଡିଲିଟ୍ କରନାହିଁ




**ଜବାବ ଦାଖଲ ପାଇଁ ଇସିଙ୍କୁ ନିର୍ଦ୍ଦେଶ**
**ମେମୋରି ଯାଞ୍ଚ ନିମନ୍ତେ ପ୍ରୋଟୋକଲ ପ୍ରସ୍ତୁତ ଦାବି**
**ମାର୍ଚ୍ଚ ପ୍ରଥମ ସପ୍ତାହରେ ପରବର୍ତ୍ତୀ ଶୁଣାଣି**

ନୂଆଦିଲ୍ଲୀ, ୧୧।୨: ଇଭିଏମ୍ ଯାଞ୍ଚ ସଂପର୍କିତ ଏକ ଆବେଦନ ଉପରେ ନିର୍ବାଚନ କମିଶନଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର) ପକ୍ଷରୁ ଦାଖଲ କରାଯାଇଥିବା ଯାଚିକା ଉପରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏଡିଆର ପକ୍ଷରୁ କରାଯାଇଥିବା ଆବେଦନରେ ଦାବି କରାଯାଇଛି ଯେ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ଇଭିଏମ୍‌ର ଡିଲିଟ୍ କରାଯାଇଥିବା ମେମୋରି ଯାଞ୍ଚ ନିମନ୍ତେ ଏକ ସ୍ୱଷ୍ଟ ପ୍ରୋଟୋକଲ ପ୍ରସ୍ତୁତ କରିବାକୁ କହିଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏହାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ପ୍ରଥମ ସପ୍ତାହରେ କରାଯିବ। ତେବେ ଖଣ୍ଡପୀଠ ନିର୍ବାଚନ କମିଶନ ସଂପ୍ରତି ନିର୍ବାଚନ ହୋଇଥିବା ସ୍ଥାନଗୁଡ଼ିକର ଇଭିଏମ୍ ତଥ୍ୟ ଡିଲିଟ କରିବା ଉଚିତ ନୁହେଁ କି ଏଥିରେ ନୂତନ ତଥ୍ୟ ଲୋଡ୍ କରିବା ଉଚିତ ନୁହେଁ ବୋଲି କହିଛନ୍ତି। ଆବେଦନରେ ଗତବର୍ଷ ସୁପ୍ରିମକୋର୍ଟ ଦେଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସଂପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି। ଏହି ନିଷ୍ପତ୍ତିରେ ସୁପ୍ରିମକୋର୍ଟ ବାଲାଟ ପେପର ମାଧ୍ୟମରେ ପୁରୁଣା ନିର୍ବାଚନ ବ୍ୟବସ୍ଥାକୁ ପୁନଃସ୍ଥାପିତ କରିବାକୁ ମନା କରି ଦେଇଥିଲେ। ଏହାସହିତ ସମସ୍ତ ଭିଭିପାଟ୍ ସ୍ଲିପ୍ ଗଣନା କରିବାର ଦାବିକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଥିଲା। କିନ୍ତୁ ସ୍ୱଚ୍ଛତା ଆଣିବା ପାଇଁ ନିର୍ବାଚନ ଫଳାଫଳ ଘୋଷଣାର ଗୋଟିଏ ସପ୍ତାହ ମଧ୍ୟରେ ଇଭିଏମ୍‌ର ଡିଲିଟ କରାଯାଇଥିବା ମେମୋରି ଯାଞ୍ଚ ପାଇଁ କୋର୍ଟ ଅନୁମତି ଦେଇଥିଲେ। ୨୦୨୪ ମାର୍ଚ୍ଚ ୨୬ରେ ଏହି ନିଷ୍ପତ୍ତିରେ ସୁପ୍ରିମକୋର୍ଟ କହିଥିଲେ ଯେ ଫଳାଫଳ ପ୍ରକାଶିତ ହେବାର ଏକ ସପ୍ତାହ ମଧ୍ୟରେ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରାର୍ଥୀ ପୁନଃ ପରୀକ୍ଷା ଦାବି କରିପାରିବେ। ଏପରିସ୍ଥିତିରେ ଇଞ୍ଜିନିୟରମାନଙ୍କ ଟିମ୍ ଯେକୌଣସି ୫ଟି ମାଇକ୍ରୋ କଣ୍ଟ୍ରୋଲରର ଡିଲିଟ ମେମୋରି ଯାଞ୍ଚ କରିବେ। ପ୍ରାର୍ଥୀଙ୍କୁ ଏହି ପରୀକ୍ଷାର ଖର୍ଚ୍ଚ ବହନ କରିବାକୁ ପଡ଼ିବ। ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ପ୍ରାର୍ଥୀ ସେମାନଙ୍କ ଟଙ୍କା ଫେରସ୍ତ ପାଇବେ। ସୂଚନାଯୋଗ୍ୟ ଯେ ବିଭିନ୍ନ ନିର୍ବାଚନରେ ଇଭିଏମ୍‌ଗୁଡ଼ିକର ଦୁରୁପଯୋଗ ହେଉଥିବା ନେଇ ବିରୋଧୀଦଳମାନେ ବାରମ୍ବାର ଦାବିକରି ଆସୁଛନ୍ତି। ତେବେ ନିର୍ବାଚନ କମିଶନ ଏ ନେଇ କୌଣସି ପଦକ୍ଷେପ ନେଉନଥିବାରୁ ଏଡିଆର ପକ୍ଷରୁ ସୁପ୍ରିମକୋର୍ଟରେ ଏକ ଯାଚିକା ଦାଖଲ କରାଯାଇଥିଲା। ଅନ୍ୟପକ୍ଷରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ଆମ୍ ଆଦମୀ ପାର୍ଟିକୁ ଝଟ୍‌କା ଦେଇଥିବାବେଳେ ଦେଶର ବିରୋଧୀଦଳଗୁଡ଼ିକ ମଧ୍ୟ ଏହାକୁ ନେଇ ଆଶ୍ଚର୍ଯ୍ୟ • ପୃଷ୍ଠା ୫ ଦେଖନ୍ତୁ

## ପ୍ୟାରିସ ଏଆଇ ଶିଖର ସମ୍ମିଳନୀରେ ମୋଦୀଙ୍କ ସମ୍ଭାଷଣ

# ଏଆଇର ଜଗତୀକରଣ ଉପରେ ଗୁରୁତ୍ୱ




ନୂଆଦିଲ୍ଲୀ, ୧୧।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ଏଆଇ ସଂପର୍କରେ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, ଏଆଇର ଜଗତୀକରଣ ବୃଦ୍ଧି ଉପରେ ସମସ୍ତେ ଗୁରୁତ୍ୱ ଦେବା ଜରୁରି। ଭାରତ ଲାର୍ଜ ଲାଙ୍ଗୁଏଜ୍ ମଡେଲ ଟାଲେଣ୍ଟ ଏଆଇ ପୁଲ୍ ଉପରେ କାମ କରୁଛି। ପ୍ୟାରିସରେ ଚାଲିଥିବା ଏଆଇ ସମ୍ମିଳନୀରେ ଯୋଗ ଦେଇ ମୋଦୀ ଏହା କହିଛନ୍ତି। ଭାରତ, ଫ୍ରାନ୍ସ ଓ କାନାଡ଼ା ସହିତ ଏହି ଶିଖର ସମ୍ମିଳନୀର ସହଅଧ୍ୟକ୍ଷତା କରୁଛି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭାରତର ଏଆଇ ମଡେଲ ଉପରେ ସୂଚନା ଦେଇଥିଲେ। ମୋଦୀ କହିଥିଲେ, ଏଆଇ ଏବେ ସମସ୍ତଙ୍କ ଆବଶ୍ୟକତା ପାଲଟି ଯାଇଛି। ଆମପାଖରେ ଦୁନିଆର ସବୁଠାରୁ ବଡ଼ ଟାଲେଣ୍ଟ ରହିଛି। ଲୋକଙ୍କ ତଥ୍ୟକୁ ସୁରକ୍ଷିତ ରଖିବା ଆମ ଦାୟିତ୍ୱ। କିଛିଲୋକ ଆଜିକାଲି ମେସିନର ବଢୁଥିବା ଶକ୍ତିକୁ ନେଇ ଚିନ୍ତିତ ଅଛନ୍ତି। କିନ୍ତୁ ଚିନ୍ତା କରିବାର କିଛି ନାହିଁ ବୋଲି କହିବା ସହ ମୋଦୀ କହିଛନ୍ତି ଯେ ଏଆଇ ଲକ୍ଷଲକ୍ଷ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରୁଛି। ସମୟ ସହିତ ନିଯୁକ୍ତିର ରୂପରେଖରେ ପରିବର୍ତ୍ତନ ଘଟୁଛି। ଆମକୁ ଏଆଇ ଯୋଗୁ ବର୍ତ୍ତମାନ ନିଯୁକ୍ତି ସଂକଟ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। କିନ୍ତୁ ଇତିହାସ ସାକ୍ଷୀ ଅଛି, ଟେକ୍ନୋଲୋଜି କେବେ ଚାକିରି ଛଡ଼ାଇ ନେଇନାହିଁ । ଏଆଇ ନୂତନ ନିଯୁକ୍ତି ସୃଷ୍ଟି କରିବ ଓ ଆମକୁ ଏଥିପାଇଁ ପ୍ରସ୍ତୁତ କରିବାକୁ ପଡ଼ିବ। ସେ କହିଥିଲେ ଯେ ଭାରତର ଶକ୍ତି ୫ଟି ସ୍ତମ୍ଭ ଉପରେ ଛିଡ଼ା ହୋଇଛି। ପ୍ରଥମ, ଆମ ପାଖରେ ସମ୍ବଳ ଅଛି, ଯାହାକୁ ଆମେ ବ୍ୟବହାର କରୁଛୁ। ଦ୍ୱିତୀୟରେ ଆମେ ଆମର ବ୍ରିଲିଆଣ୍ଟ ମାଇଣ୍ଡକୁ ଇନୋଭେଟ କରିବା ପାଇଁ ପ୍ରୋତ୍ସାହନ ଯୋଗାଉଛୁ। • ପୃଷ୍ଠା ୫ ଦେଖନ୍ତୁ

# ମିଳିତ ଭାବେ କାର୍ଯ୍ୟକାରୀ ହେବ ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା

ଭୁବନେଶ୍ୱର, ୧୧।୨(ଭାସ୍କର ନ୍ୟୁଜ): ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମମତା ଯୋଜନା ସହିତ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ କରାଯିବ । ଏଥିରେ କନ୍ୟା ସନ୍ତାନ ଜନ୍ମ ପାଇଁ

**ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି**

ଗର୍ଭବତୀମାନଙ୍କୁ ବର୍ଷକୁ ଅଧିକ ୨ ହଜାର ଟଙ୍କା ପ୍ରଦାନ କରାଯିବ । ଗର୍ଭବତୀ, ପ୍ରସୂତି ମହିଳା ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ତଥା କନ୍ୟା ସନ୍ତାନ ଜନ୍ମକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି



ଯୋଜନାରେ ପୁତ୍ର ସନ୍ତାନ ଜନ୍ମ କ୍ଷେତ୍ରରେ ୧୦ ହଜାର ଟଙ୍କା ପ୍ରଦାନ କରାଯିବ । ତେବେ କନ୍ୟା ସନ୍ତାନ ପାଇଁ ପୂର୍ବରୁ ୧୦ ହଜାର ଟଙ୍କା ଦିଆଯାଉଥିବା ବେଳେ ମିଳିତ ଯୋଜନାରେ ୧୨ ହଜାର ଟଙ୍କା ଦିଆଯିବ । ସର୍ବାଧିକ ଦୁଇଟି ସନ୍ତାନ ଜନ୍ମ କ୍ଷେତ୍ରରେ ଏହି ସହାୟତା ମିଳିବ । ତେବେ ପିଭିଟିଜିମାନଙ୍କ କ୍ଷେତ୍ରରେ ଦୁଇଟି ସନ୍ତାନ ସୀମା ଲାଗୁ ହେବ ନାହିଁ । ଏଥିରେ ସହାୟତା କରୁଥିବା ଅଙ୍ଗନବାଡ଼ି କର୍ମୀମାନଙ୍କୁ ୨୦୦ ଟଙ୍କା ବଦଳରେ ୨୫୦ ଟଙ୍କା, ଏବଂ ଅଙ୍ଗନବାଡ଼ି ସହାୟକମାନଙ୍କୁ ୫୦ ଟଙ୍କା ପରିବର୍ତ୍ତେ ୧୫୦ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ । ଏହି ଉଭୟ ଯୋଜନାର ସମ୍ମିଳିତ କାର୍ଯ୍ୟକାରିତା ପାଇଁ ଆସନ୍ତା ଆର୍ଥିକ ବର୍ଷରେ ପ୍ରାୟ ୫୧୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏଥିପାଇଁ କେନ୍ଦ୍ର ସରକାର ୧୧୫.୯୭ କୋଟି ଟଙ୍କା ପ୍ରଦାନ କରିବାବେଳେ ରାଜ୍ୟ ସରକାର ୩୯୫.୭୫ କୋଟି ଟଙ୍କା ଯୋଗାଇ ଦେବେ । ଏହାଦ୍ୱାରା ପ୍ରାୟ ୪ ଲକ୍ଷ ୫୦ ହଜାର ଗର୍ଭବତୀ ଓ ପ୍ରସୂତି ମହିଳା ଉପକୃତ ହେବାର ସମ୍ଭାବନା ରହିଛି ।

# ଭକ୍ତଚରଣ ଦାସ ପିସିସି ସଭାପତି ନିଯୁକ୍ତ

ଭୁବନେଶ୍ୱର / ନୂଆଦିଲ୍ଲୀ, ୧୧।୨(ବ୍ୟୁରୋ): ଓଡ଼ିଶା ରାଜନୀତିର ଅନ୍ୟତମ ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏଆଇସିସି ସଭାପତିଙ୍କ ଅନୁମୋଦନ ପରେ ଏ ନେଇ ମଙ୍ଗଳବାର ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ପିସିସି ସଭାପତି ପଦରୁ ଶରତ ପଟ୍ଟନାୟକ ଇସ୍ତଫା ଦେବାପରେ ଏହି ପଦବୀ ଖାଲି ପଡ଼ିଥିଲା। ତେବେ ଜଣେ ଅଭିଜ୍ଞତା ସମ୍ପନ୍ନ ନେତାଙ୍କୁ ଏହି ପଦବୀରେ ନିଯୁକ୍ତି ମିଳିବା ପରେ କଂଗ୍ରେସକୁ ବଳ ମିଳିବ ବୋଲି ଆଶା କରାଯାଉଛି। ପିସିସି ସଭାପତି ଭାବେ ନିଯୁକ୍ତି ପାଇବା ପରେ ଶ୍ରୀ ଦାସ କହିଛନ୍ତି ଯେ ଯୁବ ଓ ବରିଷ୍ଠଙ୍କୁ ନେଇ କାମ କରିବି। କଂଗ୍ରେସକୁ ଆନ୍ଦୋଳନ ଜରିଆରେ



ଘରେ ଘରେ ପହଞ୍ଚାଇବି। ସମସ୍ତେ ଏ କ୍ଷେତ୍ରରେ ମୋତେ ସହଯୋଗ କରିବେ ବୋଲି ଆଶା ମଧ୍ୟ କରୁଛି। ଗାନ୍ଧୀ ପରିବାର ମୋତେ ପୂର୍ବରୁ ଅନେକ ଦାୟିତ୍ୱ ଦେଇଛନ୍ତି। ସବୁ ଦାୟିତ୍ୱ ସାମର୍ଥ୍ୟମତେ ପୂରଣ କରି ଆସ୍ଥାଭାଜନ ହୋଇପାରିଛି। ଲୋକଙ୍କ ପାଖକୁ ଯାଇ ୧୦୦ ଟଙ୍କା ଲେଖାଏଁ ସମ୍ବଳ ମାଗି ଦଳର ପାଣ୍ଠି ବଢାଇବି। ଲୋକଙ୍କ ଆସ୍ଥାଭାଜନ ହେବା ମୋର ପ୍ରଥମ ଲକ୍ଷ୍ୟ । ସୂଚନାଯୋଗ୍ୟ ଯେ ଶ୍ରୀ ଦାସ ଓଡ଼ିଶା କଂଗ୍ରେସର ଜଣେ ଜଣାଶୁଣା ନାମ। ତୃଣମୂଳସ୍ତରରେ ସେ କାମ କରିଥିବାରୁ ସଂଗଠନକୁ ମଜବୁତ

**କଂଗ୍ରେସକୁ ଆନ୍ଦୋଳନ ଜରିଆରେ ଘରେ ଘରେ ପହଞ୍ଚାଇବି: ଭକ୍ତ**

କରିବା ନେଇ ତାଙ୍କର ବେଶ୍ ଅଭିଜ୍ଞତା ରହିଛି। ୧୯୫୯ ମସିହା ଜୁନ୍ ୩ ତାରିଖରେ ଶ୍ରୀ ଦାସ ଭବାନୀପାଟଣାରେ ଜନ୍ମଗ୍ରହଣ କରିଥିଲେ। ସେଠାରେ ସେ ଗ୍ରାଜୁଏସନ ଶେଷ ପରେ ସମ୍ବଲପୁରସ୍ଥିତ ଲାଲା ଲଜପତ ରାୟ ଆଇନ କଲେଜରେ ଏଲଏଲବି ପଢିଥିଲେ। ଏକାଧାରରେ ସେ ଜଣେ ଜଣାଶୁଣା ରାଜନୀତିଜ୍ଞ, ସମାଜସେବୀ ଓ ଆଇନଜୀବୀ। ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଦ୍ୱାରା ପ୍ରତିଷ୍ଠିତ ସଂଘର୍ଷବାହିନୀରେ ୧୯୭୭ ମସିହାରେ ଯୋଗଦେଇ ସେ ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ। ଏହାପରେ ଆଉ ପଛକୁ ଫେରି ନଥିଲେ। ୧୯୮୫ ମସିହାରେ ଜନତାପାର୍ଟି ଟିକେଟରେ ଭବାନୀପାଟଣାରୁ ବିଧାୟକ ହୋଇଥିଲେ। ୧୯୮୯ ଡିସେମ୍ବର ୭ରେ ସେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀରୁ ସେ ୧୯୮୯, ୧୯୯୬ ଓ ୨୦୦୯ରେ ସାଂସଦ ହୋଇଥିଲେ। ଜଣେ କେନ୍ଦ୍ରମନ୍ତ୍ରୀ, ଏଆଇସିସି ସାଧାରଣ ସଂପାଦକ ଓ ବିଭିନ୍ନ ରାଜ୍ୟର ପ୍ରଭାରୀ ଦାୟିତ୍ୱ ତୁଲାଇବାରେ ତାଙ୍କର ଅଭିଜ୍ଞତା ରହିଛି।

# ବିବାହ ବିଚ୍ଛେଦ ରୋକିବେ ରାଜ୍ୟ ସରକାର: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୧।୨(ଭାସ୍କର ନ୍ୟୁଜ): ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବିବାହ ବିଚ୍ଛେଦ ଘଟଣା। ଏହାକୁ ନେଇ ପରିବାର ମଧ୍ୟରେ ଅପ୍ରୀତିକର ସ୍ଥିତି ସୃଷ୍ଟି ହେଉଛି। ତେବେ ଏହି ଅଭାବନୀୟ ସ୍ଥିତିକୁ ବଦଳାଇବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ବିବାହ ବିଚ୍ଛେଦ ଘଟଣାକୁ ହ୍ରାସ କରିବା ଲାଗି ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିନେଇ ଠୋସ୍ ପଦକ୍ଷେପ ଗ୍ରହଣ କରାଯିବ। ସେ କହିଛନ୍ତି, ବିବାହ ପୂର୍ବରୁ କାଉନସେଲିଂ ସେଣ୍ଟରରେ କାଉନସେଲିଂ କରାଯିବ। ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ମେଣ୍ଟାଲ ହେଲ୍‌ଥ ସେଣ୍ଟର ଖୋଲାଯିବ। ମାନସିକ ସ୍ଥିତିକୁ ସଜାଡ଼ିବା, ଛାଡ଼ପତ୍ର ରୋକିବା ଏବଂ ବିବାହକୁ ସଠିକ ଭାବେ ବୁଝିବା ପାଇଁ ଏହି ସେଣ୍ଟର କାର୍ଯ୍ୟ କରିବେ। ମଦର୍ସ କୋର୍ଟ କିମ୍ବା ମା'ର ଛାଟ ନାମରେ ଏହାକୁ ନାମିତ କରାଯିବ। ଖୁବ୍‌ଶୀଘ୍ର ଏ ନେଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟରେ ବିବାହ ବିଚ୍ଛେଦ ପ୍ରଥା ସାଂଘାତିକ ରୂପ ଧାରଣ କରିଛି। ସାମାନ୍ୟ ସାମାନ୍ୟ କଥାରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ତିକ୍ତତା ସୃଷ୍ଟି ହେବା ସହ କଥା କୋର୍ଟ କଚେରୀରେ ପହଞ୍ଚୁଛି। ଏପରିକି ବହୁ କ୍ଷେତ୍ରରେ ଛାଡ଼ପତ୍ର ହେଉଥିବା ଦେଖିବାକୁ ମିଳୁଛି।

# ପଞ୍ଜିକାରେ ଭୁଲ ତଥ୍ୟ ରହିଲେ କାର୍ଯ୍ୟାନୁଷ୍ଠାନ, ୫ ପଞ୍ଜିକାକୁ ସ୍ୱୀକୃତି



ପୁରୀ (ଭାସ୍କର ନ୍ୟୁଜ) : ପଞ୍ଜିକା ସମନ୍ୱୟ ନେଇ ମଙ୍ଗଳବାର ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି। ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ୨୦୨୫-୨୬ ବର୍ଷ ପାଇଁ ପଞ୍ଜିକା ସମୀକରଣ ବୈଠକରେ ନିର୍ଭୁଲ ଓ ତ୍ରୁଟିବିହୀନ ପଞ୍ଜିକା ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ୫ଟି ପଞ୍ଜିକା ପ୍ରକାଶକ ଯୋଗ ଦେଇଥିଲେ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।ମୁଖ୍ୟ ପ୍ରଶାସକ କହିଛନ୍ତି, ଶ୍ରୀମନ୍ଦିର ସମ୍ବନ୍ଧୀୟ ଯାନିଯାତ୍ରା ନେଇ ସହମତି ପ୍ରକାଶ ପାଇଛି। ବିଶେଷକରି ୫ଟି ପଞ୍ଜିକାର ପାଣ୍ଡୁଲିପିକୁ ନେଇ ଆଲୋଚନା ହୋଇଛି। ଶ୍ରୀଜିଉଙ୍କ ନୀତିକାନ୍ତି ତିଥି ନେଇ ସମସ୍ତେ ସହମତ ହୋଇଛନ୍ତି। ତେବେ କେହି ଭୁଲ୍ ତଥ୍ୟ ଦେବେନାହିଁ, ସେନେଇ ଚିଠା ଅନୁମୋଦିତ ହୋଇଛି। ରାଧାରମଣ, କୋହିନୂର, ଅରୁଣଦୋୟ, ଭାଗ୍ୟଦୀପ, ଜିଏନ୍ ତ୍ରିପାଠୀ ପଞ୍ଜିକା ପାଣ୍ଡୁଲିପି ଦାଖଲ କରିଛନ୍ତି ବୋଲି • ପୃଷ୍ଠା ୫ ଦେଖନ୍ତୁ

## ପ୍ରୟାଗରାଜ ଯିବାପାଇଁ ଟ୍ରେନ୍‌ରେ ମିଳୁନି ଯାଗା

# ପୁଣି ଭାଙ୍ଗିଲେ କୁମ୍ଭମେଳା ଟ୍ରେନ୍

ପାଟନା, ୧୧।୨: ଦୀର୍ଘ ୧୪୪ବର୍ଷ ପରେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭମେଳା ଅନୁଷ୍ଠିତ ହେଉଛି। ଏହି କୁମ୍ଭମେଳାରେ ସଙ୍ଗମରେ ବୁଡ଼ ପକାଇବା ପାଇଁ ସମସ୍ତଙ୍କର ଆଗ୍ରହ ରହିଛି। ଚଳିତବର୍ଷ କୁମ୍ଭମେଳା ପାଇଁ ଭାରତୀୟ ରେଳବାଇ ପକ୍ଷରୁ ୩ ହଜାରରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳପ୍ରଚଳ କରୁଛି। ଏଥିମଧ୍ୟରୁ ଏକ ଚତୁର୍ଥାଂଶ ଦୂରଗାମୀ ଟ୍ରେନ୍ ହୋଇଥିବାବେଳେ ୫୫୪ଟି ଟିକେଟ୍ କାଉଣ୍ଟର କରାଯାଇ ମନିଟରିଂ କରାଯିବାର ବ୍ୟବସ୍ଥା କରାଯାଇଛି। ୪୫ କୋଟିରୁ ଅଧିକ ଶ୍ରଦ୍ଧାଳୁ ମହାକୁମ୍ଭ ମେଳାରେ ଯୋଗ ଦେବାକୁ ଆକଳନ କରାଯାଇଥିବାବେଳେ ଏଥିପାଇଁ ଚାଲୁଥିବା ଟ୍ରେନ୍ ସଂଖ୍ୟା ଯଥେଷ୍ଟ ନୁହେଁ ବୋଲି କୁହାଯାଉଛି। ପ୍ରତ୍ୟେକ ଟ୍ରେନ୍‌ରେ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ରହୁଛନ୍ତି। ଯାହା ବଡ଼ ସମସ୍ୟା ସୃଷ୍ଟି କରୁଛି। ବିହାରର ମଧୁବନିଠାରେ ଟ୍ରେନ୍ ଉପରେ ଆକ୍ରମଣ ଘଟଣା ଦେଖିବାକୁ ମିଳିଛି। ମହାକୁମ୍ଭ ପାଇଁ ସ୍ପେଶାଲ ଟ୍ରେନ୍ ସ୍ୱତନ୍ତ୍ର ସେନାନୀ ଏକ୍ସପ୍ରେସ୍ ଯାଉଥିବାବେଳେ ସେଥିରେ ଭଙ୍ଗାରୁଜା କରାଯାଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। କୁମ୍ଭମେଳା ଭିଡ଼ କାରଣରୁ ଟ୍ରେନ୍‌ରେ ଅଧିକ ଯାତ୍ରୀ ରହିଥିଲେ। ଟ୍ରେନ୍ ଷ୍ଟେସନରେ ପହଞ୍ଚିବାବେଳକୁ ଯାତ୍ରୀମାନଙ୍କର ସଂଖ୍ୟା ମଧ୍ୟ ଅଧିକ ରହିଥିଲା। ଫଳରେ ଟ୍ରେନ୍‌ର ଗେଟ୍ ଭିତର ପଟରୁ ବନ୍ଦ କରି ଦେଇଥିଲେ ଯାତ୍ରୀ। ଏଥିରେ ଉତ୍କ୍ଷିପ୍ତ ହୋଇ ଅପେକ୍ଷାରତ ଯାତ୍ରୀମାନେ ବଗିର କାଚକୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଆଉ କେତେକ ଟ୍ରେନ୍‌ରେ ଚଢି ନପାରିବାରୁ ଟେକାପଥର ମାଡ଼ କରିଥିଲେ। ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କୁ ପରିବହନ ପାଇଁ ଭାରତୀୟ ରେଳବାଇ ୧୦ହଜାର ନିୟମିତ ଟ୍ରେନ୍ ଚଳାଉଥିବାବେଳେ ୩୧୩୪ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଉଛନ୍ତି। ତଥାପି ଏହା ଯାତ୍ରୀଙ୍କ ଚାହିଦା ମେଣ୍ଟାଇବାରେ ସମର୍ଥ ହୋଇପାରୁ ନାହିଁ ।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



'ଓସିଏ' ତ ଏବେ ହରଡ଼ଘଣାରେ
କଳାଦାଗ ଇତିହାସରେ,
କେଡ଼େକେଡ଼େ ଲୋକ ତନଖୁ ତନଖୁ
ମିଶିଗଲା ସବୁ ମାଟିରେ ।
କହିଦେଲେ ସରେ ପାଟିରେ,
ଲାଇନି କଟିବା ଅସଲ କାରଣ
ଖୋଜିଲେ ମିଳିବ ଖଟିରେ !!




ବ୍ରଜରାଜନଗର(ଭାସ୍କର ନ୍ୟୁଜ):ବ୍ରଜରାଜନଗର ପୌର କାର୍ଯ୍ୟାଳୟଠାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅବୋଲୀ ସୁନିଲ ନରଓ୍ୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ବ୍ରଜରାଜନଗରର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ସହକାରୀ ଜିଲ୍ଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରରେ ମୋଟ ୨୫ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୯ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗ ଆଗତ ହୋଇଥିଲା । ଖଲିଆକାନିରେ ଗାଈ ଏବଂ ଅନ୍ୟ ଗୃହପାଳିତ ପଶୁଜନିତ ଫସଲହାନି, ୱାର୍ଡ଼ ନମ୍ବର ୨୦ ରେମଜାସ୍ଥିତ ବୁଡ଼ିଆଲି କଟାରେ ଅନିୟମିତତା, ତେଲେନପାଲି, ଶାସ୍ତ୍ରୀନଗର କରମସାନି ପଡ଼ାରେ ରାସ୍ତା ମରାମତି ଓ ପାନୀୟ ଜଳ ସକାଶେ ପାଇପ ସଂଯୋଗ, ୱାର୍ଡ଼ ନମ୍ବର ୫ କୁଲିତାପଡାରେ ଯଜ୍ଞ ମଣ୍ଡପ ଓ ପାକଶାଳା ନିର୍ମାଣ ଏବଂ ରାସ୍ତା, ନାଳ ଓ କଲଭର୍ଟ ମରାମତି, ୱାର୍ଡ଼ ନମ୍ବର ୧୨ ଲମ୍ପଟିବାହାଲରେ ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ଭେଣ୍ଡିଂ ଜୋନର କାନ୍ଥଭଙ୍ଗା ଘଟଣାର ତଦନ୍ତ, ଜିଏମ ଅଫିସ ସମ୍ମୁଖରେ ଭେଣ୍ଡିଂ ଜୋନ ନିର୍ମାଣ, ଗୁଆଲପଡ଼ା ଓ ଫରେଷ୍ଟ ଅଫିସ ନିକଟରେ ଖୋଲା ଜିମ୍ ନିର୍ମାଣ, ୱାର୍ଡ଼ ନମ୍ବର ୧୭ ଶାସ୍ତ୍ରୀ ନଗରରେ ସଫେଇ କର୍ମଚାରୀ ମୁତୟନ ସହ ରାସ୍ତା ଓ ନାଳ ନିର୍ମାଣ ଓ ସଫେଇ ସମ୍ପର୍କିତ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା । ସେହିପରି ଚିକିତ୍ସା ପାଇଁ ଆର୍ଥିକ ସହାୟତା, ବାର୍ଦ୍ଧକ୍ୟ ଭତ୍ତା, ରାସ୍ତା ନିର୍ମାଣ, ଦିବ୍ୟାଙ୍ଗ ପ୍ରମାଣ ପତ୍ର ପ୍ରଦାନ, ପାନୀୟ ଜଳ ଯୋଗାଣ, ବନ୍ୟଜନ୍ତୁ ଜନିତ ଫସଲ ନଷ୍ଟ ପାଇଁ କ୍ଷତିପୂରଣ ଓ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତିକରଣ ଆଦି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନିଷ୍କ୍ରମଣ ଉତ୍ସବ




ଛତ୍ରପୁର(ଭାସ୍କର ନ୍ୟୁଜ): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ନିଷ୍କ୍ରମଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପଦ୍ମଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଖଣ୍ଡଦେଉଳୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡ. ଗୌରୀଶଙ୍କର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଶତପଥି ତାଙ୍କ ବକ୍ତବ୍ୟରେ ଜୀବନରେ ଶିକ୍ଷାର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସମ୍ମାନୀତ ଅତିଥି ଶ୍ରୀ ଶ୍ରୀ ବିଶ୍ୱାଳ ଆଗାମୀ ମେଟ୍ରିକ ପରୀକ୍ଷାରେ ଉତ୍ତର ଲେଖିବାର କୌଶଳ ସହ ଜୀବନରେ ଆଗକୁ ବଢ଼ିବାର ମାର୍ଗଦର୍ଶନ କରିଥିଲେ। ପ୍ରଥମେ ଶିଶୁମାନଙ୍କ ଅନୁଭୂତି କଥନ କରାଯିବା ସହିତ ପ୍ରଧାନାଚାର୍ଯ୍ୟ, ସଭାପତି, ଆଚାର୍ଯ୍ୟ ଟି ସୁରେଶ କୁମାର ଆଚାରୀ ମଧ୍ୟ ସେମାନଙ୍କର ମତ ରଖିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ସମ୍ମାନୀତ କରିବା ସହ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମାମାନେ ଶୁଭାଶିଷ ପ୍ରଦାନ କରିଥିଲେ । ଶିଶୁମାନଙ୍କ ପରୀକ୍ଷାର ଶୁଭକାମନା ପାଇଁ ବିଦ୍ୟାଳୟର ସଂସ୍କୃତ ଆଚାର୍ଯ୍ୟ ମନୋରଞ୍ଜନ ଦାଶଙ୍କ ପୌରହିତ୍ୟରେ ଶ୍ରୀ ଗୌରୀଶଙ୍କର ମନ୍ଦିରରେ ପୂଜା ଅଭିଷେକ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନବମ ଓ ଦଶମ ଶ୍ରେଣୀର ଶିଶୁମାନଙ୍କ ସହିତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଉପସ୍ଥିତ ଥିଲେ।

## ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ବିକ୍ଷୋଭ ଓ ଦାବିପତ୍ର



ବ୍ୟାସନଗର (ଭାସ୍କର ନ୍ୟୁଜ୍): ଯାଜପୁର ରୋଡ଼ ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଯାଜପୁର ରୋଡ଼, ଭଦ୍ରକ ଓ ଧାମରା ରେଳ ଷ୍ଟେସନରେ ବିକ୍ଷୋଭ ସଂଗଠିତ କରାଯାଇ ତୁରନ୍ତ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ ସହ ବ୍ୟୟ ବରାଦ ପାଇଁ ଦାବି କରାଯାଇଛି। ଚୂଡାନ୍ତ ସର୍ଭେ ଡିପିଆର୍ ପ୍ରସ୍ତୁତି ଓ ରେଳବାଇ ବୋର୍ଡର ତର୍ଜମା ପାଇଁ ଦେଢ଼ ବର୍ଷରୁ ଅଧିକ ସମୟ ଅତିବାହିତ ହୋଇଥିଲେ ମଧ୍ୟ କାହିଁକି ମଞ୍ଜୁରୀ ପ୍ରଦାନ ପ୍ରକ୍ରିୟାକୁ ବିଳମ୍ବିତ କରାଯାଇଛି, ରେଳମନ୍ତ୍ରୀ ତାହାର ସ୍ପଷ୍ଟୀକରଣ ଦେବା ପାଇଁ ବିକ୍ଷୋଭକାରୀମାନେ ଦାବି କରିଛନ୍ତି। ଗତବର୍ଷ ନିର୍ବାଚନ ପୂର୍ବରୁ ରେଳମନ୍ତ୍ରୀ ଘୋଷଣା କରିଥିଲେ ଯେ ୨୦୨୪-୨୫ ର ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଏହି ପ୍ରକଳ୍ପ ପାଇଁ ବ୍ୟୟ ବରାଦ କରାଯିବ। ମାତ୍ର ୨୦୨୫-୨୬ ର ବଜେଟରେ ମଧ୍ୟ ଏହି ପ୍ରକଳ୍ପ ପାଇଁ ବ୍ୟୟ ବରାଦ ନ କରାଯିବା ଦ୍ୱାରା ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାବାସୀଙ୍କୁ ପ୍ରତାରିତ କରାଯାଇଛି। ଏହି ପ୍ରତାରଣା କୁ ଅଧିକ ଦିନ ବରଦାସ୍ତ କରାଯାଇ ପାରିବ ନାହିଁ ବୋଲି ବିକ୍ଷୋଭକାରୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଗାମୀ ଏକ ମାସ ମଧ୍ୟରେ ଏହି ୧୦୧.୨୬ କିଲୋମିଟର ରେଳପଥକୁ ମଞ୍ଜୁରୀ ପ୍ରଦାନ ପାଇଁ ଦାବିକରାଯାଇଛି। ଯାଜପୁର ରୋଡ଼ର ଗୋପବନ୍ଧୁ ଛକ ପାଖରୁ ପଟୁଆର ବାହାରି ରେଳଷ୍ଟେସନ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ସଂଗ୍ରାମ ସମିତିର ଯୁଗ୍ମ ଆବାହକ ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସଙ୍କ ସମେତ ସର୍ବଶ୍ରୀ ମଳୟ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ଦିଲ୍ଲୀପ ଦଳେଇ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ବାବୁଲାଲ ଗୁରୁ, ବିଜୟ ପରିଡା, ସୁରେନ୍ଦ୍ର ରାୟ, ବିଷ୍ଣୁ ଚରଣ ଧଳ, ପ୍ରଫୁଲ୍ଲ ନାୟକ,ସୁବାସ ଧଳ, ରାକେଶ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ସୁଷମା ବଳ, ସତ୍ୟବାନ୍ ଦାସ, ଅଭୟ ପଣ୍ଡା, ବିଜୟ ନାୟକ, ଅମୂଲ୍ୟ ସାମଲ,ନିର୍ମଳ ରଥ ଗଣେଶ ସାହୁ,ଲାଲ୍ ମଣି ମୁଣ୍ଡା, ସୁରେଶ ସାହୁ ,ଆଭାମୟୀ ମହାନ୍ତି, ତ୍ରିଲୋଚନ ରାଉତ, ଗୋପବନ୍ଧୁ ସାହୁ, ମାଳତୀ ହାଂସଦା, କାହ୍ନୁ ମୁଖି, ମନ୍ମଥ କୁମାର ରାୟ, ପ୍ରଦିପ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖି ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ ।

## ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



ଛତ୍ରପୁର, (ଭାସ୍କର ନ୍ୟୁଜ୍) :ଓଡିଶା ମନରେଗା ଶ୍ରମିକ ୟୁନିଅନ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ମନରେଗା ଶ୍ରମିକଙ୍କ ହାତକୁ କାମ, ସର୍ବନିମ୍ନ ମଜୁରୀ ଏବଂ ସମସ୍ତ ଅଧିକାରକୁ ପ୍ରଦାନ କରିବା ସଂପର୍କରେ ଏକ ଦାବିପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ଦୈନିକ ସର୍ବନିମ୍ନ ମଜୁରୀ ୭୦୦ ଟଙ୍କାକୁ ବୃଦ୍ଧି ଏବଂ ପରିବାରର ଦୁଇଜଣ ସଦସ୍ୟଙ୍କୁ ନିଶ୍ଚିତ କାମ, ବର୍ଷ ସାରା କାମ ଯୋଗାଇ ଦେବାର ସୁବ୍ୟବସ୍ଥା, ସର୍ବନିମ୍ନ ମଜୁରୀ ଠାରୁ କମ୍ ପ୍ରଦାନ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ ଓ ସାମାଜିକ ନିରାପତ୍ତା ପାଇଁ ସୁବ୍ୟବସ୍ଥା,୫୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଶ୍ରମିକଙ୍କ ପାଇଁ ମାସିକ ୧୦ ହଜାର ଟଙ୍କାର ପେନସନ, ଶ୍ରମିକ ବିରୋଧ ୪ ଗୋଟି ଶ୍ରମ ସଂହିତା ପ୍ରତ୍ୟାହାର, ସବନିମ୍ନ ମଜୁରୀରୁ ଆଜି ପର୍ଯ୍ୟନ୍ତ ହଡପ ହୋଇଥିବା ସମସ୍ତ ମଞ୍ଜୁରୀ ଟଙ୍କାକୁ ତୁରନ୍ତ ଏରିଅର କରି ଶ୍ରମିକଙ୍କୁ ପ୍ରଦାନ, କାମ କରିବାର ୭ ଦିନ ମଧ୍ୟରେ ଶ୍ରମିକଙ୍କ ଆକାଉଣ୍ଟକୁ ମଞ୍ଜୁରୀ ପ୍ରଦାନ ଆଦି ଦାବି ରହିଛି ।

## ପ୍ରହସନ ପାଲଟିଛି ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର



ତେନ୍ତୁଳିଖୁଣ୍ଟି,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ପ୍ରହସନ ପାଲଟିଛି । ପ୍ରଚାର ପ୍ରସାର କରାଯାଇ ନ ଥିବା ଯୋଗୁଁ ଶିବିରରେ କୌଣସି ଶିକ୍ଷିତ ଯୁବକ ଯୁବତୀ ପରାମର୍ଶ ନେବାକୁ ଆସିନଥିବା ଦେଖିବାକୁ ମିଳିଛି। ଅଞ୍ଚଳର ଶିକ୍ଷିତ ଯୁବକ ଯୁବତୀ ଙ୍କ ପାଇଁ ଏହି ଶିବିର ଆୟୋଜନ ହୋଇ ଥିବା ବେଳେ ଶିକ୍ଷିତ ଯୁବକ ଯୁବତୀ ଙ୍କ ମରୁଡି ଦେଖାଯାଇଛି ।ଶିକ୍ଷିତ ଯୁବକ ଯୁବତୀ ମାନେ ଶିବିରରେ ଆସି ପରାମର୍ଶ ନେଇ ନିଯୁକ୍ତିର ସୁଯୋଗ ପାଇବା ଉଦ୍ଦେଶ୍ୟରେଏହି ଶିବିର ଆୟୋଜନ ହେଉଥିବା ବେଳେ ପୂର୍ବରୁ କୌଣସି ପ୍ରଚାର ପ୍ରସାର କରାଯାଇ ନଥିଲା । ସେଥିପାଇଁ ଅଂଚଳର ଶିକ୍ଷିତ ଯୁବକ ଯୁବତୀ ପରାମର୍ଶ ଶିବିର ସମ୍ପର୍କ ରେ ଜାଣିପାରିନଥିଲେ । ଏମିତି କି ବ୍ଲକର କୌଣସି ଗଣମାଧ୍ୟମ ପ୍ରତିନିଧି ଙ୍କୁ ମଧ୍ୟ ପରାମର୍ଶ ଶିବିର ସମ୍ପର୍କରେ ସୂଚନା ଦିଆଯାଇନି । ଏମିତି ସ୍ଥିତିରେ କେବଳ ୫ରୁ୭ଜଣ ଶିକ୍ଷିତ ଯୁବକ ଯୁବତୀ ପରାମର୍ଶ ଶିବିରରେ ପରାମର୍ଶ ନେବା ପାଇଁ ରହିଥିଲେ ଓ ପରାମର୍ଶ ଦେବାପାଇଁ କିଛି ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । ସରକାର ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ନିଯୁକ୍ତି ମେଳା ତଥା ପରାମର୍ଶ ଶିବିର ଆୟୋଜନ କରୁଛନ୍ତି କିନ୍ତୁ ବିନା ପ୍ରଚାର ପ୍ରସାର ରେ ଏଭଳି ଶିବିର ଆୟୋଜନ ହେଉଥିବା ଯୋଗୁଁ ଅଞ୍ଚଳର ଯୁବକ ଯୁବତୀମାନେ ଶିବିର ସମ୍ପର୍କରେ ଅନଭିଜ୍ଞ ରହି ପରାମର୍ଶ ତଥା ନିଯୁକ୍ତି ସୁଯୋଗ ରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ଆୟୋଜିତ ଶିବିରରେ ବ୍ଲକ ଅଞ୍ଚଳର ଏମବିକେ ଓ ସିଆରପିଙ୍କ ସମେତ ପରାମର୍ଶଦାତା ଉପସ୍ଥିତ ଥିବାବେଳେ କମ୍ ଯୁବକ ଯୁବତୀ ଆସିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବ୍ଲକ ସଂଯୋଜକ ସନାତନ ଖଟୁଆଙ୍କୁ ପଚାରିବାରୁ ପ୍ରଚାର ହୋଇନଥିବା କଥାକୁ ସ୍ୱୀକାର କରିଛନ୍ତି। କେଉଁ କାରଣରୁ ପ୍ରଚାର ହୋଇନଥିବା ନେଇ ପଚାରିବାରୁ ବିପିସି ପ୍ରଚାର କରିବା କଥା ବୋଲି କହିଛନ୍ତି । ଏନେଇ ବିପିସି ଙ୍କୁ ପଚାରିବାରୁ ବିଏଲସି ପ୍ରଚାର କରିବା କଥା କହି ଜଣେ ଜଣଙ୍କ ଉପରେ କାଦୁଅ ଫୋପାଡ଼ି ନିଜକୁ ସ୍ୱଚ୍ଛତାର ପରିଚୟ ଦେବାକୁ ଉଦ୍ୟମ କରିଛନ୍ତି। ଏହି ଶିବିରରେ ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ବୃନ୍ଦ ଓ ସରକାରୀ ପୋଲି ଟେକ୍ନିକ ରୁ ଆସି ପରାମର୍ଶ ଦେବାକୁ ଆସିଥିଲେ ହେଁ ପରାମର୍ଶ ନେବାକୁ କୌଣସି ଯୁବକ ଯୁବତୀ ନଥିବା ଦେଖିବାକୁ ମିଳିଛି ।

## ଚୋରା କାଠ ସହ ଟ୍ରାକ୍ଟର ଜବତ୍

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ଠାରେ ଚଣ୍ଡିଖୋଲ ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପେଟ୍ରୋଲିଂ କରୁଥିବା ସମୟରେ ଏକ ନମ୍ବର୍ ବିହୀନ ଟ୍ରାକ୍ଟର ଓ ଗୋଟିଏ ଟ୍ରିପ୍ ଚୋରାକଶୀ କାଠ ଯାହାର ମୂଲ୍ୟ ପ୍ରାୟ ୫୦ ରୁ ୬୦ ହଜାର ଟଙ୍କାର ମୂଲ୍ୟର ହେବ ଦେଖିଥିଲେ। ଚଣ୍ଡିଖୋଲ ବନ ବିଭାଗ କାଠଥିବା ଟ୍ରାକ୍ଟରଟିକୁ ଧରି ଆଣି ଚଣ୍ଡିଖୋଲ ସେକସନ୍ ବିଭାଗରେ ରଖିଛନ୍ତି । ଏହି ଚୋରା କାଠ କେଉଁଠୁ ଆସିଥିଲା ଗାଡି କିମ୍ବା କାଠର ସଠିକ୍ କାଗଜ ପତ୍ରନାହିଁ । ଚଣ୍ଡିଖୋଲ କାଠଯୋଡ଼ି ବନ ଅଧିକାରୀ କୃଷ୍ଣଚନ୍ଦ୍ର ଟୁଡୁ କୌଣସି କାଗଜପତ୍ର ନଥିବା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ଏହି କାଠ ଠାବ ସମୟରେ ଫରେଷ୍ଟ ଗାର୍ଡ ମନୋଜ କୁମାର ନାୟକ ସମେତ ବହୁ ବନ ଅଧିକାରୀମାନେ ଉପସ୍ଥିତ ଥିଲେ ।



## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ




ନବରଙ୍ଗପୁର(ଭାସ୍କର ନ୍ୟୁଜ୍): ରାଜ୍ୟ ମହିଳା କମିଶନଙ୍କ ତରଫରୁ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଦ୍ୱାରା ଆଜି ନବରଙ୍ଗପୁର ସ୍ଥିତ ବୈଭବ କଲ୍ୟାଣ ମଣ୍ଡପ ଠାରେ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ବ୍ଲକସ୍ତରୀୟ କର୍ମଶାଳାରେ ନବରଙ୍ଗପୁର ମାନ୍ୟବର ବିଧାୟକ ଗୌରୀ ଶଙ୍କର ମାଝି ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକଙ୍କ ଅଧକ୍ଷତା ଅନୁଷ୍ଠିତ ଏହି ବ୍ଲକସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଧାୟକ ଗୌରୀ ଶଙ୍କର ମାଝି ନିଜର ବକ୍ତବ୍ୟରେ ଭାରତୀୟ ସଂସ୍କୃତିରେ ନାରୀ ମାନଙ୍କର ମହନୀୟତାକୁ ସ୍ମରଣ କରାଇବା ସହିତ ସାମ୍ବିଧାନିକ ବିଧିବ୍ୟବସ୍ଥାରେ ମହିଳାମାନଙ୍କ ନିମନ୍ତେ ସୁବିଧା ଗୁଡିକ ଆଲୋଚନା କରିବା ସହିତ, ସମସ୍ତ ଝିଅମାନଙ୍କୁ ପାଠ ପଢ଼ିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ ନିଜର ବକ୍ତବ୍ୟରେ ଭାରତୀୟ ସଂସ୍କୃତିରେ ଲକ୍ଷ୍ମୀ ସରସ୍ୱତୀ ଓ ଦୁର୍ଗାଙ୍କ ମହିମା ଉପରେ ଆଲୋକପାତ କରିବା ସହିତ ମହିଳାମାନେ ନିଜକୁ ଦୁର୍ବଳା ବୋଲି ନଭାବି ପରିବାରରୁ ରାଷ୍ଟ୍ର ପର୍ଯ୍ୟନ୍ତ ନେତୃତ୍ୱ ନେବାକୁ ଆହ୍ୱାନ ଦେଇଥିଲେ । ରିସୋର୍ସ ପର୍ସନ ଭାବରେ ଯୋଗଦେଇ ଆଡଭୋକେଟ କିଶୋରୀ ପଟ୍ଟନାୟକ ଓ ଆକ୍ସନ ଏଡ୍‌ର ଜିଲ୍ଲା ପରାମର୍ଶଦାତା ଫକୀର ଚରଣ ରାଉତ ମହିଳା ମାନଙ୍କ ସୁରକ୍ଷା ନିମନ୍ତେ ଥିବା ଲିଙ୍ଗ ଭୃଣ ନିରୂପଣ ନିବାରଣ ଆଇନ, ବାଲ୍ୟ ବିବାହ ନିଷେଧ ଆଇନ, ଯୌତୁକ ନିବାରଣ ଆଇନ , କର୍ମସ୍ଥଳରେ ମହିଳାଙ୍କୁ ଯୌନ ଶୋଷଣ ନିବାରଣ ଆଇନ, ଘରୋଇ ହିଂସା ନିବାରଣ ଆଇନ, ଡାହାଣୀ ନିବାରଣ ଆଇନ ଓ ମହିଳା ଚାଲାଣ ଆଇନ ଉପରେ ବିଶଦ ଭାବରେ ଆଲୋଚନା କରିବା ସହିତ, ମହିଳାମାନଙ୍କ ନିମନ୍ତେ ଉଦିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଉପସ୍ଥିତ ମହିଳା ମାନଙ୍କୁ ବୁଝାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର , ଅତିରିକ୍ତ ଆରକ୍ଷୀ ନିର୍ଦ୍ଦେଶ ଆଦିତ୍ୟ ସେନ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା , କାର୍ଯ୍ୟନିର୍ବାହୀ ଅଧିକାରୀ ସମରେନ୍ଦ୍ର ମହାନ୍ତି , ପ୍ରୋଗ୍ରାମ ଅଫିସର ପୁଷ୍ପା ପଟ୍ଟନାୟକ, କାଉନସେଲର ଶର୍ମୀଷ୍ଠା ଦେଓ, ନଗେନ୍ଦ୍ର ପଟ୍ଟନାୟକ, ସୁପର ଭାଇଜର ରଶ୍ମୀପ୍ରଭା ପାଣିଗ୍ରାହୀ , ସୁଶ୍ରୀ ରେଖା ତ୍ରିପାଠୀ ,ବୈଶାଖି ସାମଲ , ଆରତୀ ନଳିନୀ ନନ୍ଦ , ୱାନଷ୍ଟପ ସେଣ୍ଟର ପକ୍ଷରୁ ରଞ୍ଜିତା ସାହୁ ଶକ୍ତିସଦନର ପ୍ରତିନିଧି ଏମେ ଅନିତା କୁମାରୀ, ମନରମା ମାଝି ପ୍ରମୁଖ୍ୟ ବକ୍ତାମାନେ ସମାଜରେ ମହିଳାମାନେ ସେମାନଙ୍କ ଜୀବନରେ ଯେଉଁସବୁ ସମସ୍ୟାର ସମ୍ମୁଖୀନ୍ନ ହେଉଛନ୍ତି ତାହାକୁ ଦୃଢ ଭାବରେ ମୁକାବିଲା କରି ଆଗକୁ ଚାଲିବା ସହିତ , ସେମାନଙ୍କର ମାନବିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା ,ସମସ୍ତ ଶିଶୁ କନ୍ୟାମାନେ ଯେପରି ସମାନ ଭାବରେ ଶିକ୍ଷା ପାଇପାରିବେ ଏହି ସବୁ ବିଷୟରେ ଆଲୋଚନା କରିଥିଲେ । ସିଡିପିଓ ମିନତୀ ଦାସ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସୁପର ଭାଇଜର ସୁଶ୍ରୀ ରେଖା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଇଆଇସିଙ୍କ ବଦଳିକୁ ନେଇ ଜନସାଧାରଣ କ୍ଷୁବ୍ଧ

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଆଦର୍ଶ ଥାନାର ଆଇଆଇସି ପି. ସ୍ୱରୂପ କିଶନଙ୍କୁ ଏକମାସ ଭିତରେ ଅନ୍ୟ ଜିଲ୍ଲା ବଦଳିକୁ ନେଇ ଜନସାଧାରଣ ଓ ବରିଷ୍ଠ ନାଗରିକମାନେ ଶୁଣି କ୍ଷୁବ୍ଧ ହୋଇପଡିଛି । କଥାରେ ଅଛି ଯିଏ ଭଲ କାମ କରିବ ତାହାରି ଉପରେ ଚାବୁକ ପଡିବ । ଏହାର ଉଦାହରଣ ଦେଖାଯାଇଛି ଫୁଲବାଣୀ ଆଇଆଇସିଙ୍କ ଉପରେ । ଉକ୍ତ ଆଇଆଇସି ଏକ ମାସ ଭିତରେ ଫୁଲବାଣୀ ଆଦର୍ଶ ଥାନାର କର୍ମକର୍ତ୍ତାଙ୍କ କାର୍ଯ୍ୟ ଉପରେ ସୁଧାରିଥିଲେ ଓ ଦୀର୍ଘ ବର୍ଷ ହେବ ଫୁଲବାଣୀ ସହରରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇଆସୁଥିଲା । ଏହି ସମସ୍ୟାରେ ଛୋଟ ବଡ଼ ଦୁର୍ଘଟଣା ପ୍ରତିଦିନ ହେଉଥିଲା । କିନ୍ତୁ ନୂତନ ଆଇଆଇସିଙ୍କ ଯୋଗଦାନ ପରେ ଅଳ୍ପ ସମୟରେ ଟ୍ରାଫିକ ନିୟନ୍ତ୍ରଣ ସମାଧାନ କରି ସହରକୁ ଟ୍ରାଫିକ ସମସ୍ୟା ଦୂର କରି ଦେଖାଇଥିଲେ । ଏହାକୁ ନେଇ ଜନସାଧାରଣ ଓ ବରିଷ୍ଠ ନାଗରିକମାନେ ଶୁଭେଚ୍ଛା ଜଣାଇଥିଲେ । ଏହାସହିତ ମଧ୍ୟ ବିଭିନ୍ନ ମଦ ଦୋକାନ ସାମ୍ନାରେ ମଦୁଆମାନଙ୍କ ମଦପିଇବା ଓ ରାସ୍ତାକୁ ଅବରୋଧ କରିବା, ୱାରେଣ୍ଟ କେସରେ ଥିବା ଅଭିଯୁକ୍ତମାନଙ୍କୁ ଧରିବା, ମଦୁଆମାନଙ୍କ ଉପରେ ନଜର, ରାତ୍ର ବିଳମ୍ବିତ ପର୍ଯ୍ୟନ୍ତ ଦୋକାନ ଖୋଲା ରଖୁଥିବା ବ୍ୟକ୍ତି ଉପରେ ରୋକ ଲଗାଇ ଆସିଥିଲେ । ଏହାର କୌଣସି ବ୍ୟକ୍ତି ଅବମାନନା କଲେ ପ୍ରଥମେ ବୁଝାନ୍ତି ଯଦି ନ ବୁଝନ୍ତି ତାହାହେଲେ କେସ୍ କରିବାକୁ ବାଧ୍ୟ ହୋଇଥାନ୍ତି । କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ହରିଶ ବିସି ମଧ୍ୟ ଜଣେ ଉତ୍ତମ ବ୍ୟବହାର ଅଧିକାରୀ ଓ ଜନସାଧାରଣଙ୍କ ସହିତ ଭଲ ସଂପର୍କ ରହିଅଛି । କିନ୍ତୁ ଏତେ ଭଲ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଥାଇ ମଧ୍ୟ ନୂତନ ଆଇଆଇସିଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି ହେଉଛି ଏହା ଜିଲ୍ଲା ବାସିନ୍ଦା ଙ୍କ ପାଇଁ ଏକ ନିନ୍ଦନିୟ ହେବା ସହିତ ମଦୁଆଙ୍କ ଦାଦାଗିରି, ଟ୍ରାଫିକ ସମସ୍ୟା ପୁଣି ବୃଦ୍ଧି ପାଇବ । କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଡିଆଇଜି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଉକ୍ତ ଆଇଆଇସିଙ୍କ ବଦଳିରେ ରୋକ ଲଗାଇ ଫୁଲବାଣୀ ଆଦର୍ଶ ଥାନାର ଦାୟିତ୍ୱ ତୁଲାଇବା ପାଇଁ ଆଦେଶ ଦେଲେ ଫୁଲବାଣୀ ସହରର ସମସ୍ୟା ଗୁଡିକ ଠିକ ହୋଇପାରିବ ।

## ବେକାରୀ ଯୁବପିଢ଼ିଙ୍କୁ ରୋଜଗାର ଯୋଗାଉଛି ଆର୍.କେ ମେଲୋଡି



ଝରିଗାଁ (ଭାସ୍କର ନ୍ୟୁଜ୍): ଦିନ ଥିଲା ରୋଜଗାର ପାଇଁ ବିଭିନ୍ନ ରାଜ୍ୟ ବୁଲି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ ଗ୍ରାମର ବେକାରୀ ଯୁବକମାନେ । ହେଲେ ବର୍ଷେ ହେବ ସେମାନେ ଆପଣେଇ ନେଇଛନ୍ତି ରୋଜଗାରର ନୂଆପନ୍ଥା। ଗ୍ରାମବାସୀ ଏକ ବୈଠକ କରି ଗ୍ରାମରେ ମେଲୋଡି ଶିଖିବାର ନିଷ୍ପତି ସେମାନଙ୍କୁ ଏବେ ରୋଜଗାରର ବାଟ ଦେଖାଇଛି । ଜିଲ୍ଲାର ବିଭିନ୍ନ ବ୍ଲକର ବିଭିନ୍ନ ଗ୍ରାମକୁ ବେଶ୍ ଦୁଇ ପଇସା ଉପାର୍ଜନ କରୁଛନ୍ତି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଡ଼ଙ୍ଗରୀଗୁଡା ପଂଚାୟତ ଅନ୍ତର୍ଗତ ବଡ଼ ବଡାଯୋଡି ଗ୍ରାମରେ । ଗ୍ରାମରେ ରହୁଛନ୍ତି ୯୪ରୁ ଊର୍ଦ୍ଧ୍ୱ ପରିବାର ଓ ସମସ୍ତେ ଚାଷବାସ କରିବା ସହ କୁଲି ମଜୁରୀ କରି ପରିବାର ଗୁଜୁରାଣ କରନ୍ତି। ହେଲେ ଚାଷ ଅମଳ ସରିଗଲା ପରେ ସେମାନଙ୍କ ପାଖରେ ପଇସା ଉପାର୍ଜନର କୌଣସି ମାଧ୍ୟମ ନଥାଏ । ତେଣୁ ଗ୍ରାମର ପ୍ରାୟ ପରିବାର ଓ ଯୁବବର୍ଗ ଦାଦନ ଖଟିବାକୁ ବିଭିନ୍ନ ରାଜ୍ୟକୁ ଗମନ କରନ୍ତି ଓ ଅନେକ ଦୁଃଖ ଯନ୍ତ୍ରଣା ଭୋଗୀ ଗ୍ରାମକୁ ଫେରନ୍ତି । ଦାଦନରେ ହେଉଥିବା ସମସ୍ୟା ସେମାନଙ୍କୁ ପରିବାର ପ୍ରତିପୋଷଣ ପାଇଁ ନୂଆ ପନ୍ଥା ଆପଣେଇବାକୁ ବାଧ୍ୟ କରିବାରୁ ଏବେ ମେଲୋଡି ଶିଖିବା ସହିତ ବେଶ୍ ଦୁଇ ପଇସା ମଧ୍ୟ ରୋଜଗାର କରୁଛନ୍ତି ଓ ଖୁସିରେ ଅଛନ୍ତି । ଉକ୍ତ ମେଲୋଡି ଦଳରେ ଗ୍ରାମର ପ୍ରତ୍ୟେକ ପରିବାରର ସଦସ୍ୟ ଯୋଡି ରହିଛନ୍ତି । ମା' ମଙ୍ଗଳା ଆର.କେ ମେଲୋଡିର ମ୍ୟାନେଜର ବୃନ୍ଦା ସାନ୍ତା କୁହନ୍ତି, ଏହି ମେଲୋଡି ରେ ସର୍ବମୋଟ ୩୦ଜଣ ସଦସ୍ୟ ରହିଥିବା ବେଳେ ୨୬ଜଣ ବାଦ୍ୟକାର ଅଟନ୍ତି । ସମସ୍ତେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ଯାହାକିଛି ବି ପଇସା ପାଇଥିଲେ, ସେସବୁ ପଇସାରେ ମେଲୋଡି ସରଞ୍ଜାମ ସବୁ କ୍ରୟ କରିଛନ୍ତି। ତାଛଡା ବାହାରୁ ମଧ୍ୟ ଧାର ଉଧାର କରିଛନ୍ତି। ମେଲୋଡିରେ ବ୍ୟବହୃତ ସରଞ୍ଜାମ ସବୁ ରଖିବା ପାଇଁ କୌଣସି ଘର ନଥିବା ସେ ଦୁଃଖ ପ୍ରକାଶ କରିଛନ୍ତି । ସେମାନଙ୍କ ପ୍ରଶିକ୍ଷଣ ପାଇଁ ମଧ୍ୟ ଗ୍ରାମରେ କୌଣସି ଜାଗା ନାହିଁ । ତେଣୁ ରାସ୍ତା ଉପରେ ହିଁ ପ୍ରତିଦିନ ମେଲୋଡି ଶିଖୁଥିବା ସେ କହିଛନ୍ତି । ତେଣୁ ପ୍ରଶାସନ ତରଫରୁ ମେଲୋଡି ସରଞ୍ଜାମ ରଖିବା ପାଇଁ ଘରଟିଏ ଯୋଗେଇ ଦେବାକୁ ସରକାରଙ୍କୁ ଗୁହାରୀ କରିଛନ୍ତି ।

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ




କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ହାଇସ୍କୁଲ ପଡିଆରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି । କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ମେଳାକୁ ଉଦ୍‌ଘାଟନ କରିଛନ୍ତି । କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ଜିଲ୍ଲାପାଳ ଭି. କୀର୍ତି ଭାସନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦର୍ଶନୀ ଷ୍ଟଲଗୁଡିକ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଲକ୍ଷ୍ମୀଧର ବେହେରା କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଲୋକଙ୍କୁ ସଚେତନ କରିବା ସହ ନୂଆ ଯୋଜନାରେ ସାମିଲ କରାଇବା ନିମନ୍ତେ ଜିଲ୍ଲାପାଳ କହିଥିଲେ । କାମଧେନୁ ଯୋଜନାରେ ଏପର୍ଯ୍ୟନ୍ତ ୧୦୦ ଆବେଦନ ଅନୁମୋଦନ ହୋଇଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ । ଯୋଜନା କିପରି ଚାଷୀଙ୍କ ପାଖରେ ପହଞ୍ଚିବ ସେଥିନିମନ୍ତେ ଜିଲ୍ଲାସ୍ତରୀୟ ମେଳା ଆୟୋଜନ କରାଯାଉଛି ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ କହିଥିଲେ । ଏହି ଅବସରରେ ୩ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହିଳା ମାଛ ଚାଷୀ ଫୁଲମତି ଭୂମିଆ, କୁକୁଡା ଚାଷୀ ପର୍ଶୁରାମ ମୁଦୁଲି ଏବଂ ଗୋପାଳକ ରମେଶ ନାଗଙ୍କୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଜିଲ୍ଲା ମତ୍ସ୍ୟ ଅଧିକାରୀ ଭରତ ଭୂଷଣ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବି ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର






ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜଣେ ନଜକୁ ଗରିବର ସ୍ଥାନରେ ନରଖିରେ ସେ ଗରିବର ଦୁଃଖ ବୁଝି ପାରିବ ନାହିଁ, ମୁଁ ଯାହା ହୋଇଛି ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଓ ଗରିବ ରୋଗୀଙ୍କର ଶୁଭେଚ୍ଛାରୁ ହୋଇଛି ଓ ନିଜେ ନିଜର କର୍ମ କରି ଚାଲିବା ଫଳକୁ ଆଶା କରିବା ନାହିଁ ବୋଲି ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଡାକ୍ତର ଅଶୋକ କୁମାର ମହାପାତ୍ର କହିଥିଲେ । ଉତ୍କଳ ସମ୍ମିଳନୀର ଉପଦେଷ୍ଟା ଡାକ୍ତର ଶ୍ରୀ ମହାପାତ୍ରଙ୍କୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସମ୍ମିଳନୀର ଅନ୍ୟତମ ଉପଦେଷ୍ଟା ଶତାୟୁ ପୁରୁଷ ପଦ୍ମଚରଣ ନାୟକ ମୁଖ୍ୟ ଅତିଥି କହିଥିଲେ ଯେ, ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କୁ ଅତି କମରେ ପଦ୍ମଭୂଷଣ ପୁରସ୍କାର ମିଳିବା ଆବଶ୍ୟକ, ପଦ୍ମଶ୍ରୀ ପୁରସ୍କାର ତାଙ୍କ ପାଇଁ ଛୋଟ ହୋଇଗଲା । ସମ୍ମାନିତ ଅତିଥି ସୀତାବଲ୍ଲଭ ମହାପାତ୍ର ଡାକ୍ତର ମହାପାତ୍ରଙ୍କ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । କୋଷାଧ୍ୟକ୍ଷା ସୌଦାମିନୀ ସାମନ୍ତରାୟଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ସମ୍ମିଳନୀର ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା । ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିବା ବେଳେ ଉପସଭାପତି ଡ.ସୁରେନ୍ଦ୍ର ମିଶ୍ର ଅତିଥୀ ପରିଚୟ ପ୍ରଦାନ କରିଥିଲେ । ବୈଠକରେ ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୨ତମ ପ୍ରତିଷ୍ଠା ଦିବସ ପାଳିତ

# ଯୋଗଦେଲେ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ମହିଳାମାନଙ୍କ ବିକାଶ ଓ ମହିଳାଙ୍କ ଦ୍ୱାରା ବିକାଶକୁ ହାସଲ କରିବା ନିମନ୍ତେ ମହିଳାମାନେ ନିଜ ନ୍ୟାୟିକ ଅଧିକାର ପ୍ରତି ସଚେତନ ହେବା ନିହାତି ଆବଶ୍ୟକ ବୋଲି ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୨ତମ ପ୍ରତିଷ୍ଠା ଦିବସରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦୃଢ ମତ ରଖିଛନ୍ତି । ମହିଳା ସମାଜର ବିଭିନ୍ନ କ୍ଷେତ୍ରରେ ନିଜର ଶକ୍ତି ଓ ସାମର୍ଥ୍ୟ ପ୍ରତିପାଦନ କରିଛନ୍ତି। ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରି ନ୍ୟାୟିକ ସୁରକ୍ଷା ପ୍ରଦାନ କରିବା ସରକାରଙ୍କ ସହ ସମାଜର କର୍ତ୍ତବ୍ୟ ହେବା ଉଚିତ । ତୃଣମୂଳସ୍ତରରେ ମହିଳାଙ୍କ ସାମାଜିକ, ଅର୍ଥନୈତିକ ବିକାଶ ସହ ନ୍ୟାୟିକ ଅଧିକାରକୁ ସୁନିଶ୍ଚିତ କରିବା ଓଡ଼ିଶା ରାଜ୍ୟ ମହିଳା ଆୟୋଗର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀମତୀ ପରିଡା ମତ ପ୍ରକାଶ କରିଛନ୍ତି । ବଢୁଥିବା ବିବାହ ବିଚ୍ଛେଦ ହାରକୁ କମେଇବା ନିମନ୍ତେ ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷ ବିଜୟା ରାହତକାରଙ୍କ ଉପଦେଶ କ୍ରମେ ଓଡ଼ିଶାରେ ପ୍ରାକ୍-ବିବାହ ପରାମର୍ଶ କେନ୍ଦ୍ର ଖୋଲାଯିବ ବୋଲି ଶ୍ରୀମତୀ ପରିଡା ଉଲ୍ଲେଖ କରିଛନ୍ତି । ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷ ବିଜୟା ରାହତକାର ଯୋଗ ଦେଇ ରାଜ୍ୟ ସରକାରଙ୍କ ମହିଳା କେନ୍ଦ୍ରିତ ଯୋଜନାକୁ ପ୍ରଶଂସା କରିବା ସହ ବାଲ୍ୟ ବିବାହ, ଲିଙ୍ଗଭିତ୍ତିକ ହିଂସା, ସାଇବର୍ ଅପରାଧ, ମାନବ ଚାଲାଣ ଓ କାର୍ଯ୍ୟାଳୟରେ ଯୌନ ନିର୍ଯାତନା ଆଦି ବିଷୟ ଉପରେ ବିଶଦ ଆଲୋଚନା କରିଥିଲେ । ଏସବୁ ସମସ୍ୟାର ନିରାକରଣ ପାଇଁ ନିରନ୍ତର ଜନସଚେତନତାର ଆବଶ୍ୟକତା ରହିଛି। ସେଥିନିମନ୍ତେ ଗାଁ ଗାଁରେ ମହିଳା ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ କରାଯାଇ ଏ ସବୁ ପ୍ରସଙ୍ଗ ଉପରେ ଚର୍ଚ୍ଚା ଓ ଆଲୋଚନାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତିକରଣ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ସେ ମତପ୍ରକାଶ କରିଛନ୍ତି । ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଉପସ୍ଥିତ ରହି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଆୟୋଗ ପକ୍ଷରୁ ମହିଳା ଆଇନ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ପାଇଁ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଚଳିତ ମାସ ୧୧, ୧୨, ୧୩ ୩ ଦିନ ବ୍ୟାପୀ ଆୟୋଜନ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଶା ବାନାର୍ଜୀଙ୍କ ସହ ମହିଳା ଓ ଶିଶୁ ବିକାଶ ବିଭାଗ ଓ ରାଜ୍ୟ ମହିଳା ଆୟୋଗର ଅଧିକାରୀବୃନ୍ଦ ମାନେ ଉପସ୍ଥିତ ଥିଲେ ।




ଜୟଦେବ ଭବନଠାରେ ଆୟୋଜିତ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହରେ ବିଧାୟକ ବାବୁ ସିଂ ଓ ଅନ୍ୟମାନେ

## ପୁରୀ ବାଇପାସ୍ ଟଙ୍କପାଣି ରୋଡ଼ରେ ଭୟଙ୍କର ଦୁର୍ଘଟଣା, ୩ ମୃତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁରୀ ବାଇପାସ୍ ଟଙ୍କପାଣି ରୋଡ଼ରେ ଭୟଙ୍କର ଦୁର୍ଘଟଣା ଘଟିଛି । ଗତକାଲି ବିଳମ୍ବିତ ରାତିରେ ବାଇକକୁ ଧକା ଦେଇଛି କାର । ଘଟଣାସ୍ଥଳରେ ବାଇକରେ ଯାଉଥିବା ୩ଜଣଙ୍କର ମୃତ୍ୟୁ ହୋଇଛି । ସମସ୍ତଙ୍କ ଘର ରାଜ୍ୟ ବାହାରର ହୋଇଥିବା ସୂଚନା ମିଳିଛି । ଜିଜିପି କଲୋନୀ ଅଞ୍ଚଳରେ ଲେବର କାମ କରୁଥିବା ପୋଲିସ ସୂଚନା ମିଳିଛି । ସେପଟେ ଦୁର୍ଘଣା ଘଟାଇଥିବା କାର ଚାଳକ ଫେରାର ହୋଇଯାଇଛି । ଘଟଣାରେ ମାଲିକକୁ ଅଟକ ରଖିଲା ପୋଲିସ । ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି ପୋଲିସ । ବିଳମ୍ବିତ ରାତିରେ ବାଇକରେ ବସି ୩ଜଣ ରଙ୍ଗରୁଟରେ ଯାଉଥିବା ବେଳେ ପୁରୀ ଆଡୁ ଆସୁଥିବା କାର ଧକା ଦେଇଥିଲା ।

## ଶ୍ରୀଲିଙ୍ଗରାଜ ମନ୍ଦିରରେ କୋହିନୂର ପାଞ୍ଜିକୁ ନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶ୍ରୀ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଏଣିକି କୋହିନୂର ପଞ୍ଜିକାକୁ ବାରଣ କରାଯାଇଛି । ଏହା ବଦଳରେ ଖଡୀରତ୍ନ ପଞ୍ଜିକା ବ୍ୟବହାର କରାଯିବ । ମନ୍ଦିରର ରୀତିନୀତିରେ ଖଡୀରତ୍ନକୁ ପ୍ରାଧାନ୍ୟ ଦିଆଯାଇ ସମସ୍ତ କାର୍ଯ୍ୟକ୍ରମ କରାଯିବ । ମଙ୍ଗଳବାର ଜାଗର ଅମାବାସ୍ୟ ନେଇ ସମୀକ୍ଷା ବୈଠକରେ ଏପରି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି ।

## ଖୁବ୍‌ଶୀଘ୍ର ଆରମ୍ଭ ହେବ ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର ବ୍ରିଜ: ପୂର୍ବ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟ୍ରାଫିକ୍ ସମସ୍ୟାରୁ ବହୁ ମାତ୍ରାରେ ମୁକ୍ତି ପାଇବେ ରାଜଧାନୀବାସୀ। ଖୁବ୍‌ଶୀଘ୍ର ଆରମ୍ଭ ହେବ ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର ବ୍ରିଜ । ଏନେଇ ପୂର୍ବମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଜୟଦେବ ବିହାରକୁ ସଂଯୋଗ କରି ନନ୍ଦନକାନନ ପର୍ଯ୍ୟନ୍ତ ଯିବ ଓଭରବ୍ରିଜ । ମଝିରେ ମଝିରେ ବଡ଼ ଛକରେ ଏସକେପ୍ ୱେ ରହିବ, ଓଭରବ୍ରିଜରେ ଯାଉଥିବା ଲୋକଙ୍କୁ ତଳକୁ ଓହ୍ଲାଇବାକୁ ସମସ୍ୟା ହେବନି। ଯେଉଁ ରାସ୍ତା ତଳେ ଚାଲିଛି ଚାଲିବ, ଉପରେ ୪ ଲେନ୍ ରାସ୍ତା ହେବ । ଆଗାମୀ ଦିନରେ ଭୁବନେଶ୍ୱରର ଲାଇଫ ଲାଇନ ପାଲଟିବ। ୨୦୨୭-୨୮ ଆର୍ଥିକ ବର୍ଷସୁଦ୍ଧା ପ୍ରକଳ୍ପର ବଡ଼ ଭାଗ ଶେଷ ହେବା ନେଇ ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

## ଜଳିଗଲା ଦୁଇ ବଖରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମଙ୍ଗଳବାର ରାତ୍ରିରେ ବଡ଼ଗଡ଼ ଥାନା ଅନ୍ତର୍ଗତ ମହିଷାଖାଲ ବସ୍ତିରେ ଏକ ଅଭାବନୀୟ ଘଟଣା ଘଟିଛି । ଏଠାରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ସହ ସମସ୍ତ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଛି । ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ଯାଇଥିବା ଅନୁମାନ କରାଯାଉଛି ।

## ଶିଶୁଙ୍କ କ୍ଲବ୍ ଫୁଟ୍‌ର ଚିକିତ୍ସା ପାଇଁ କିଓର ଇଣ୍ଟରନ୍ୟାସନାଲ ଇଣ୍ଡିଆ ଟ୍ରଷ୍ଟ ସହ ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିଶୁଙ୍କ କ୍ଲବ୍ ଫୁଟ୍ (ବଙ୍କା ପାଦ)ର ସଫଳ ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ସହ କିଓର ଇଂଟରନ୍ୟାସନାଲ ଇଣ୍ଡିଆ ଟ୍ରଷ୍ଟର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ଶିଶୁ ପାଦର ଜନ୍ମଜାତ ବଙ୍କାପଣ ବିନା ଅସ୍ତ୍ରୋପଚାରରେ ହିଁ ଚିକିତ୍ସା ହୋଇପାରିବ। ସାଧାରଣତଃ ଦୁଇଟି ପଦ୍ଧତିରେ ଏହି ଚିକିତ୍ସା ହୋଇଥାଏ। ଗୋଟିଏ ପ୍ଲାଷ୍ଟର ସାହାଯ୍ୟରେ ଏବଂ ଅନ୍ୟଟି ବିଶେଷ ଯୋତା ଯାହାକୁ ପାଞ୍ଚ ବର୍ଷ ପିନ୍ଧିବାକୁ ପଡ଼ିଥାଏ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମହିଳା ଶିଶୁ ବିକାଶ ବିଭାଗ, ଭିନ୍ନକ୍ଷମ ସଶକ୍ତିକରଣ ସହ କ୍ୟୁର ଇଣ୍ଟରନ୍ୟାସନାଲ ଇଣ୍ଡିଆ ଟ୍ରଷ୍ଟ ସହ ଏ ନେଇ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବର୍ତ୍ତମାନ ସୁଦ୍ଧା ୬୪୮୯ ଜଣଙ୍କ ଚିକିତ୍ସା ଚାଲିଛି।ଏହି ଚିକିତ୍ସା ପାଇଁ ଚାରିରୁ ପାଞ୍ଚ ସପ୍ତାହ ଲାଗୁଛି। ରାଜ୍ୟରେ ବର୍ଷକୁ ୬୦୦ ରୋଗୀ ଚିହ୍ନଟ ହେଉଛନ୍ତି। ସବୁ ଜିଲ୍ଲାରେ ଏନେଇ କାଉନସିଲିଂ ସେଣ୍ଟର ହେବା ସହ ଆଶା ଅଙ୍ଗନୱାଡି କର୍ମୀଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ସଂସ୍ଥା ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିଥାଏ।

## ବ୍ୟାରିକେଡ୍ ଭାଙ୍ଗି ଘରେ ପଶିଲା ବିଏମଡବ୍ଲୁ କାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବ୍ୟାରିକେଡ ଭାଙ୍ଗି ଘରେ ପଶିଲା ବିଏମଡବ୍ଲୁ କାର । ଭୁବନେଶ୍ୱର ୟୁନିଟ-୪ ଶାସ୍ତ୍ରୀ ନଗରରେ ଦୁର୍ଘଟଣା ଘଟିଛି । ଦ୍ରୁତଗତିରେ ଆସି ଘରେ ପଶିଲା ବିଏମଡବ୍ଲୁ କାର । ବିଳମ୍ବିତ ରାତିରେ ଶୋଇଥିବା ବେଳେ ଦୁର୍ଘଟଣା ଘଟିଛି । ତେବେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଘର ଲୋକ ସହ ବିଏମଡବ୍ଲୁ ଚାଳକ ।



ନିଲମ୍ବନ ପ୍ରତ୍ୟାହାର ପରେ ନବନିଯୁକ୍ତ ପିସିସି ସଭାପତି ଭକ୍ତଚରଣ ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି କଂଗ୍ରେସର ବରିଷ୍ଠ ନେତା ମାନସ ଚୌଧୁରୀ

## ଓଡ଼ିଶାରେ ଖୋଲିବ ପ୍ରି ମାରିଟାଲ ଓ ମେଣ୍ଟାଲ ହେଲଥ କାଉନ୍‌ସିଲିଂ ସେଣ୍ଟର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଖୋଲିବ ପ୍ରି ମାରିଟାଲ ଓ ମେଣ୍ଟାଲ ହେଲଥ କାଉନସିଲିଂ ସେଣ୍ଟର। ରାଜ୍ୟରେ ବଢୁଥିବା ଡିଭୋର୍ସ ସଂଖ୍ୟାକୁ କମାଇବା ପାଇଁ ଏହି କାଉନସିଲିଂ ସେଣ୍ଟର ଖୋଲିବକୁ ନିଷ୍ପତି ନେଇଛି ମହିଳା ଓ ଶିଶୁ ବିଭାଗ। ଏହି ସେଣ୍ଟରରେ ବିବାହ ପୂର୍ବରୁ ଉଭୟ ଯୁବକ ଓ ଯୁବତୀଙ୍କୁ ବିବାହ ବନ୍ଧନରେ କିଭଳି ଖୁସି ରହିପାରିବେ ସେ ନେଇ ବୁଝାଯିବ । ସମଗ୍ର ଦେଶରେ ଏହି ସେଣ୍ଟର ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି ଜାତୀୟ ମହିଳା କମିଶନ । ଓଡିଶା ପ୍ରଥମେ ଏହାକୁ ଲାଗୁ କରିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ଏହି ସେଣ୍ଟରରେ ମେଣ୍ଟାଲ ହେଲଥ ଉପରେ ଗୁରୁତ୍ୱ ଦିଆଯିବ । ବର୍ତ୍ତମାନ ଦେଶ ଓ ରାଜ୍ୟରେ ଛାଡପତ୍ର ସଂଖ୍ୟା ବଢୁଥିବାରୁ ଏହା ଚିନ୍ତାର କାରଣ ପାଲଟିଛି। ଏହି ସଂଖ୍ୟା କମାଇବା ପାଇଁ ପ୍ରି ମାରିଟାଲ କାଉଁସିଲିଂ ସେଣ୍ଟର କରିବା ସହ ଗ୍ରାମାଞ୍ଚଳ ରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଗ୍ରାମ ସଭା କରିବାକୁ ମଧ୍ୟ ନିଷ୍ପତି ହୋଇଛି। ମାର୍ଚ୍ଚ ୮ ରୁ ଦେଶ ସାରା ଏହି ଗ୍ରାମ ସଭା ଆରମ୍ଭ ହେବ ବୋଲି ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା ୩୨ ତମ ରାଜ୍ୟ ମହିଳା ଆୟୋଗ ପ୍ରତିଷ୍ଠା ଦିବସ ଅବସରରେ କହିଛନ୍ତି।

## ବ୍ୟାଙ୍କ ଯାଇ ଡିବିଟି ଆକ୍ଟିଭ୍ କର: ପ୍ରଭାତୀ ପରିଡା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାର୍ଚ୍ଚ ୮ ତାରିଖ ପୂର୍ବରୁ କୋଟିଏ ଛୁଇଁବ ସୁଭଦ୍ରା ଯୋଜନା ହିତାଧିକାରୀଙ୍କ ସଂଖ୍ୟା । ବର୍ତ୍ତମାନ ସୁଦ୍ଧା ୯୮ ଲକ୍ଷ ଲୋକଙ୍କୁ ସୁଭଦ୍ରା ଯୋଜନା ଦିଆସାରିଛି। ଡିବିଟି ମାଧ୍ୟମରେ ମହିଳା ହିତାଧିକାରୀଙ୍କୁ ଦିଆଯାଉଛି ଟଙ୍କା । ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ୩୨ ତମ ମହିଳା ଆୟୋଗ ପ୍ରତିଷ୍ଠା ଦିବସରେ ସେ ସୂଚନା ଦେଇଛନ୍ତି। ଯେଉଁ ଯୋଗ୍ୟ ମହିଳା ବାଦ ପଡିଛନ୍ତି ବା ତାଙ୍କ ନାମ କଟିଯାଇଛି, ତାଙ୍କ ନାମ ଆଙ୍ଗନବାଡ଼ି କେନ୍ଦ୍ର ବା ବ୍ଲକ ବା ଜିଲା ତାଲିକାରେ ଅଛି । ଯେଉଁମାନେ ଯୋଗ୍ୟ ସେମାନେ ବ୍ଲକକୁ ଯାଇ ସୁଭଦ୍ରା କମିଟିକୁ ଭେଟି ଆବେଦନ କରନ୍ତୁ । ସୁଭଦ୍ରା ଯୋଜନାରେ ସେମାନଙ୍କୁ ପୁଣି ଯୋଡ଼ି ଦିଆଯିବ। ଯେଉଁ ମହିଳାଙ୍କ ଡିବିଟି ଆକାଉଣ୍ଟ ନାହିଁ ସେମାନେ ବ୍ୟାଙ୍କ ଯାଇ ତୁରନ୍ତ ଅପଡେଟ କରନ୍ତୁ ।

## ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା । ଲୋକସେବା ଭବନ ଠାରେ ଓଡ଼ିଶା ଗସ୍ତରେ ଆସିଥିବା ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ବିଜୟା କିଶୋର ରାହତକର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ଉଭୟଙ୍କ ମଧ୍ୟରେ ରାଜ୍ୟରେ ମହିଳା ଓ ଶିଶୁ ବିକାଶ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ଆଲୋଚନା ହୋଇଛି ।

### ବାରବାଟୀ ଫ୍ଲଡ୍ ଲାଇଟ୍ ବିଭ୍ରାଟ

## ଟିକେଟ ଓ ପାସ୍ କଳାବଜାରୀ ହୋଇଛି: ପୂର୍ବତନ ବିଧାୟକ

କଟକ(ଭାସ୍କର ନ୍ୟୁଜ୍): ବାରବାଟୀ ଫ୍ଲଡ ଲାଇଟ ବିଭ୍ରାଟ ଘଟଣାରେ ପୂର୍ବତନ ବିଧାୟକ ବିଧାୟକ ପ୍ରକାଶ ବେହେରା ଆଜି ମୁହଁ ଖୋଲିଛନ୍ତି । ସେ ଫ୍ଲଡ ଲାଇଟ ବିଭ୍ରାଟ ସହ ଟିକେଟ ଓ ପାସ୍ କଳାବଜାରୀ ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ଓସିଏ ଲକ୍ଷ ଲକ୍ଷ ଟଙ୍କାର ଟିକେଟ ଓ ପାସ୍ କଳାବଜାରୀ କରିଛି । ଆହୁରି ହୋର୍ଡିଂ ବିଜ୍ଞାପନରେ ବି ବ୍ୟାପକ ଦୁର୍ନୀତି କରିଛି । ଏଣୁ ଏହି ଦୁର୍ନୀତିର ତଦନ୍ତ ଆବଶ୍ୟକ ବୋଲି ଶ୍ରୀ ବେହେରା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି । ସେ ଦର୍ଶାଇଛନ୍ତି ଯେ ଓସିଏ ପ୍ରସ୍ତୁତି ପରେ ଧ୍ୟାନ ନ ଦେଇ ବଡ ବଡିଆଙ୍କୁ ଟିକଟକ ଓ ପାସ୍ ବଣ୍ଟନରେ ବ୍ୟସ୍ତ ରହିଲା । ଫଳରେ ଖେଳ ମଝିରେ ଏଭଳି ଘଟଣା ଘଟିଲା । ସୂଚନା ଥାଉକି, ବାରବାଟୀ ଷ୍ଟାଡିୟମ୍‌ରେ ଇଂଲଣ୍ଡ ଓ ଭାରତ ମଧ୍ୟରେ ଏକ ଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଚାଲିଥିବା ବେଳେ ବନ୍ଦ ହୋଇଯାଇଥିଲା ଫ୍ଲଡ ଲାଇଟ୍ । ଭାରତୀୟ ଦଳର ଇନିଂସ ସମୟରେ ଫ୍ଲଡ ଲାଇଟ୍ ବନ୍ଦ ହୋଇଯାଇଥିଲା । ଫଳରେ ଖେଳ ଅଧାରୁ ବନ୍ଦ ରହିଥିଲା। ସେତେବେଳେ ଟିମ୍ ଇଣ୍ଡିଆର ଦୁଇ ବ୍ୟାଟର, ଅଧିନାୟକ ରୋହିତ ଶର୍ମା ଓ ଶୁଭମନ୍ ଗିଲ୍ ବ୍ୟାଟିଂ କରୁଥିଲେ। ଏହାକୁ ନେଇ ଖେଳାଳିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେପଟେ ଘଟଣାକୁ ନେଇ ଓସିଏକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି କ୍ରୀଡା ବିଭାଗ । କାହିଁକି ମ୍ୟାଚ୍ ବେଳେ ଲାଇଟ୍ ବନ୍ଦ ହେଲା ୧୦ଦିନ ଭିତରେ ଉତ୍ତର ରଖିବାକୁ ନିର୍ଦ୍ଦେଶ । ଫ୍ଲଡ୍ ଲାଇଟ୍ ବନ୍ଦ ଯୋଗୁଁ ୩୦ ମିନିଟ୍ ବନ୍ଦ ରହିଥିଲା ମ୍ୟାଚ୍ ।

## ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ଜୟନ୍ତୀ ଅବସରରେ କୋଟି କୋଟି ପ୍ରଣାମ।

## ଯୋରନ୍ଦା ମାଘ ମେଳା ଅବସରରେ ସଭିଙ୍କ କଲ୍ୟାଣ କାମନା କଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯୋରନ୍ଦା ମାଘ ମେଳା ଅବସରରେ ସଭିଙ୍କ କଲ୍ୟାଣ କାମନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ପବିତ୍ର ଯୋରନ୍ଦା ମାଘ ମେଳା ଅବସରରେ ସଭିଙ୍କ କଲ୍ୟାଣ କାମନା କରୁଛି। ମହିମା ଧର୍ମ ପ୍ରଦର୍ଶିତ ମାନବବାଦ, ତ୍ୟାଗ ଓ ସେବାର ମାର୍ଗ ସମଗ୍ର ବିଶ୍ୱରେ ଶାନ୍ତି ଓ ଏକତା ବଜାୟ ରଖୁ। ମହିମା ଅଲେଖ ।

## ଏକାମ୍ର ହାଟ ପ୍ରଦର୍ଶନୀ ପଡ଼ିଆରେ ଗାନ୍ଧୀ ଶିଳ୍ପ ବଜାର ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ବିକାଶ ଆୟୁକ୍ତ ହସ୍ତଶିଳ୍ପ, ବସ୍ତ୍ର ମନ୍ତ୍ରାଳୟ ପ୍ରୋତ୍ସାହନରେ ଏକାମ୍ର ହାଟ ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱରରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଶିଳ୍ପବଜାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ପଥର ଖୋଦେଇ ଶିଳ୍ପୀ ତଥା ଶିଳ୍ପଗୁରୁ କଳ୍ପତରୁ ମହାରଣା ଏବଂ ତାଙ୍କ ସହିତ ଜାତୀୟ ପୁରସ୍କାରପ୍ରାପ୍ତ ପଥର ଖୋଦେଇ ଶିଳ୍ପୀ ଇନ୍ଦ୍ରମଣି ମହାରଣା ଓ ହସ୍ତଶିଳ୍ପ ବିକାଶ କେନ୍ଦ୍ର, ଭୁବନେଶ୍ୱର ତରଫରୁ ହସ୍ତଶିଳ୍ପ ବିକାଶ ଅଧିକାରୀ କୁମାର ପ୍ରେମେନ୍ଦ୍ର ସିହ୍ନା ଏବଂ ଶୁଭ୍ରଜିତ୍ କର୍ମକାର ଉକ୍ତ ଉଦ୍‌ଘାଟନୀ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉକ୍ତ ଉଦ୍‌ଘାଟନୀ ଉତ୍ସବକୁ ବେଣୁଧର ମହାନ୍ତି, ନିର୍ଦ୍ଦେଶକ ପରିଚାଳନା କରିଥିଲେ । ଓଡ଼ିଶା ଖଦୀ ଓ ଭିଲେଜ୍ ଇଣ୍ଡଷ୍ଟ୍ରିଜ୍ ତରଫରୁ ଅନନ୍ୟା ମହାନ୍ତି ଉକ୍ତ ଉଦ୍‌ଘାଟନୀ ସମାରୋହର ପୌରହିତ୍ୟ କରିଥିଲେ । ଜିଲ୍ଲାସ୍ତରୀୟ ଗାନ୍ଧୀ ଶିଳ୍ପ ବଜାର ଏକାମ୍ର ହାଟ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଛି । ଉକ୍ତ ମେଳାରେ ୫୦ ଗୋଟି ଷ୍ଟଲ୍ ଖୋଲା ଯାଇଛି । ୭ ଦିନ ବ୍ୟାପୀ ହେବାକୁ ଥିବା ଏହି ମେଳା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ମେଳାରେ ଭାରତର ୬ ଗୋଟି ରାଜ୍ୟରୁ ୫୦ ଜଣ କୁଶଳୀ କାରିଗର ସେମାନଙ୍କର ଶ୍ରେଷ୍ଠ କଳାକୃତିକୁ ସିଧାସଳଖ କ୍ରେତାମାନଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଆସିଛନ୍ତି । ଆକର୍ଷଣୀୟ ସାଜସଜ୍ଜା, ତୋରଣ, ମନେଲୋଭା ସାମଗ୍ରୀ ତଥା ଆଲୋକ ସଜ୍ଜା ଉକ୍ତ ମେଳାକୁ ବହୁଭାବରେ ଆକର୍ଷଣୀୟ କରୁଛି । ହସ୍ତଶିଳ୍ପର ବିକାଶ ତଥା ଏଥିରେ ଜଡ଼ିତ ହସ୍ତଶିଳ୍ପ କାରିଗରଙ୍କ ଉତ୍ପାଦିତ ଦ୍ରବ୍ୟକୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇବାର ଲକ୍ଷ୍ୟ ନେଇ ଭାରତ ସରକାର ବିଭିନ୍ନ ପ୍ରକାର ପ୍ରଦର୍ଶନୀର ଆୟୋଜନ କରି ବିକ୍ରୟ ନିମନ୍ତେ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରି ଆସୁଛନ୍ତି । ବହୁ ସଂଖ୍ୟାରେ ଜନସାଧାରଣ ମେଳାରେ ଯୋଗଦେଇ ମେଳାକୁ ସାଫଲ୍ୟମଣ୍ଡିତ କରିବା ପାଇଁ ଆୟୋଜକ ନିବେଦନ କରିଛନ୍ତି ।

## ଶୂନ୍ୟ ବ୍ରହ୍ମଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୂନ୍ୟ ବ୍ରହ୍ମଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ ପ୍ରସିଦ୍ଧ 'ଯୋରନ୍ଦା ମାଘ ମେଳା'ର ଶୁଭ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଏହି ମେଳା ସନ୍ଥ କବି ଭୀମ ଭୋଇଙ୍କ ମାର୍ଗଦର୍ଶନ ଏବଂ ବିଶ୍ୱ କଲ୍ୟାଣ ପାଇଁ ମହିମା ସାଧୁଙ୍କ ସମର୍ପିତ ସାଧନାର ପ୍ରତୀକ ଅଟେ। ଏହି ପବିତ୍ର ଉତ୍ସବ ଅବସରରେ ଶୂନ୍ୟ ବ୍ରହ୍ମଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳ କାମନା କରୁଛି।

## ଏସ୍‌ଟିପିଆଇ-ଭୁବନେଶ୍ୱର ପକ୍ଷରୁ ଡେରାସ୍ ଡ୍ୟାମ୍‌ରେ ସ୍ୱଚ୍ଛତା ଅଭିଯାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏସ୍‌ଟିପିଆଇ-ଭୁବନେଶ୍ୱର ପକ୍ଷରୁ ସ୍ୱଚ୍ଛତା ପକ୍ଷ ୨୦୨୫ ପାଳନ ଅବସରରେ ଭୁବନେଶ୍ୱରର ଡେରାସ ଡ୍ୟାମ୍‌ରେ ଏକ ଉତ୍ସର୍ଗୀକୃତ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା, ଯାହା ପରିବେଶଗତ ଦୀର୍ଘସ୍ଥାୟିତା ଏବଂ ଗୋଷ୍ଠୀ ନିୟୋଜନତା ପ୍ରତି ଦୃଢ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲା। ଏସ୍‌ଟିପିଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ସୂର୍ଯ୍ୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ଅଧିକାରୀଗଣ ଆଗ୍ରହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ସର୍ବସାଧାରଣ ସ୍ଥଳଗୁଡିକର ରକ୍ଷଣାବେକ୍ଷଣ କ୍ଷେତ୍ରରେ ସାମୂହିକ ଦାୟିତ୍ୱର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ। ସ୍ୱଚ୍ଛତା, ବର୍ଜ୍ୟ ପରିଚାଳନା ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଲକ୍ଷ୍ୟ ଥିଲା। ଏହି ଅବସରରେ ପ୍ରକାଶ କରି ଶ୍ରୀ ପଟ୍ଟନାୟକ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଏବଂ ଏକ ସବୁଜ ଭବିଷ୍ୟତ ସୁନିଶ୍ଚିତ କରିବା ନିମନ୍ତେ ଦୀର୍ଘସ୍ଥାୟୀ ପଦକ୍ଷେପଗୁଡଇକର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ। ସ୍ୱଚ୍ଛ ଭାରତ ଅଭିଯାନର ପ୍ରଶସ୍ତ ଦୃଷ୍ଟିକୋଣ ସହିତ ଏହି ପ୍ରୟାସ ମେଳଖାଉଛି, ଯାହା ଏକ ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ପରିବେଶକୁ ପ୍ରୋତ୍ସାହିତ କରୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱଚ୍ଛତା ପକ୍ଷ ପାଳନ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଆରମ୍ଭ କରାଯାଇଥିଲା ଏବଂ ଏବଂ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଏ ଦିଗରେ ସଚେତନତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ୨୦୨୫ରେ ଗ୍ରାମାଞ୍ଚଳ ଏବଂ ପର୍ଯ୍ୟଟନ ସ୍ଥଳଗୁଡିକ ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି, ଯେଉଁଥିରେ ପ୍ରତ୍ୟେକଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ଅଧିକ ସ୍ୱାଗତଯୋଗ୍ୟ ପରିବେଶ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖାଯାଇଛି। ଦୀର୍ଘସ୍ଥାୟୀ ବିକାଶ, ସ୍ୱଚ୍ଛତାକୁ ସାମୟିକ ଦାୟିତ୍ୱ ନଭାବି ଆମର ଦୈନନ୍ଦିନ ଜୀବନରେ ଏକ ଅବିଚ୍ଛେଦ୍ୟ ଅଂଶରେ ପରିଣତ କରିବା ବିଚାରଧାରା ଉପରେ ଚଳିତ ବର୍ଷର ବିଷୟବସ୍ତୁ ଆଧାରିତ ହୋଇଛି। ଏହିଭଳି ପ୍ରୟାସଗୁଡିକ ସହିତ ସମ୍ମିଳିତ ଗୋଷ୍ଠୀ ଅଂଶଗ୍ରହଣ ଏବଂ ପ୍ରଯୁକ୍ତିଗତ ନବସୃଜନ ବର୍ଜ୍ୟମୁକ୍ତ ଭାରତ ଗଠନ ଲକ୍ଷ୍ୟ ହାସଲ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି।

## ୧୪ରୁ ଶ୍ରୀକ୍ଷେତ୍ରରେ ନିଖିଳ ଉତ୍କଳ ଦିବ୍ୟଜୀବନ ଆଧ୍ୟାତ୍ମିକ ସମ୍ମିଳନୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ଧର୍ମସଂସ୍କୃତି ଓ ଆଧ୍ୟାତ୍ମିକ ଜ୍ଞାନର ପ୍ରଚାର ଓ ପ୍ରସାର ସହିତ ମାନବ ସମାଜକୁ ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ଈଶ୍ୱର ସାକ୍ଷାତକାର ଆଦି ମହତ୍‌ବାଣୀରେ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ ଦିବ୍ୟଜୀବନ ସଂଘ ଆନୁକୂଲ୍ୟରେ ୩୮ତମ ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ ପକ୍ଷରୁ ଆଧ୍ୟାତ୍ମିକ ସମ୍ମିଳନୀର ଆୟୋଜନ କରାଯାଇଅଛି । ଚଳିତ ଫେବୃୟାରୀ ମାସ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଶ୍ରୀକ୍ଷେତ୍ର ପୁରୀସ୍ଥିତ ଚିଦାନନ୍ଦ ତପୋବନ ଶାନ୍ତି ଆଶ୍ରମ, ବାଲିଗୁଆଳିଠାରେ ଆୟୋଜିତ ହେଉଥିବା ଏହି ଦିବ୍ୟ ସମ୍ମିଳନୀରେ ଗଜପତି ମହାରାଜା ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଦ୍ୟସେବକ ଦିବ୍ୟସିଂହ ଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଥିବା ବେଳେ ଦିବ୍ୟଜୀବନ ସଂଘ ମୁଖ୍ୟାଳୟ ଋଷିକେଶର ଉପାଧ୍ୟକ୍ଷ ପୂଜ୍ୟ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଦିବ୍ୟଜୀବନ ସଂଘ ମୁଖ୍ୟାଳୟ ଋଷିକେଶର ସାଧାରଣ ସମ୍ପାଦକ ସ୍ୱାମୀ ଅଦ୍ୱୈତା ନନ୍ଦ ସରସ୍ୱତୀ ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀରେ ଦେଶର ବହୁ ବିଶିଷ୍ଟ ସାଧୁ, ସନ୍ଥ, ମହାତ୍ମା ଓ ଆଚାର୍ଯ୍ୟବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି । ମଙ୍ଗଳବାର ଅପରାହ୍ନରେ ୟୁନିଟ୍-୨ ନମ୍ବର ଅଶୋକନଗରସ୍ଥିତ ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ କୃଷ୍ଣାନାଦାସନନ୍ଦ ସରସ୍ୱତୀ ମହାରାଜ ଏବଂ ପୁରୀସ୍ଥିତ ଚିଦାନନ୍ଦ ଶାନ୍ତି ଆଶ୍ରମର ଟ୍ରଷ୍ଟି ଅଦ୍ୱୈତ ପ୍ରସାଦ ବିଶ୍ୱାଳ ଓ ସମ୍ପାଦକ ଜୟଦେବ ଆଚାର୍ଯ୍ୟ ପ୍ରମୁଖ ଆଧ୍ୟାତ୍ମିକ ସମ୍ମିଳନୀ ବାବଦରେ ବିସ୍ତୃତ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଡିଭାଇନ୍ ଲାଇଫ୍ ସୋସାଇଟି, ଚନ୍ଦ୍ରଶେଖରପୁର ଶାଖାର ପ୍ରଫେସର ବିଶ୍ୱମୋହନ ପଟ୍ଟନାୟକ ଓ ପ୍ରଭାକର ମହାରଣା, ଭୁବନେଶ୍ୱର ଶାଖାର ରାଧାବଲ୍ଲଭ ସିଂ ଓ କେ.ଭି. ଶିବାନନ୍ଦ ରାଓ ଏବଂ ଚିଦାନନ୍ଦ ଶାନ୍ତି ଆଶ୍ରମ ଟ୍ରଷ୍ଟ, ପୁରୀ ବାଲିଗୁଆଳି ଆଶ୍ରମର ସଭାପତି ଅକ୍ଷୟ କୁମାର ଦାଶ ପ୍ରମୁଖ ମଧ୍ୟ ସମ୍ମିଳନୀର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ ।

### ସଡ଼କ ସୁରକ୍ଷା ସଶକ୍ତ କରିବା ଉପରେ ଗୁରୁତ୍ୱ

# ନୂଆ ରାଜପଥରେ କାର୍ଯ୍ୟକ୍ଷମ ହେବ ଆଇଇଏମ୍‌ଏସ୍

- ସଡ଼କରେ ବଢ଼ିବ କ୍ୟାମେରା ସଂଖ୍ୟା
- ପାଳନ ହେବ ଶୂନ୍ୟ ଦୁର୍ଘଟଣା ଦିବସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସଡ଼କ ଦୁର୍ଘଟଣା ହ୍ରାସ ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ । ଖାରବେଳ ଭବନରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏ ସଂକ୍ରାନ୍ତରେ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଓଏସଆରଟିସି ସିଏମଡି ଦୀପ୍ତେଶ ପଟ୍ଟନାୟକ, ଅବକାରୀ ସଚିବ ଗୁହା ପୁନମ ତାପସ କୁମାର, କଟକ-ଭୁବନେଶ୍ୱର ଅତିରିକ୍ତ ପୋଲିସ ଆୟୁକ୍ତ ଉମାଶଙ୍କର ଦାଶଙ୍କ ସମେତ ସ୍ୱାସ୍ଥ୍ୟ, ଜାତୀୟ ରାଜପଥ ପ୍ରାଧିକରଣ, ଗଣଶିକ୍ଷା, ଉଚ୍ଚଶିକ୍ଷା, କ୍ରାଇମବ୍ରାଞ୍ଚର ଅଧିକାରୀ ପ୍ରତିନିଧିତ୍ୱ କରିଥିଲେ । ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଆବଶ୍ୟକୀୟ ପଦକ୍ଷେପ ସଂପର୍କରେ ଆଲୋଚନା କରି ସେ ଦିଗରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବେପରୁଆ ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ ବୈଷୟିକ ଜ୍ଞାନକୌଶଳ ସଂପନ୍ନ ଏନଫୋର୍ସମେଣ୍ଟ ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ଗୁରୁତ୍ୱ ଦେଇଛି । ଏଥିପାଇଁ ରାଜ୍ୟରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ରାଜପଥରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ବା ଆଇଇଏମଏସର ସଂପ୍ରସାରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହାସହ ଆଗକୁ ନିର୍ମାଣ ହେବାକୁ ହେବା ଥିବା ନୂତନ ରାଜପଥ ସହ ନିର୍ମାଣ ହେବାକୁ ଥିବା ରାସ୍ତାରେ ମଧ୍ୟ ଆଇଇଏମଏସ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ମଧ୍ୟରୁ ତ୍ରୁଟିପୂର୍ଣ୍ଣ ରୋଡ୍ ଇଞ୍ଜିନିୟରିଂ ସଂପର୍କରେ ଚର୍ଚ୍ଚା ହୋଇଥିଲା । ସମସ୍ୟାର ସୁଧାର ପାଇଁ ସଡ଼କ ନିର୍ମାଣ ସମୟରେ ସମସ୍ତ ମାନକକୁ ସଠିକ ଭାବରେ ପାଳନ କରାଯାଉଛି କି ନିୟମିତ ସମୀକ୍ଷା ସହ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି । ଦୁର୍ଘଟଣାପ୍ରବଣ ଅଞ୍ଚଳ ତଥା ବ୍ଲାକସ୍ପଟ ଚିହ୍ନଟ କରି ଏହାର ସୁଧାର ଦିଗରେ ତ୍ୱରିତ କାର୍ଯ୍ୟ କରାଯିବ । ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯିବ । ଏ ସଂକ୍ରାନ୍ତରେ ପ୍ରତି ମାସ ଜାତୀୟ ରାଜପଥ ପ୍ରାଧିକରଣ ଓ ରାଜ୍ୟ ପରିବହନ ପ୍ରାଧିକରଣ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ । ଭୁବନେଶ୍ୱର ସମେତ ରାଉରକେଲା, ବ୍ରହ୍ମପୁର, ପୁରୀ, ସମ୍ବଲପୁର ସହରର ସଡ଼କ ନିୟମ ଉଲ୍ଲଙ୍ଘନକାରୀଙ୍କ ଉପରେ କଡ଼ା ନଜର ରଖିବାକୁ ରାସ୍ତାରେ କ୍ୟାମେରା ସଂଖ୍ୟା ବୃଦ୍ଧି କରାଯିବ । ମୋ ବସ୍ ଓ ଓଏସଆରଟିସିର ଚାଳକଙ୍କୁ ନିୟମିତ ପ୍ରଶିକ୍ଷଣ ପ୍ରଦାନ କରାଯିବ । ସମସ୍ତ ବସରେ ଯାତ୍ରୀ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଏଡିଏଏସ ଲଗାଇବା କାର୍ଯ୍ୟ ତ୍ୱରାନ୍ୱିତ କରାଯିବ । ସଡ଼କରେ ଗାଡ଼ି ଚଲାଇବାକୁ ଦକ୍ଷ ଚାଳକଙ୍କ ଅନୁମତିକୁ ସୁନିଶ୍ଚିତ କରିବାକୁ ଏଲଏଲ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟା ଅପେକ୍ଷାକୃତ ଶକ୍ତ କରିବାକୁ ବିଭାଗ ଚିନ୍ତା କରୁଛି । ଏଥିପାଇଁ ତିନି ପର୍ଯ୍ୟାୟ ପରୀକ୍ଷା କରିବାକୁ ପ୍ରସ୍ତାବ ରହିଛି । ସେହିଭଳି ନିୟମିତ ସଡ଼କ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମଧ୍ୟ କଠୋର ପଦକ୍ଷେପ ଗ୍ରହଣ କରାଯିବ । ପୂର୍ବରୁ ବୁଧବାର ଜିରୋ ଟଲେରାନ୍ସ ଡେ'ର ସଫଳତାକୁ ଆଖି ଆଗରେ ରଖି ଶୂନ୍ୟ ଦୁର୍ଘଟଣା ଦିବସ ପାଳନ ପାଇଁ ବିଭାଗ ଯୋଜନା ରଖିଛି । ପ୍ରଥମେ ଏହା ଭୁବନେଶ୍ୱରରୁ ଆରମ୍ଭ କରାଯିବ । ସଡ଼କ ଦୁର୍ଘଟଣା ହ୍ରାସରେ ତଥ୍ୟ ଭିତ୍ତିକ ପଦକ୍ଷେପ ଉପରେ ପ୍ରାଧାନ୍ୟ ଦିଆଯାଇଛି । ଏଥିପାଇଁ ଆଇଆଇଟି ମାଡ୍ରାସ ପକ୍ଷରୁ ସମସ୍ତ ବିଭାଗକୁ ତଥ୍ୟ ପ୍ରଦାନ କରାଯିବ । ଏ ସଂକ୍ରାନ୍ତରେ ଆଇଆଇଟି ମାଡ୍ରାସ ପକ୍ଷରୁ ପ୍ରଫେସର ବାଲ୍ ଭେଙ୍କଟେଶ ସୁବ୍ରମଣ୍ୟନଙ୍କ ପକ୍ଷରୁ ରିପୋର୍ଟ ଉପସ୍ଥାପିତ ହୋଇଥିଲା। ସଡ଼କ ଦୁର୍ଘଟଣା ତଥ୍ୟ ପ୍ରସ୍ତୁତିରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା, ଦୁର୍ଘଟଣାଗ୍ରସ୍ତଙ୍କ ଉନ୍ନତ ଚିକିତ୍ସା ପାଇଁ ଟ୍ରମା କେୟାର ଭିତ୍ତିଭୂମି, ଇ-ଚାଲାଣ, ସୁବାହକ ପ୍ରଶିକ୍ଷଣ, ମୋଟରଯାନ ଆଇନରେ ସଂଶୋଧନର ବିନ୍ଦୁ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଛି । ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଓ ସ୍ଥିତି ସଂପର୍କରେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତପନ କୁମାର ମିଶ୍ର ତଥ୍ୟ ଉପସ୍ଥାପିତ କରିଥିଲେ । ୨୦୨୪ରେ ଦୁର୍ଘଟଣା ହାର ସଂପର୍କରେ ମଧ୍ୟ ରଖାଯାଇଥିଲା । ୨୦୨୩ ତୁଳନାରେ ୨୦୨୪ ରେ ଦୁର୍ଘଟଣା ହାର ହ୍ରାସ ପାଇଥିବା ସଂପର୍କରେ ସେ ସୂଚନା ରଖିଥିଲେ । ଅଧିକ ଦୁର୍ଘଟଣାପ୍ରବଣ ଜିଲ୍ଲା ସଂପର୍କରେ ମଧ୍ୟ ତଥ୍ୟ ଉପସ୍ଥାପିତ ହୋଇଥିଲା । ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଗଠନମୂଳକ ମତାମତ ରଖିଥିଲେ । ସୁପ୍ରିମକୋର୍ଟ କମିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପଦକ୍ଷେପ ଗ୍ରହଣ ସହ ଉଲ୍ଲେଖନୀୟ ଭାବରେ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଛି ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ବଢ଼ି ଚାଲିଛି ଦୁର୍ଘଟଣା ହାର

# ଜନସଚେତନତା ଜରୁରି

ଏଇ ନିକଟରେ ସାରା ରାଜ୍ୟରେ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଛି। ଏହି ଅବସରରେ ବ୍ୟାପକ ସଚେତନତା ସୃଷ୍ଟି ସହ ଅମାନିଆ ଗାଡ଼ି ଚାଳକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାତ୍ର ଗୋଟିଏ ପଟେ ସଡ଼କ ସୁରକ୍ଷା ମାସ ପାଳିତ ସାରିଥିବାବେଳେ ଅନ୍ୟପଟେ ଦୁର୍ଘଟଣାର ହାର ଦ୍ରୁତ ଗତିରେ ବଢ଼ି ଚାଲିଛି। ଖୋଦ୍ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଏ କ୍ଷେତ୍ରରେ ଆଗୁଆ ରହିବା ସହିତ ଏଠାରେ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ସ୍ତରରେ ପହଞ୍ଚିଛି। ଏହି ପୃଷ୍ଠଭୂମିରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ବରିଷ୍ଠ ମନ୍ତ୍ରୀ ତଥା କ୍ଷମତାସୀନ ବିଜେପିର ଜଣେ ଆଗଧାଡ଼ିର ନେତା ନୀତିନ୍ ଗଡ଼କରୀ ନିକଟରେ ଲୋକସଭାରେ ଦେଇଥିବା ଏକ ମନ୍ତବ୍ୟ ବିଶେଷ ପ୍ରଣିଧାନଯୋଗ୍ୟ ମନେହେଉଛି। ଦେଶରେ ସଡ଼କ ଦୁର୍ଘଟଣା ସଂଖ୍ୟା ଯେପରି ହୁ ହୁ ହୋଇ ବଢ଼ିଚାଲିଛି, ତାକୁ ରୋକିବାରେ ମନ୍ତ୍ରୀଙ୍କ ଅସହାୟତା ତାଙ୍କ ମନ୍ତବ୍ୟରୁ ସ୍ପଷ୍ଟ ବାରି ହୋଇପଡିଥିଲା। ଗୃହର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଏକ ପ୍ରଶ୍ନର ଉତ୍ତର ଦେବା ସମୟରେ ଗଡ଼କରୀ ସ୍ୱୀକାର କରିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ ସାରା ବିଶ୍ୱରେ ଭାରତର ସ୍ଥିତି ସବୁଠାରୁ ଖରାପ। ଅନ୍ୟଅର୍ଥରେ ବିଶ୍ୱର ସର୍ବାଧିକ ସଡ଼କ ଦୁର୍ଘଟଣା ଭାରତରେ ହିଁ ହୋଇଥାଏ ଓ ଏଥିରେ ଭାରତ ରେକର୍ଡ ସୃଷ୍ଟି କରିଛି। ମନ୍ତ୍ରୀ କ୍ଷୋଭଭରା କଣ୍ଠରେ ଆହୁରି କହିଥିଲେ, "ସଡ଼କ ପରିବହନ ବିଭାଗର ମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ ଦୁର୍ଘଟଣା ସଂଖ୍ୟା ୫୦ ପ୍ରତିଶତ କମାଇବାକୁ ମୁଁ ପ୍ରତିଶ୍ରୁତି ଦେଇଥିଲି। ମାତ୍ର ସେହି ପ୍ରତିଶ୍ରୁତି ପାଳନରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବରଂ ଦିନକୁ ଦିନ ଅବସ୍ଥା ଆହୁରି ଖରାପ ହୋଇପଡୁଛି, ଦୁର୍ଘଟଣା ସଂଖ୍ୟା ବଢ଼ିବଢ଼ି ଚାଲିଛି। ବାସ୍ତବିକ୍ ଏହା ଅତ୍ୟନ୍ତ ଚିନ୍ତାଜନକ।" ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଗଡ଼କରୀ କିଛିବର୍ଷ ପୂର୍ବେ ପରିବାର ସହ ଯାଉଥିବା ବେଳେ କିପରି ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ତାହା ସ୍ମରଣ କରିଥିଲେ। ସୁଇଡେନ୍ ଭଳି ଦେଶ ସଡ଼କ ଦୁର୍ଘଟଣା ହାର ଶୂନକୁ ଆଣିପାରିଛି, ଅର୍ଥାତ୍ ସେଠାରେ ଗୋଟିଏ ହେଲେ ଦୁର୍ଘଟଣା ଘଟୁନାହିଁ। ଆହୁରି ଅନେକ ଦେଶ ଦୁର୍ଘଟଣା ସଂଖ୍ୟା ହ୍ରାସ କରିଥିବା ବେଳେ ଆମ ଦେଶରେ ଏହି ସଂଖ୍ୟା ବୃଦ୍ଧି ପାଇବା ଲଜ୍ଜାକର ବୋଲି ସେ କହିଥିଲେ। କୌଣସି ବିଶ୍ୱ ସମ୍ମିଳନୀରେ ସଡ଼କ ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା ହେଲେ ମୁଁ ନିଜ ମୁହଁ ଲୁଚାଇବାକୁ ଉଦ୍ୟମ କରେ ବୋଲି ଗଡ଼କରୀ ପ୍ରକାଶ କରିଥିଲେ। ଦୁର୍ଘଟଣା କମାଇବା ପାଇଁ ମନୁଷ୍ୟର ବ୍ୟବହାରରେ ପରିବର୍ତ୍ତନ, ସମାଜରେ ପରିବର୍ତ୍ତନ ଓ ଆଇନକୁ ସମ୍ମାନ ଦେବା ଏକାନ୍ତ ଜରୁରି ବୋଲି ସେ ମତ ରଖିଥିଲେ। ଆମ ଦେଶରେ ସଡ଼କ ଦୁର୍ଘଟଣା ବଢ଼ିବାର ବିଭିନ୍ନ କାରଣ ଦର୍ଶାଇ ଗଡ଼କରୀ କହିଥିଲେ ଯେ, ରାଜପଥ ପାର୍ଶ୍ୱରେ ଟ୍ରକ୍‌ଗୁଡ଼ିକର ତ୍ରୁଟିପୂର୍ଣ୍ଣ ପାର୍କିଂ ଓ ଶୃଙ୍ଖଳାର ଅଭାବ ଏଥିପାଇଁ ମୁଖ୍ୟତଃ ଦାୟୀ। ଅନେକ ଟ୍ରକ୍ ଲେନ୍ ନିୟମକୁ ଆଦୌ ପାଳନ କରୁନାହାନ୍ତି। ଏଥିସହିତ ଆନ୍ତର୍ଜାତୀୟ ମାନ ଅନୁଯାୟୀ ଟ୍ରକ୍‌ଗୁଡ଼ିକର ବଡି ଡିଜାଇନ୍ ପ୍ରସ୍ତୁତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେହିପରି ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ବସ୍‌ଗୁଡ଼ିକର ଝରକା ପାଖରେ ହାତୁଡିଟିଏ ରଖିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। କାରଣ ଦୁର୍ଘଟଣା ଘଟିବା ମାତ୍ରେ ଯାତ୍ରୀମାନେ ହାତୁଡ଼ି ଦ୍ୱାରା ଝରକା କାଚ ଭାଙ୍ଗି ବାହାରି ଆସିପାରିବେ। ସରକାରୀ ତଥ୍ୟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣାରେ ପ୍ରତିବର୍ଷ ୧ଲକ୍ଷ ୭୮ ହଜାର ଲୋକଙ୍କ ମୃତ୍ୟୁ ଘଟୁଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଯୁବବର୍ଗର, ଯେଉଁମାନଙ୍କ ବୟସ ୧୮ରୁ ୩୪ବର୍ଷ ମଧ୍ୟରେ। ଉତ୍ତର ପ୍ରଦେଶରେ ସର୍ବାଧିକ ୨୩ ହଜାର, ତାମିଲନାଡୁରେ ୧୮ ହଜାର, ମହାରାଷ୍ଟ୍ରରେ ୧୫ ହଜାର ଏବଂ ମଧ୍ୟପ୍ରଦେଶରେ ୧୩ହଜାର ଲୋକଙ୍କ ଜୀବନ ଦୁର୍ଘଟଣା ଯୋଗୁଁ ଅକାଳରେ ଚାଲିଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସେହିପରି ଦେଶର ସହରଗୁଡ଼ିକ ମଧ୍ୟରେ ରାଜଧାନୀ ଦିଲ୍ଲୀରେ ସର୍ବାଧିକ ୧୪୦୦ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ଦକ୍ଷିଣ ଭାରତର ବେଙ୍ଗାଲୁରୁ ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛି ଏବଂ ଏଠାରେ ୯୦୦ ଲୋକଙ୍କ ମୃତ୍ୟୁ ଘଟିଛି। ସଡ଼କ ପରିବହନ ମନ୍ତ୍ରୀଙ୍କ ଏଭଳି ସ୍ପଷ୍ଟ ସ୍ୱୀକାରୋକ୍ତି ଓ କ୍ଷୋଭଭରା ବୟାନକୁ ହାଲୁକା ଭାବରେ ବିଚାର କରାଯାଇନପାରେ। ସଡ଼କ ଦୁର୍ଘଟଣା ରୋକିବା କେବଳ ଆଇନ୍ ଦ୍ୱାରା ସମ୍ଭବ ନୁହେଁ, ଏଥିପାଇଁ ବ୍ୟାପକ ଜନସଚେତନତା ସୃଷ୍ଟିର ଜରୁରି ଆବଶ୍ୟକତା ରହିଛି।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଗଣିତଜ୍ଞ ବାମାଚରଣ ଦାସ



**ଯଶସ୍ୱିନୀ ପଟ୍ଟନାୟକ**
ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ
ସେକ୍ଟର-୮, ସିଡିଏ, କଟକ

ପିଲାମାନେ ତୁମକୁ ଗଣିତ ଜଟିଳ ନା ସହଜ ଲାଗେ? ଅନେକଙ୍କ ପାଇଁ ଗଣିତ ଏକ ଅବୁଝା ଜଟିଳ ତତ୍ତ୍ୱ ପରି ଲାଗିଥାଏ। ତୁମେମାନେ ଜାଣିଛ ଆମ ଓଡ଼ିଶାରେ ଜଣେ ଏପରି ପ୍ରବୀଣ ଶିକ୍ଷାବିତ ଥିଲେ ଯେ କି କେବଳ ଶିକ୍ଷା ନୁହେଁ ଗଣିତ କ୍ଷେତ୍ରରେ ଗୌରବମୟ ଅଧ୍ୟାୟ ସୃଷ୍ଟି କରିପାରିଥିଲେ ସେ ହେଉଛନ୍ତି ଗଣିତଜ୍ଞ ପ୍ରଫେସର ବାମା ଚରଣ ଦାସ। ତୁମେମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବ। ସବୁ ପରୀକ୍ଷାରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। କଟକର ମିଶନ ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ କରିଥିଲେ। ପାଟନା ବିଶ୍ୱବିଦ୍ୟାଳୟରୁ ଗଣିତରେ ପ୍ରଥମ ଶ୍ରେଣୀରେ ଏମ୍.ଏ.ଡିଗ୍ରୀ, ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ବି.ଏ. (ଗଣିତ ଅନର୍ସ)ରେ ମଧ୍ୟ ପ୍ରଥମ ହୋଇଥିଲେ। ସେଠାରୁ ସ୍ୱଦେଶ ଫେରି ବିହାରସ୍ଥିତ ମୁଜାଫରପୁର ଜି.ବି.ବି. କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ତାଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା। ଏହାପରେ ରେଭେନ୍ସାରେ ତାଙ୍କୁ ନିଯୁକ୍ତି ମିଳିଲା। ସେଠାରେ ଗଣିତ ବିଭାଗର ପ୍ରଫେସର ଓ ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ।

ଓଡ଼ିଶାର ପ୍ରଥମ ପୋଷ୍ଟ ଗ୍ରାଜୁଏଟ ଗଣିତ ପ୍ରଫେସର ରୂପେ ବାମାଚରଣ ସେଠାରେ ଅଧିଷ୍ଠିତ ହୋଇଥିଲେ। ସେତିକିନୁହେଁ, ସାମନ୍ତ ଚନ୍ଦ୍ରଶେଖର କଲେଜ ପ୍ରିନ୍ସିପାଲ କାର୍ଯ୍ୟ ସମ୍ପାଦନ ପରେ ରେଭେନ୍ସା କଲେଜ ଅଧକ୍ଷ ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା। ଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବେ ୧୯୬୨ରେ ସରକାରୀ ଚାକିରିରୁ ସେ ଅବସର ନେଇଥିଲେ। ଏହା ପରେ ବି ବିଭିନ୍ନ କ୍ଷେତ୍ରରେ ସକ୍ରିୟ ଥିଲେ। ଓଡ଼ିଶା ପବ୍ଲିକ ସର୍ଭିସ କମିଶନର ସଭ୍ୟ ମଧ୍ୟ ରହିଥିଲେ। ଭାରତୀୟ ଏରୋନଟିକାଲ ସୋସାଇଟିର ପ୍ରତିଷ୍ଠାତା ସଦସ୍ୟ, ଓଡ଼ିଶା ଅଲିମ୍ପିକ ଆସୋସିଏସନ୍‌ର ପ୍ରତିଷ୍ଠାତା ସଭ୍ୟ ଓ ଉପସଭାପତି ପଦରେ ରହି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ଦକ୍ଷତା ଯୋଗୁଁ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟ୍‌ର ଆଜୀବନ ସଦସ୍ୟ ରୂପେ ମନୋନୀତ ହୋଇଥିଲେ। ୧୯୮୯ ସେପ୍ଟେମ୍ବର ୫ରେ ତାଙ୍କର ପରଲୋକ ହୋଇଥିଲା। ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ବାମାଚରଣ ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ୧୯୦୭ ଫେବୃଆରୀ ଆଜିର ଦିନ କଟକ ଜିଲ୍ଲା ସାଲେପୁର ନିକଟବର୍ତ୍ତୀ ଶୁକ୍ଳେଶ୍ୱର ଗ୍ରାମରେ ବାମାଚରଣ ଜନ୍ମ ଗ୍ରହଣ କରିଥିଲେ।

# ଶକ୍ତିଶାଳୀ ଦେଶ ତାଲିକାରୁ ବାଦ୍ ପଡ଼ିଛି ଭାରତ



**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ପ୍ରତିଷ୍ଠିତ ସଂସ୍ଥା ଫୋର୍ବସ ୨୦୨୫ ପାଇଁ ବିଶ୍ୱର ଶକ୍ତିଶାଳୀ ଦେଶଙ୍କ ଏକ ତାଲିକା ଜାରି କରିଛି। ଏହି ସର୍ବାଧିକ ୧୦ ଶକ୍ତିଶାଳୀ ଦେଶର ତାଲିକାରେ ଭାରତର ନାମ ନାହିଁ। ଫୋର୍ବସ୍‌ର ଏହି ର୍ୟାଙ୍କିଙ୍ଗ ମଡ଼େଲକୁ ବିଏବିଗ୍ରୁପ୍ ପ୍ରସ୍ତୁତ କରିଛି। ଏହି ବିଏବି ଗ୍ରୁପ୍ ଡ଼ବ୍ଲୁପିସି ୟୁନିଟର ଏକ ଅଂଶ ଓ ଏହାର ନେତୃତ୍ୱ ନେଇଥାନ୍ତି ପେନସାଲାଭାନିଆ ବିଶ୍ୱବିଦ୍ୟାଳୟର ହ୍ୱାଟର୍ଣ୍ଣ ସ୍କୁଲର ପ୍ରଫେସର ଡ଼େଭିଡ଼ ରିବଷ୍ଟନ। ଫୋର୍ବସ ଜାରି କରିଥିବା ଏହି ତାଲିକାକୁ ନେଇ ଏବେ ଆଲୋଚନା ସମାଲୋଚନା ଚାଲିଛି। କାରଣ ଭାରତ ଭଳି ବିଶାଳ ଓ ବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶକୁ ଏହି ତାଲିକାରୁ ବାଦ୍ ଦିଆଯାଇଛି। ଅନ୍ୟ ପକ୍ଷରେ କେତେକ ଛୋଟ ଦେଶମାନଙ୍କୁ ତାଲିକାରେ ସାମିଲ କରାଯାଇଛି। ଭାରତ ଏବେ ବିଶ୍ୱର ୫ମ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି। ଏଥିସହ ଭାରତର ସେନା ବିଶ୍ୱର ୪ର୍ଥ ବୃହତ୍ ସେନା ଅଟେ। ଫୋର୍ବସ୍‌ର ଏହି ର୍ୟାଙ୍କିଙ୍ଗକୁ ନେଇ ଭାରତ ସରକାର ଏପରିକି ଗୋଦି ମିଡିଆ ପକ୍ଷରୁ କୁହାଯାଇଛି ଯେ ଭାରତ ବିରୁଦ୍ଧରେ ଏହା ଏକ ଷଡ଼ଯନ୍ତ୍ର ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକପ୍ରିୟତାକୁ ନେଇ ପଶ୍ଚିମୀଦେଶମାନେ ଈର୍ଷା କରୁଛନ୍ତି। କିନ୍ତୁ ଏବେ ଆତ୍ମମନ୍ଥନ କରାଯିବା ଉଚିତ୍ ଯେ କେଉଁ କାରଣ ପାଇଁ ତାଲିକାରେ ଭାରତର ନାମକୁ ବାଦ୍ ଦିଆଯାଇଛି। ଫୋର୍ବସ୍‌ର ଏହି ର୍ୟାଙ୍କିଙ୍ଗକୁ ନେଇ ସମାଲୋଚନା କରାଯିବା ହାସ୍ୟାସ୍ପଦ। କାରଣ ହେଉଛି ପଶ୍ଚିମୀ ଦେଶରେ କରାଯାଉଥିବା ଏହି ସମୀକ୍ଷା ଓ ସର୍ବେକ୍ଷଣ ଶତ ପ୍ରତିଶତ ଠିକ୍ ନହେଲେ ମଧ୍ୟ ଅନେକାଂଶରେ ନିରପେକ୍ଷତା ଅବଲମ୍ବନ କରାଯାଇ ନିଷ୍କର୍ଷ ବାହାର କରାଯାଇଥାଏ। ଫୋର୍ବସ୍‌କୁ କୌଣସି ଦେଶର ସରକାର ପ୍ରଭାବିତ କରିପାରି ନଥାଏ କିମ୍ବା କେବେବି ଫୋର୍ବସ୍‌ର ରିପୋର୍ଟ ଉପରେ ପ୍ରଶ୍ନବାଚୀ ଉଠିନଥାଏ। ଏଣୁ ଫୋର୍ବସ୍‌ର ଏହି ସୂଚୀକୁ ସମାଲୋଚନା କରିବା ପରିବର୍ତ୍ତେ କାହିଁକି ତାଲିକାରୁ ଭାରତ ବାଦ୍ ପଡିଲା ସେ ବାବଦରେ ସମୀକ୍ଷା କରାଯିବା ଆବଶ୍ୟକ। ଆଶ୍ଚର୍ଯ୍ୟର କଥା ସର୍ବାଧିକ ଶକ୍ତିଶାଳୀ ୧୦ ଦେଶର ତାଲିକାରେ ଭାରତ ନାହିଁ।

ଦେଶର ସ୍ଥିତି ପାଇଁ ନେତୃତ୍ୱ ହିଁ ଦାୟୀ। ଫୋର୍ବସ ର୍ୟାଙ୍କିଙ୍ଗ ମୁତାବକ ଶକ୍ତିଶାଳୀ ଦେଶର କ୍ରମ ହେଉଛି- ଆମେରିକା (ଜିଡିପି-୩୦.୩୪ଟ୍ରିଲିୟନ୍ ଡଲାର), ଚୀନ(୧୯.୫୩ ଟ୍ରିଲିୟନ ଡଲାର), ଋଷ (୨.୨ଟ୍ରିଲିୟନ ଡ଼ଲାର), ୟୁନାଇଟେଡ଼ କିଙ୍ଗଡ଼ମ (୩.୭୩ଟ୍ରିଲିୟନ ଡ଼ଲାର)। ଏହି କ୍ରମରେ ରହିଛନ୍ତି ଜର୍ମାନୀ, ଦକ୍ଷିଣ କୋରିଆ, ଫ୍ରାନ୍ସ, ଜାପାନ, ଏବଂ ଇସ୍ରାଏଲ। ଏଥିରୁ ସ୍ପଷ୍ଟ ଯେ ଫୋର୍ବସ୍‌ର୍ୟାଙ୍କିଙ୍ଗ କେଉଁ ଆଧାରରେ କରାଯାଇଛି। ସର୍ବପ୍ରଥମେ ନେତୃତ୍ୱ କ୍ଷମତାକୁ ବିଚାରକୁ ନିଆଯାଇଛି। ଏହାର ଅର୍ଥ ହେଉଛି ଦେଶର ଅର୍ଥବ୍ୟବସ୍ଥା କେତେ ମଜବୁତ ଏବଂ ବ୍ୟାପକ ଅଟେ। ଅନ୍ୟ ଏକ ବିଷୟ ବା ପ୍ରସଙ୍ଗ ହେଉଛି ଦେଶର ରାଜନୈତିକ ସ୍ଥିରତା ଓ ବିଶ୍ୱ ରାଜନୀତିରେ ସଂପୃକ୍ତ ଦେଶର ସ୍ଥିତି କେମିତି ରହିଛି। ଅନ୍ତର୍ଜାତୀୟ ମେଣ୍ଟ କଥାକୁ ମଧ୍ୟ ସମୀକ୍ଷା ବେଳେ ଗୁରୁତ୍ୱ ଦିଆଯାଇଥାଏ। ଏସବୁ ପରେ ଅନ୍ୟ ଦେଶମାନଙ୍କ ସହ ସମ୍ପର୍କ ଏବଂ କୂଟନୈତିକ ଭାଗିଦାରୀ ଏବଂ ବୁଝାମଣାକୁ ବିଚାରକୁ ନିଆଯାଇଥାଏ। ଏସବୁକୁ ବିଚାରକୁ ନେଇ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ଅନେକ ଦେଶର ଅର୍ଥବ୍ୟବସ୍ଥାର ଆକାର ବଡ଼ ଥାଇପାରେ କିନ୍ତୁ ସେହି ଦେଶର ନେତୃତ୍ୱ ପର୍ଯ୍ୟାପ୍ତ ଭାବେ ଶସକ୍ତ ନଥିଲେ ସେ ଦେଶର କ୍ରମାଙ୍କ ଘଟିଥାଏ। ସେହି ପରି ଅର୍ଥ ବ୍ୟବସ୍ଥା ବଡ଼ ଥାଇପାରେ, ନେତୃତ୍ୱ ମଧ୍ୟ ପ୍ରଭାବଶାଳୀ ଥାଇପାରେ କିନ୍ତୁ କୂଟନୈତିକ ସ୍ତରରେ ଦେଶର ପ୍ରଭାବ ନଥିଲେ ସେ ଦେଶର କ୍ରମାଙ୍କ ତଳକୁ ଖସି ଯାଇଥାଏ।

ଏମିତି ଦେଖିବାକୁ ଗଲେ ଭାରତ ଏବେ ବିଶ୍ୱର ୫ମ ବୃହତ୍ ଅର୍ଥ ବ୍ୟବସ୍ଥା ଏବଂ ଭାରତର ବିଶାଳ ସେନା ରହିଛି। ଏଣୁ କେଉଁ କାରଣ ପାଇଁ ଭାରତକୁ ଏହି ତାଲିକାରୁ ବାଦ୍ ଦିଆଗଲା? ସମ୍ଭବତଃ ନେତୃତ୍ୱ କାରଣରୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ରାଷ୍ଟ୍ରୀୟ ଏବଂ ଅନ୍ତରାଷ୍ଟ୍ରୀୟ ଉଭୟ ସ୍ତରରେ ଦୁର୍ବଳବୋଧ ହୁଏ। ୨୦୨୪ ମସିହାରେ ତାଙ୍କ ନେତୃତ୍ୱରେ ବିଜେପି ନିର୍ବାଚନ ଲଢ଼ିଥିଲା। ଲକ୍ଷ୍ୟ ଥିଲା ବିଜେପି ଏକାକୀ ୩୭୦ ବା ତାଠାରୁ ଅଧିକ ଆସନରେ ଜିତିବ। ଏବଂ ଶାସକ ମେଣ୍ଟ ନ୍ୟାସନାଲ ଡ଼େମୋକ୍ରାଟିକ୍ ଏଲାଏନ୍ସ (ଏନଡିଏ)ର ସମ୍ମିଳିତ ଶକ୍ତିକୁ ଲୋକସଭାରେ ୪୦୦ରୁ ଅଧିକ ଆସନ ପର୍ଯ୍ୟନ୍ତ ନେଇଯିବା। କିନ୍ତୁ ଏମିତି ହୋଇପାରିନଥିଲା। ବିଜେପି ୨୪୦ ଆସନରେ ଅଟକି ଯାଇଥିଲା। ଏବଂ ସରକାର ଗଠନ ପାଇଁ ଚନ୍ଦ୍ରବାବୁ ନାଇଡୁ ଓ ନୀତିଶ କୁମାରଙ୍କ ଉପରେ ନିର୍ଭର କରିବାକୁ ପଡିଥିଲା। ଏସବୁର ପ୍ରଭାବ ମଧ୍ୟ ସଂସଦ ଭିତରେ ସରକାରର କାର୍ଯ୍ୟକଳାପରୁ ଜଣାପଡିଯାଉଛି। ୨୦୧୪-୧୯ ତଥା ୨୦୧୯-୨୪ର ଦୁଇ କାର୍ଯ୍ୟକାଳ ସମୟରେ ମୋଦୀ ସରକାର ମନଇଚ୍ଛା ନିଷ୍ପତ୍ତି ନେଇପାରୁଥିଲେ। କିନ୍ତୁ ଏବେ ସେକଥା ନାହିଁ। ଓ୍ୟାକଫ ବୋର୍ଡ ସଂଶୋଧନ ଅଧିନିୟମ (ବିଲ୍)କୁ ସଂଯୁକ୍ତ ସଂସଦୀୟ କମିଟିକୁ ପଠାଇବାକୁ ପଡିଲା। ଏକଥା ଭିନ୍ନ ଯେ ଯେନତେନ ପ୍ରକାରେଣ ସରକାର ସେଥିରେ ସଂଶୋଧନ କରାଇବାରେ ସଫଳ ହୋଇଥିଲେ। ବିଗତ ଦୁଇ ଲୋକସଭା ମୁକାବିଲାରେ ଏଥର ଲୋକସଭାରେ ବିରୋଧିଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି ସରକାର ।

ଯଦିଓ ମହାରାଷ୍ଟ୍ର ଓ ହରିଆଣାରେ ବିଧାନସଭା ନିର୍ବାଚନରେ ବିଜେପିକୁ ସଫଳତା ମିଳିଛି ଓ ଏବେ ଦିଲ୍ଲୀରେ ମିଳିଲା । ହେଲେ ଏକଥା ମଧ୍ୟ ସତ୍ୟ ଯେ ଜାମ୍ମୁ-କାଶ୍ମୀର ଏବଂ ଝାଡଖଣ୍ଡରେ ବିଜେପି ହାରିଛି। ଅନ୍ତର୍ଜାତୀୟ ସ୍ତରରେ ଏବେ ନରେନ୍ଦ୍ରମୋଦୀଙ୍କ ଗୁରୁତ୍ୱ କମିଛି। ଜାନୁଆରୀ ୨୦ରେ ଆମେରିକାର ରାଷ୍ଟ୍ରପତିଭାବେ ନିର୍ବାଚିତ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ମୁକେଶ ଅମ୍ବାନୀଙ୍କୁ ନିମନ୍ତ୍ରଣ ମିଳିଥିଲା ଏପରିକି ଆମେରିକାର ଏକନମ୍ବର ପ୍ରତିଦ୍ୱନ୍ଦୀ ଚୀନକୁ ନିମନ୍ତ୍ରଣ ମିଳିଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ କରାଯାଇନଥିଲା। ନରେନ୍ଦ୍ର ମୋଦୀ ୧୦ ବର୍ଷହେବ କହି ଆସୁଛନ୍ତି ଯେ ଭାରତ ବିଶ୍ୱଗୁରୁ ହେବାକୁ ଯାଉଛି କିନ୍ତୁ ବିଶ୍ୱଗୁରୁର ସମ୍ମାନ ତାଙ୍କୁ ମିଳୁନାହିଁ କାହିଁକି? ଏସିଆରେ ଭାରତର ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଯେଉଁ ଦେଶ ମାନଙ୍କର ଅର୍ଥବ୍ୟବସ୍ଥା ଭାରତ ଠାରୁ ଛୋଟ ସେମାନେ ବିଶ୍ୱଶକ୍ତି ସୂଚକଙ୍କରେ ଭାରତ ଠାରୁ ବହୁ ଆଗରେ ଅଛନ୍ତି। ଅର୍ଥବ୍ୟବସ୍ଥା ଦୃଷ୍ଟିରୁ ଦେଖିଲେ ଭାରତୀୟ ଅର୍ଥବ୍ୟବସ୍ଥା ସଙ୍କଟରେ ରହିଛି। ଡ଼ଲାର ମୁକାବିଲାରେ ଟଙ୍କାର ଅବମୂଲ୍ୟାୟ ଏବେ ୮୭ର ସ୍ତରରେ ପହଞ୍ଚିଛି। ଡ଼ଲାର ମହଙ୍ଗା ହେବା କାରଣରୁ ଆମଦାନୀ ମଧ୍ୟ ମହଙ୍ଗା ହେଉଛି। ଭାରତର ବ୍ୟବସାୟୀକ ସନ୍ତୁଳନ ମଧ୍ୟ ପ୍ରଭାବିତ ହେଉଛି। ଭାରତରୁ ରପ୍ତାନୀ କମ୍ ଏବଂ ଆମଦାନୀ ବୃଦ୍ଧି ଏବେ ଦେଶପାଇଁ ଅବ୍ୟବସ୍ଥା ସୃଷ୍ଟି କରୁଛି। ଦେଶର ଜିଡିପି ତୁଳନାରେ ୩ଗୁଣ ଋଣ ହୋଇଗଲାଣି। ଋଣ ବାବଦକୁ ୩ଲକ୍ଷ କୋଟି ସୁଧ ଦେବାକୁ ପଡୁଛି। ଭାରତରେ ଚୀନ ଉତ୍ପାଦିତ ସାମଗ୍ରୀର ବ୍ୟବସାୟ ବଢିବାରେ ଲାଗିଛି। ମେକ୍‌ଇନ୍ ଇଣ୍ଡିଆ ଭଳି ଅଭିଯାନର ସଫଳତା କେବଳ ଭାଷଣରେ ରହିଯାଇଛି। ଆତ୍ମନିର୍ଭର କଥା ଭାବିବା ବୃଥା। ସରକାରଙ୍କ ପ୍ରଚାରତନ୍ତ୍ର ଯେତେ କଥା କହୁଛି ବାସ୍ତବତା କିନ୍ତୁ ତାର ବିପରିତ। ବେରୋଜଗାରୀ ଦର ଭାରତରେ ୪୫ବର୍ଷର ଉଚ୍ଚତମ ସ୍ତରରେ । ବିଗତ ୧୦ ବର୍ଷ ହେବ ଅସଂଗଠିତ କ୍ଷେତ୍ରକୁ ଅଣଦେଖା କାରଣରୁ କୋଟି କୋଟି ଲୋକଙ୍କର ଆଜୀବିକା ପ୍ରଭାବିତ ହୋଇଛି। ଶିଳ୍ପସଂସ୍ଥା ଏବଂ ସେବା କ୍ଷେତ୍ରରେ କ୍ରମାଗତ ବେରୋଜଗାର ବଢୁଛି। ଭାରତ ସରକାର ଆତ୍ମସନ୍ତୋଷରୁ ବାହାରି ଏ ପ୍ରସଙ୍ଗକୁ ଗୁରୁତ୍ୱ ଦେବା ଆବଶ୍ୟକ।

# ଅଗିରା ପୂର୍ଣ୍ଣିମା



**ପୁଷ୍ପମିତ୍ର ମହାପାତ୍ର**
ସେକ୍ଟର-୬, ସିଡିଏ, କଟକ
ମୋ : ୯୪୩୭୨୨୫୬୮୯

ଶୀତ ଋତୁର ଶେଷ ମାଘ ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି। ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ। ପ୍ରକୃତରେ ଅଗ୍ନି ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି। ବୈଦିକ ଭାଷାରେ - 'ଅଗ୍ନି ମିଳେ ପୁରୋହିତଂ' ତେଣୁ ବେଦରେ ଅଗ୍ନି ହେଉଛନ୍ତି ପ୍ରଥମ ଦେବତା। ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି। କେବଳ ଗାଁରେ ନୁହେଁ ସହରରେ ମଧ୍ୟ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ, ଏହାକୁ ପୂଜାର୍ଚ୍ଚନା କରି ଅଗ୍ନି ସଂଯୋଗ କରାଯାଇଥାଏ। ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି। ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମ ଋତୁକୁ ସ୍ୱାଗତ କରାଯାଇଥାଏ।

ଅଗ୍ନି ଦେବତାଙ୍କୁ ପଞ୍ଚାକ୍ଷର ମନ୍ତ୍ରରେ ''ଓଁ ଆଗ୍ନେୟ ନମଃ'' ଉଚ୍ଚାରଣ କରି ଆର୍ଯ୍ୟଋଷି ଜପ କରିଛନ୍ତି। ମୁନିଋଷିମାନେ ଅଗ୍ନିଙ୍କ ସ୍ୱରୂପ କଳ୍ପନା କରି ଧ୍ୟାନ କରିଛନ୍ତି - ''ସର୍ବଲକ୍ଷଣ ସମ୍ପୂର୍ଣ୍ଣଂ ଜଟାମୁକୁଟ ମଣ୍ଡିତଂ। ଶୁଦ୍ଧଚାମୀକରଭାସଂ ସ୍ମେରାସ୍ୟଂ ମଧୁରାଧରଂ। ପୀତାମ୍ବର ପରିଧାନଂ ଦିବ୍ୟାଭରଣ ଭୂଷିତଂ ଚନ୍ଦନାଗୁରୁ କପୂରୈ ଶ୍ଚର୍ଚ୍ଚିତଂ ସ୍ରଗ୍ ବିଭୂଷିତଂ। ପରବର୍ତ୍ତୀ କାଳମାନଙ୍କରେ ଏହି ଅଗ୍ନିପୂଜା ଏଡ଼େ ଜଟିଳ ଏବଂ କଷ୍ଟସାଧ ହୋଇପଡ଼ିଛି ଯେ କର୍ମ ମୁଖର ଏବଂ କର୍ମ ଚଞ୍ଚଳ ଜୀବନରେ ମନୁଷ୍ୟ ବିଧିବିଧାନ ମତେ ଯଜ୍ଞ ପ୍ରଭୃତିରେ ଅଗ୍ନି ପୂଜା କରିବା ଅନେକାଂଶରେ ବ୍ୟାହତ ହୋଇଛି। ତଥାପି ଆର୍ଯ୍ୟ ସଭ୍ୟତାରେ ଅଗ୍ନି ଦେବତାଙ୍କର ରହିଛି ସ୍ୱତନ୍ତ୍ର ସ୍ଥାନ। ଏପରିକି ବୈଦିକ ରୀତିର ପ୍ରତ୍ୟେକ ଆର୍ଯ୍ୟ ପାଇଁ ଆଜି ମଧ୍ୟ ଆବଶ୍ୟକ ପଡୁଛି - ହୋମ ତଥା ଅଗ୍ନିପୂଜା। ଅଗ୍ନିର ଉତ୍ସ ହେଉଛି ସୌର ଜଗତର ନବଗ୍ରହ ମାନଙ୍କର ସୃଷ୍ଟି କେନ୍ଦ୍ର ସୂର୍ଯ୍ୟ ଦେବତା। ପୁରାଣରେ ସୂର୍ଯ୍ୟପୂଜା ସମ୍ପର୍କରେ ସୂଚୀତ ହୋଇ ଉଲ୍ଲେଖ ଅଛି - ହେ ସୂର୍ଯ୍ୟ, ହେ ଆମ୍ଭମାନଙ୍କର ଜୀବନ ଓ ବୃଦ୍ଧିର ଉଦ୍‌ଗାତା ଆବଶ୍ୟକୀୟ ଯଜ୍ଞ, ହେ ମହାନ ଆଚରଣ ପ୍ରତିଷ୍ଠିତ ଶ୍ରେଷ୍ଠ ଯଜ୍ଞକର୍ତ୍ତୃଗଣ, ଆମ୍ଭମାନଙ୍କର ଅନବିଧାତ ଅସାଙ୍ଗ ଯଜ୍ଞକୃତ ପାପ ଠାରୁ ରକ୍ଷା କରନ୍ତୁ। ଆମ୍ଭେମାନେ ଆମ୍ଭମାନଙ୍କର ପ୍ରବୃତ୍ତି ସ୍ୱାର୍ଥ-ସମ୍ପାଦନ ପ୍ରଲୁବ୍ଧ ହୋଇ ଅହୋରାତ୍ରି ଆଦର୍ଶ ବିମୁଖ - ଇନ୍ଦ୍ରିୟ ବଶବର୍ତ୍ତୀ ହୋଇ ମନ, ବାକ୍ୟ, ହସ୍ତ, ପଦ, ଉଦର ଓ ଶିଶ୍ନ ଦ୍ୱାରା ଯେଉଁ ସମସ୍ତ ଜୀବନ କ୍ଷୟକାରୀ, ଦୂରିତକର୍ମ କରୁଅଛୁ, ଆଲୋକ ତାହା ଅବଲୁପ୍ତ କରିଦିଅନ୍ତୁ, ଏହି-ମୁହିଁ- ମୋତେ ପରମ-ଅମୃତ-ଯୋନୀ ସମ୍ଭୁତ ଧ୍ୱାନ୍ତାରୀ ସୂର୍ଯ୍ୟ-ଜ୍ୟୋତିକୁ ଆହୂତି ଦେଉଛି।

# ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମେଳା



**ପ୍ରେମାନନ୍ଦ ପାଣିଗ୍ରାହୀ**
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ମହିମା ଧର୍ମ - ଓଡିଶାରେ ସୃଷ୍ଟି ହୋଇଥିବା ଧର୍ମ, ଯାହା ପରିବ୍ୟାପ୍ତ ହୋଇଛି ଦେଶରେ ଓ ବିଦେଶରେ । ଯୋଗେଶ୍ୱର ମହିମା ସ୍ୱାମୀ ଏହି ଧର୍ମର ପ୍ରାଣ ପ୍ରତିଷ୍ଠାତା । ସେ ଅଯୋନୀ ସମ୍ଭୁତ ଓ ଅଲେଖ ପ୍ରଭୁଙ୍କର ଅବତାର। ବୈଦିକ ଧର୍ମର ନିର୍ଗୁଣ, ନିଷ୍କାମ ମାର୍ଗ ହିଁ ଏହି ଧର୍ମର ନୀତି ନିୟମ। ମାନବର ଅନ୍ତର୍ନିହିତ ବ୍ରହ୍ମଚେତନାକୁ ଜାଗ୍ରତ କରାଇ ତାର ଗୁଣାତ୍ମକ ଓ କ୍ରିୟାତ୍ମକ ବିକାଶ ଘଟାଇବା ଏହି ଧର୍ମର ପ୍ରଧାନ ଉଦ୍ଦେଶ୍ୟ । ମଣିଷ ମନରେ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ବାର୍ତ୍ତା ମହିମା ଧର୍ମ ପ୍ରଚାର କରେ। ମହିମା ଧର୍ମର ନୀତି ହେଲା - ପ୍ରାତଃ ସ୍ନାନ, ଉଦେଅସ୍ତେ ଦର୍ଶନ, ଗୋମୁତ୍ର ପାନ ଓ ଗୋମୟ ଲେପନ, ଗୌରିକ ବସ୍ତ୍ର ଧାରଣ ଓ ଦିବସେ ପାନ ଭୋଜନ। ମହିମା ଧର୍ମ ଶୂନ୍ୟବାଦକୁ ବିଶ୍ୱାସ କରେ। ଏଠାରେ ବିଶ୍ୱ ସ୍ରଷ୍ଟାଙ୍କୁ ପରମବ୍ରହ୍ମ ଆଦି, ଅନାଦି, ଅଲେଖ, ଅଣାକାର, ଅବ୍ୟକ୍ତ, ନିରଞ୍ଜନ ଆଦି ନାମରେ ସ୍ତୁତି ଗାନ କରାଯାଏ । ସାଧୁ ଅତିଥି ବେଶରେ ଗ୍ରାମକୁ ଗ୍ରାମ ପଦବ୍ରଜରେ ଭ୍ରମଣ ପୂର୍ବକ ଭିକ୍ଷା ଗ୍ରହଣ କରି ଇଶ୍ୱର ଉପାସନାର ମାର୍ଗକୁ ମହିମା ସାଧୁମାନେ ଗ୍ରହଣ କରିଥାନ୍ତି । ଗୋଟିଏ ଗ୍ରାମରେ ଏକ ଦିନରୁ ଅଧିକ ଏବଂ ଗୋଟିଏ ଗୃହରେ ଥରକରୁ ଅଧିକ ଭିକ୍ଷା ଗ୍ରହଣ ନକରିବାକୁ ସାଧୁମାନେ ନିୟମ ଭାବରେ ପାଳନ କରିଥାନ୍ତି। ମହିମା ଧର୍ମଗ୍ରନ୍ଥ ସିଦ୍ଧାନ୍ତ ଅନୁସାରେ ମହିମା ସ୍ୱାମୀ ପ୍ରଥମେ ଭାରତ ବର୍ଷର ହିମାଳୟରେ ଆବିର୍ଭୂତ ହୋଇ ଆତ୍ମ ଯୋଗ ସମାଧି କରିଥିଲେ । ୧୮୨୬ ମସିହାରେ ପୁଣ୍ୟ ଭୂମି ଉତ୍କଳର ଶ୍ରୀକ୍ଷେତ୍ର ପୁରୀ ବଡଦାଣ୍ଡରେ ପଦାର୍ପଣ କରି ଧୂଳିଆ ବାବା ନାମରେ ପରିଚିତ ହୋଇଥିଲେ। ମହିମା ସ୍ୱାମୀ ଶ୍ରୀକ୍ଷେତ୍ରରୁ ଆସି ଖଣ୍ଡଗିରି ଗୁମ୍ଫାରେ କିଛିକାଳ ଅବସ୍ଥାନ କରି ନିଷ୍କାମ ଲୀଳା ଖେଳା କରିଥିଲେ । ୧୮୩୮ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳ ପ୍ରସିଦ୍ଧ ଶୈବପୀଠ କପିଳାସ ଶିଖରରେ ପଦାର୍ପଣ କରି ୧୮୬୨ ମସିହା ପର୍ଯ୍ୟନ୍ତ ମହିମା ସ୍ୱାମୀ ଆତ୍ମଯୋଗ ସମାଧିରେ ବସି ସିଦ୍ଧିଲାଭ କରିଥିଲେ। ତା'ପରେ ପଦବ୍ରଜରେ ସମଗ୍ର ଓଡିଶା ଭୂଖଣ୍ଡ ପରିଭ୍ରମଣ କରି ସତ୍ୟ ମହିମା ଧର୍ମ ପ୍ରଚାର କଲେ। ଢେଙ୍କାନାଳ ଗଡ ଠାରୁ ଉତ୍ତରକୁ ୨୫ କି.ମି ଦୂର ଯୋରନ୍ଦା ଠାରେ ଟୁଙ୍ଗୀ ସ୍ଥାପନା କଲେ । ୧୮୭୫ ମସିହା ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମହିମା ସ୍ୱାମୀ ଯୋରନ୍ଦା ମହିମା ଗାଦିରେ ଧୂନି ସ୍ଥାପନା କରିବା ସହ ମହିମାମେଳା ଆରମ୍ଭ କରିଥିଲେ । ଚତୁର୍ଦ୍ଦଶୀ ତିଥି ସନ୍ଧ୍ୟାରୁ ପୂର୍ଣ୍ଣମୀ ତିଥି ପ୍ରତ୍ୟୁଷ ପର୍ଯ୍ୟନ୍ତ ପରମବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଘୃତାହୁତି ଅର୍ପଣ କରିବା ସହ ବିଶ୍ୱବାସୀଙ୍କ ମଙ୍ଗଳ ବିଧାନ ପାଇଁ ପ୍ରାର୍ଥନା କରିଥିଲେ। ୧୮୬୨ରୁ ୧୮୭୬ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୪ ବର୍ଷ ମଧ୍ୟରେ ନିରାକାର ଅଲେଖ ପରମବ୍ରହ୍ମଙ୍କ ମାହାତ୍ମ ପ୍ରଚାରରେ ମଗ୍ନ ରହି ୮୪ ଜଣ ଶିଷ୍ୟଙ୍କୁ କୌପିନ୍ ବାନା ଓ ୯୧ ଜଣ ଶିଷ୍ୟଙ୍କୁ ବକ୍‌କଳ ବାନା ପରିଧାନ କରିବାକୁ ଦେଇଥିଲେ । ୧୮୭୬ ମସିହା ଫାଲ୍‌ଗୁନ୍ ଶୁକ୍ଳ ଚତୁର୍ଦ୍ଦଶୀରେ ଯୋରନ୍ଦା ଟୁଙ୍ଗୀରେ ମହିମା ସ୍ୱାମୀ ଇହଲୀଳା ସମ୍ବରଣ କରିଥିଲେ । ମହିମା ଧର୍ମୀମାନେ ବିଶ୍ୱାସ କରନ୍ତି ଯେ ମହିମା ସ୍ୱାମୀ ନିଜର ଅଲୌକିକ ଲୀଳା ଖେଳା ମଧ୍ୟରେ ନିର୍ବାଣ ପ୍ରାପ୍ତ ହୋଇଥିଲେ । ନିର୍ବାଣର ଦୁଇଦିନ ପୂର୍ବରୁ ମହିମା ସ୍ୱାମୀ ପୂର୍ବାଭିମୁଖୀ ହୋଇ ଯୋଗାସନରେ ବସିଥିଲେ । ନିର୍ବାଣ ପ୍ରାପ୍ତି ଦିନ ହଠାତ୍ ତାଙ୍କ ଦେହ ତମ୍ବା ବର୍ଣ୍ଣ ଧାରଣ କଲା ଏବଂ ସେ ସ୍ୱଦେହରେ ପରଲୋକ ଗମନ କଲେ । ମହିମା ସ୍ୱାମୀଙ୍କର ବକ୍କଳ ବାନାକୁ ଶିଷ୍ୟମାନେ ଯୋରନ୍ଦା ଗ୍ରାମର ପୂର୍ବଦିଗରେ ସମାଧିସ୍ଥ କରି ଢେଙ୍କାନାଳର ରାଜାଙ୍କ ସହାୟତାରେ ସମାଧି ସ୍ଥଳରେ ଶୂନ୍ୟମନ୍ଦିର ନିର୍ମାଣ କରିଥିଲେ ।

ମହିମା ସ୍ୱାମୀଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧାର ନିଦର୍ଶନ ସ୍ୱରୂପ ଶୂନ୍ୟ ପୁରୁଷଙ୍କୁ ଉପାସନା କରିବା ପାଇଁ ପ୍ରତିବର୍ଷ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଠାରୁ ସପ୍ତାହବ୍ୟାପୀ ଅନୁଷ୍ଠିତ ହୁଏ ପୂଣ୍ୟପୀଠ ଯୋରନ୍ଦା ଠାରେ ମହିମାମେଳା । ଏହି ମେଳାରେ ମହିମା ଧର୍ମ ସମାଜର ସନ୍ୟାସୀ, ବୈରାଗୀ, ଗୃହିଭକ୍ତ ଓ ଶ୍ରଦ୍ଧାଳୁ ଏକତ୍ର ହୋଇ ମାଘଶୁକ୍ଳ ତ୍ରୟୋଦଶୀ ପାହାନ୍ତ ପ୍ରହରରୁ ମହିମା ମେଳା ଆରମ୍ଭ ହୁଏ । ଏହାକୁ ବେଢା ପରିକ୍ରମା କୁହାଯାଏ । ବାର୍ଷିକ ଗୁରୁପୂର୍ଣ୍ଣିମା ଉତ୍ସବ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ପ୍ରାତଃ ତିନି ଘଟିକାରୁ ଆରମ୍ଭ ହୁଏ । ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ସାଧୁମାନେ ସତର୍କ ଘଣ୍ଟି ବଜାଇବା ପରେ ନୀତି ନିଯୁକ୍ତ ସାଧୁମାନେ ମହିମା ଗାଦିର ସମସ୍ତ ଉପାସନା ପୀଠ ଗୁଡିକରେ ସ୍ୱତନ୍ତ୍ର ନୀତି ଆରମ୍ଭ କରନ୍ତି । ମାହାଳମୂଳ ଆଶ୍ରମ କୂଅରୁ ରୂପା ଗରାରେ ପାଣି ଅଣାଯାଇ ମନ୍ଦିର ଚାରିପାଖକୁ ଧୋଇବା ପରେ ସୁନା ଗିନାରେ ଥିବା ଶ୍ୱେତଚନ୍ଦନ, ଶ୍ରୀକର୍ପୁର, ଅଗୁର ଆଦି ସିଞ୍ଚନ କରାଯାଇ ଛେରା ପହଁରା କରାଯାଏ । ଷାଠିଏ ଜଣ ସାଧୁ ଷାଠିଏ ରୂପା ଚାମରରେ ମହିମା ସ୍ୱାମୀଙ୍କୁ ଚାମର ସେବା କରନ୍ତି । ଗାଦି ମନ୍ଦିରସ୍ଥ ଅମୁଣିଆ ମଣ୍ଡପରେ ଅମୁଣିଆ ପ୍ରସାଦ ଶୂନ୍ୟ ମହାପ୍ରଭୁଙ୍କୁ ଅର୍ପଣ କରାଯିବା ପରେ ଏହାକୁ ସାଧାରଣ ଭକ୍ତଙ୍କୁ ବଣ୍ଟନ କରାଯାଏ । ମଧ୍ୟାହ୍ନରେ ମଧ୍ୟାହ୍ନ ନୀତି ଓ ଅପରାହ୍ନରେ ତ୍ରିସନ୍ଧ୍ୟା ପୂଜା ସମୟରେ ସମାନ ସେବା ନୀତି କରାଯାଏ। ଗାଦିପୀଠରେ ବିଭିନ୍ନ ନୀତି କ୍ରାନ୍ତିରେ ବ୍ୟବହୃତ ମୂଲ୍ୟବାନ ସାଜ ସରଞ୍ଜାମ ଯଥା ସୁନା ଓ ରୂପାର ଛତ୍ରୀ, ଆଢେଣି, ତରାସ, ସୁନା ଓ ରୂପାର ଝାଡୁ, ଥାଳି ଓ ଗିନା ଓ ଅନ୍ୟାନ୍ୟ ସାମଗ୍ରୀ ଗୁଡିକୁ ଭକ୍ତଙ୍କ ଦର୍ଶନ ନିମନ୍ତେ ଗାଦି ମନ୍ଦିର ବେଢାରେ ରଖାଯାଇ ଭକ୍ତମାନଙ୍କୁ ପ୍ରଦର୍ଶନ କରାଯାଏ। ସନ୍ଧ୍ୟାବେଳେ ମନ୍ଦିର ଦ୍ୱାରଦେଶରେ ପ୍ରଜ୍ୱଳିତ ହୁଏ ଝାଡ ଦୀପ । ପ୍ରଥମେ ଗାଦି ମନ୍ଦିର ଚାରିପାଖରେ କୌପିନ୍‌ଧାରୀ ମହିମା ସମାଜର ଅଧକ୍ଷ ମହିମା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଏକୋଇଶି ବତୀ ବିଶିଷ୍ଟ ଝାଡ ଦୀପରେ ଅଗ୍ନି ସଂଯୋଗ କରିଥାନ୍ତି। ତତ୍‌ପରେ ଗାଦି ମନ୍ଦିରର ଅନ୍ୟ ତିନି ଦ୍ୱାରରେ ମହିମା ସ୍ୱାମୀମାନେ ବୃହତ ଝାଡଦୀପରେ ଅଗ୍ନି ସଂଯୋଗ କରନ୍ତି। ଶୂନ୍ୟମନ୍ଦିର, ଅଖଣ୍ଡବତୀ ମନ୍ଦିର, ଅଖଣ୍ଡଜ୍ୟୋତି ମନ୍ଦିର ଆଦି ମହିମାଗାଦିର ଉପାସନା ପୀଠ ଗୁଡିକରେ ଝାଡ ଦୀପ ପ୍ରଜ୍ୱଳନ କରାଯାଇଥାଏ । ଧୂନି ମନ୍ଦିରରେ ପ୍ରଜ୍ୱଳିତ ହେଉଥିବା ଧୂନିରେ ଘୃତ ଅର୍ପଣ କରାଯାଏ। ମହିମା ଗୋସାଇଁ ପ୍ରତିଷ୍ଠା କରିଥିବା କାଠ ଧୂନି ଏଠାରେ ଆଜିବି ଜଳୁଛି। ଏହି ଧୂନି ପାଉଁଶକୁ "ବ୍ରହ୍ମ ବିଭୂତି" ଭାବେ ଶ୍ରଦ୍ଧାଳୁମାନେ ଗ୍ରହଣ କରିବା ସହ ସଯତ୍ନରେ ସାଇତି ରଖିଥାନ୍ତି। ଭୀମଭୋଇଙ୍କ ରଚିତ - "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ। ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।" ଏହି ମହାବାଣୀଙ୍କୁ ସ୍ମରଣ କରି ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ମହିମା ସାଧୁମାନେ ଘୃତାହୁତି ପ୍ରଦାନ କରିଥାନ୍ତି । ଶ୍ରଦ୍ଧାଳୁ ଭକ୍ତମାନେ ଯେଉଁ ଘୃତ ଦାନ କରିଥାନ୍ତି ତାହା ବଡ ବଡ ପିତଳ ହଣ୍ଡାରେ ସଂଗୃହିତ ହୋଇ ରଖାଯାଇଥାଏ ଏବଂ ସେଥିରୁ ବଡ ବଡ ଡଙ୍କି ଦ୍ୱାରା ଘୃତ ଆହୋରଣ କରି ଅଖଣ୍ଡ ଧ୍ୱନି ଓ ପ୍ରଜ୍ୱଳିତ ପ୍ରଦୀପରେ ମହିମା ସାଧୁମାନେ ପ୍ରଦାନ କରିଥାନ୍ତି । ସାରାରାତି ପ୍ରଜ୍ୱଳିତ ହୁଏ ଏହି ଝାଡଦୀପ । ଏଥିରୁ ଉଦ୍‌ବେଳିତ ଆଲୋକ ଅଜ୍ଞାନ ଅନ୍ଧକାର ବିରୁଦ୍ଧରେ ଅଭିପ୍ରେତ ବୋଲି ମହିମା ଭକ୍ତମାନେ ବିଶ୍ୱାସ କରନ୍ତି। ଅଜ୍ଞାନ ତମସା ଦୂର ପାଇଁ ଜ୍ଞାନର ପ୍ରଦୀପ ପ୍ରଜ୍ୱଳନ ଏହି ଉତ୍ସବକୁ ଅଧିକ ମହତ୍ତ୍ୱପୂର୍ଣ୍ଣ କରି ଗଢି ତୋଳିଥାଏ। ମାଘ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଠାରୁ ଆରମ୍ଭ ହୋଇଥିବା ଯୋରନ୍ଦା ମେଳାର ଦ୍ୱିତୀୟ ଦିବସକୁ ଦେଶ ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ସନ୍ୟାସୀମାନେ ଦେଶପୂର୍ଣ୍ଣିମା ଉପଲକ୍ଷେ ଜଗତ ଓ ଭଗତଙ୍କ ମଙ୍ଗଳ କାମନା କରି ଝାଡ ପ୍ରଜ୍ୱଳନ କରିଥାନ୍ତି ଓ ଘୃତାହୁତି ପ୍ରଦାନ କରନ୍ତି। ଶ୍ରଦ୍ଧାଳୁମାନେ ପୂଣ୍ୟ ଦାୟକ ଝାଡ ଦୀପ ପ୍ରଜ୍ୱଳନ ଦୃଶ୍ୟ ଦର୍ଶନ କରିବା ସହିତ ସାଧୁ ସନ୍ଥଙ୍କ ସାନ୍ନିଧ୍ୟ ଲାଭ କରନ୍ତି । ମହିମା ଭଜନ, ଜଣାଣ, ଖଞ୍ଜଣି ମାଡରେ ପ୍ରକମ୍ପିତ ହୁଏ ମହିମା ଗାଦି । ଅନେକ ନିଜର ପିଲାମାନଙ୍କୁ ସନ୍ୟାସୀଙ୍କୁ ଦାନ କରିବା ଓ ସନ୍ୟାସୀଙ୍କ ଠାରୁ ସନ୍ତାନଙ୍କୁ ଗ୍ରହଣ କରିଥାନ୍ତି । ଧୂନି ଏବଂ ଅଖଣ୍ଡ ବତୀକୁ ମହିମା ଧର୍ମୀମାନେ ଅତି ପବିତ୍ର ବସ୍ତୁଭାବେ ଗ୍ରହଣ କରିଥାନ୍ତି । ଜଗତରେ ପାପ ପ୍ରକ୍ଷାଳନ ନିମିତ୍ତ ମହିମା ସ୍ୱାମୀଙ୍କ ଦ୍ୱାରା ପ୍ରତିଷ୍ଠିତ ଅଖଣ୍ଡ ଧ୍ୱନି ଓ ଅଖଣ୍ଡ ଜ୍ୟୋତି ଆଜି ପର୍ଯ୍ୟନ୍ତ ଏକ ମହତ୍ତ୍ୱପୂର୍ଣ୍ଣ ଦୈବୀ କାର୍ଯ୍ୟ ଭାବରେ ବିଶ୍ୱବାସୀଙ୍କର ଗ୍ରହଣୀୟ ହୋଇପାରିଥିବା ଏହି ଯୋରନ୍ଦା ମହିମାମେଳାରୁ ବାରି ହୋଇପଡୁଛି ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର





ଜଗତସିଂହପୁର(ଭାସ୍କର ନ୍ୟୁଜ): ମଙ୍ଗଳବାର ପୂର୍ବାହ୍ନରେ ଇଣ୍ଟରନେଟ୍ ସୁରକ୍ଷା ଦିବସ ପାଳନ ଅବସରରେ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟ ଠାରେ ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ମୁଖ୍ୟବକ୍ତା ଭାବରେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ସୁଜିତ କୁମାର ବିଶ୍ୱାଳ, ସିଏମଜିଆଇ ଜିଲ୍ଲା ସଂଯୋଜକ ଦେବାଶିଷ ଦାସ, ମହାବିଦ୍ୟାଳୟ ର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ଏହି ଆଲୋଚନା ଚକ୍ରରେ ଶ୍ରୀ ବିଶ୍ୱାଳ ବୃତ୍ତ ଚିତ୍ର ମାଧ୍ୟମରେ ଡିଜିଟାଲ ଆରେଷ୍ଟ, ଡିପ୍ ଫେକ୍, ୟୁପିଆଇ ପେମେଣ୍ଟ ଠକେଇ ସମ୍ପର୍କ ରେ ଅବଗତ କରାଇବା ସହ ଠକେଇରୁ ରକ୍ଷା ପାଇବା ପାଇଁ କି କି ଉପାୟ ଓ କୌଶଳ ଅବଲମ୍ବନ କରିବେ ସେ ବିଷୟ ରେ ଆଲୋଚନା କରିଥିଲେ । ସିଏମଜିଆଇ ଜିଲ୍ଲା ସଂଯୋଜକ ଦେବାଶିଷ ଦାସ ଇଣ୍ଟରନେଟ୍‌ର ସୁରକ୍ଷିତ ବ୍ୟବହାର ବିଷୟ ରେ ଆଲୋଚନା କରିଥିଲେ । ଏଥିସହ ଏକ ସାଇବର ସୁରକ୍ଷା କୁଇଜ୍ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମରେ ଭାଗ ନେଇଥିଲା । ଶେଷରେ କୁଇଜ୍ ପ୍ରତିଯୋଗିତା ରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ନେଟୱର୍କ ଇଞ୍ଜିନିୟର ବିକାଶ ଦାସ, ଜ୍ୟୋତି ରଞ୍ଜନ ଜେନା ଓ ଡ଼ିଆରଏମ ଦେବାଶିଷ ନାୟକ କାର୍ଯ୍ୟକ୍ରମକୁ ସଫଳ ପରିଚାଳନା କରିଥିଲେ ।



### ପାରାଦୀପରେ ରାଜ୍ୟର ପ୍ରଥମ ଆବର୍ଜନାରୁ ଉର୍ଜା ପ୍ରକଳ୍ପର ଭୂମି ପୂଜା

## ବାୟୋଗ୍ୟାସ୍ ପ୍ଲାଣ୍ଟ ଶକ୍ତି ପରିବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବ: ଶିଳ୍ପମନ୍ତ୍ରୀ

ପାରାଦୀପ(ଭାସ୍କର ନ୍ୟୁଜ): ଭାରତୀୟ ସହଯୋଗୀ କମ୍ପାନୀ ଟେକ୍ନିମଣ୍ଟ ପ୍ରାଇଭେଟ ଲିମିଟେଡ୍ (ଟିସିଏମପିଏଲ), ପାରାଦୀପ ପୌରପାଳିକା ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି କର୍ଣ୍ଣାଟକ, ସୁରଥକାଲ (ଏନଆଇଟିକେ) ପକ୍ଷରୁ ଓଡିଶାର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ପାରାଦୀପ ପୌରାଞ୍ଚଳରେ ଏକ ଟନ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଭୂମିପୂଜା ଓ ଶିଳାନ୍ୟାସ ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପାରାଦୀପ ପୌରପାଳିକା ଅଧକ୍ଷ ବସନ୍ତ ବିଶ୍ୱାଳ, ଟେକ୍ନିମଣ୍ଟ ମେୟାର ଗ୍ରୁପର ସିଇଓ ଆଲେସାଣ୍ଡ୍ରୋ ବରନିନିଙ୍କ ସମେତ ଅନ୍ୟାନ୍ୟ ସରକାରୀ ପଦାଧିକାରୀ ଓ କମ୍ପାନୀ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ପ୍ରକଳ୍ପ ନିମନ୍ତେ ଭୂମିପୂଜା ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବାୟୋଗ୍ୟାସ ପ୍ଲାଣ୍ଟ ଟିସିଏମପିଏଲ କର୍ପୋରେଟ ସାମାଜିକ ଦାୟିତ୍ୱ ବୋଧ (ସିଏସଆର) ପ୍ରୟାସ ସମୂହର ଏକ ଅଂଶବିଶେଷ ଏବଂ ଏହା ପାରାଦୀପ ପୌରପାଳିକା, ଜିଲ୍ଲା ପ୍ରଶାସନ ଏବଂ ଏନଆଇଟିକେ ସହଯୋଗରେ ତ୍ରିପାକ୍ଷିକ




ରାଜିନାମା ଅଧୀନରେ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପ ଖାଦ୍ୟ ଓ ପନିପରିବା ବର୍ଜ୍ୟକୁ କଞ୍ଚାମାଲ ଭାବେ ବ୍ୟବହାର କରି ରନ୍ଧନ ଗ୍ୟାସ ଭାବରେ ବ୍ୟବହାର ହେବାକୁ ଥିବା ବାୟୋଗ୍ୟାସ ଉତ୍ପାଦନ କରିବା ନିମନ୍ତେ ଏକ କ୍ଷୁଦ୍ର ସୁବିଧା ସ୍ଥାପନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି, ଯାହାଦ୍ୱାରା ବର୍ଜ୍ୟରୁ ସମ୍ବଳ ସୃଷ୍ଟି ମଧ୍ୟରେ ରହୁଥିବା ଖାଲି ସ୍ଥାନକୁ ସଫଳତାର ସହିତ ପୂରଣ କରିବ । ଏହି ପ୍ଲାଣ୍ଟ ସ୍ଥାନୀୟ ଜନସମୁଦାୟଙ୍କୁ ସେବା ଯୋଗାଇବା ନିମନ୍ତେ ଆଗାମୀ ୧୨ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବା ନେଇ ଆଶା କରାଯାଉଛି । ଏହି ଅବସରରେ ଶିଳ୍ପ ମନ୍ତ୍ରୀ କହିଥିଲେ ଯେ ଏହି ପ୍ରସ୍ତାବିତ ବାୟୋଗ୍ୟାସ ପ୍ଲାଣ୍ଟ ପୌରାଞ୍ଚଳରୁ ନିର୍ଗତ ହେଉଥିବା ବର୍ଜ୍ୟ ଖାଦ୍ୟମାନଙ୍କର ପୁନଃଚକ୍ରଣ କରିବାର ଲକ୍ଷ୍ୟ ରଖାଯିବା ସହ ଏହା ଭୂମିକୁ ପୋତିବା ବୋଝ ହ୍ରାସ କରିବ । ପୌରାଞ୍ଚଳରୁ ପୃଥକୀକରଣ ଜରିଆରେ ବର୍ଜ୍ୟବସ୍ତୁକୁ ସଂଗ୍ରହ କରାଯାଇ ଏକ ଟନ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟରେ ଉପଯୋଗ କରାଯାଇ ସେଥିରୁ ଚୂଡାନ୍ତ ଉତ୍ପାଦ ଆକାରରେ କମ୍ପ୍ରେସଡ଼ ବାୟୋଗ୍ୟାସ ପ୍ରସ୍ତୁତ କରାଯାଇ ଇନ୍ଧନ ଭାବରେ ବ୍ୟବହାର କରାଯିବ ଏବଂ ଏହା ଗୋଷ୍ଠୀ ପାକଶାଳା କୁ ଯୋଗାଇ ଦିଆଯିବ । ଏହାଦ୍ୱାରା ଏକ ଦୀର୍ଘସ୍ଥାୟୀ ଶକ୍ତି ପରିବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଥିଲେ । ସେହିପରି ପୌରାଧକ୍ଷ ବସନ୍ତ ବିଶ୍ୱାଳ ଏହି ପ୍ରକଳ୍ପ ପାରାଦୀପ ପୌରପାଳିକା ଅଧିକାରୀ ଓ କର୍ମଚାରୀଙ୍କର ନିରନ୍ତର ପ୍ରୟାସର ନିଦର୍ଶନ ହୋଇଛି ଏବଂ ଏହି ପ୍ରକଳ୍ପ ଏକ ଆବର୍ତ୍ତୀ ଅର୍ଥନୀତି ପାଇଁ ଉଦାହରଣ ସୃଷ୍ଟି କରିବା ସହିତ ପାରାଦୀପର ସବୁଜ ଶକ୍ତି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ସର୍ବଭାରତୀୟ ଉପ ସଭାପତି ମିଲିନ୍ଦ ବାରିଡେ କହିଥିଲେ ଯେ ଏହି ସୁବିଧା ଆବର୍ତ୍ତୀ, ସାମାଜିକ ଦାୟିତ୍ୱ ନିର୍ବାହ ଏବଂ ଏହା ସେବା ଯୋଗାଉଥିବା ଜନସମୁଦାୟର ଅର୍ଥନୈତିକ ଦୀର୍ଘ ସ୍ଥାୟିତା ପ୍ରତି ମେୟାର ଗ୍ରୁପର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ପ୍ରକଳ୍ପ ସମ୍ପର୍କରେ ଏନଆଇଟିକେ ନିର୍ଦ୍ଦେଶକ ବି.ରବି ମେୟାର ଗ୍ରୁପର ସମର୍ଥନରେ ସୁରଥକାଲ କ୍ୟାମ୍ପସ ଦୀର୍ଘସ୍ଥାୟୀ ପ୍ରୟାସ ସମୂହର ସମ୍ଭାବନା ଅନୁଧ୍ୟାନ ଦିଗରେ ଏନଆଇଟିକେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ନେଇ ସୂଚନା ଦେଇଥିଲେ । ତେବେ ପାରାଦୀପରେ ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ପ୍ରକଳ୍ପ ଅଭିଜ୍ଞତାକୁ ବ୍ୟାପକ ଆକାରରେ ପ୍ରୟୋଗ କରାଯିବା ସହ ଓଡ଼ିଶାର ସବୁଜ ଶକ୍ତି ଲକ୍ଷ୍ୟ କୁ ପୂରଣ କରାଯାଇପାରିବ ଏବଂ ଏହି ପ୍ରକଳ୍ପ ଛାତ୍ରଛାତ୍ରୀ, ଉଦୀୟମାନ ଉଦ୍ୟୋଗୀ ସମୂହ ଏବଂ ଅନ୍ୟ ସଂସ୍ଥାମାନଙ୍କୁ ଅକ୍ଷୟ ଶକ୍ତିର ବିଶାଳ ସାମର୍ଥ୍ୟ ସୁଯୋଗ ନେବା ପାଇଁ ପ୍ରେରଣା ଦେବ ବୋଲି ପ୍ରଫେସର ରବି ଉଲ୍ଲେଖ କରିଥିଲେ ।

### ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମେଳା ଆରମ୍ଭ

## ଜଗତ-ଭଗତ କଲ୍ୟାଣ ଘୃତାହୁତିରେ ସୁବାସିତ ମହିମାଧାମ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମେଳା ମଙ୍ଗଳବାର ବ୍ରାହ୍ମମୁହୂର୍ତ୍ତରୁ ଆରମ୍ଭ ହୋଇଯାଇଛି । ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଛି । ଶ୍ରଦ୍ଧାଳୁଙ୍କର ଗୁରୁ ଅଲେଖ ମହିମା ଧ୍ୱନିରେ ମହିମାଧାମ ପ୍ରକମ୍ପିତ ହୋଇଉଠିଛି । ମାଘ ଶୁକ୍ଳ ପକ୍ଷ ଚତୁର୍ଦ୍ଦରେ ସନ୍ନ୍ୟାସୀମାନେ ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ଗାଦୀ ମନ୍ଦିର ବେଢାରେ ମଙ୍ଗଳବାର ପ୍ରାତ ସାଢେ ୩ଟା ସମୟରେ ବେଢା ପରିକ୍ରମା କରି ଭୋରରୁ ଚତୁର୍ଦ୍ଦଶୀ ନୀତି ଆରମ୍ଭ ହୋଇଥିଲା । ପ୍ରଥମେ ରୁପାଝାଡୁରେ ଗାଦୀ ମନ୍ଦିର ପରିସରରେ ଛେରାପହଁରା କରାଯାଇଥିଲା । ରୁପାଗରାରେ ଜଳ ଆଣି ସିଂଚନ ପରେ ସୁନା ଗିନାରେ ଚନ୍ଦନ ପାଣି ସିଂଚନ କରାଯାଇଥିଲା । ରୂପା ଚାମରରେ ଶୂନ୍ୟବାସୀ ମହିମାସ୍ୱାମୀଙ୍କୁ ଚାମର କରାଯାଇଛି । ସେହିପରି ମଧ୍ୟାହ୍ନ ନୀତି ୧୧ଟା ୧୫ରୁ ଆରମ୍ଭ କରାଯାଇ ଅନୁରୂପ ପୂଜାର୍ଚ୍ଚନା କରାଯାଇଛି । ଅପରାହ୍ନ ୪ଟା ସମୟରେ ତ୍ରିସନ୍ଧ୍ୟା ପୂଜା କରାଯାଇଛି । ଅପରାହ୍ନ ୫ ଟା୨୫ ମିନିଟ୍‌ରେ ମୁଖ୍ୟ ଗାଦୀ ମନ୍ଦିରର ଚାରି ଦ୍ୱାରରେ ଚାରୋଟି ବୃହତ ଝାଡଦୀପ ପ୍ରଜ୍ୱଳିତ କରାଯାଇଥିଲା । ଅଜ୍ଞାନ ଓ ଅନ୍ଧକାର ଦୂରୀଭୂତ କରିବା ପାଇଁ ଝାଡ଼ ପ୍ରଜ୍ୱଳିତ କରାଯିବା ସହ ଜଗତ ଓ ଭଗତଙ୍କ କଲ୍ୟାଣ କାମନା କରି ସେଥିରେ ଘୃତାହୁତି ଦିଆଯାଇଛି । ସେହିପରି ଶୁନ୍ୟମନ୍ଦିରରେ ଗୋଟିଏ ବୃହତ ଝାଡ଼ଦୀପ, ଅଖଣ୍ଡ ବଟି ମନ୍ଦିରରେ ଗୋଟିଏ ଝାଡ଼ଦୀପ, ଅଖଣ୍ଡ ଜ୍ୟୋତି ମନ୍ଦିରରେ ମଧ୍ୟ ଗୋଟିଏ ଝାଡ଼ଦୀପ ପ୍ରଜ୍ୱଳିତ କରାଯାଇଛି । ଧ୍ୱନି ମନ୍ଦିରରେ ପ୍ରଜ୍ୱଳିତ ହେଉଥିବା ଧୂନିରେ ଘୃତାହୁତି ଦିଆଯାଇଛି । ମେଳା ଉପଲକ୍ଷେ ଭଣ୍ଡାର ଘରୁ ସୁନାରୁପାର ଛତ୍ରୀ, ଆଡ଼ଣୀ, ତରାସ, ସୁନା ରୁପୀ ଝାଡୁ ପ୍ରଭୃତି ଯାତ୍ରୀମାନଙ୍କ ଦର୍ଶନ ନିମନ୍ତେ ରଖାଯାଇଛି । ବିଭିନ୍ନ ମଠ ମନ୍ଦିରରେ ଜଣାଣ, ଭଜନ, ଖଞ୍ଜଣୀ ମାଡ଼ରେ ଚଉତିଷା ଆବୃତ୍ତି କରାଯାଉଛି । ଚଳିତ ବର୍ଷ ୨୦ଜଣ ନୂତନ ସନ୍ନ୍ୟାସୀଙ୍କୁ ଡୋର, କୌପିନ୍, ଭେକ ଓ ବାନୀ ଦାନ କରାଯାଇଛ । ରାଜ୍ୟ ଓ ରାଜ୍ୟ ବାହାରୁ ବହୁସଂଖ୍ୟକ ମହିମା ଧର୍ମାବଲମ୍ବୀ ଭକ୍ତମାନଙ୍କର ସମାଗମ ହୋଇଛି । ଯୋରନ୍ଦାମେଳା ଉପଲକ୍ଷେ ଯାତ୍ରୀମାନଙ୍କୁ ନେବାଆଣିବା କରିବା ପାଇଁ ସ୍ୱତନ୍ତ୍ର ଯାନବାହନମାନ ଚଳାଚଳ ହେଉଛି । ମେଳା ଉପଲକ୍ଷେ ବିଭିନ୍ନ ପ୍ରକାର ଉଠାଦୋକାନୀ ସେମାନଙ୍କର ପସରା ମେଲାଇଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତିନିଟି ଅସ୍ଥାୟୀ ଫାଣ୍ଡି କରାଯିବା ସହ ୧୦ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି । ମଙ୍ଗଳବାର ବାବା ପୂର୍ଣ୍ଣମା ଓ ବୁଧବାର ଦେଶପୂର୍ଣ୍ଣମା ନିମନ୍ତେ ଦୁଇତିନି ଦିନ ଧରି ଗାଦି ଓ ଅନ୍ୟାନ୍ୟ ମନ୍ଦିର ଗୁଡିକରେ ଝାଡ ପ୍ରଜ୍ୱଳିତ ହୋଇ ଘୃତାହୂତି ଦେବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲା ପ୍ରଶାସନ ତରଫରୁ ଯାତ୍ରୀଙ୍କ ପାଇଁ ପାନୀୟ ଜଳ ଯୋଗାଣ, ଆଲୋକ ବ୍ୟବସ୍ଥା, ଆଶୁ ଚିକିତ୍ସା କେନ୍ଦ୍ର, ସୂଚନା କେନ୍ଦ୍ର ସମେତ ବହୁ ସରକାରୀ, ବେସରକାରୀ ଓ ପଲିଶ୍ରୀ ମେଳା ଷ୍ଟଲମାନ ଖୋଲାଯାଇଛି ।

## ନିମାପଡା-ପିପିଲି ରାସ୍ତାରେ ଦୁର୍ଘଟଣା, ୬ ଗୁରୁତର



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ପିପିଲି ରାସ୍ତାରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ଜୀବନ ହାନୀ ଘଟିଥିବା ବେଳେ ଦ୍ରୁତ ଗାଡିଚାଳନା କାରଣରୁ ଏପରି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅଭିଯୋଗ କରିଛନ୍ତି । ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟୁଛି । ଭୂଆଁ ଛକ ନିକଟରେ ଥିବା ପୋଲ ଉପରେ ଅଟୋ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ୬ଜଣ ବ୍ୟକ୍ତି ଗୁରୁତର ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି । ନିମାପଡା ଥାନା ପୋଲିସ୍ ଘଟଣାସ୍ଥଳରେ ପହଂଚି ଅଟୋକୁ ଜବତ କରିଥିବା ବେଳେ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି, ସେଠାରେ ଥିବା ଏକ ମିଲରକୁ ଧାନ ଦେବା ପାଇଁ ଶହ ଶହ ଗାଡି ରାସ୍ତା ଅବରୋଧ କରି ଭୁଆଁ ଛକ ନିକଟରେ ଠିଆ ହୋଇଥିବାରୁ ପ୍ରତ୍ୟେକ ଦିନ ଏଠାରେ ଦୁର୍ଘଟଣା ଘଟୁଛି । ମିଲର ବିରୁଦ୍ଧରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି ।

## ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ଭତ୍ତା ପ୍ରଦାନ




ପୁରୀ (ଭାସ୍କର ନ୍ୟୁଜ) : ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ପାଳିତ ହୋଇଛି । ବୈଠକରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ସୁନିଲ୍ କୁମାର ମହାନ୍ତି, ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଯୋଗଦେଇଥିଲେ । ବୈଠକର ଅତିଥି ଭାବରେ ଜିଲ୍ଲା ଶ୍ରମ କମିସନର, ଜିଲ୍ଲା ଶ୍ରମ ଅଧିକାରୀ ପ୍ରଜ୍ଞା ମ୍ୟାଡାମ୍ ସ୍ୱାଗତ ଭାଷଣ ଦେଇଥିଲେ । ବୈଠକକୁ ଜିଲ୍ଲାରୁ ୯୮୬ଜଣ ହିତାଧିକାରୀଙ୍କୁ ଡେମୋ ମାଧ୍ୟମରେ ଚେକ୍ ପ୍ରଦାନ କରାଯାଇଅଛି । ଉକ୍ତ ଭତ୍ତାରେ ଯଥା ମୃତ୍ୟୁକାଳିନ ଭତ୍ତା, ଶିକ୍ଷା, ଝିଅମାନଙ୍କର ବିବାହ କରିବାପାଇଁ ସହାୟତାଭତ୍ତା, ପ୍ରସୁତି କାଳୀନଭତ୍ତା ପ୍ରଦନା କରାଯାଇଥିଲା । ପୁରୀ ଜିଲ୍ଲାରେ ରେଜିଷ୍ଟ୍ରେସନ କରିଥିବା ଅଣକୁଶଳୀସଂଗଠନ ୧ଲକ୍ଷ ୬୦ ହଜାରର ରେଜିଷ୍ଟ୍ରେସନ କରିଛନ୍ତି, ଏବଂ ୧୧,୦୦୦କୁଶଳୀ ସଂଗଠନ ରେଜିଷ୍ଟ୍ରେସନ କରିଛନ୍ତି । ମୋଟ ୯୮୬ଜଣ ହିତାଧିକାରୀ ମଧ୍ୟରୁ ମୃତ୍ୟୁକାଳୀନ ଭତ୍ତା ସେବତୀ ଭୋଇ ୩ଲକ୍ଷ ୫ହଜାର ଟଙ୍କା, ପାର୍ବତୀ ପ୍ରଧାନ ୨ଲକ୍ଷ ୫ହଜାର, ପ୍ରକାଶଚନ୍ଦ୍ର ସେଠୀ, ଲକ୍ଷ୍ମୀଧର ମହାନ୍ତି, ରବିନାରାୟଣ ମହାପାତ୍ରଙ୍କୁ ମୃତ୍ୟୁକାଳିନ ଭତ୍ତା ମୁଖ୍ୟ ଅତିଥିଙ୍କଠାରୁ ଡେମୋ ଚେକ୍ ଗ୍ରହଣ କରିଥିଲେ । ବିବାହ ଭତ୍ତା ଝିଅଙ୍କ ପାଇଁ ମହେଶ୍ୱର ସାହୁ ୫୦ ହଜାର ଓ ରଘୁନାଥ ମହାନ୍ତିଙ୍କୁ ଡେମୋ ଚେକ୍ ଦିଆଯାଇଥିଲା । ଶିକ୍ଷା ମାଧ୍ୟମରେ ପିଲାଙ୍କର ଶିକ୍ଷକତା ଗଦାଧର ପ୍ରଧାନ ୪୦ ହଜାର, ମଞ୍ଜୁଲତା ରାଉତ ୪୦ ହଜାର, ଭାଗ୍ୟଧର ସାହୁ ୪୦ହଜାର ଲେଖାଏଁ ଡେମୋ ଚେକ୍ ପ୍ରଦାନ କରାଯାଇଥିଲା । ମୋଟ ହିତାଧିକାରୀଙ୍କର ଭତ୍ତା ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ଯିବ । ମୁଖ୍ୟ ଅତିଥି ବିଧାୟକ ସୁନିଲ୍ ମହାନ୍ତି କହିଲେ ଯେ, ଯଦି ପ୍ରତ୍ୟେକ ବ୍ଲକରେ ଯଦି ଏହି କର୍ମଶାଳା ହେବା ପାଇଁ ବର୍ଷକରେ ୪ ଥର ଲେଖାଏଁ କର୍ମଶାଳା ସ୍ଥାନୀୟ ଜନପ୍ରତିନିଧିଙ୍କୁ ନେଲେ ଭଲ ହୁଅନ୍ତା ବୋଲି ସେ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶରତଚନ୍ଦ୍ର ବେହେରା କହିଲେ ଯେ ସରକାରଙ୍କ ଯାହା ଯାହା ଯୋଜନା ଅଛି ତାକୁ ଆମେ କାର୍ଯ୍ୟ କରିବା ଏବଂ ଲୋକମାନଙ୍କ ପାଖରେ ସଫଳ କାର୍ଯ୍ୟ ପହଞ୍ଚାଇବା ପାଇଁ ପ୍ରଶାସନକୁ ପରାମର୍ଶ ଦେଉଥିଲେ । ବୈଠକରେ ଜିଲ୍ଲା ଶ୍ରମ କମିସନର ଚୌଧୁରୀ ପ୍ରତାପ ଜେନା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତଚନ୍ଦ୍ର ବେହେରା, ଜିଲ୍ଲା ଶ୍ରମ ଅଧିକାରୀ ପ୍ରଜ୍ଞା ମ୍ୟାଡାମ୍ ଓ ଅତିରିକ୍ତ ଶ୍ରମ ଅଧିକାରୀଙ୍କ ସମେତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ଯୋଗଦେଇଥିଲେ, ଶେଷରେ ଶ୍ରମଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### 'ଓଡିଶା ଭାସ୍କର' ପ୍ରଭାବ

## ଭିଜିଲାନ୍ସ ପଞ୍ଝାରେ ପୂର୍ବତନ ତହସିଲଦାର୍



ନିଆଳି(ଭାସ୍କର ନ୍ୟୁଜ): ନିଆଳିର ପୂର୍ବତନ ବିଦ୍ୟାଧର ପତି କ୍ଷମତା ବଳରେ ପାଲଟିଥିଲେ ଅର୍ଥ ଲୋଭି । ଅସତ ଉପାୟରେ ଟଙ୍କା ଉପାର୍ଜନ ପାଇଁ ବାବୁ କରିଥିଲେ ଦିନରାତି ଏକ । ଉପରିସ୍ଥ ଅଧିକାରୀଙ୍କୁ ଖୁସି କରି ତତ୍କାଳୀନ ସମୟରେ ନିଆଳିରୁ ୧୦ରୁ ଉର୍ଦ୍ଧ ବାଲିଘାଟ, ୫୦ରୁ ଉର୍ଦ୍ଧ ଇଟାଭାଟି ମାଲିକ, ମାଟିମାଫିଆ, ଗୋଚର ଜମି ଓ ନଦୀଶଯ୍ୟାକୁ ବି ଛାଡିନଥିଲେ ବାବୁ । ଯିଏ ଯେତେ ଲୁଟୁଛ ଲୁଟ ମତେ ଦରକାର ନୋଟ । ଏମିତିକି ସବ୍ ରେଜିଷ୍ଟ୍ରର ଅଫିସ ଓ ଡାକ ବଙ୍ଗଳା ଭଳି ରାସ୍ତା ଉପରେ ଦୋକାନ ଗୃହ କରି ମାସିକିଆ ଘରଭଡା ଆଦାୟ କରାଯାଉଥିବା ବେଳେ ବାବୁ ନେଉନଥିଲେ କାର୍ଯ୍ୟାନୁଷ୍ଠାନ । ଏମିତିକି ରାସ୍ତା ପାର୍ଶ୍ୱରେ ଥିବା ନୟନ ଜୋରି ଓ ତେଲଜୋରୀ ଭଳି ରାସ୍ତା ପାର୍ଶ୍ୱରେ ଥିବା ଜାଗାକୁ ବାବୁଙ୍କ ସମୟରେ ବିଲଡର୍ସ ଓ ସ୍ଥାନୀୟ ଅଞ୍ଚଳର ଜମି ଦଲାଲ ମାନଙ୍କୁ ଅର୍ଥ ନେଇ ପରୋକ୍ଷରେ କରୁଥିଲେ ସାହାଯ୍ୟ । ଏହି ଖବର 'ଓଡିଶା ଭାସ୍କର'ରେ ୨୧. ୨. ୨୦୨୨ରେ ଖବର ପ୍ରସାରଣ କରାଯାଇଥିଲା । ବାବୁ ଖବର ପ୍ରସାରଣ କରିଥିବା ଶରତ ସାହୁଙ୍କୁ ଦେଇଥିଲେ ଖୋଲା ଧମକ । ଯାହାକୁ ନେଇ ଲଗାତର 'ଓଡିଶା ଭାସ୍କର' ଖବର ପ୍ରସାରଣ କରିଥିଲା । ଏବେ ବାବୁଙ୍କର ଅସଲ ଚେହେରା ପଦାରେ ପଡିଛି । କୋଟି କୋଟି ଟଙ୍କା ଅସତ ଉପାୟରେ ଅର୍ଜନ କରି ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଟକ ଅଛନ୍ତି । ନିଆଳି ତହସିଲଦାର ଥିଲାବେଳେ ଫଳ ଦୋକାନୀ, ମାଛ, ମାଂସ ଦୋକାନୀ ଏମିତିକି ଜଳଖିଆ ଦୋକାନରୁ ବାବୁ ନେଉଥିଲେ ମାସିକିଆ ଚାନ୍ଦା ଶହ ବିଭିନ୍ନ ସାମଗ୍ରୀ । ଏବେ ବାବୁ ଭିଜିଲାନ୍ସ ହାବୁଡ଼ରେ ପଡି ସର୍ବସ୍ୱାନ୍ତ ହେଇଛନ୍ତି । ଜେଲଯିବା ପାଇଁ ପୁରା ପ୍ରସ୍ତୁତ କରୁଛି ଭିଜିଲାନ୍ସ ବିଭାଗ ।

### ବ୍ଲକ୍‌ସ୍ତରୀୟ ହିସାବ ରକ୍ଷକ, ଏମ୍‌ଆଇଏସ୍ ଚାକିରି ସ୍ଥାୟୀ ଦାବି

## କର୍ମଚାରୀ ଆନ୍ଦୋଳନରେ ବ୍ୟସ୍ତ, ଦରମା ନପାଇ ଶିକ୍ଷକ ହତାଶ

ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ସ୍ତରୀୟ ହିସାବ ରକ୍ଷକ ଓ ଏମ୍‌ଆଇଏସ୍ ସଂଯୋଜକ ଠିକା କର୍ମଚାରୀଙ୍କ ଚାକିରି ସ୍ଥାୟୀ କରିବା ସହ ରାଜ୍ୟ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରିବା ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯାଇଛି । ଏଥି ପାଇଁ ଗତ ଜାନୁଆରୀ ୨୯ ତାରିଖରୁ ମିଳିତ ବ୍ଲକସ୍ତରୀୟ ହିସାବ ରକ୍ଷକ ଓ ଏମଆଇଏସ ସଂଯୋଜକ ଠିକା କର୍ମଚାରୀ ମାନେ ଭୁବନେଶ୍ୱର ଲୋୟର ପିଏମଜିଠାରେ ଆନ୍ଦୋଳନ ଚଳାଇଛନ୍ତି । ଫଳରେ ଶିକ୍ଷକମାନେ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି । ଭୁବନ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ହିସାବ ରକ୍ଷକ ଭାବେ କାର୍ଯ୍ୟ କରୁଥିବା ୩ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଏହି ବ୍ଲକର ୧୧୮ ପ୍ରାଥମିକ ଶିକ୍ଷକ ସେମାନଙ୍କ ଦରମା ପାଇପାରୁନାହାନ୍ତି । ହିସାବ ରକ୍ଷକ,ଏମଆଇଏସ କର୍ମଚାରୀଙ୍କ ମୁଖ୍ୟ ଦାବି ହେଉଛି ଚାକିରୀ ସ୍ଥାୟୀ, ସପ୍ତମ ବେତନ କମିଶନ ଆଧାରରେ ଦରମା,୨୫ ପ୍ରତିଶତ ଇପି ଏଫ୍ କଟାଯିବା ବଦଳରେ ୧୨ ପ୍ରତିଶତ କଟାଯିବା ଓ ସରକାର ୧୩ ପ୍ରତିଶତ ଡିପୋଜିଟ ଦେବା, ରାଜ୍ୟ ଓ ଜିଲ୍ଲା ସ୍ତରରେ ଓସେପା କର୍ମଚାରୀ ଭାବେ ପାଉଥିବା ଦରମା ବ୍ଲକସ୍ତରରେ ଲାଗୁ କରାଯିବା, ସମାନ କାମକୁ ସମାନ ଦରମା ପ୍ରଦାନ କରିବା ଇତ୍ୟାଦି ରହିଛି । ଏ ସମ୍ପର୍କରେ ରାଜ୍ୟ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଚିଠି ନଂ ୨୫/୨୦୨୫ ତା ୬.୨.୨୦୨୫ରେ କମିଶନର ତଥା ସଚିବଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ବିଧାୟକ ମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ଦାବି ପୂରଣ ପାଇଁ ନିବେଦନ କରୁଛନ୍ତି । ଏହି କ୍ରମରେ ଭୁବନ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ୩ ହିସାବ ରକ୍ଷକ ଉତ୍କଳ କୁମାର ସାହୁ, ମୋହନ ନାୟକ ଓ ସନ୍ତୋଷ ସାହୁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ ସହ ଆସନ୍ତା ୧୩ରୁ ଆରମ୍ଭ ହେଉଥିବା ବିଧାନସଭା ଅଧିବେଶନରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରି ସମସ୍ୟା ସମାଧାନ କରିବାକୁ ନିବେଦନ କରିଥିଲେ । ବିଧାୟକ ଶ୍ରୀ ଜେନା ନିଶ୍ଚିତ ଭାବେ ସମସ୍ୟା ସମାଧାନ ହେବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ ।



## ନିମାପଡାରୁ ହଟିବେ ବାଂଲାଦେଶୀ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରୁ ବିଦାହେବେ ବାଂଲାଦେଶୀ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଆରମ୍ଭ କଲେ ତଦନ୍ତ । ବାଂଲାଦେଶୀ ନିମାପଡାରେ ରହି ବସ୍ତି ବଢାଇ ଚାଲିଥିବା ବେଳେ ବିଭିନ୍ନ ଅପରାଧିକ କାର୍ଯ୍ୟରେ ଜଡିତ ରହିବା ସହ ଅନୈତିକ କାର୍ଯ୍ୟ ଚଳାଇଛନ୍ତି । ଧଳା ଜହର କାରବାରରେ ମୁଖ୍ୟ କାର୍ପଟଦାର ଏହି ବାଂଲାଦେଶୀ ହୋଇଥିବା କୁହାଯାଉଛି । ବିଭିନ୍ନ ଲୋକଙ୍କର ଘରକାମ କରିବା ବାହାନାରେ ଘର ଠାବ କରି ଲୁଟପାଟ କରୁଥିବା ନଜିର ରହିଛି । ଚାରିଆଡେ ବାଂଲାଦେଶୀ ହଟାଅ ଦାବୀ ହେଉଥିବା ବେଳେ ନିମାପଡାରେ ଥିବା ସମସ୍ତ ବାଂଲାଦେଶୀଙ୍କୁ ବିଦା କରାଯିବ । ଗୋଲେଇ ଛକ ନିକଟରେ ଜଣେ ବ୍ୟକ୍ତି ବାଂଲାଦେଶୀମାନଙ୍କୁ ଘର କରବା ପାଇଁ ଜାଗା ଦେଇଥିବା ବେଳେ ସେଠାରେ ଝୋପଡି ଘର ନିର୍ମାଣ କରି ବସ୍ତି ବଢାଇବାରେ ଲାଗିଛନ୍ତି । ଅନେକ ସରକାରୀ ଜାଗାକୁ ବାଂଲାଦେଶୀମାନେ ଜୋର ଜବରଦସ୍ତ ଦଖଲ କରି ବସ୍ତି କରି ରହିଛନ୍ତି । ଅନେକ ବ୍ୟକ୍ତି ନିମାପଡାରେ ବଂଲାଦେଶୀଙ୍କ ଘରଭଡା ଦେଇ ମୋଟା ଅଙ୍କ ହାତଉଥିବା ପ୍ରାପ୍ତ ସୂଚନାରୁ ଜଣାପଡିଛି । ସୂଚନା ଅନୁଯାୟୀ ଓଡିଶାରୁ ବାଂଲାଦେଶୀ ହଟାଅ ନାରା ଦିଆଯାଇଥିବା ବେଳେ ନିମାପଡାରେ ଦୀର୍ଘ ବର୍ଷ ହେବ ରହିଆସୁଛନ୍ତି । ଯାହାକୁ ନେଇ ପ୍ରତିବାଦର ସ୍ୱାର ବେଳକୁ ବେଳ ତୀବ୍ର ହେବାରେ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ବସନ୍ତ କୁମାର ହାତୀ, ଅତିରିକ୍ତ ତହସିଲଦାର ନିରଂଜନ ନାୟକ ରାଜସ୍ୱ ନିରୀକ୍ଷକ ଓ ପରିଦର୍ଶକ ମାନେ ନିମାପଡାର ବିଭିନ୍ନ ଅଞ୍ଚଳ ବୁଲି ବାଂଶଦେଶୀଙ୍କୁ ନିମାପଡା ଛାଡିବା ଚେତାବନୀ ଦେଇଛନ୍ତି । ଏଠାରେ ଏକ ବସ୍ତି କରି ଅନେକ ସମୟରେ ଅପରାଧିକ କାର୍ଯ୍ୟ କରୁଥିବା ବେଳେ ନିମାପଡାର ମାନ ସମ୍ମାନ ଉପରେ ଆଘାତ ଦେଉଛି । କୁଶଭଦ୍ରା ନଦୀବନ୍ଧ ସିଦ୍ଧେଶ୍ୱର ମହୋଦବଙ୍କ ମନ୍ଦିରରୁ ନଦୀ ପୋଲ ପର୍ଯ୍ୟନ୍ତ ରାତି ଅଧରେ ବାଂଲାଦେଶୀମାନଙ୍କର ଗହଳି ଲାଗୁଛି । ଅନେକ ବାଂଲାଦେଶୀ ବଂଗାଳୀ ମିସ୍ତ୍ରୀ ନାମରେ ପରିଚୟ ଦେଇ ନିମାପଡା ବିଜ୍ଞାପିତ ପରିଷଦରେ ଅସ୍ଥାନ ଜମାଇ ରହିଛନ୍ତି । ଅନେକ ସମୟରେ ଏହି ବାଂଲାଦେଶୀମାନେ ବିଭିନ୍ନ କଲୋନୀ ବୁଲି ବଡବଡିଆଙ୍କ ଘର ଠାବ କରି ଲୁଟପାଟ କରୁଥିବା ଅଭିଯୋଗ ହୋଇଛି । ପ୍ରଶାସନର ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସ୍ୱାଗତ ଜଣାଇଛନ୍ତି ।

## ପାରାଦୀପ ଇଫ୍‌କୋ ୟୁନିଟ୍‌ର ଅପାତକାଳୀନ ସଚେତନତା




ପାରାଦୀପ(ଭାସ୍କର ନ୍ୟୁଜ): ଇଫକୋ ପାରାଦୀପ ୟୁନିଟ ତାର କର୍ମଚାରୀ, ଶ୍ରମିକ, କମ୍ପାନୀରେ କାର୍ଯ୍ୟ କରୁଥିବା ଠିକାସଂସ୍ଥା ସମେତ ପାରିପାର୍ଶ୍ୱିକ ଗ୍ରାମ ଓ ଜନସାଧାରଣଙ୍କୁ ଆପତକାଳୀନ ବିପର୍ଯ୍ୟୟ ଓ ଆମୋନିଆ ଗ୍ୟାସ ଲିକେଜ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରିଆସୁଛି । ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଏବଂ ଜିଲ୍ଲା ଆପତକାଳୀନ ନିଷ୍ପତ୍ତି କ୍ରମେ ଇଫକୋ ପକ୍ଷରୁ ଏକ ଆମୋନିଆ ଗ୍ୟାସ ଲିକେଜ, ଗୃହ ସୁରକ୍ଷା, ଅଗ୍ନିକାଣ୍ଡ ଓ ସଡ଼କ ସୁରକ୍ଷା ସତର୍କତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଭୁତମୁଣ୍ଡାଇସ୍ଥିତ ଭୂତେଶ୍ୱର ମନ୍ଦିର ପରିସରରେ ସୋମବାର ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସରପଞ୍ଚ, କୃଷକ ସାଥୀ, ଗ୍ରାମବାସୀ, ଏସଏଚଜି ସଦସ୍ୟ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି ସଦସ୍ୟଙ୍କ ସମେତ ପ୍ରାୟ ୩ ଶହରୁ ଉର୍ଦ୍ଧ ଅଂଶଗ୍ରହଣକାରୀ ଉତ୍ସାହର ସହ ଭାଗ ନେଇଥିଲେ । ଏଥିରେ ସମସ୍ତଙ୍କୁ ଆମୋନିଆ ନିର୍ଗତ ସମୟରେ ପ୍ରତିଷେଧକମୂଳକ ବ୍ୟବସ୍ଥା ସମ୍ପର୍କିତ ସଚେତନତା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା । ଏହି ଅବସରରେ ଇଫକୋ କୋଅର୍ଡିନେଟର ଅଧକ୍ଷ କୁଳମଣି ମାଝୀ, ଇଫ୍‌କୋ ଏଫ୍ ଆଣ୍ଡ ଏସ୍‌ର ଉପପ୍ରବନ୍ଧକ ଏମ୍.ଆର.ନାୟକ, ପି.ସି.ବିଶ୍ୱାଳ ଏବଂ ଏ.କେ.ଜେନା ଗ୍ୟାସ୍ ଲିକେଜ୍ ଏବଂ ଅନ୍ୟ ଜରୁରିକାଳୀନ ପରିସ୍ଥିତିରେ କିପରି ସତର୍କତା ଅବଲମ୍ବନ କରାଯିବ ସେ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ ।

## ପୂର୍ବତନ ଉପନଗରପାଳଙ୍କ ବିୟୋଗରେ ଶୋକସଭା



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଉପନଗରପାଳ ହୃଦାନନ୍ଦ ମହାରଣା ଗତ ଶନିବାର ମଧ୍ୟାହ୍ନ ୧୨.୩୦ ଘଟିକା ସମୟରେ ଇହଲୀଳା ସମ୍ବରଣ କରିଛନ୍ତି । ତାଙ୍କ ଅବର୍ତ୍ତମାନରେ ସୋମବାର ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ସମେତ ସମସ୍ତ କର୍ମଚାରୀ, କାଉନସିଲର, ସ୍ୱଚ୍ଛ ସାଥି ଓ ସୁପରଭାଇଜର ଏକତ୍ରିତ ହୋଇ ଗଭୀର ଶୋକ ପ୍ରକାଶ କରିଥିଲେ । ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## ସିନର୍ଜୀ କଲେଜର ୨୫ତମ ବାର୍ଷିକ ଉତ୍ସବ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ସହର ଉପକଣ୍ଠ କଂଟାନାଳିଠାରେ ଥିବା ସିନର୍ଜୀ ବୈଷୟିକ ମହାବିଦ୍ୟାଳୟର ୨୫ତମ ବାର୍ଷିକ ଉତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି । ୪ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବର ଉଦ୍‌ଘାଟନି ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡିୟର ରାଜା କାମାକ୍ଷା ପ୍ରସାଦ ସିଂହଦେଓ ମହେନ୍ଦ୍ର ବାହାଦୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠନିକ ଭାବେ ୨୫ତମ ବାର୍ଷିକ ଉତ୍ସବର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ଅମିୟ କୁମାର ରଥ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ କଲେଜର ନିର୍ଦ୍ଦେଶକ ଡ. ପି. କେ ନାୟକ, ଡ. ଇତିଶ୍ରୀ ମହାନ୍ତି, ରାଣୀ ସାବିତ୍ରୀ ଦେବୀ ଓ ଟ୍ରଷ୍ଟି ଅନିତା ପାଢୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନେ ଉତ୍ତମ ବ୍ୟବହାର ଓ ପାଠ୍ୟକ୍ରମ ଦ୍ୱାରା ଉଚ୍ଚ କ୍ଷମତା ହାସଲ କରିବା ସମ୍ଭବ ହୋଇପାରିବ ବୋଲି କହିଥିଲେ । ଛାତ୍ରଛାତ୍ରୀମାନେ ଶିକ୍ଷାର ମୁଲ୍ୟକୁ ବୁଝି ନିଜକୁ ଗଢିତୋଳିବାର ପ୍ରୟାସ ରଖିଲେ ସମାଜରେ ନିଜକୁ ପ୍ରତିଷ୍ଠିତ କରାଇ ପାରିବେ । ଏଥିପାଇଁ ପ୍ରଘାଡ ନିଷ୍ଠା ଓ ଦୃଢ ମନୋବଳ ନିତ୍ୟାନ୍ତ ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ । କାର୍ଯ୍ୟକ୍ରମକୁ ଶ୍ରେୟା ନାୟକ ଓ ତୁଶାର ମିଶ୍ର ସଂଯୋଜନା କରିଥିଲେ । ଛାତ୍ର ସଂପାଦକ ସୁବ୍ରତ ସିଂ ମଞ୍ଚାସୀନ ଥିଲେ ।

## ସାନ୍ତାଳୀ ସ୍ୱାଧୀନତା ସଂଗ୍ରାମୀ ତିଲିକା ମାଝୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଦାବି



ବାରିପଦା(ଭାସ୍କର ନ୍ୟୁଜ): ଭାରତର ପ୍ରଥମ ଆଦିବାସୀ ସାନ୍ତାଳୀ ସ୍ୱାଧିନତା ସଂଗ୍ରାମୀ ବାବା ତିଲକା ମାଝୀଙ୍କ ଏକ ପ୍ରତିମୁର୍ତ୍ତି ବାରିପଦା ପୌରପାଳିକା ଅଞ୍ଚଳର ମୁର୍ଗାବାଡି ଗୋଲେଇ ଠାରେ ସ୍ଥାପନ କରାଯିବା ନିମନ୍ତେ ଏକ ସ୍ମାରକପତ୍ର ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦା ମହାନ୍ତି (ବାଦଲ)ଙ୍କୁ ପ୍ରଦାନ କରାଯାଇଛି । ୧୧ ଫେବୃଆରୀ ୧୭୫୦ ମସିହା ବିହାର ସୁଲତାନଗଂଜ ଜନ୍ମିତ ବାବା ତିଲକା ମାଝୀ ଇଂରେଜମାନଙ୍କ ଶୋଷଣ ଓ ଅତ୍ୟାଚାର ବିରୋଧରେ ୧୭୭୧ ମସିହାରୁ ୧୭୮୪ ମସିହା ପର୍ଯ୍ୟନ୍ତ ଇଂରେଜ ମାନଙ୍କ ବିରୋଧରେ ଲଢେଇ କରି ଦେଶ ପାଇଁ, ଜାତି ପାଇଁ, ସମାଜ ପାଇଁ, ୩୪ ବର୍ଷ ବୟସରେ ସହିଦ ହୋଇଥିଲେ । ବାବା ତିଲକା ମାଝୀ ହେଉଛନ୍ତି ଭାରତର ପ୍ରଥମ ଆଦିବାସୀ ସାନ୍ତାଳୀ ସ୍ୱାଧିନତା ସଂଗ୍ରାମୀ ଅଟନ୍ତି । ୧୧ ଫେବୃଆରୀ ତାଙ୍କର ଜୟନ୍ତୀକୁ ଆଦିବାସୀ ସାନ୍ତାଳୀ ମାନେ ମାଝୀ ପାର୍ଗାନା, ସାହସୀ ଦିବସ ରୂପେ ପାଳନ କରନ୍ତି । ତେଣୁ ତାଙ୍କୁ ସମ୍ମାନାର୍ଥେ ବାରିପଦା ପୌରପାଳିକା ଅଞ୍ଚଳର ମୁର୍ଗାବାଡି ଗୋଲେଇ ଠାରେ ଏକ ପ୍ରତିମୁର୍ତ୍ତି ବାରିପଦା ପୌରପାଳିକା ତରଫରୁ କରାଯାଉ ବୋଲି ବାରିପଦା ନଗରପାଳ କୃଷ୍ଣାନନ୍ଦା ମହାନ୍ତିଙ୍କୁ ନିବେଦନ କରାଯାଇଛି । ଦାବିପତ୍ର ପ୍ରଦାନ ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ସହିତ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ନାରାୟଣ ମୁର୍ମୁ, ଛାତ୍ରନେତା ଅବିନାଶ ମାରାଣ୍ଡି, ବାରିପଦା ଉପଖଣ୍ଡ ସଭାପତି ଶଙ୍କର ବାସ୍କେ, ବିଶୁ ମୁର୍ମୁ, ଭୀମ ଚରଣ ଟୁଡୁ ପପୁ ପ୍ରମୁଖ ସାମିଲ ଥିଲେ ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଓ ସ୍ପେଶିଆଲ୍ ଇକୋନୋମିକ୍ ଜୋନ୍‌ର ଦୁଇଦିନିଆ କନ୍‌କ୍ଲେଭ୍ 'ଅରୁଣିମା ୨୦୨୫'




ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ଓ ଟାଟା ଷ୍ଟିଲ୍ ସ୍ପେସିଆଲ୍ ଇକୋନମିକ୍ ଜୋନ୍ (ଟିଏସ୍‌ଏସ୍‌ଇଜେଡ୍) ଦ୍ୱାରା 'ଅରୁଣିମା ୨୦୨୫' ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ରେ ଆୟୋଜିତ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି, ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଥିଲେ କ୍ଷ କନ୍‌କ୍ଲେଭ୍‌ର ପ୍ରଥମ ଦିନରେ ଜ୍ୟୋତି ଫେଲୋସିପ୍ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରସାୟର ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଫେଲୋସିପ୍ ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ୭ମ ଶ୍ରେଣୀ ଓ ସ୍ନାତକ ପ୍ରଥମ ବର୍ଷର ୩୫୦ ନୂଆ ଛାତ୍ରଛାତ୍ରୀଙ୍କ ସମେତ ମୋଟ ୭୪୫ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଉଚ୍ଚ ଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାରେ ମୋଟ ୭୩ ଲକ୍ଷ୍ୟ ଟଙ୍କା ସିଧାସଳଖ ଜମା କରାଯାଇଥିଲା । ମନଦେଇ ପାଠପଢିବା ସହିତ କ୍ୟାରିଅରକୁ ଗୁରୁତ୍ୱ ଦେଇ ଦେଶର ନାମ ରଖିବାକୁ ପିଲାମାନଙ୍କୁ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପରାମର୍ଶ ଦେଇଥିଲେ । ସେହିଭଳି ଟାଟା ଷ୍ଟିଲ୍ ସ୍ପେସିଆଲ୍ ଇକୋନମିକ୍ ଜୋନ୍ (ଟିଏସ୍‌ଏସ୍‌ଇଜେଡ୍)ର ଏମ୍‌ଡି ମଣିକାନ୍ତ ନାୟକ ଉପସ୍ଥିତ ରହି ଆଗାମୀ ଦିନରେ ଟାଟା ଷ୍ଟିଲ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଓ ଜୀବିକା କ୍ଷେତ୍ରରେ ତାର କାର୍ଯ୍ୟ ଜାରି ରଖିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ସିଏସ୍‌ଆର୍ ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ । କନ୍‌କ୍ଲେଭ୍‌ର ଉଦ୍‌ଘାଟନୀ ଦିବସରେ ଶିକ୍ଷା, ମହିଳା ସଶକ୍ତୀକରଣ ଓ ବିପର୍ଯ୍ୟୟ ବିପଦ ହ୍ରାସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଦୁଇଦିନିଆ କନ୍‌କ୍ଲେଭ୍‌ର ବିଷୟବସ୍ତୁ ଥିଲା ବିପର୍ଯ୍ୟୟ ବିପଦ ହ୍ରାସ ଜରିଆରେ ଜଳବାୟୁ ସହନଶୀଳତାର ଏକ ସଂସ୍କୃତି ଗଠନ କରିବା । ଦିନର ଦ୍ୱିତୀୟ ଭାଗରେ ମହିଳା ସଶକ୍ତିକରଣ, ଉଦ୍ୟୋଗୀତା, ଲିଙ୍ଗଗତ ବର୍ଣ୍ଣନା ଏବଂ ନେତୃତ୍ୱ ଉପରେ ଆଲୋଚନା ହୋଇଥିଲା । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକର ଛୋଟ ଝିଅମାନଙ୍କ ସମେତ ପ୍ରାୟ ୩୦୦ ମହିଳା ଏଥିରେ ସାମିଲ ହୋଇଥିଲେ । ସେମାନଙ୍କର ଆର୍ଥିକ ଏବଂ ସାମାଜିକ ବିକାଶରେ ଭୂମିକା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଉଦ୍ୟୋଗ ବିକାଶ, ଲିଙ୍ଗ ଅଧିକାର ସଚେତନତା, ଏବଂ ନେତୃତ୍ୱ ପ୍ରଶିକ୍ଷଣ ଉପରେ ଆଧାରିତ ଆଲୋଚନାରେ ସକ୍ରିୟ ଭାବରେ ସେମାନେ ଭାଗ ନେଇଥିଲେ । ଡଃ ରତ୍ନା ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପିକା, ଡଃ ସସ୍ମିତା ବେହେରା, ବିଭାଗ ମୁଖ୍ୟ, ଗୃହ ବିଜ୍ଞାନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏହି ଅବସରରେ ଉପସ୍ଥିତ ଥିଲେ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ମଙ୍ଗଳବାର ୧୧ ଫେବୃଆରୀରେ ଏକ କୃଷକ-ବିଜ୍ଞାନୀ ସମ୍ମିଳନୀ ସହିତ ସମାପ୍ତ ହେବ ଯେଉଁଠାରେ ଜଳବାୟୁ ସହନଶୀଳ କୃଷି ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯିବ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ସ୍ଥିତ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଉଚ୍ଚବିଦ୍ୟାଳୟର ୨୦୦୯ ବ୍ୟାଚ ଛାତ୍ରଛାତ୍ରୀ ମାନଙ୍କର ଏକ ବନ୍ଧୁମିଳନ ସମାରୋହ ସ୍ଥାନୀୟ ଗୋରେଖନାଥ ପୀଠରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ରେବତୀ ନନ୍ଦନ ପତି, କସ୍ତୁରୀ ଚରଣ ପ୍ରଧାନ, ପ୍ରଭାକର ଆଚାର୍ଯ୍ୟ, ଦିବାକର ପ୍ରଧାନ, ଉତ୍ତମ ସ୍ୱାଇଁ, ତାହିରା ମାଡାମ, କର୍ମଚାରୀ ହୃଷିକେଶ ସାମଲ, କୁନାଭାଇ ଓ କୁଞ୍ଜ ଅପାଙ୍କୁ ସ୍ୱାଗତ କରାଯାଇଥିଲା । ରାଜେନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଗୁରୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ପୂର୍ବକ ଏକ ଭକ୍ତିଭାବ ପରିବେଶରେ ପରିଣତ ହୋଇଥିଲା । ବନ୍ଧୁମିଳନ କାର୍ଯ୍ୟକ୍ରମ ହିଁ ଛାତ୍ରଛାତ୍ରୀ ଓ ଗୁରୁଜୀଙ୍କ ପବିତ୍ର ସମ୍ପର୍କକୁ ଜୀବନଭରି ଉଜ୍ଜୀବିତ କରିପାରିବ ବୋଲି ଗୁରୁଜୀମାନେ ମତବ୍ୟକ୍ତ କରିଥିଲେ । ନିଜ ବ୍ୟସ୍ତମୟ ଜଞ୍ଜାଳ ଭିତରେ ବନ୍ଧୁମାନେ ଏକତ୍ରିତ ହୋଇ ନିଜ ନିଜର ବିଦ୍ୟାଳୟ ସମୟର ଜୀବନାନୁଭୂତି ଛାତ୍ରଛାତ୍ରୀ ବଖାଣିଥିଲେ । ଆଗାମୀ ଦିନରେ ସମାଜମଙ୍ଗଳ ତଥା ପାରିପର୍ଶ୍ୱୀକ ସାମାଜିକ ପରିବେଶକୁ ପରିପୁଷ୍ଟ କରିବା ଦିଗରେ ଯତ୍ନବାନ ହେବାକୁ ସଂକଳ୍ପ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ବିକ୍ରମ ଦାସ, ଜୟପ୍ରକାଶ ସେଠୀ, ପ୍ରଭାକର ମଲ୍ଲିକ, ଭରତ ଚନ୍ଦ୍ର ସାହୁ, ସୁବାସ ପ୍ରଧାନ, ପ୍ରସନଜିତ ମହାପାତ୍ର, ଜିତେନ ସେଠୀ, କାମଦେବ ଦାସ, ରଞ୍ଜିତ ପଲାଇ, ସତ୍ୟବ୍ରତ, ସୌମ୍ୟରଞ୍ଜନ ସ୍ୱାଇଁ, ନିର୍ମଳା କର ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ହୋତା ପ୍ରମୁଖ ପରିଚାଳନା କରିଥିଲେ ।

## ଜୋର ଧରିଲା ରକ୍ତ ଭଣ୍ଡାର ଖୋଲିବା ଦାବି




ଖଡ଼ିଆଳ, (ଭାସ୍କର ନ୍ୟୁଜ୍) : ନୂଆପଡା ଜିଲ୍ଲା ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ରକ୍ତ ଭଣ୍ଡାର ଖୋଲିବାକୁ ଦାବି ଅସୁବିଧାରେ ଗର୍ଭବତୀ ମହିଳା ଓ ଅନ୍ୟ ରୋଗୀ । ନୂଆପଡା ଜିଲ୍ଲା ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ହେଲେ ମଧ୍ୟ ଜିଲ୍ଲାସ୍ତରୀୟ ଚିକିତ୍ସାଳୟର ମାନ୍ୟତା ବହନ କରେ । କାରଣ ନୂଆପଡା ଜିଲ୍ଲାର ପ୍ରମୁଖ ସହର ହେଉଛି ଖଡ଼ିଆଳ । ଏହି ଉପଖଣ୍ଡ ଚିକିତ୍ସାଳୟରେ ଖଡ଼ିଆଳ, ବୋଡ଼େନ, ସିନାପାଲି ବ୍ଲକ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବେଳେ ପଡ଼ୋଶୀ ଜିଲ୍ଲା ବଲାଙ୍ଗୀର ଜିଲ୍ଲାର କିଛି ବ୍ଲକ ଓ ପଡୋଶୀ ରାଜ୍ୟ ଛତିଶଗଡ଼ର କିଛି ଅଂଶ ନିର୍ଭରଶୀଳ ରହିଥାନ୍ତି । ଏହି ଚିକିତ୍ସାଳୟରେ ଦୈନିକ ୩ଶହରୁ ଅଧିକ ରୋଗୀ ପଞ୍ଜିକୃତ ହୋଇ ବିଭିନ୍ନ ରୋଗର ଚିକିତ୍ସା ହେଉଛନ୍ତି । ସେଥିମଧ୍ୟରେ ୧୫ ରୁ ୨୫ ଜଣ ଗର୍ଭବତୀ ମହିଳା ପ୍ରତ୍ୟେକ ଦିନ ଚିକିତ୍ସା ପାଇଁ ପଞ୍ଜିକୃତ ହେଉଛନ୍ତି । ହେଲେ ଏହି ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ସମସ୍ୟା ହେଉଛି ରକ୍ତ ଭଣ୍ଡାର ନାହିଁ । ଖଡ଼ିଆଳ ଅଞ୍ଚଳରେ ବସବାସ କରୁଥିବା ଗର୍ଭବତୀ ମହିଳା ମାନଙ୍କ ରକ୍ତହୀନତା ଗୋଟିଏ ବଡ ସମସ୍ୟା । ଏ ଅଞ୍ଚଳର ଅଧିକାଂଶ ଗର୍ଭବତୀ ମହିଳା ମାନଙ୍କ ଶରୀରରେ ପୁଷ୍ଟିହୀନତା ଅଧିକ ଦେଖା ଯାଉଥିବା ଯୋଗୁଁ ଅଧିକାଂଶ ଗର୍ଭବତୀ ମହିଳାଙ୍କ ଶରୀରରେ ୬ ରୁ ୭ ପଏଣ୍ଟ ରକ୍ତ ରହୁଥିବା ଚିକିତ୍ସା ବିଭାଗର ବିଭାଗୀୟ ଅଧିକାରୀ ମାନଙ୍କ ସୂତ୍ରରୁ ଜଣାଯାଇଛି । ଗର୍ଭବତୀ ମହିଳାଙ୍କ ଶରୀରରେ ରକ୍ତହୀନତା ଥିଲେ ଗର୍ଭବତୀ ମହିଳ ମାନଙ୍କ ଜୀବନ ପ୍ରତି ସବୁବେଳେ ବିପଦ ରହିଥାଏ । ସେମାନଙ୍କୁ ଔଷଧ ଦେଲେ ମଧ୍ୟ ତୁରନ୍ତ କାର୍ଯ୍ୟ କରୁନଥିବା ଡାକ୍ତର ପକ୍ଷରୁ ପ୍ରକାଶ କରିବା ସହିତ ଅସ୍ତ୍ରୋପଚାର କରିବା ସମ୍ପୂର୍ଣ୍ଣ ବିପଦ ରହିଥାଏ । ଫଳରେ ରକ୍ତ ହୀନତା ଯୋଗୁଁ ମାସକୁ ୧୫୦ ରୁ ଅଧିକ ଗର୍ଭବତୀ ମହିଳାଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା କୌଣସି ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କାରାଯାଉଛି । ଫଳରେ ଗର୍ଭବତୀ ମହିଳା ମାନେ ହଇରାଣ ହେବା ସହିତ ପରିବାରର ଅନ୍ୟ ସଦସ୍ୟ ମାନେ ହଇରାଣ ହେବା ଓ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ରକ୍ତ ଭଣ୍ଡାର ଖୋଲି ଗର୍ଭବତୀ ମହିଳାମାନଙ୍କ ଜୀବନ ପ୍ରତି ସୁରକ୍ଷା ଯୋଗାଇ ଦେବା ସହିତ ରକ୍ତ ଭଣ୍ଡାର ଖୋଲିଲେ କିଡନୀ ରୋଗୀ, ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି ତଥା ଅନ୍ୟାନ୍ୟ ରୋଗୀ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଖଡ଼ିଆଳ ଠାରେ ଗୋଟିଏ ରକ୍ତ ଭଣ୍ଡାର ଖୋଲିବା ପାଇଁ ବିଭିନ୍ନ ସଙ୍ଗଠନ ମଧ୍ୟ ଅନେକ ସମୟରେ ଖଡ଼ିଆଳ ଗସ୍ତରେ ଆସୁଥିବା ଅନେକ ମନ୍ତ୍ରୀ ତଥା ରାଜ୍ୟସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ଲିଖିତ ଅଭିଯୋଗ କଲେ ମଧ୍ୟ କାର୍ଯ୍ୟକାରୀ ହେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଏନେଇ ନୂଆପଡା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଧରଣୀଧର ସେନାପତିଙ୍କୁ ଅବଗତ କରିବାରୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ପଚାରନ୍ତୁ ସେହି କାଟାଗୋରିରେ ଅଛି କି ନାହିଁ ବୋଲି ପ୍ରକାଶ କରିଥିଲେ । ଏନେଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ଼ ରଞ୍ଜିତ ରାଉତଙ୍କୁ ଅବଗତ କରିବାରୁ ଏଠାରେ ରକ୍ତ ଭଣ୍ଡାର ଅତି ଜରୁରୀ, ହେଲେ ହୋଇପାରୁ ନାହିଁ ରୋଗୀ ମାନେ ରକ୍ତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ପ୍ରକାଶ କରିଥିଲେ ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ରାୟଗଡ/ଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍ ): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଚନ୍ଦ୍ରପୁର ବ୍ଲକସଦର ମହକୁମାସ୍ଥିତ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ରାୟଗଡା ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରୋକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଲାଲ ମୋହନ ରାଉତରାୟ, ଚନ୍ଦ୍ରପୁର ପଂଚାୟତ ସମିତି ଅଧ୍ୟକ୍ଷ କୋୟାନ କିମବାକା, ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଆଶିଷ କୁମାର ପ୍ରଧାନ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୩୩ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ୧୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୫ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ୪ଜଣକୁ ସ୍ୱାସ୍ଥ୍ୟ ଗତ ଚିକିତ୍ସା ନିମନ୍ତେ ୨୫ହଜାର ଟଙ୍କା ଜିଲ୍ଲାପାଳ ପ୍ରଦାନ କରିଥିଲେ । ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବ୍ୟାଟେରୀ ଚାଳିତ ଗାଡ଼ି ପ୍ରଧାନ କରିଥିଲେ । ଏହି ଅଭିଯୋଗ ଶିବିରରେ ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟ ଗତ, ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଏହି ଅଭିଯୋଗ ଶିବିରରେ ଜିଲ୍ଲାସ୍ତରୀୟ, ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ଜିଲ୍ଲାପାଳ ଏହି ଅଭିଯୋଗ ଗୁଡିକୁ ପାଇବା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

## ପାନୀୟ ଜଳ ସମସ୍ୟା ନେଇ ବିଡିଓଙ୍କ ଦ୍ୱାରସ୍ଥ ଅଞ୍ଚଳବାସୀ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାବେଳେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇପଡିଛି । ଏପରି ସ୍ଥଳେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନରଣପୁର ପଞ୍ଚାୟତ ୮ ଓ ୯ ନମ୍ବର ୱାର୍ଡ ଘୁଟୁକେଶ୍ୱରୀ ବାସିନ୍ଦା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ପାନୀୟ ଜଳ ସୁବିଧା ବ୍ୟବସ୍ଥା କରିବା ପାଇଁ ସୋମବାର ସଦର ବିଡିଓ କାର୍ଯ୍ୟାଳୟଙ୍କୁ ଆସି ଏବିଡ଼ିଓଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ୱାର୍ଡ ଗୁଡିକରେ ଥିବା ନଳକୂଅ ଗୁଡିକ ଥାଇ ମଧ୍ୟ ଜଳ ଯୋଗାଣରେ ବାଧା ସୃଷ୍ଟି ହେଉଛି । ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏକବର୍ଷ ହେବ ସାହିରେ ପାଇପ୍ ବିଛା ଯାଇଥିଲେ ହେଁ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇନାହିଁ । ତେଣୁ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପାନୀୟ ଜଳ ସୁବିଧା ଦିଗରେ ପଦକ୍ଷେପ ନେବାକୁ ପ୍ରିୟଙ୍କା ବେଜ୍, ଜୟନ୍ତୀ ବାରିକ୍, ମାଳତୀ ମହାରଣା, ମୀନାକ୍ଷୀ ନାଏକ, ସୁଜାତା ଦେହୁରୀ, ଇନ୍ଦୁମତୀ ବେହେରା ପ୍ରମୁଖ ଗ୍ରାମର ମହିଳା ଏବିଡିଓଙ୍କୁ ଲିଖିତ ଦାବି ଜଣାଇଛନ୍ତି ।



## କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଧର୍ମେନ୍ଦ୍ରଙ୍କୁ ଦାବିପତ୍ର



କରଞ୍ଜିଆ, (ଭାସ୍କର ନ୍ୟୁଜ୍ ) : କରଞ୍ଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ କରଞ୍ଜିଆ ପ୍ରଗତି ମଞ୍ଚ ପକ୍ଷରୁ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଓ ଚଳିତ ସରକାର ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଶ୍ରମ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ମୟୂରଭଂଜ ଜିଲ୍ଲା ଲୋକସଭା ସାଂସଦ ନବ ଚରଣ ମାଝୀ, କେନ୍ଦୁଝର ଜିଲ୍ଲା ଲୋକସଭା ସଂସଦ ଅନନ୍ତ ଚରଣ ନାୟକଙ୍କୁ କରଞ୍ଜିଆ ପ୍ରଗତି ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରିଥିଲେ । ତେବେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଦରକାର ପଡୁଥିବା ସମସ୍ତ ପ୍ରକାର ବ୍ୟବସ୍ଥା କରଞ୍ଜିଆରେ ଅଛି ବୋଲି ମନ୍ତ୍ରୀ ଓ ସଂସଦ ମାନଙ୍କୁ ଅବଗତ କରିଥିଲେ । ତେବେ ସୁଚନା ଥାଉକି ଏବେ ସଂସଦରେ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ଚରଣ ନାୟକ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମାନନୀୟ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସ ଭବନରେ ଭେଟି କରଞ୍ଜିଆରେ ତୁରନ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଚାଲୁ କରିବା ଆବଶ୍ୟକ ବୋଲି ଦାବି କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କରଞ୍ଜିଆରେ ତୁରନ୍ତ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଗୁରୁ ରଘୁନାଥ ପାତ୍ର ସମ୍ବର୍ଦ୍ଧିତ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଫେବୃୟାରୀ ୭ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦର ଶିଳ୍ପାରମାମ ଠାରେ ଓଡ଼ିଆ ସମାଜ ତରଫରୁ ‘ଓଡ଼ିଶା ଖାଦ୍ୟ ଓ ହସ୍ତଶିଳ୍ପ ମେଳା-୨୦୨୫’ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସଂଗୀତଜ୍ଞ ପଣ୍ଡିତ ରଘୁନାଥ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ବୈଭବ ସମ୍ପର୍କରେ ଅଭିଭାଷଣ ଦେଇଥିଲେ । ଏହି ଅବସରରେ ଓଡ଼ିଆ ସମାଜ ତରଫରୁ ସଂଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୁରୁ ପଣ୍ଡିତ ରଘୁନାଥ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଶ୍ରୀ ପାତ୍ର ଓଡ଼ିଆ ଭଜନ ଓ ଆଧୁନିକ କଣ୍ଠ ସଂଗୀତ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ପାରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ପୂର୍ବତନ ସ୍ୱତନ୍ତ୍ର ସଚିବ ଶ୍ରୀ ବି.ଆର୍.ଆଚାର୍ଯ୍ୟ, ସସ୍ମିତା ମିଶ୍ର, ଶକ୍ତିଧର ଖଡଙ୍ଗା, ଅର୍ଚ୍ଚନା ମିଶ୍ର, ଅଂଜନ କୁମାର ପାତ୍ର, ଶିଳା ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ହାଇଦ୍ରାବାଦ ଠାରେ ଥିବା ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଓଡ଼ିଆ ଯୋଗ ଦେଇଥିଲେ ।

## ଶିକ୍ଷକଙ୍କୁ ଅପହରଣ

କରଞ୍ଜିଆ, (ଭାସ୍କର ନ୍ୟୁଜ୍ ) : କରଞ୍ଜିଆ ଥାନା କାଳିକାପୁର ପେଟ୍ରୋଲ ପମ୍ପ ନିକଟରେ ଏକ ଗାଡି ଚାଳକକୁ ଅଟକାଇ ଗାଡିରୁ ଶିକ୍ଷକଙ୍କୁ ଅପହରଣ କରିଛନ୍ତି । ସୂଚନା ଅନୁଯାୟୀ ଜଣେ ପ୍ରାଥମିକ ସ୍କୁଲର ଶିକ୍ଷକ, ସ୍କୁଲରୁ କାମ ସାରି କରଞ୍ଜିଆରେ ରହୁଥିବା ବାସଗୃହକୁ ଫେରିବା ବେଳେ ଦୁଇଟି ଗାଡ଼ିରେ ଦୃର୍ବୃତ୍ତ ମାନେ ଆସି ଗାଡିକୁ ଅଟକାଇ ଅପହରଣ କରିନେଇଛନ୍ତି । ଶିକ୍ଷକ ଜଣକ ଏକତାଳି ପଞ୍ଚାୟତର ଢୁକୁକୁ ସ୍କୁଲର ଶିକ୍ଷକ ରବିନ୍ଦ୍ରନାଥ ସିଂ ବୋଲି ଜଣା ପଡିଛି । ତାଙ୍କ ନିଜ ଘର ଯଶିପୁର ଥାନା ନଅଣା ହେଲେ କରଞ୍ଜିଆରେ ରହୁଥିଲେ । ଘଟଣା ସ୍ଥଳରେ ପୋଲିସ ପହଂଚି ଅଧିକ ତଦନ୍ତ ଜାରି ରହିଛି ।

## ସତ୍ୟମ୍ ପ୍ୟାକରସ୍‌ରେ ଅଗ୍ନିକାଣ୍ଡ ଲକ୍ଷାଧିକ ଟଙ୍କାର ସଂପତ୍ତି ଭସ୍ମୀଭୂତ

ରାୟଗଡା, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ଭାକୁରଗୁଡ଼ା ସ୍ଥିତ ସତ୍ୟମ୍ ପ୍ୟାକ୍‌ରସରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଯାଇଛି । ଅଗ୍ନିକାଣ୍ଡର କାରଣ ଜଣା ପଡିନଥିବା ବେଳେ ସଟ ସର୍କିଟ ଜନିତ କରଣ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ସୂଚନାକ୍ରମେ ନିଆଁକୁ ଆୟତ କରିବାରେ ଅଗ୍ନିଶମ ବିଭାଗ ଦୁଇଟି ଦଳ ନିୟୋଜିତ ହୋଇଥିଲେ । ଏନେଇ କାହାର ପ୍ରତିକ୍ରିୟା ମିଳିପାରିନାହିଁ ।



## କାର୍ ଅଟୋ ମୁହାଁମୁହିଁ, ଜଣେ ଗୁରୁତର



ବାଲିମେଳା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ଜୟପୁର ମୁଖ୍ୟ ରାସ୍ତା ବାଲିମେଳା ଛକ ଶିବ ମନ୍ଦିର ନିକଟରେ ଏକ କାର ଓ ଅଟୋ ମୁହାଁମୁହିଁ ହେବାର ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ୧୧ ତାରିଖ ସକାଳ ସମୟରେ ବାଲିମେଳା ପଟୁ ଏକ ଅଟୋରେ ହାଟକୁ ଯିବା ସମୟରେ ବାଲିମେଳା ଛକ ନିକଟସ୍ଥ ଶିବ ମନ୍ଦିର ବୁଲାଣି ପାଖରେ କୁଡୁମୁଲୁଗୁମ୍ମା ପଟୁ ଆସୁଥିବା ଏକ କାର ସହିତ ମୁହାଁ ମୁହିଁ ହୋଇଥିଲା । ଅଟୋଟି ଘଟଣା ସ୍ଥଳରେ ଓଲଟି ପଡିବା ସହିତ କାରଟି ମୁଖ୍ୟ ରାସ୍ତାରୁ ତଳକୁ ଖସିପଡିଥିଲା । ସୂଚନା ପାଇଁ ଓରକେଲ ପୋଲିସ ଘଟଣା ସ୍ଥଳରେ ପହଁଚି ଯାତ୍ରୀଙ୍କୁ ଉଦ୍ଧାର କରିବା ଦେଖିବାକୁ ମିଳିଥିଲା । ଉଭୟ ଗାଡ଼ିରେ ଥିବା ଯାତ୍ରୀଙ୍କୁ ଅଳ୍ପ ବହୁତ ଆଘାତ ମିଳିଥିବା ବେଳେ ଅଟୋରେ ଥିବା ଜଣେ ଯାତ୍ରୀ ଗୁରୁତର ବୋଲି ଜଣା ପଡ଼ିଛି । କାରଟି କଳାହାଣ୍ଡି ଜିଲ୍ଲା କେସିଙ୍ଗାର ରାକେଶ ପାତ୍ରଙ୍କ ହୋଇଥିବା ବେଳେ ଚିତ୍ରକୋଣ୍ଡାର ଯାତ୍ରୀ ତାଙ୍କର ଝିଅ ଘରୁ ଯାଇ ଫେରୁଥିଲେ ଏବଂ ଅଟୋଟି ବାଲିମେଳା ନୂଆସହିର ଲିଙ୍ଗା ମାଝିଙ୍କର ବୋଲି ଏଏସ୍ଆଇ ସଂଜୀବ କୁମାର ଟାକ୍ରୀ କହିଛନ୍ତି ।

## ଶିକ୍ଷକ ସମାଜ ପକ୍ଷରୁ ସାନିଲୋଭାଙ୍କୁ ଶ୍ରଦ୍ଧାଞ୍ଜଳି



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲାରେ ଦୀର୍ଘ ବର୍ଷ ଧରି ଶିକ୍ଷକତା କରୁଥିବା ଆଦର୍ଶ ଶିକ୍ଷୟିତ୍ରୀ ସାନିଲୋଭା ସେଠୀଙ୍କ ଚତୁଃର୍ଦଶା ସମାରୋହ ଦିବସ ପାଳନ କରାଯାଇଛି । ଜିଲ୍ଲାର ସମସ୍ତ ଶିକ୍ଷକ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏହି ସମାରୋହ ସଭାରେ ଯୋଗ ଦେବାସହ ଶ୍ରୀମତୀ ସେଠୀଙ୍କ ଫୋଟ ସାମ୍ନାରେ ଶ୍ରଦ୍ଧାଞ୍ଜଳି ଦେଇ ଆତ୍ମାର ସଦଗତି ପାଇଁ କାମନା କରିଛନ୍ତି । ଏହି ଶ୍ରଦ୍ଧାଞ୍ଜଳି ଦିବସରେ ସ୍ୱାମୀ ମନୋରଞ୍ଜନ ସେଠି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜନ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଙ୍ଘର ସଭାପତି ତାରକ ମଣ୍ଡଳ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ରଞ୍ଜିତ ନାୟକ, ପରିବର୍ତ୍ତନ ସଂସ୍ଥାର ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ, ଗଣେଶ ଚନ୍ଦ୍ର ଜେନା, ରାମପ୍ରସାଦ ପାଢ଼ୀ, ମନୋରଞ୍ଜନ ବେହେରା, ପ୍ରତାପ ପଣ୍ଡା, ବସନ୍ତ ରାଉତ, ନିବେଦିତା ପଣ୍ଡା, ସୁରେନ୍ଦ୍ର ମହାରଣା, ପ୍ରଦୀପ ଦଳେଇ, ସିମାଞ୍ଚଳ ଭୂୟାଁ, ସମୀରକାନ୍ତ ରଥ ପ୍ରମୁଖ ଯୋଗ ଦେବା ସହ ସନ୍ଧ୍ୟା ସମୟରେ ଏକ ଭଜନ ସମାରୋହର ଆୟୋଜନ କରିଥିଲେ । ଏହି ଭଜନ ସନ୍ଧ୍ୟାରେ ଆୟୋଜକ ଦିବାକର ପାଳ, କଳ୍ପତରୁ ନାୟକ, କିଶୋର ସାହୁ, ପ୍ରଫୁଲ୍ଲ ପଣ୍ଡା, ସଞ୍ଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରକାଶ କରାଯାଇଛି ସ୍ୱର୍ଗତ ସେଠୀ ମାଲକାନଗିରି ସଦର ମହକୁମା ବିବିଗୁଡା ବିଦ୍ୟାଳୟର ଆଦର୍ଶ ଶିକ୍ଷୟତ୍ରୀ ଭାବେ ମାଲକାନଗିରି ଜିଲ୍ଲାରେ ସୁନାମ ଅର୍ଜନ କରିଥିଲେ । ତାଙ୍କଠାରୁ ଅନେକ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ଗ୍ରହଣ କରି ବିଭିନ୍ନ ପଦ ପଦବୀରେ ନିଯୁକ୍ତି ପାଇଛନ୍ତି । ସେ ହୃଦ୍‌ରୋଗରେ ପୀଡିତ ଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ମାଲାକନଗିରିସ୍ଥିତ ସାମ୍ବାୟାଗୁଡା ବାସଭବନରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କର ଏହି ବିୟୋଗ ରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଛାତ୍ରଛାତ୍ରୀଙ୍କ ମନରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ।

## ଉନ୍ନିତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଫୁଲବାଣୀ ବ୍ଲକର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କେରେଡ଼ି ତାହାର ୨୦୨୪-୨୫ ଶିକ୍ଷା ବର୍ଷର ବାର୍ଷିକ ଉତ୍ସବକୁ ଖୁବ ଜାକଯକମରେ ବିଦ୍ୟାଳୟର ପ୍ରାଙ୍ଗଣରେ ପାଳନ କରିଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାରା ପ୍ରସାଦ ମିଶ୍ର ଆୟୋଜିତ ସଭାର ସଭାପତିତ୍ୱ କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ବାର୍ଷିକ ବିବରଣୀ ସର୍ବ ସମ୍ମୁଖରେ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜ ବ୍ୟକ୍ତିଗତ ଅନୁଭୂତିକୁ ବଖାଣି ପିଲାମାନଙ୍କୁ ଅଗ୍ରସର ହେବାପାଇଁ ପ୍ରେରଣା ଦେଇଥିଲେ । ସମସ୍ତଙ୍କ ମିଳିତ ଉଦ୍ୟମରେ କନ୍ଧମାଳ ଜିଲ୍ଲା ସହ ଯୋଡି ହୋଇ ରହିଥିବା ପଛୁଆ ଶବ୍ଦକୁ ଉଠାଯାଇ ପାରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ମାନ୍ୟବର ବିଧାୟକ ବିଦ୍ୟାଳୟର ଥିବା ଅସୁବିଧାକୁ ଦୂର କରିବା ପାଇଁ ତାଙ୍କ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଫୁଲବାଣୀ ଗୋଷ୍ଠୀ କୃଷି ଅଧିକାରୀ ସୁନିତା ମିଶ୍ର ଯୋଗ ଦେଇ ତାଙ୍କର ଓଜସ୍ୱିନୀ ଭାଷଣ ଜରିଆରେ ଛାତ୍ରଛାତ୍ରୀ ତଥା ଗ୍ରାମବାସୀଙ୍କୁ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସଚେତନ କରାଇଥିଲେ । ସେ ଛାତ୍ରଛାତ୍ରୀଙ୍କ ବିକାଶରେ ଅଭିଭାବକ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ସମାନ ଭାଗୀଦାରିତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ଛାତ୍ର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଆଠ ମାଳିକ. ବୌଦ୍ଧ ବାଳକୃଷ୍ଣ କହଁର ଯୋଗ ଦେଇ ନିଜ ପିଲାଦିନର ଅନୁଭୂତିକୁ ମନେ ପକାଇ ପିଲାମାନଙ୍କୁ ଭବିଷ୍ୟତ ଗଠନ କରିବା ପାଇଁ ପ୍ରେରଣା ଦେଇଥିଲେ । ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଖମାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରଜ ଦିଗାଲ ଏବଂ ପାଞ୍ଚଶଖା ଶିକ୍ଷା ସେତୁ କମିଟିର ସଭାପତି ପ୍ରବୀଣ କୁମାର ସାହୁ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ବିପୁଳ ସଂଖ୍ୟକ ଗ୍ରାମବାସୀ, କମିଟିର ସମସ୍ତ ସଦସ୍ୟ ଏବଂ ଅଭିଭାବକ ଅଭିଭାବିକାଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ତାରା ପ୍ରସାଦ ମିଶ୍ର ବାର୍ଷିକ ଉତ୍ସବକୁ ଉଦ୍‌ଯାପିତ କରିଥିଲେ ।

## ସମର୍ପଣ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଭାଜପା କାର୍ଯ୍ୟାଳୟ ପରିସରରେ ସମର୍ପଣ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି । ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ବୈଠକରେ ଆଗାମୀ ବୁଧବାର ସମର୍ପଣ ଦିବସ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ସକାଳୁ ଫଳ ବଣ୍ଟନ ପରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଦଳ ପାଇଁ ଆର୍ଥିକ ସମର୍ପଣ ପ୍ରଦାନ ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ଲାଠୋର ମଣ୍ଡଳ ସଭାପତି ବିକାଶ ବେହେରା, ପୂର୍ବତନ ସଭାପତି ଦେବକାନ୍ତ ପାଣିଗ୍ରାହୀ, ଶଶି ପୂଝାରୀ, ଶିବା ସୁନା, ସତ୍ୟାନନ୍ଦ ସେନ୍ଦ୍ରୀୟା, ନାରାୟନ ଦଣ୍ଡସେନା, ପ୍ରହଲ୍ଲାଦ ଚାନ୍ଦ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ନିମ୍ନମାନର କମ୍ପ୍ୟୁଟର ଯୋଗାଣ ନେଇ ଅଭିଯୋଗ

ତେନ୍ତୁଲିଖୁଣ୍ଟି, (ଭାସ୍କର ନ୍ୟୁଜ୍): କମ୍ପ୍ୟୁଟର ସାମଗ୍ରୀ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ସାମ୍ନାକୁ ଆସିଛି । ତେନ୍ତୁଲିଖୁଣ୍ଟି ବ୍ଲକ ମିଶନ ଶକ୍ତି ଅଧୀନରେ ଯୋଗେଇ ଦିଆଯାଇଥିବା କମ୍ପ୍ୟୁଟର ସାମଗ୍ରୀ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଯାହାକି ମିଶନ ଶକ୍ତି ଅଧୀନରେ ୧୫ ଗୋଟି ପଞ୍ଚାୟତରେ କାମ କରୁଥିବା ଏମ୍‌ବିକେ ମାନଙ୍କୁ ଯୋଗେଇ ଦିଆଯାଇଥିବା କମ୍ପ୍ୟୁଟର ଗୁଡ଼ିକ ଅଳ୍ପ ଦିନରେ ଅଚଳ ହୋଇଥିବା ଦେଖିବାକୁ ମିଳିଛି । ତେନ୍ତୁଲିଖୁଣ୍ଟି ମିଶନ ଶକ୍ତି ଅଧୀନରେ ବ୍ଲକର ୧୫ ଜଣ ଏମବିକେ କାର୍ଯ୍ୟ କରୁଥିବା ବେଳେ ୧୫ ଜଣ ଏମବିକେଙ୍କୁ କମ୍ପ୍ୟୁଟର ସାମଗ୍ରୀ ଯୋଗେଇ ଦିଆଯାଇଥିଲା । ଅଳ୍ପ ଦିନ ମଧ୍ୟରେ ବର୍ତ୍ତମାନ ପ୍ରାୟ କମ୍ପ୍ୟୁଟର ଅଚଳ ହୋଇପଡିଛି । ନିମ୍ନମାନର କମ୍ପ୍ୟୁଟର ସାମଗ୍ରୀ ଯୋଗେଇ ଦେଇଥିବା ଯୋଗୁଁ ଏଭଳି ଅବସ୍ଥା ହୋଇଛି । ବ୍ଲକରେ କାର୍ଯ୍ୟରତ ବିଏଲସି ନିଜେ କମ୍ପ୍ୟୁଟର କିଣି ଏମବିକେ ମାନଙ୍କୁ ପ୍ରଦାନ କରିଥିଲେ । କମ୍ପ୍ୟୁଟର ପିଛା ୫୦ ହଜାର ଟଙ୍କା ଖର୍ଚ୍ଚ ଦେଖାଯାଇଛି । କମ୍ପ୍ୟୁଟର ସାମଗ୍ରୀ ବାବଦରେ ଗୋଟିଏ ସିପିୟୁ, ଗୋଟିଏ ଏଲସିଡି, ଗୋଟିଏ ମାଉସ, ଗୋଟିଏ କି ବୋର୍ଡ ନାମୀ କମ୍ପାନୀ ନ ଦେଇ ସାଧାରଣ କମ୍ପାନୀର ପ୍ରଦାନ କରାଯାଇଥିଲା । ବ୍ଲକର ୧୫ ଜଣ ଏମବିକେ ମଧ୍ୟରୁ ଜଣ ଏମବିକେ ନିଜେ କମ୍ପ୍ୟୁଟର ସାମଗ୍ରୀ କିଣିଥିବା ବେଳେ ଅନ୍ୟ ଏମବିକେଙ୍କୁ ବିଏଲସି ଅଧିକାରୀ କମ୍ପୁଟର ନିଜେ କିଣି ପ୍ରଦାନ କରି ଥିବା ସୂଚନା ମିଳିଛି । ଯୋଉଁ ଏମବିକେ ମାନେ ନିଜେ ନିଜ ପସନ୍ଦ ଅନୁଯାୟୀ ଭଲ କମ୍ପାନୀର କମ୍ପ୍ୟୁଟର କିଣିଥିଲେ ତାହା ଏପର୍ଯ୍ୟନ୍ତ ଚାଲୁଥିବା ବେଳେ ପ୍ରଦାନ କରାଯାଇଥିବା କମ୍ପ୍ୟୁଟର ଅଚଳ ହୋଇଯାଇଥିବା ଦେଖିବାକୁ ମିଳିଛି । ଏଥିରୁ ସ୍ୱଷ୍ଟ ଜଣାପଡୁଛି ଯେ ଶାଗ ମାଛ ଦରରେ ନିମ୍ନ ମାନର କମ୍ପ୍ୟୁଟର ସାମଗ୍ରୀ କିଣି ଟଙ୍କା ହରିଲୁଟ କରାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏନେଇ ମିଶନ ଶକ୍ତି ବ୍ଲକ ସଂଯୋଜକ ସନାତନ ଖଟୁଆଙ୍କୁ ପଚାରିବାରୁ ଆମେ କମ୍ପ୍ୟୁଟର କିଣି ପ୍ରଦାନ କରିନୁ,ଏମବିକେ ମାନେ ନିଜେ କିଣିଥିବା ପ୍ରକାଶ କରିଛନ୍ତି । ତେବେ କିଛି ଏମବିକେ ନିଜ ନାମ ଗୋପନ କରି ମିଶନ ଶକ୍ତି ପକ୍ଷରୁ କମ୍ପ୍ୟୁଟର ପ୍ରଦାନ କରାଯାଇଥିବା ପ୍ରକାଶ କରିଛନ୍ତି । ଏନେଇ ଝରିଗୁମ୍ମା ପଂଚାୟତ ସରପଞ୍ଚ ମନମୋହନ ଦଳପତିଙ୍କୁ ପଚାରିବାରୁ ମିଶନ ଶକ୍ତି ବ୍ଲକ ସଂଯୋଜକ କମ୍ପ୍ୟୁଟର ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି ।

## ଶବ୍ଦ ପ୍ରଦୂଷଣ: ପଥ ଭ୍ରଷ୍ଟ ହେଉଛନ୍ତି ପରୀକ୍ଷାର୍ଥୀ

ରାଜନଗର, (ଭାସ୍କର ନ୍ୟୁଜ୍ ) : ଚଳିତ ମାସ ୨୧ତାରିଖରେ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷାକୁ ବିଚାରକୁ ନ ନେଇ ବ୍ୟବସାୟୀକ ଭିତ୍ତିରେ ଗାଁ ଗାଁରେ ଚାଲିଛି ଏବେ ଅପେରା ପ୍ରଦର୍ଶନୀ । ଏପରି ଅଭାବନୀୟ ଘଟଣା ରାଜନଗର ବ୍ଲକରେ ଦେଖିବାକୁ ମିଳିଥିବାରୁ ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବିଭିନ୍ନ ଅନୁଷ୍ଠାନର ଉନ୍ନତି କରିବା ଆଳରେ ତଥା ନିଜର ଆୟ ବୃଦ୍ଧି କରିବାକୁ ଯାଇ ଜନବସତି ଠାରୁ ଦୂରରେ ନ କରି ଗାଁକୁ ଲାଗି ଅପେରା ପ୍ରଦର୍ଶନ କରୁଛନ୍ତି । ତାହା ପୁଣି ଏକ ଶହରୁ ତିନିଶହ ଟଙ୍କା ପର୍ଯ୍ୟନ୍ତ ଜଣକା ଟିକେଟର ମୂଲ୍ୟ ରହୁଛି । ତା ପାଇଁ ମଧ୍ୟ ପ୍ରଶାସନର ଅଙ୍କୁଶ ଲାଗୁନଥିବାରୁ ଗରିବ ପରିବାରଟି ଅପେରା ଦେଖି ସର୍ବସ୍ୱାନ୍ତ ହେଉଥିବା ବେଳେ କେତେକ ଅର୍ଥ ଅଭାବରୁ ଅପେରା ଦେଖିବାରୁ ବଞ୍ଚିତ ହେଉଛନ୍ତି । ଅପେରା ପ୍ରଦର୍ଶନ ପାଇଁ ପ୍ରଶାସନ ଅନୁମତି ଦେଇଥିବା ଦର୍ଶାଇ ଅପେରା ସାଙ୍ଗଙ୍କୁ ଠାଏ ଠାଏ ଜାଗାରେ ଜୁଆ(ଘୁଡୁଘୁଡା)ଖେଳ କରାଇ ପରିଚାଳନା କମିଟି ମାଲେ ମାଲ ହେଉଛନ୍ତି । ଅନ୍ୟପଟେ ଗାଁ ଲୋକେ ରାତି ଅନିଦ୍ରା ହୋଇ କାକର ଖାଇ ଜୁଆ ଖେଳରେ ଟଙ୍କା ହାରି ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଛନ୍ତି, ଯାହା ପାରିବାରିକ ଅଶାନ୍ତିର କାରଣ ସାଜୁଥିବା ଅଭିଯୋଗ ହେଉଛି । ଅପରପକ୍ଷରେ ଗାଁ ନିକଟରେ ଅପେରା ହେଉଥିବାରୁ ଶବ୍ଦ ପ୍ରଦୂଷଣରେ ଛାତ୍ରଛାତ୍ରୀମାନେ ପାଠ ପଢି ପାରୁନଥିବାରୁ ଚଳିତ ମାଟ୍ରିକ୍ ପରୀକ୍ଷାରେ କଣ କରିବେ ସେଥି ନିମନ୍ତେ ଅଭିଭାବକମାନେ ଚିନ୍ତାରେ ଅଛନ୍ତି । ତେଣୁ ମାଟ୍ରିକ୍ ଓ +୨ ପରୀକ୍ଷା ସରିବା ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ଏହି ଅଞ୍ଚଳରେ ଆପେରା ପ୍ରଦର୍ଶନୀ ପାଇଁ ଅନୁମତି ପ୍ରଦାନ ନକରିବାକୁ ଅଭିଭାବକ ଓ ବୁଦ୍ଧିଜୀବୀ ତଥା କେତେକ ମହିଳା ମଣ୍ଡଳ, ଶିକ୍ଷକ, ଅବସର ପ୍ରାପ୍ତ ଶିକ୍ଷକ ମାନେ ଦାବି କରିଛନ୍ତି ।



କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତର କତକୁଲା ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ରାଜ୍ୟ ସମ୍ମିଳନୀ ଓ ପାଠଶାଳା ଉଦ୍ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ମାନ୍ୟବର ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ରାଜ୍ୟ ସମ୍ମିଳନୀ ଓ ପାଠଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବି. କେ. ସୁଲୋଚନା, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ବି. କେ. ମୋହନ, ଡ. କୁଳମଣି ସାମଲ, ଅରୁଣ କୁମାର ସାହୁ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ବି.କେ. କମଳେଶ ଯୋଗ ଦେଇଥିଲେ। ପାରାଦ୍ୱୀପ ଅଂଚଳରେ ପ୍ରଥମ ଥର ପାଇଁ ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପାଠଶାଳା ପ୍ରତିଷ୍ଠା ହୋଇଥିବାରୁ ସ୍ଥାନୀୟ ଅଂଚଳର ଅଧିବାସୀ ମାନେ ଖୁସି ବ୍ୟକ୍ତ କରିଥଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ବ୍ରହ୍ମ କୁମାରୀ ମାନେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବି.କେ. ରୋଜାଲିନି, ବି.କେ.ସାଗରିକା, ବି. କେ. ସରିତା, ଗୀତାଞ୍ଜଳି, ରିତା, କବିତା, ଗୌରୀ ପ୍ରମୁଖ ସମ୍ମିଳନୀକୁ ପରିଚାଳନା କରିଥିଲେ।

# ବେଧଡ଼କ ବିକ୍ରି ଚାଲିଛି ନକଲି ଫାଷ୍ଟଫୁଡ଼

## କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ଖାଦ୍ୟ ନିରାପତ୍ତା ଅଧିକାରୀ



କଣ୍ଟାପଡା (ଭାସ୍କର ନ୍ୟୁଜ୍) :କଣ୍ଟାପଡା ଅଞ୍ଚଳରେ ବେଧଡ଼କ ଭାବେ ଖୋଲୁଛି ବହୁ ନକଲି ଫାଷ୍ଟ ଫୁଡ ଦୋକାନ। ଆଧୁନିକତାର ଛିଟାରେ ଏଠାରେ ଲୋକ ମାନଙ୍କର ଜୀବନ ଶୈଳୀରେ ପରିବର୍ତ୍ତନ ଘଟିବା ସହିତ ପାଟି ସୁଆଦିଆ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବୃଦ୍ଧି ପାଇଛି। ସେହି ଅନୁସାରେ ଲୋକଙ୍କ ଚାହିଦା ଓ ରୁଚି ମୁତାବକ କଣ୍ଟାପଡା ବଜାର ସମେତ ବିଭିନ୍ନ ଛକ ବଜାର ଗଳିକନ୍ଦି ମାନଙ୍କରେ ଦୋକାନ ବଜାର ଗଢିଉଠିଛି। ଯେଉଁଥିରେ ସର୍ବ ଆଗରେ ରହିଛି ଫାଷ୍ଟଫୁଡ ଷ୍ଟଲ। ଫାଷ୍ଟଫୁଡ ଖାଦ୍ୟ ପ୍ରତି ବର୍ତ୍ତମାନର ଯୁବପିଢ଼ି ବହୁ ମାତ୍ରାରେ ଆକର୍ଷିତ ହେଉଥିବାରୁ ଦୈନନ୍ଦିନ କାର୍ଯ୍ୟବହୁଳ ଜୀବନରେ ଖୁବ ସମୟରେ ପ୍ରସ୍ତୁତ ହେଉଥିବା ଫାଷ୍ଟଫୁଡ ଖାଦ୍ୟକୁ ଦୈନନ୍ଦିନ ଖାଇବା ଏକପ୍ରକାର ହବିରେ ପରିଣତ ହୋଇସାରିଲାଣି। ଗୋଟିଏ ପ୍ରକାର କହିବାକୁ ଗଲେ ସ୍ୱାଦ ପାଗଳ ହୋଇ ଫାଷ୍ଟଫୁଡ ଜାଲରେ ଛନ୍ଦି ହୋଇଗଲେଣି। ଯାହାର ସୁଯୋଗ ନେଉଛନ୍ତି କିଛି ଲାଭ ଖୋର୍ ଫାଷ୍ଟଫୁଡ ଦୋକାନୀ। ସଂଧ୍ୟା ହେଲେ କଣ୍ଟାପଡା ବଜାର ସମେତ ଅଡସପୁର ବଜାର, କଲେଜ ଛକ, ସଳେଇ ଛକ, ଓଲଟପୁର ଛକ, ସୁନ୍ଦର ଗାଁ ଛକ, ବାଗଲପୁର, ପାଟସୁନ୍ଦରପୁର ଛକ, ଗୋବିନ୍ଦପୁର ଛକ, ଧାନ ମଣ୍ଡଳ ଛକ, ବରଂପୁର ଛକ, ଉରାଡ଼ ଛକ ଆଦି ମୁଖ୍ୟ ଜାଗା ମାନଙ୍କରେ ସେମାନଙ୍କର ବେପାର ପସରା ମେଲୁଛି। ସେମାନେ ପ୍ରସ୍ତୁତ କରୁଥିବା ଖାଦ୍ୟରେ ବିଭିନ୍ନ ପ୍ରକାର ରାସାୟନିକ ରଙ୍ଗ, ଚାଇନା ସଲ୍ଟ, ଭିନେଗାର, ନକଲି ସସ୍, ନକଲି ହେଙ୍ଗୁ ଓ ବିଷାକ୍ତ କେମିକାଲ ଯୁକ୍ତ ଉପାଦାନ ମାନ ଯାହା ପାଟି ସୁଆଦିଆ ନିମନ୍ତେ ବ୍ୟବସାୟୀ ମାନେ ବ୍ୟବହାର କରୁଛନ୍ତି। ଯେଉଁଥିରେ ରହିଛି ଚାଉମିନ, ଅଣ୍ଡା ରୋଲ, ଚିକେନ ପକୋଡା, ଚିଲି ଚିକେନ, ବିରିୟାନୀ, ମାନଚୁରିଆନ, ମୋମୋ, ତନ୍ଦୁରି ଚିକେନ ଓ ଚାଟ ପରି ଖାଦ୍ୟ। ଯାହାକୁ ଦେଖିଲେ ଆଖିକୁ ସୁନ୍ଦର ପାଟିକୁ ସୁଆଦିଆ ଲାଗେ। କିନ୍ତୁ ସ୍ୱାସ୍ଥ୍ୟ ପଖେ ଏହି ସବୁ ଖାଦ୍ୟ ବହୁ ହାନିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଫାଷ୍ଟଫୁଡ ଖାଇବା ଦ୍ୱାରା ମେଦ ବହୁଳ ରୋଗ, ସୁଗାର, ବ୍ଲଡ଼ ପ୍ରେସର, ଚର୍ମ ରୋଗ, କୀଡନି ରୋଗ, ହୃଦଘାତ, ଗ୍ୟାଷ୍ଟିକ ଭଳି ରୋଗକୁ ଏଡେଇ ଦିଆଯାଇ ନପାରେ। ତା ଛଡା ଫାଷ୍ଟଫୁଡ ଦୋକାନ ଖୋଲିଥିବା ଅଧିକ ଦୋକାନୀ ଖାଦ୍ୟର ମାନ ନିମ୍ନମାନର କରିବା ଶହ ନିମ୍ନମାନର ତେଲରେ ପ୍ରସ୍ତୁତି କରି ବିକ୍ରୟ କାରୁଥିବା ଅଭିଯୋଗ ହୋଇଛି। ଯାହାକୁ ଖାଇ ଲୋକେ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଭୋଗୁଛନ୍ତି। କିଛି ଅସାଧୁ ଦୋକାନୀ ବଳକା ରହୁଥିବା ଖାଦ୍ୟକୁ ଫୋପାଡ଼ି ଦେବା ବଦଳରେ ଫ୍ରିଜରେ ରଖି ପରଦିନ ଗ୍ରାହକ ମାନଂକୁ ଗରମ କରି ବିକ୍ରି କରୁଛନ୍ତି। ଏହା ବ୍ୟତିତ ଅଞ୍ଚଳରେ ଥିବା ବହୁ ଫାଷ୍ଟଫୁଡ ଷ୍ଟଲର ସ୍ୱଚ୍ଛତା ଓ ଅପମିଶ୍ରଣକୁ ନେଇ ଅଭିଯୋଗ ହେଉଛି। ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ଅଞ୍ଚଳରେ ବହୁ ଫାଷ୍ଟଫୁଡ ଷ୍ଟଲରେ ଖାଦ୍ୟ ବିକ୍ରୟ ନିମନ୍ତେ ଲାଇସେନ୍ସ ନଥିବା ବେଳେ ସେମାନେ ଅବାଧରେ ବେପାର ଚଳାଇଛନ୍ତି। କିନ୍ତୁ ବିନା ଫୁଡ ଲାଇସେନ୍ସରେ ଖାଦ୍ୟ ବିକ୍ରି କଲେ ଅପରାଧିକ ମାମଲା ରୁଜୁ ହେବା ନିୟମ ରହିଛି। ଯାହାକୁ ବେପାରୀମାନେ ଅବମାନନା ଅବହେଳିତ ଭାବେ କାର୍ଯ୍ୟ କରୁଛନ୍ତି। କିନ୍ତୁ ଦୈନିକ ବିକ୍ରି ହେଇଥିବା ଫାଷ୍ଟଫୁଡ ଷ୍ଟଲର ଖାଦ୍ୟର ମାନ ଯାଞ୍ଚ କରିବା ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଦାୟିତ୍ୱ ହୋଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯାହା ଦ୍ୱାରା ଲୋକେ ଟଙ୍କା ଦେଇ ରୋଗ କିଣୁଛନ୍ତି ବୋଲି କହିଲେ ତାହା ଅତ୍ୟୁକ୍ତି ହେବ ନାହିଁ। ଏ ନେଇ ଫୁଡ ବିଭାଗ ଅଧିକାରିଣୀ ଅନିତା ମହାନ୍ତିଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏକ ଟିମ୍ ଗଠନ କରାଯାଇ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ୬ ମତ୍ସ୍ୟଜୀବୀ ଗିରଫ, ଟ୍ରଲର ଜବତ




ରାଜନଗର, (ଭାସ୍କର ନ୍ୟୁଜ୍) :କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ଗହିରମଥା ସାମୁଦ୍ରୀକ ଅଭୟାରଣ୍ୟରୁ ବେନୀୟମ ଭାବେ ମାଛ ମାରୁଥିବା 'ଉର୍ବସୀ' ନାମକ ଟ୍ରଲର ସହ ୬ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସିଏଫ ମାନସ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ବିବରଣୀରୁ ପ୍ରକାଶ କେନ୍ଦ୍ରାପଡା ଜିଲ୍ଲା ଜମ୍ବୁ ମେରାଇନ ଥାନା ଅଞ୍ଚଳର ଶଙ୍କେଶ ଦାସ, ସୂର୍ଯ୍ୟକାନ୍ତ ଗିରି, ସଞ୍ଜୟ ବେହେରା, ପ୍ରମୋଦ ଜେନା, ଭୀମ ଗିରି ପ୍ରମୁଖ 'ଉର୍ବଶୀ'ନାମକ ଟ୍ରଲରରେ ବିନା ଅନୁମତିରେ ଗହିରମଥା ଅଭୟାରଣ୍ୟ ବରୁଣେଇ ନିକଟରେ ମାଛ ମାରୁଥିଲେ। ଖବର ପାଇ ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ବରୁଣେଇ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝିଙ୍କ ନେତୃତ୍ୱରେ ବନ କର୍ମଚାରୀ ଟିମ୍ ସମୁଦ୍ରରେ ଟ୍ରଲରକୁ ଜବତ କରି ୬ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ଟ୍ରଲର ଜବତ କରିବା ସହ ଭିଏଚପି-୧, ଜିପିଏସ-୧, ଫିସ୍ ଫାଇଣ୍ଡର-୧, ଟ୍ରଲି ନେଟ-୮, ମୋବାଇଲ ଫୋନ-୧, ମାଛ ପ୍ରାୟ ୧୨କୁଇଣ୍ଟାଲ ଜବତ ହୋଇଥିବା ଫରେଷ୍ଟର ଶ୍ରୀ ମାଝି କହିଛନ୍ତି। ପ୍ରକାଶ ଥାଉକି ବେନିୟମ ମାଛମରା ଟ୍ରଲର ମାଲିକଙ୍କର ଏହା ଦୈନନ୍ଦିନ ଘଟଣାରେ ପରିଣତ ହୋଇ ଏଥିରୁ ନିବୃତ ହେବାକୁ ଆନ୍ତରିକତା ନାହିଁ। ବନବିଭାଗକୁ ଡରାଇବା ସହ ଗୁଳିଚାଳନା କରିବାକୁ ପଛାଉ ନାହାଁନ୍ତି। ତଥାପି ବନ କର୍ମଚାରୀ ଜୀବନକୁ ବାଜି ଲଗାଇ ସମୁଦ୍ର ମଝିରୁ ଅଭିଯୁକ୍ତ ମାନଙ୍କୁ କାବୁ କରି ଜେଲ ପଠାଉଛନ୍ତି। ହେଲେ ଆଇନର କୋହଳ ପ୍ରକ୍ରୀୟା ଯୋଗୁ ସହଜରେ ମୁକୁଳି ପୁନର୍ବାର ବନ ବିଭାଗକୁ ଟାର୍ଗେଟ କରି ମାଛ ମାରୁଛନ୍ତି। ସାଧାରଣରେ ପ୍ରଶ୍ନ ଉଠୁଛି ଏତେ କଟକଣା ପରେ ମଧ୍ୟ ଅବାଧ ମାଛମରା ଚାଲିବା ପଛରେ କେହି ଗଳାବାଟ ସୃଷ୍ଟି କରି ଏପରି ଘଟଉଥାଇ ପାରେ ବୋଲି ଚର୍ଚ୍ଚା ଯୋର ଧରିଛି।

## ପୋଲିସର ସ୍ଥାଣୁତାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଗତ ସାଧାରଣ ନିର୍ବାଚନରେ ତିର୍ତ୍ତୋଲ ବିଧାନସଭା କ୍ଷେତ୍ରର ରସଲପୁର ସ୍କୁଲ ବୁଥ ନଂ ୨୦୪ରେ ଅବସରପ୍ରାପ୍ତ ଶାସନ ସଚିବ (ଗୃହ ବିଭାଗ) କ୍ଷେତ୍ର ମୋହନ ସେଠୀଙ୍କୁ ଦୁର୍ବ୍ୟବହାର କରାଯିବା ସହିତ ଧମକ ଚମକ ଦିଆଯାଇଥିଲା। ଘଟଣା ସମ୍ପର୍କରେ ତିର୍ତ୍ତୋଲ ଥାନାରେ କେସ ନଂ ୪୯୭/୨୦୨୪ରେ ପଞ୍ଜିକୃତ ହୋଇଥିଲା ଓ କେସ ତଦନ୍ତ ଦାୟିତ୍ୱ କନକପୁର ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ଭୋଳଙ୍କୁ ଦିଆଯାଇଥିଲା। ମାତ୍ର ଉକ୍ତ କେସର ତଦନ୍ତ ଦାୟିତ୍ୱରେ ଥିବା ରାଜେନ୍ଦ୍ର ଭୋଳ କେସର ତଦନ୍ତ କରିବା ତ ଦୂରର କଥା, ସାକ୍ଷୀ ମାନଙ୍କ ମତାମତ ନେବା, ଘଟଣା ଘଟିଥିବା ସ୍ଥାନକୁ ଆସିବା କିମ୍ବା ଅଭିଯୋଗକାରୀଙ୍କ ମତାମତ ଗ୍ରହଣ କରୁନାହାନ୍ତି। ଅଭିଯୋଗକାରୀ କ୍ଷେତ୍ର ମୋହନ ସେଠୀ ଅଭିଯୋଗ କରନ୍ତି ଯେ ସମ୍ପୃକ୍ତ ପୋଲିସ ଅଧିକାରୀ ଅଭିଯୁକ୍ତଙ୍କ ଠାରୁ ମୋଟାଙ୍କର ଉତ୍କୋଚ ନେଇ ଚୁପ ବସିଛନ୍ତି। ଏହି ପ୍ରସଙ୍ଗକୁ ନେଇ କ୍ଷେତ୍ର ମୋହନ ସେଠୀ ମୁଖ୍ୟମନ୍ତ୍ରୀ, ଓଡିଶା, ପୋଲିସ, ଡିଜି, ଡିଆଇଜି, ଓଡିଶା ମାନବିକ ଅଧିକାର କର୍ତ୍ତୃପକ୍ଷ ଓ ଜଗତସିଂହପୁର ଏସପିଙ୍କୁ ତଦନ୍ତ ତ୍ୱରାନ୍ୱିତ କରିବାକୁ ଅଭିଯୋଗ କରିଛନ୍ତି।

# ବ୍ୟାସଭୂମି ମହିମାଶ୍ରମର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଉଦ୍‌ଯାପିତ

## ୪୦ରୁ ଉର୍ଦ୍ଧ୍ୱ ମହିମା ସନ୍ନ୍ୟାସୀଙ୍କ ଦ୍ୱାରା ୨ଲକ୍ଷ ଘୃତାହୁତି





କୋରାଇ(ଭାସ୍କର ନ୍ୟୁଜ୍): ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ବ୍ୟାସଭୂମୀ ମହିମା ସେବା ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ବ୍ୟାସ ସରୋବର ପ୍ରବେଶ ପଥରେ ଥିବା ମହିମା ଆଶ୍ରମର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ୮ତାରିଖ ଶନିବାର ପବିତ୍ର ଭୈମୀ ଏକାଦଶୀ ଦିବସର ପୂର୍ବାହ୍ନରେ ଉତ୍ସବ ଆରମ୍ଭ ହୋଇଥିଲା ବେଳେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ, ମହିମା ବାଲ୍ୟଲୀଳା ଅନୁଷ୍ଠିତ ହୋଇଥିଲା । ବ୍ରହ୍ମମୁହୂର୍ତ୍ତରୁ ବ୍ରହ୍ମଧ୍ୱନି ସ୍ଥାପନ, ଅଖଣ୍ଡ ବତୀ ପ୍ରଜ୍ୱଳନ, ନାମ ସଂକୀର୍ତ୍ତନ, ଭଜନ ପରିବେଷଣ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱ କଲ୍ୟାଣ ନିମନ୍ତେ ଅନୁଷ୍ଠିତ ଯଜ୍ଞରେ ୪୦ରୁ ଉର୍ଦ୍ଧ୍ୱ ମହିମା ସନ୍ନ୍ୟାସୀଙ୍କ ଦ୍ୱାରା ଗୋଟିଏ ଦିନରେ ୨ଲକ୍ଷ ଘୃତାହୁତି ଅର୍ପଣ କରାଯାଇଥିଲା। ବାବା ସ୍ୱାଧୀନ ଦାସଙ୍କ ତତ୍ତ୍ୱାବଧାନରେ ନିତ୍ୟାନନ୍ଦ ଦାସ, ବାବା ମୋହନ ଦାସ, ବାବା ପ୍ରଭାକର ଦାସ, ବାବା ସୁଶାନ୍ତ ଦାସ, ବାବା ଭୀମସେନ ଦାସ, ବାବା ସୁଜନ ଦାସ, ସାଧୁ ଗୋବିନ୍ଦ ଦାସ, ଅଜୟ ଦାସ, ରବୀନ୍ଦ୍ର ଦାସ, ପ୍ରଶାନ୍ତ ଦାସ, କୁନା ଦାସ, ଦେବବ୍ରତ ଦାସ, ଗୋପାଳ ଦାସ, ଦୀପୁନ ବୈରାଗୀ, ରବୀନ୍ଦ୍ର ବୈରାଗୀ, ରାଜେନ୍ଦ୍ର ବୈରାଗୀଙ୍କ ସମେତ ବହୁ ସାଧୁ, ସନ୍ଥ, ମହିମା ସନ୍ନ୍ୟାସୀ ଯୋଗ ଦେଇଥିଲେ। ଶୂନ୍ୟ ସ୍ୱରୂପ ଭଜନ ମଣ୍ଡଳୀ ପକ୍ଷରୁ କଣ୍ଠଶିଳ୍ପୀ ଶାନ୍ତିଲତା ଦାସ, ମଞ୍ଜୁଲତା ସାହୁ, ଲମ୍ବୋଦର ବେହେରା, ଗୌରହରି ଦାସ, ଯଶୋଦା ରାଉଳ, ଅନୁ ନାୟକ, ରାସ ବିହାରୀ ପଣ୍ଡା, ଭରତ ରାଉଳ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠିତ ଉତ୍ସବରେ କୋରାଇ ବିଧାୟକ ଆକାଶ ଦାସନାୟକ କୋରାଇ ନିର୍ବାଚନ ମଣ୍ଡଳୀର ଅଧିବାସୀଙ୍କ ମଙ୍ଗଳ ବିଧାନ ପୂର୍ବକ ଆଶିଷ କାମନା କରିଥିଲେ । ସେହିପର ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆ, ବିଜେପି ନେତା ପ୍ରକାଶ ଧଳ, ରଞ୍ଜିତ ବଡ଼ଜେନା, ଅଯୋଧ୍ୟା ଜେନା ପ୍ରମୁଖ ବହୁମାନ୍ୟଗଣ୍ୟ ବ୍ୟକ୍ତି ଘୃତ ଆହୂତି ଅର୍ପଣ କରିଥିଲେ। ଟ୍ରଷ୍ଟ ପକ୍ଷରୁ ପ୍ରକାଶ ପରିଡ଼ା, ବିନୋଦ ବିହାରୀ ସାମଲ, ନରେଶ ମସ୍କରା, ପ୍ରଭାତ ବଳ, ରାଜେନ୍ଦ୍ର ନାୟକ, କ୍ଷୀରୋଦ ରାଉତ, ମୋହନ ସାମଲ, ରମାକାନ୍ତ ବେହେରା, ନିରଞ୍ଜନ ରାଉତ, ଅଶୋକ ରାଉତ, ରବୀନ୍ଦ୍ର ରାଉତ, ଗୋବିନ୍ଦ ରାଉତ, ଆଶିଷ ମଲ୍ଲିକ, କାଳନ୍ଦୀ ମଲ୍ଲିକ, ଚକ୍ରଧର ନାୟକ, ବିଜୟ ଜେନା, ପ୍ରସନ୍ନଜିତ ସାମଲ, ଶ୍ରୀକାନ୍ତ ବଳ, ଅଭିମନ୍ୟୁ ରାଉତ, ମନୋଜ କୁମାର ରାଉତ, ଟୁଲିଆ ଦେହୁରୀ, ଟୁନିଆ ଜେନା, ନାରାୟଣ ଦାସ, ବବି ଜେନା, ରାଜେଶ କୁମାର ସାହୁ, ବୈଲୋଚନ ବାରିକ, ଲମ୍ବୋଦର ନାୟକ, ଅମୂଲ୍ୟ ମଲ୍ଲିକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ । ବହୁସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା ବେଳେ ଯାଜପୁରରୋଡ ଥାନା ପକ୍ଷରୁ ଶୃଙ୍ଖଳା ଲାଗି ପୋଲିସବାହିନୀ ମୁତୟନ କରାଯାଇଥିଲା ।

## ।।।। ଧରଣୀଧର ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସ୍ଥାପନା ଦିବସ ।।।।

# 'ସୃଜନଶୀଳତାର ବିକାଶ ସହ ବିଶ୍ୱ ପରିବର୍ତ୍ତନର ବାହକ ହୁଅନ୍ତୁ ଛାତ୍ରସମାଜ'

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ସୃଜନଶୀଳତାର ବିକାଶ ସହ ବିଶ୍ୱ ପରିବର୍ତ୍ତନର ବାହକ ହୁଅନ୍ତୁ ଛାତ୍ରସମାଜ, ଏହା ସହିତ ନିଜ ଭିତରେ ଥିବା ଭିନ୍ନତା ତୁମ ପାଇଁ ସ୍ୱତନ୍ତ୍ରତା ଆଣିଦେଉ ବୋଲି ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ପ୍ରକାଶ କରିଛନ୍ତି । ସୃଜନାତ୍ମକ ବିକାଶ ସହ ଆଚରଣ ଓ ଉଚ୍ଚାରଣରେ ନିଜକୁ ସଂସ୍କାର ନାଗରିକ ଭାବେ ତିଆରି କରିବାକୁ ଆହ୍ୱାନ ଦେଇଛନ୍ତି। ବିଶ୍ୱବିଦ୍ୟାଳୟକୁ ଡିଗ୍ରୀ ପ୍ରଦାନର ଏକ ମେସିନ ନ ଭାବି ଏହାକୁ ଉତ୍କର୍ଷତାର ଏକ ଜ୍ଞାନମନ୍ଦିର ଭାବେ ଗଢି ତୋଳିବାକୁ ସେ ଆହ୍ୱାନ ଦେଇଛନ୍ତି । ନିଜ ବକ୍ତବ୍ୟରେ ଅଭାବ, ଅସୁବିଧା ଓ ପ୍ରତିକୂଳ ପରିସ୍ଥିତି ଆଗକୁ ଯିବାକୁ ପ୍ରେରଣା ଯୋଗାଏ ବୋଲି ସେ କହିବା ସହିତ ସମସ୍ତ ପ୍ରସ୍ତୁତି ପାଇଁ କେବଳ ଅଧ୍ୟାପକମାନଙ୍କର ଯେ ନିଷ୍ଠା ଆବଶ୍ୟକ ତାହା ନୁହେଁ ତାହା ଛାତ୍ରଛାତ୍ରୀ ଓ ଗୁରୁଙ୍କର ମିଳିତ ଉଦ୍ୟମ ବୋଲି ସେ ପ୍ରକାଶ କରିଥିଲେ । ଅଧିକରୁ ଅଧିକ ସଂଖ୍ୟାରେ ଏହି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସୁନାମଧନ୍ୟ କର୍ମନିଯୁକ୍ତି ସଂସ୍ଥାରେ ଯୋଗ ଦିଅନ୍ତୁ ବୋଲି ସେ ପ୍ରକାଶ କରିଥିଲେ । ମଙ୍ଗଳବାର ପୂର୍ବାହ୍ନରେ ଧରଣୀଧର ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ ସ୍ଥାପନା ଦିବସ ବିଶ୍ୱବିଦ୍ୟାଳୟର ଉତ୍ତର ପରିସର ବା ନର୍ଥ କ୍ୟାମ୍ପସଠାରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ମୁଖ୍ୟଅତିଥି ଭାବେ ଓଡିଶାର ଉଚ୍ଚ ଶିକ୍ଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗ ଦେଇ ଏହି ବିଶ୍ୱବିଦ୍ୟାଳର ଏକ ଗୌରବମୟ ଇତିହାସ ରହିଛି ବୋଲି ପ୍ରକାଶ କରିଥିଲେ । ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ତଥା ସ୍ୱତନ୍ତ୍ର ଅଧିକାରୀ ପ୍ରଫେସର ଡଃ ପ୍ରତାପ କୁମାର ମହାନ୍ତି ଅଧକ୍ଷତା କରି ଏହି ବିଶ୍ୱବିଦ୍ୟାଳୟ ୨୦୨୩ମସିହା ଫେବୃୟାରୀ ୧୧ତାରିଖରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗଙ୍କ ବିଜ୍ଞପ୍ତି ସଂଖ୍ୟା ୬୦୩୮ ତା ୧୧.୦୨.୨୦୨୩ରେ ଏହି ଧରଣୀଧର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଇଥିଲା । ଏବେ ବିଶ୍ୱବିଦ୍ୟାଳୟର ଦୁଇଗୋଟି କ୍ୟାମ୍ପସ ରହିଥିବାବେଳେ ପୁରୁଣା ସହର ସୁଲେଇଖମାର କ୍ୟାମ୍ପସକୁ ଧରଣୀଧର ବିଶ୍ୱବିଦ୍ୟାଳୟ ସାଉଥ କ୍ୟାମ୍ପସ ବା ଦକ୍ଷିଣ ପରିସର ଓ ମୂଳ କଲେଜ କ୍ୟାମ୍ପସକୁ ନର୍ଥ କ୍ୟାମ୍ପସ ବା ଉତ୍ତର ପରିସର ଭାବେ ନାମିତ କରାଯାଇଛି ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧକ୍ଷ ପ୍ରଭୁ କଲ୍ୟାଣ ଦାସ ସ୍ୱାଗତ ଭାଷଣ ଓ କୁଳସଚିବ ଦୁଃଖବନ୍ଧୁ ନାୟକ ଧନ୍ୟବାଦ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଆଇଏମଏମଟି, ସିଏସଆଇଆରର ନିର୍ଦ୍ଦେଶକ ଡଃ ରାମାନୁଜ ନାରାୟଣ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଛାତ୍ର ତଥା ଓଡିଶା ଲୋକସେବା ଆୟୋଗର ଅବସରପ୍ରାପ୍ତ ଅଧକ୍ଷ ସତ୍ୟଜିତ ମହାନ୍ତି ଯୋଗ ଦେଇ ଏହି ବିଶ୍ୱବିଦ୍ୟାଳୟର ସଫଳତା ସମସ୍ତଙ୍କ ଉପରେ ନିର୍ଭର କରେ ବୋଲି ପ୍ରକାଶ କରିଥିଲେ। କେନ୍ଦୁଝର ଜିଲ୍ଲାରେ ସୁଯୋଗର ଅଭାବ ନାହିଁ ବୋଲି ସେ କହିବା ସହିତ ମା ତାରିଣୀ ଓ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଆଶୀର୍ବାଦ ଯୋଗୁଁ ଏହି ବିଶ୍ୱବିଦ୍ୟାଳୟ ଶୀର୍ଷକୁ ଯିବ ବୋଲି ପ୍ରକାଶ କରିଥିଲେ। ନିଜ ଅଧ୍ୟୟନ ସମୟର ସ୍ମୃତି ଓ ଅନୁଭୂତିର ଭାବାବେଗ ପ୍ରକାଶ କରି ସେ କହିଲେ ଯେ ତତ୍କାଳୀନ ପାଚେରୀ ବିହୀନ ଖେଳଡିଆର ଆନନ୍ଦ ଓ ଦାଦା ହୋଟେଲର ସିଙ୍ଗଡା ସ୍ୱାଦ ସାରା ଦେଶରେ କେଉଁଠି ପାଇନାହିଁ। ଏହି ପ୍ରତିଷ୍ଠା ଉତ୍ସବରେ ପୁରାତନ ଛାତ୍ର ଭାବେ ଆଇପିଏସ ଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ, ଡିଏଫଓ ଏଚଡି ଧନରାଜ ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ,ବରିଷ୍ଠ ନାଗରିକ, ଶିକ୍ଷାବିତ, ଛାତ୍ରଛାତ୍ରୀମାନେ ଯୋଗଦେଇ ଥିବାବେଳେ ସମାରୋହକୁ ଓଡିଶା ବିଭାଗର ମୁଖ୍ୟ ଡ଼ଃ ସୁଧା ଦାଶ ସଂଚାଳନ କରିଥିଲେ । ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ସଙ୍ଗୀତ ଗାନ କରାଯିବା ସହ ବିଶ୍ୱବିଦ୍ୟାଳୟର ପ୍ରଗତିକୁ ନେଇ ଏକ ପୁସ୍ତିକା ଓ ସହକାରୀ ପ୍ରଫେସର ସୁମନ୍ତ୍ର ନାୟକଙ୍କ ରଚିତ ଗଳ୍ପ ସଂକଳନ ଉନ୍ମୋଚନ କରାଯାଇଥିଲା ।




## ରାଶିଫଳ

ବୁଧବାର, ୧୨ ଫେବୃଆରୀ ୨୦୨୫



**ମେଷ:** ନିଜ ଘରେ ଏବଂ କାର୍ଯ୍ୟକ୍ଷେତ୍ରରେ ଏକ ଉତ୍ତମ ପରିବେଶରେ ବାସ କରି ବହୁତ ଖୁସି ହେବେ। ସ୍ୱାସ୍ଥ୍ୟ ଭଲ ହେବ। ଚାକିରୀରେ ପଦୋନ୍ନତିର ସମ୍ଭାବନା ରହିଛି। କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ।



**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଥକ୍କା ଏବଂ ଅଳସୁଆ ଅନୁଭବ କରିବେ, ଯେଉଁଥିପାଇଁ ଉତ୍ସାହର ଅଭାବ ରହିବ। ଏହାର ପ୍ରଭାବ ବାଣିଜ୍ୟିକ କ୍ଷେତ୍ରରେ ଦେଖାଯିବ ଏବଂ ଏହା ସମସ୍ୟା ସୃଷ୍ଟି କରିପାରେ। ଉଚ୍ଚ ପଦାଧିକାରୀଙ୍କ ଆଚରଣ ଆପଣଙ୍କ ପ୍ରତି ନକାରାତ୍ମକ ହେବ।



**ମିଥୁନ:** ଆଜି ଆପଣଙ୍କୁ କୈଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି । କଫ ଏବଂ ପେଟ ସମ୍ବନ୍ଧୀୟ ରୋଗ ଆପଣଙ୍କୁ କଷ୍ଟ ଦେଇପାରେ। ସମ୍ଭବ ହେଲେ ଅସ୍ତ୍ରୋପଚାର ପରି ବଡ଼ ମାମଲା ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି।



**କର୍କଟ:** ଆପଣ ସ୍ୱାଦିଷ୍ଟ ଖାଦ୍ୟ ପାଇବେ ଏବଂ ସାଙ୍ଗମାନଙ୍କ ସହିତ ବୁଲିବାକୁ ଯିବେ। ଆପଣଙ୍କର ବ୍ୟବସାୟ ବଢିବ । ବାଣିଜ୍ୟ ଅଂଶଗ୍ରହଣ ଲାଭବାନ ହେବ। ସୁଧ ଇତ୍ୟାଦିରୁ ଆୟ ଅର୍ଥରେ ପରିପୂର୍ଣ୍ଣ ହେବ। ସାଧାରଣ ଜୀବନରେ ସମ୍ମାନ ବୃଦ୍ଧି ପାଇବ। କାର୍ଯ୍ୟରେ ସଫଳତା ସହିତ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।



**ସିଂହ:** କାର୍ଯ୍ୟରେ ସଫଳତା ପାଇବା ପାଇଁ ଆଜି ସର୍ବୋତ୍ତମ ଦିନ । ଶରୀର ଏବଂ ମନ ସହିତ ତୁମେ ସତେଜତା ଏବଂ ଆନନ୍ଦ ଅନୁଭବ କରିବ । ଚାକିରି-ବ୍ୟବସାୟ ସ୍ଥାନରେ ସହକର୍ମୀଙ୍କ ସମର୍ଥନ ଦିଆଯିବ। ଅସୁସ୍ଥ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବ।



**କନ୍ୟା:** ଆଜି ଆପଣଙ୍କର କଳ୍ପନା ଶକ୍ତି ପୁରା ଭଲ ରହିବ । ସାହିତ୍ୟ ସୃଷ୍ଟି ପାଇଁ ଆଜି ଏକ ଭଲ ଦିନ। ଛାତ୍ରମାନେ ଶିକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବେ । ଭାବପ୍ରବଣତା ଏବଂ ଯୌନତା ଆପଣଙ୍କ ପ୍ରକୃତିରେ ଅଧିକ ରହିବ । ମନରେ ଭୟ ରହିବ ।



**ତୁଳା:** ଆଜି ଆପଣଙ୍କର ବହୁତ ଭାବନା ରହିବ, ଯେଉଁ କାରଣରୁ କାହାର ଶବ୍ଦ କିମ୍ବା ଆଚରଣ ଦ୍ୱାରା ଆଘାତ ପାଇପାରନ୍ତି। ମାତାର ସ୍ୱାସ୍ଥ୍ୟ ଖରାପ ହେତୁ ବହୁତ ବିବ୍ରତ ହେବେ । ଖାଦ୍ୟ ଏବଂ ଶୋଇବାରେ ଅନିୟମିତତା ହେବ । ମହିଳା ଏବଂ ଜଳ କ୍ଷେତ୍ର ପ୍ରତି ସାବଧାନ ରୁହନ୍ତୁ। ଛାତ୍ରମାନଙ୍କ ପାଇଁ ସମୟ ମଧ୍ୟମ ଅଟେ।



**ବିଛା:** ଆଜି ବହୁତ ଭାବପ୍ରବଣ ଏବଂ ସମ୍ବେଦନଶୀଳ ହେବ, ଯେଉଁଥିପାଇଁ ତୁମର କଳ୍ପନା ଏବଂ ସୃଜନଶୀଳତା ଉତ୍ପନ୍ନ ହେବ। ଆପଣ ଆଜି ସାହିତ୍ୟ ଲେଖା ଏବଂ କଳା କ୍ଷେତ୍ରରେ ସହଯୋଗ କରିବାକୁ ସମର୍ଥ ହେବେ । ପରିବାର ସଦସ୍ୟ ବିଶେଷ କରି ମା ସହିତ ସମ୍ପର୍କ ବୃଦ୍ଧି ପାଇବ ।



**ଧନୁ:** ଆଜି ପ୍ରାରମ୍ଭରେ ଅସୁବିଧା ହୋଇପାରେ, ଆପଣଙ୍କର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ହେବ ଏବଂ ଯାହା ବହୁତ ଖୁସି କରିବ। ଆର୍ଥିକ ଯୋଜନା ହେତୁ, ଆପଣଙ୍କର ଅନେକ ଅସୁବିଧା କମିବା ଆରମ୍ଭ କରିବ । ଚାକିରି ବ୍ୟବସାୟରେ ଆପଣଙ୍କର ସହକର୍ମୀମାନେ ସମର୍ଥିତ ହେବେ । ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ସାକ୍ଷାତ କରିବା ଆପଣଙ୍କ ଖୁସି ବଢାଇବ।



**ମକର:** ଆଜି ଆପଣଙ୍କର ବନ୍ଧୁ, ପରିବାର ସହିତ ଆପଣଙ୍କ ଦିନ ବହୁତ ଭଲ ହେବ । ସେମାନଙ୍କଠାରୁ ଉପହାର ଆପଣଙ୍କ ଖୁସିକୁ ଦ୍ୱିଗୁଣିତ କରିବ । ଭ୍ରମଣ ପାଇଁ ଏକ କାର୍ଯ୍ୟକ୍ରମ ହେବ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇବାର ସୁଯୋଗ ମିଳିବ। ଆଜି ଭଲ ଖବର ପାଇବେ ଏବଂ ଆର୍ଥିକ ଲାଭ ମଧ୍ୟ ଉପଲବ୍ଧ ହେବ । ନିଜ ସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରନ୍ତୁ ।



**କୁମ୍ଭ:** ଆଜି ଆପଣଙ୍କୁ କୋର୍ଟ ମାମଲା ଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି । ମନରେ ଅସ୍ଥିରତା ରହିବ ଏବଂ ବିଭିନ୍ନ ଚିନ୍ତା ସୃଷ୍ଟି କରିବ । ସ୍ୱାସ୍ଥ୍ୟ ଖରାପ ହୋଇପାରେ । ବକ୍ତବ୍ୟ ଏବଂ ଆଚରଣରେ ନିଜକୁ ସଂଯମ କରିବା ଆବଶ୍ୟକ, ନଚେତ୍ କାହା ସହିତ କଳହ ହୋଇପାରେ ।



**ମୀନ:** ଆଜି, ଆପଣ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଏବଂ ଲାଭ ପାଇବେ। ଲକ୍ଷ୍ମୀଜୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିବ। ପୁରୁଣା ସାଙ୍ଗମାନଙ୍କ ସହିତ ଆପଣ ଦିନକୁ ଉପଭୋଗ କରିବେ। ଏକ ଭ୍ରମଣ ଯାଇପାରନ୍ତି । ଆଜି ପତ୍ନୀ ଏବଂ ପିଲାମାନଙ୍କ ସହିତ ଭଲ ସମୟ କଟାନ୍ତୁ । ଆପଣ ବିବାହିତ ଜୀବନରେ ଆନନ୍ଦ ପାଇବେ। ଆପଣ ପିଲାମାନଙ୍କର ଭଲ ଖବର ପାଇବେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସନାତନ ସ୍ମୃତି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଏବଂ ମୁଖପତ୍ର ଅର୍ପଣ ଉନ୍ମୋଚନ ସମେତ ଅଧ୍ୟାପକ ପରୀକ୍ଷିତ ସାହୁଙ୍କ 'ଅନ୍ଧ ମାଙ୍କଡ଼ ଓ ଅନ୍ୟାନ୍ୟ ପ୍ରବନ୍ଧ ପୁସ୍ତକ' ପାଠକାର୍ପିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଅଧ୍ୟାପକ ଡକ୍ଟର ଦୀନବନ୍ଧୁ ନନ୍ଦୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କବି ବଲ୍ଲଭ ରାଉତ, ମୁଖ୍ୟବକ୍ତା ଭାବେ ପ୍ରତିଷ୍ଠିତ ସାହିତ୍ୟିକ ଡାକ୍ତର ସୁରେନ୍ଦ୍ରନାଥ ଦାଶ, ସମ୍ମାନୀତ ବକ୍ତାଭାବେ କବି ହିମାଂଶୁ ଆଚାରୀ, ସମ୍ମାନୀତ ଅତିଥି ଭାବେ ବିଜୟ କୁମାର ଚୌଧୁରୀ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ରାମପ୍ରସାଦ ପାତ୍ର, ପ୍ରଫୁଲ୍ଲ କୁମାର ରାଉତ, ଶିକ୍ଷାବିତ ଲକ୍ଷ୍ମୀକାନ୍ତ ବାହିନୀପତି, ସମୀକ୍ଷକ ଭାବେ ଅଧ୍ୟାପକ ଗୋପାଳ ମହାରଣା ମଞ୍ଚାସୀନ ହୋଇଥଲେ। କବି ସାଗର ପରିଡା ଅତିଥି ପରିଚୟ ଦେଉଥିବାବେଳେ ବ୍ୟଙ୍ଗ କବି ଶ୍ରୀମାନ ଅଖାଡୁଆ ଓରଫ ଅଭିରାମ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ପାଞ୍ଚ ଜଣଙ୍କୁ ଯଥା କ୍ରମେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ, ସମାଜସେବୀ ହରମୋହନ ଦାସ, ଅଧ୍ୟାପକ ସୁଧାଂଶୁ ଶେଖର ପଟ୍ଟନାୟକ, ଅଧ୍ୟାପିକା ସସ୍ମିତା ଲତା ପାଢ଼ୀ, କବି ଚୈତନ୍ୟ ମଣ୍ଡଳଙ୍କୁ ସାହିତ୍ୟ ଓ ସମାଜସେବା କ୍ଷେତ୍ରର ପ୍ରତିଭାଧାରୀଙ୍କୁ ରାଧାକୃଷ୍ଣ ସ୍ମୃତି ସମ୍ମାନ ତାଙ୍କର ସୁପୁତ୍ର ଦେବେନ୍ଦ୍ରନାଥ ମିଶ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।



## ଲୋ ଭୋଲ୍ଟେଜ୍ ସମସ୍ୟାକୁ ନେଇ ବିକ୍ଷୋଭ



ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଲୋଭୋଲ୍ଟେଜ୍ ସମସ୍ୟାକୁ ନେଇ କଂଗ୍ରେସ ପକ୍ଷରୁ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୂଚନା ଅନୁଯାୟୀ ରାଇଘର ବ୍ଲକର ୨୬ ପଞ୍ଚାୟତରେ ଦୀର୍ଘଦିନ ହେଲା ଲୋ ଭୋଲଟେଜ୍ ସମସ୍ୟା ରହିଥିଲେ ମଧ ସମାଧାନ କରାଯାଉ ନାହିଁ ଏବଂ ବର୍ତ୍ତମାନ ପିଲାଙ୍କ ପରୀକ୍ଷା ଥିବାରୁ ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ପିଲାମାନେ ଠିକସେ ପାଠ ପଢି ପାରୁନାହାଁନ୍ତି। ସବୁଠାରୁ ବଡ଼ ସମସ୍ୟା ହେଲା ବର୍ତ୍ତମାନ ରାଇଘର ଅଞ୍ଚଳର ଶତାଧିକ ଚାଷୀ ରବିଋତୁରେ ମକା ଓ ପନିପରିବା ଚାଷ କରିଛନ୍ତି ଏବଂ ବର୍ତ୍ତମାନ ସେଗୁଡିକ ସବୁ ନଷ୍ଟ ହେବାକୁ ବସିଲାଣି। ଚାଷୀ ନିଜର ସମସ୍ତ ସମ୍ବଳ ଚାଷରେ ବିନିଯୋଗ କରିଥିବାବେଳେ ଲୋଭୋଲ୍ଟେଜ ଯୋଗୁଁ ଚାଷୀ ନିଜ ଜମିରେ ପାଣି ମଡ଼ାଇ ପାରୁ ନାହାଁନ୍ତି ସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଆଜି ଶତାଧିକ ଚାଷୀ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରି ସମସ୍ୟାର ତୁରନ୍ତ ସମାଧାନ ଦାବି କରିଛନ୍ତି। ଏହାକୁ ନେଇ କିଛି ସମୟ ପାଇଁ କାର୍ଯ୍ୟାଳୟରେ ଅପ୍ରିତିକାର ପରିସ୍ଥିତି ଦେଖିବାକୁ ମିଳିଥିଲା। ଘଟଣାକୁ ନେଇ ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ କହିଛନ୍ତି ଏହି ସମସ୍ୟା ଦୀର୍ଘ ଦିନର ତେଣୁ ଏହାର ସମାଧାନ ପାଇଁ ପ୍ରକଳ୍ପ କାର୍ଯ୍ୟ ଚାଲିଛି, ଆମେ ପୂର୍ବରୁ ଅଳ୍ପ ଦିନରେ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲି କିନ୍ତୁ କିଛି ସମସ୍ୟା ଯୋଗୁଁ କାମ ଟିକେ ଧିମେଇ ଯାଇଛି। କିନ୍ତୁ ଆଗାମୀ ଏକ ମାସ ମଧ୍ୟରେ ସମସ୍ୟା ସମାଧାନ ହୋଇଯିବ ବୋଲି କହିଛନ୍ତି ରାଇଘର ସହକାରୀ ଯନ୍ତ୍ରୀ।

## ବ୍ୟବସାୟୀଙ୍କୁ ଲୁଟ୍ ଘଟଣା ।।। ୬ ଗିରଫ

କୋରାପୁଟ(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧୀନସ୍ଥ ଆଡମୁଣ୍ଡା ଗ୍ରାମରୁ ସେମିଳିଗୁଡାର ଦୁଇ ଲୁହା ସ୍କ୍ରାପ୍ ବ୍ୟବସାୟୀଙ୍କ ଠାରୁ ଲୁଟ୍ ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ନନ୍ଦପୁର ଏସଡିପିଓ ସମ୍ବିତ କୁମାର ମାଝି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ଆଡମୁଣ୍ଡା ଗ୍ରାମର କୈଳାସ ଜାନି, ଟୁନା ଜାନି, ରାମ ନନ୍ଦିବାଲି, ଗଣେଶ ବଡନାୟକ ଏବଂ ପଟାଙ୍ଗି ଥାନା ଅଚଂଳର ଅମାନ ଖରା ଓ ଆକାଶ ଖରା ବୋଲି ଶ୍ରୀ ମାଝି କହିଛନ୍ତି । ସୂଚନାଯୋଗ୍ୟ, ସେମିଳିଗୁଡାର ସ୍କ୍ରାପ୍ ବ୍ୟବସାୟୀ ଆଶିଷ କୁମାର ସେନାପତିଙ୍କୁ ଜାନୁଆରୀ ୨୭ତାରିଖ ଅପରାହ୍ନରେ ସ୍କ୍ରାପ୍ ବିକ୍ରି ନିମନ୍ତେ ଏକ ଅଜଣା ମୋବାଇଲ ନମ୍ବରୁ କଲ୍ ଆସିଥିଲା । ୨୮ତାରିଖ ସକାଳୁ ଆଶିଷ ନିଜର ଜଣେ ସାଥୀ ରଞ୍ଜନ ମହାପାତ୍ରଙ୍କ ସହିତ ସେମାନେ ଦେଇଥିବା ଠିକଣା ଅନୁସାରେ ଆଡମୁଣ୍ଡା ଗ୍ରାମରେ ପହଞ୍ଚି ସେମାନଙ୍କ ସହିତ ଯୋଗାଯୋଗ କରିଥିଲେ । ବିକ୍ରେତାମାନେ ଜଙ୍ଗଲ ଭିତରେ ଥିବା କହି ଉଭୟ ବ୍ୟବସାୟୀଙ୍କୁ ଡାକି ନେଇଥିଲେ । ଏହି ସମୟରେ ୪ଜଣ ମୁଖା ପିନ୍ଧିଥିବା ଦୁର୍ବୃତ୍ତ ସେମାନଙ୍କୁ ଠେଙ୍ଗା ଦେଖାଇ ଆଣ୍ଠେଇବାକୁ କହିଥିଲେ । ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ କରି ସେମାନଙ୍କ ଠାରୁ ୨୫,୨୦୦ଟଙ୍କା ନଗଦ ସହ ଦୁଇଟି ମୋବାଇଲ ଓ ଗୋଟିଏ ରୁପା ଚେନା ଲୁଟ୍ କରି ଚମ୍ପଟ ମାରିଥିଲେ । ଏସଂପର୍କରେ କାହାରିକୁ ଅଭିଯୋଗ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏନେଇ ଆଶିଷ କୁମାର ସେନାପତି ୨୮ତାରିଖରେ ନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ନନ୍ଦପୁର ଥାନା ଅଧିକାରୀ ମମତା କୁମାରୀ ପଣ୍ଡାଙ୍କ ସହିତ ଏସଆଇ ଦୀପ୍ତିମୟୀ ଧାରୁଆ ବିଭିନ୍ନ ଦିଗରୁ ତଦନ୍ତ କରି ଶେଷରେ ଏହି ଘଟଣାରେ ୬ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି ।

## ଝାଡ଼ଖଣ୍ଡରୁ ସାଇବର ଠକ ଗିରଫ




କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ସାଇବର ପୋଲିସକୁ ମିଳିଛି ବଡ ସଫଳତା । ପଶ୍ଚିମବଙ୍ଗର ସାଇବର ଠକ ଅଫତାବ ଅଲ୍ଲୀକୁ ଗିରଫ କରିବାରେ ସକ୍ଷମ ହୋଇଛି । ସ୍ୱତନ୍ତ୍ର ଟିମ୍ ଝାଡଖଣ୍ଡରୁ ଏହି ଠକକୁ ଗିରଫ କରିଥିବା ସାମ୍ବାଦିକ ସମ୍ମିଳନୀ କରି ଅତିରିକ୍ତ ଏସ୍‌ପି ମନବ୍ରତା ଶତପଥୀ ସୂଚନା ଦେଇଛନ୍ତି । ଅଫତାବ ଆପଲ ଭେକେସନ୍ ନାମକ କଂପାନୀ ଖୋଲି ଟେଲିଗ୍ରାମ ଆପ୍‌ରେ ଲୋକଙ୍କ ନିକଟକୁ ଲିଙ୍କ୍ ପଠାଉଥିଲେ । ଅଧିକ ସୁଧ ମିଳିବାର ଲୋଭ ଦେଖାଇ ଟଙ୍କା ଆଦାୟ କରୁଥିଲେ । କିଛି ଲୋକଙ୍କୁ ଟଙ୍କା ଡବଲ କରି ମଧ୍ୟ ଦେଇଥିଲେ । ତେଣୁ ଅଫତାବର ମାୟା ଜାଲରେ ବହୁ ଲୋକ ପଡିଥିଲେ । ଗତ ନଭେମ୍ବର ମାସରେ କୋରାପୁଟ ରେଳ ବିଭାଗ କର୍ମଚାରୀ ଭାରତ ଭୂଷଣ ବର୍ଗୀ ୬ଲକ୍ଷ ୯୦ହଜାର ଟଙ୍କା ଏହି ଠକ କଥାରେ ପଡି ହରାଇଥିଲେ । ତେଣୁ କୋରାପୁଟ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରି ବ୍ୟାଙ୍କ ଆକାଉଣ୍ଟ ନମ୍ବର ଏବଂ ଫୋନ ନମ୍ବର ଆଧାରରେ ଠକ ଅଫତାବକୁ ଝାଡଖଣ୍ଡରେ ଠାବ କରିଥିଲେ । କୋରାପୁଟ ଆଣି ପଚରାଉଚୁରା କରିବା ପରେ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ଠାରୁ ନଗଦ ଦୁଇଲକ୍ଷ ଟଙ୍କା, ମୋବାଇଲ ଫୋନ ସହ ୧୦ଟି ଚେକ୍‌ବୁକ୍ ଜବତ କରାଯାଇଛି ।

## ପ୍ରବାସୀ ଶ୍ରମିକ ସଚେତନତା ଶିବିର



ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନିଲଜି ପଞ୍ଚାୟତ ଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଫ୍‌ଓ ଅଜିଜ ଖାନ୍, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ,ବ୍ଲକ ଉପାଧକ୍ଷା ମିନା ଘିଭେଲା, ବିଡ଼ିଓ କର୍ମୀ ଓରାମ, ତହସିଲଦାର ଉପାଞ୍ଜଳି ମାଝୀ, ସିଡିଏମଓ ଧରଣୀ ଧର ସେନାପତି,ସରପଞ୍ଚ ଲକ୍ଷ୍ମଣ ପ୍ରଧାନ ଯୋଗ ଦେଇଥିଲେ। ବସୁନ୍ଧରା ଯୋଜନା ମାଧ୍ୟମରେ ଖରସେଲ ଗ୍ରାମର ଯଶୋଦା ସାହୁ,ଗଜ ରାଜ ମାଝୀ ଓ ଲିଙ୍ଗରାଜ ମାଝିଙ୍କୁ ୪ ଡିସିମିଲ ଲେଖାଏଁ ଜମି ପଟ୍ଟା ପ୍ରଦାନ କରି ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ସମସ୍ତ ଅଧିକାରୀ । ଏଲଡିଏମ ସିତାରାମ ମେହେର,ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଆଲୋକ କୁମାର ନାୟକ,ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଜିଲ୍ଲା ଜଳ ଛାୟା ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ପାତ୍ର ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିୟାର ସିଂ,ଜିଲ୍ଲା ମଂଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ,ପ୍ରମୁଖ ଯୋଗଦେଇ ଶ୍ରମିକ କୃଷକ ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ହସ୍ତଶିଳ୍ପ ଉପନିର୍ଦ୍ଦେଶକ ପୁଷ୍ପ ରଞ୍ଜନ ସାହୁ କୋଶଳି କବିତା ମାଧ୍ୟମରେ ସରକାରଙ୍କ ସମସ୍ତ ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକର ସୂଚନା ଦେଇଥିଲେ। ଜିଲ୍ଲାପାଳ ଜନସାଧାରଣଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଆପଣଙ୍କ ଯୋଜନା, ଏହା ଆପଣ ମାନଙ୍କ ପାଇଁ , ଆପଣମାନଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହାର ଲାଭ ସମସ୍ତେ ଉଠାଇବାକୁ ଚେଷ୍ଟା କରନ୍ତୁ । ସମସ୍ତ ଜନସାଧାରଣ ମିଶି ନିଲଜିକୁ ଦାଦନ ଶ୍ରମିକ ମୁକ୍ତ ପଞ୍ଚାୟତରେ ପରିଣତ ପାଇଁ ଦାବି କରିଥିଲେ । ସରପଞ୍ଚ ଲକ୍ଷ୍ମଣ ପ୍ରଧାନ ପ୍ରବାସୀ ଶ୍ରମିକ ସଚେତନତା ପାଇଁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବାରୁ ଜିଲ୍ଲା ପ୍ରଶାସନ, ଜିଲ୍ଲାପାଳ ତଥା ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସଭା ପରିଚାଳନା କରିଥିଲେ। ଆଜିର ସଭାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ଏବଂ ଶହ ଶହ ସଂଖ୍ୟାରେ ମହିଳା ତଥା ଜନ ସାଧାରଣ ଯୋଗ ଦେଇଥିଲେ।

## ସ୍ୱୟଂପ୍ରଭା ସାହିତ୍ୟ ସଂସଦର କବିତା ପାଠୋତ୍ସବ



ବରଗଡ(ଭାସ୍କର ନ୍ୟୁଜ୍): ସ୍ୱୟଂପ୍ରଭା ସାହିତ୍ୟ ସଂସଦର ଆନୁକୂଲ୍ୟରେ ତୁରୁଙ୍ଗା ନିକଟସ୍ଥ ମା' ବୈଷ୍ଣୋଦେବୀ ମନ୍ଦିର ପରିସରରେ କବିତା ପାଠ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ରବିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ର ୪୦ ଜଣ ବିଶିଷ୍ଟ ସାହିତ୍ୟିକ ସାହିତ୍ୟିକା ଯୋଗଦେଇ ସ୍ୱରଚିତ କବିତା ପାଠ କରିବା ସହ ସାହିତ୍ୟ ଉପରେ ଆଲୋଚନା କରିଥିଲେ । କବିମାନଙ୍କ ମଧ୍ୟରେ ଦିବ୍ୟକିଶୋର ଦେବତା, ଡାକ୍ତର ଦୂର୍ବାଦଳ ମେହେର, ରବିନାରାୟଣ ସାହୁ, ଗୋବିନ୍ଦ ଦାଶ, ରୋହିତ ଦାଶ, ମନୋରଞ୍ଜନ ମେହେର, ଡୋଲାମଣି ଶତପଥୀ,ଶରତ ଚନ୍ଦ୍ର ପାଢୀ, ପ୍ରଦୀପ୍ତ ଭାନୁ ମହାନ୍ତି, ତରଣୀସେନ୍ ଗୁରୁ , ଜ୍ୟୋତ୍ସ୍ନାମୟୀ ଦାଶ, ତପସ୍ୱିନୀ ଗୁରୁ, ଜିତାରାଣୀ ଦାଶ, ନିରୁପମା ଶତପଥୀ , ନୁରାବତୀ ସାହୁ, ସନ୍ତୋଷିନୀ ଦାଶ, ବାସନ୍ତୀ ଗୁରୁ, ରାଧାରାଣୀ ପଟ୍ଟନାୟକ, ମିନା ପଣ୍ଡା, ସୁପ୍ରଭା ସାମଲ,ସୁମିତ୍ରା ସାମଲ, ଗିତାରାଣୀ ପଲେଇ, ସୁଶ୍ରୀ ଦିବ୍ୟକାନ୍ତି ଭୋଇ, କବିତା ଦେବତା, ଜୟଶ୍ରୀ ଦାସ, ଜୟଶ୍ରୀ ଖାଡଙ୍ଗା, ସୁଜାତା ପଣ୍ଡା, କମଳିନୀ ଦେବୀ,ସଞ୍ଚିତା ପାତ୍ର,ଅଂଶିକା ନାଗ,ସୋନିଆ ରାଣୀ ପାତ୍ର, ଅଳକା ନନ୍ଦା,ସାଇଶ୍ରୀ,ନିଖିଲେଶ୍ ପ୍ରମୁଖ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ମାଆ ବୈଷ୍ଣୋଦେବୀଙ୍କ ଦର୍ଶନ ସହିତ ସାମୂହିକ ପ୍ରସାଦ ସେବନ କରାଯାଇଥିଲା ।

## ପରିଶ୍ରମର ଅର୍ଥ ପାଉନାହିଁ ଟମାଟୋ ଚାଷୀ



ଝରିଗାଁ (ଭାସ୍କର ନ୍ୟୁଜ୍): ଟମାଟୋ ଚାଷୀ ଚାଷ କରି ଆଖିରେ ଦେଖିଛି ଉତ୍ପାଦନ ଏବଂ ଉତ୍ପାଦିତ ପରିମାଣ। ଏହାର ବିକ୍ରି ପରେ ଚାଷୀର ଖର୍ଚ୍ଚକୁ ନେଇ ପ୍ରକୃତରେ ଲାଭ ହୋଇଛି ନା କ୍ଷତି। ଅର୍ଥ ବ୍ୟୟ, ଶ୍ରମଦାନ ମାନସିକ ପରିଶ୍ରମ ସାଙ୍ଗକୁ ସମୟର ବିନିଯୋଗ ତୁଳନାରେ କଣ ପ୍ରାପ୍ୟ ହୋଇଛି ଚାଷୀକୁ। ଅନିୟନ୍ତ୍ରିତ ବଜାର ବ୍ୟବସ୍ଥା, ଶୀତଳଭଣ୍ଡାର ଅଭାବ ସହ ସାମ୍ପ୍ରତିକ ସ୍ଥିତିରେ ଉତ୍ପାଦିତ ହେଉଥିବା ଟମାଟୋ ମୂଲ୍ୟ କେତେ ରହିଛି। ଏସବୁ ସମୀକ୍ଷା କରି ଚାଷୀ ଲାଭ କ୍ଷତି କୁ ନେଇ ନିରାଶ ହୋଇଥିବା କହିଛନ୍ତି ଝରିଗାଁ ବ୍ଲକ ଆର୍ କେ ଗୁଡ଼ା ପଞ୍ଚାୟତ ରାଣୀ ଚଟ୍ରା ଗାଁ ର ଟମାଟୋ ଚାଷ କରୁଥିବା ଡମ୍ବରୁଧର ନାୟକ। ଘର ନିକଟ ଜମିରେ ଘରେ ରହିଥିବା ବୋର୍ ୱେଲ ପାଣିରେ ଚାଷ କରିଛନ୍ତି ଡମ୍ବରୁ। ଗୋଟିଏ ଏକର ଜମିରେ ଲଗାଇଛନ୍ତି ଟମାଟୋ। ପ୍ରଥମ ପର୍ଯ୍ୟାୟ ଉତ୍ପାଦନ ହୋଇଛି ପ୍ରାୟ ଚାରିରୁ ପାଞ୍ଚ କ୍ୱିଣ୍ଟାଲ। କିଲୋ ପିଛା ୧୦ ଟଙ୍କା ଦରରେ ବିକିଛନ୍ତି ଟମାଟୋ। ଖର୍ଚ୍ଚ ୧୦୦ ଟଙ୍କାରେ ଲାଭ ୩୦ ଟଙ୍କା ବୋଲି କହିଛନ୍ତି ଚାଷୀ ଡମ୍ବରୁ। ୧୦୦ ଟଙ୍କା ବିକ୍ରି ହେଉଥିବା ଟମାଟୋ ଏବେ ହାଟ ବଜାର ରେ ୬ ଟଙ୍କା ରୁ ୮ ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲାର ଝରିଗାଁ ବ୍ଲକ ବାସୀଙ୍କ ଜୀବନ ଜୀବିକାର ମୁଖ୍ୟ ବୃତ୍ତି କୃଷି। ଖରିଫ ଚାଷ ଭାବେ ଧାନ ଓ ମକା ପ୍ରଧାନ ଚାଷ ଭାବେ ହୋଇ ଆସୁଛି। ବର୍ଷା ଉପରେ ଭରସା କରି ଏକ ଅନିଶ୍ଚିତତା ମଧ୍ୟରେ ରହୁଛି ଚାଷୀ। ଅଞ୍ଚଳର ନବେ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର। ବ୍ଲକ କୃଷି ବିଭାଗ ସୂଚନା ଏବଂ ଏହାର ଭୌଗଳିକ ସ୍ଥିତି ଚିତ୍ରରେ ରହିଛି ଚାଷ ଜମିର ପରିମାଣ ୧୭୩୫୦ ହେକ୍ଟର। ସେଥିମଧ୍ୟରେ ଧାନ ଚାଷ ହେଉଥିବା ଜମିର ପରିମାଣ ୮୬୫୨ ହେକ୍ଟର ଏବଂ ମକା ଚାଷ ଜମିର ପରିମାଣ ୭୯୫୦ ହେକ୍ଟର ଜମି ରହିଛି। ତେବେ ଜଳସେଚିତ ଜମିର ପରିମାଣ କେବଳ ୪୭୦ ହେକ୍ଟର ଜମି ରହିଛି। କୃଷି କ୍ଷେତ୍ରରେ ଚାଷୀ ନିଜର ଆର୍ଥିକ ସ୍ଥିତି ଉନ୍ନତି କରିବା ଚିନ୍ତା କରି ଶାଗ ପରିବା ଚାଷକୁ ଆପଣେଇ ଉତ୍ପାଦନ କରୁଛି। ହେଲେ ଖର୍ଚ୍ଚ ତୁଳନାରେ ଲାଭ ଅତି କମ୍ ପାଉଛି। ବିଶେଷ କରି ମାଘ ପୌଷ ମାସରେ ଏହାର ଉତ୍ପାଦନ ବହୁଳ ଭାବେ ହେଉଥିବା ଯୋଗୁ ମୂଲ୍ୟ ପ୍ରଭାବିତ ହେଉଛି। ପନିପରିବା ଆକାଶଛୁଆଁ ମହଙ୍ଗା ଦର ଚାଲିଥିବା ସମୟରେ ଉତ୍ପାଦନ ପାଇଁ ଚାଷୀ ନିକଟରେ ଆଧୁନିକ କୃଷି ପାଇଁ ଭିତ୍ତିଭୂମି ଓ ଆର୍ଥିକ ସମ୍ବଳ ଅଭାବ ରହୁଛି। କୃଷିର ବିକାଶ ହେଲେ କୃଷକର ବିକାଶ ହେବ। ଏନେଇ ସରକାର ଡିପ୍ ବୋର୍ ୱେଲ୍ ସବ୍‌ସିଡି ମାଧ୍ୟମରେ ଯୋଗାଉଥିବାବେଳେ ଜମିରେ ଜଳସେଚନ ପାଇଁ ସୌରଚାଳିତ ନଳକୂପ ଏବଂ ବିଦ୍ୟୁତ୍ ଚାଳିତ ନଳକୂପ ବିକେବିଏସ ଯୋଜନାରେ ଜିଲ୍ଲାରେ ଶତାଧିକ ଚାଷୀଙ୍କୁ ଗତ ସରକାରରେ ଉପଲବ୍ଧ କରା ଯାଇଥିଲା। ବ୍ଲକରେ ସରକାରୀ ଚିହ୍ନଟ ଚାଷୀ ସଂଖ୍ୟା ୧୬୮୩୫ ରହିଛି। ତେଣୁ ବ୍ଲକରେ ଜଳସେଚନ ସୁବିଧା ଅତି ନ୍ୟୁନ ଅବସ୍ଥାରେ ରହିଛି। ନଦୀଜଳ ଉତ୍ସର ବ୍ୟବହାର ପାଇଁ ଲିଫ୍ଟ ଇରିଗେସନ ପ୍ରକଳ୍ପ ବହୁତ୍ କମ୍ ରହିଛି। ଶୀତଳ ଭଣ୍ଡାର ଅଭାବ ଯୋଗୁଁ ଉତ୍ପାଦିତ ପରିବା ଶସ୍ୟ କମ୍ ମୂଲ୍ୟରେ ବିକ୍ରି କରି ଚାଷୀ କ୍ଷତି ସହୁଛି। ଚାଷୀର ଆର୍ଥିକ ବିକାଶ ପାଇଁ ଜଳସେଚନ ବ୍ୟବସ୍ଥା, ଉତ୍ପାଦିତ ଶସ୍ୟ ର ବଜାର ବ୍ୟବସ୍ଥା ଏବଂ ଉଚିତ୍ ମୂଲ୍ୟ ସାଙ୍ଗକୁ ଏହାର ଶୀତଳଭଣ୍ଡାର ସଂରକ୍ଷଣ ନକଲେ ଚାଷୀର ଆର୍ଥିକ ବିକାଶ ଅସମ୍ଭବ। ଖରିଫ ଚାଷ ନେଇ ଅଞ୍ଚଳର ଚାଷୀ ସର୍ବଦା ମାନସିକ ଚାପରେ ଦଶନ୍ଧି ଦଶନ୍ଧି ଧରି ରହି ଆସୁଛନ୍ତି। ସରକାରଙ୍କ ପ୍ରୋତ୍ସାହନ, ଅଞ୍ଚଳରେ ରହିଥିବା ପ୍ରାକୃତିକ ଜଳ ସମ୍ବଳର ବିନିଯୋଗ କରି ଜଳସେଚନ ସୁବିଧା ଉପଲବ୍ଧ କଲେ ଚାଷୀର ଆର୍ଥିକ ବିକାଶ ସମ୍ଭବ ବୋଲି ବୁଦ୍ଧିଜୀବୀ ଚାଷୀ ପ୍ରକାଶ କରିଛନ୍ତି।

## ଗରିବଙ୍କ ପାଇଁ ଆସିଥିବା ଚାଉଳ ଆନ୍ଧ୍ରକୁ ଚୋରାଚାଲାଣ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ସଦର ମହକୁମା ଏକ ନଂ ୱାର୍ଡରେ ଏକ ଟ୍ରକ ନଂ ଏପି ଟି ୫୩୫୮ରେ ୩୦୦ କୁଇଣ୍ଟାଲ ପିଡିଏସ୍ ଚାଉଳ ଆନ୍ଧ୍ରପ୍ରଦେଶ ଚୋରା ଚାଲାଣ ହେଉଥିବାବେଳେ ଟ୍ରକ୍ ମାଲିକ ସଂଘ ଓ ଯୁବକମାନେ ଗାଡିରେ କ'ଣ ଅଛି ବୋଲି ତନଖି କରିଥିଲେ। ସେଥିରେ ୩୦୦ ବସ୍ତା ପିଡି ଏସ୍ ଚାଉଳ ଦେଖିଥିଲେ। ପରେ ଯୋଗାଣ ବିଭାଗକୁ ଫୋନ୍ କରି ଜଣାଇଥିଲେ ମଧ କେହି ହେଲେ ଆସିନଥିଲେ । ଏଣୁ ପୋଲିସକୁ ଖବର ଦିଆଯାଇଥିଲା। ଉକ୍ତ ଟ୍ରକ୍‌କୁ ଆଣି ଥାନାରେ ରଖାଯାଇଛି । ଏହି ଘଟଣା ଗତ ରବିବାର ଦିନ ରାତ୍ର ସମୟରେ ଘଟିଥିଲା । ଗଜପତି ଜିଲ୍ଲା ଆଦିବାସୀ ବହୁଳ ଅଞ୍ଚଳ ଅଟେ । ଏଠାରେ ୭ ଗୋଟି ବ୍ଲକ୍ ଅଛି। ସବୁଠି ଅତି ଗରିବ ପରିବାରମାନେ ଏଠାରେ ବସବାସ କରନ୍ତି । ଜିଲ୍ଲା ସଦର ମହକୁମାରେ ଯଦି ଏହି ଭଳି ଚାଉଳ ଚୋରା ଚାଲାଣ ହେଉଛି ।ତାହା ହେଲେ ଦୁର୍ଗମ ଅଞ୍ଚଳରେ କଣ ହେଉଥିବ ତାହା ଅନୁମେୟ । ଆଜି ଦିନ ୨ଘଣ୍ଟା ସମୟ ରେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଓ ଯୋଗାଣ ବିଭାଗ ଚାଉଳକୁ ଯାଞ୍ଚ୍ କରୁଛନ୍ତି । ବିଶେଷ ସୂତ୍ରରୁ ଖବର ଯେ ଏହି ଟ୍ରକ୍ କେନ୍ଦ୍ରାପଡ଼ା ଜିଲ୍ଲାକୁ ଯାଉଥିବା ଜଣାପଡିଛି।

## ଯୁଗ୍ମ ଜନଶୁଣାଣି ଶିବିର

ନବରଙ୍ଗପୁର(ଭାସ୍କର ନ୍ୟୁଜ୍): ପାପଡ଼ାହାଣ୍ଡି ବ୍ଲକ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ବର୍ମନ, ବ୍ଲକ ଅଧକ୍ଷା ହେମଲତା ମାଝୀ,ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା,ଏ ସି ଡି ଓ ,ଜିଲ୍ଲା ପରିଷଦ ଯଦୁମଣି ନାୟକ,ବି ଡି ଓ କପିଳଦେବ ସାହୁ , ତହସିଲଦାର ତପନ ମାଝୀଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୪୨ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୦ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ୨ ଜଣଙ୍କୁ ହୁଇଲ୍ ଚେୟାର ସହାୟତା ପ୍ରଦାନ କରଯାଇଥିଲା।



## ଏମ୍‌ଭି-୧୬ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପାଳିତ



ମାଲକାନଗିରି(ଭାସ୍କର ନ୍ୟୁଜ୍):ମାଲକାନଗିରି ଜିଲ୍ଲା ଏସ୍ ତଣ୍ଡାପାଲି ପଞ୍ଚାୟତ ଅନ୍ତର୍ଗତ ଏମଭି ୧୬ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷକ ସଂଘ ସଭାପତି ତାରକ ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମାଲକାନଗିରି ବିଧାୟକ ପ୍ରତିନିଧି ସତ୍ୟସରଣ ପାଲ, ମୁଖ୍ୟବକ୍ତା ଭାବେ ପୂର୍ବତନ ସାହିତ୍ୟ ଏକାଡେମି ସଦସ୍ୟ ତଥା ସାମ୍ବାଦିକ ରତ୍ନାକର ଦାଶ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକଶିକ୍ଷା ଅଧିକାରୀ ଗୌରଙ୍ଗ ସାଜନ,ରାଜ୍ୟ ଶିକ୍ଷକ ସଂଘ ଉପସଭାପତି ରଞ୍ଜିତ ନାୟକ, ଏବିଇଓ ଅଶ୍ୱିନୀ ମାଝୀ, କୋରକୁଣ୍ଡା ବ୍ଲକ ଶିକ୍ଷକ ସଂଘ ସଭାପତି ଅରବିନ୍ଦ ଜେନା,ଶିକ୍ଷକ ବିକାଶ କୁମାର ସେଠି ଓ ବିଦ୍ୟାଳୟ କମିଟି ସଭାପତି ସୁଧାଂଶୁ ଶେଖର ଯୋଗ ଦେଇଥିଲେ । ପ୍ରଥମେ ଅତିଥିମାନେ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିବା ସହ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷକ ସଂଘର ଉପଦେଷ୍ଟା ପ୍ରଦୀପ କୁମାର ଦଲେଇ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜୀବନ ଓ ସମୟ ମଣିଷର ସର୍ବ ଶ୍ରେଷ୍ଠ ଗୁରୁ, ଜୀବନ ଆମକୁ ସମୟ ଉପଯୋଗ କରିବା ଶିଖାଏ ଓ ସମୟ ଆମକୁ ଜୀବନର ମୂଲ୍ୟ ବତାଏ, ଆଜିର ଶିଶୁ କାଲିର ନାଗରିକ, ଶିଶୁ ହସିଲେ ଦୁନିଆ ହସିବ ବୋଲି ମୁଖ୍ୟ ବକ୍ତା ଶ୍ରୀ ଦାଶ କହିଥିଲେ ।ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଓ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସାବିତ୍ରୀ ଦେବନାଥ ଓ ଅନୁ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ସୁଲେଖା ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯାଇଥିଲା ।

## ଐତିହାସିକ ପୋଡାଗଡ଼ ମଣ୍ଡେଇ ଯାତ୍ରା



ଉମରକୋଟ(ଭାସ୍କର ନ୍ୟୁଜ):ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ଭଣ୍ଡାରିଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୋଡ଼ାଗଡ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତେୟାନବେ ମୌଜାର ଦେବାଦେବୀଙ୍କ ପ୍ରତୀକ ଲାଠି, କୁର୍ଚୀ ଓ ବିମାନ ଶତାଧିକ ସଂଖ୍ୟାରେ ଯୋଗ ଦେଇଥିଲେ ,ଏଥିସହିତ ଛତିଶଗଡର ଅମରାବତୀ, ଯଇବେଲି, କଲାଓଲି ଗ୍ରାମର ଦେବାଦେବୀଙ୍କ ପ୍ରତୀକ ଲାଠି ଆଙ୍ଗା ଧରି ପୂଜକ ଶିରାମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଝରିଗାଁ ବିଧାୟକ ନରସିଂ ଭତ୍ରା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ବିଧାୟକ ପ୍ରତିନିଧି ସୋନା ମାଝୀ, ସାଂସଦ ପ୍ରତିନିଧି ବାସନ୍ତୀ ମାଝୀ ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝୀ ଯୋଗଦେଇଥିଲେ ଉକ୍ତ କାର୍ଯ୍ୟକୁ ପୋଡାଗଡ ସେବାୟତ ଚାରିଟେବୁଲ ଟ୍ରଷ୍ଟ ସଭାପତି ଉଦ୍ଧବ ଚରଣ ନାୟକ ଓ ମୁଖ୍ୟ ଉପଦେଷ୍ଟା କୈଳାଶ ଚନ୍ଦ୍ର ବେହେରା,ସହ ସମ୍ପାଦକ ତୁଳସୀରାମ ଭତ୍ରା, ଜଳଧର ମାଝୀ, ଈଶ୍ୱର ମାଝୀ, ସୁକମନ୍ ପୂଜାରୀ ଉକ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।



ନୂଆଦିଲ୍ଲୀ: ଆମେରିକାରେ ଆଉ ଏକ ବିମାନ ଦୁର୍ଘଟଣା ଘଟିଛି । ରିପୋର୍ଟ ଅନୁଯାୟୀ, ଅଧିକାରୀମାନେ କହିଛନ୍ତି ଯେ ଏରିଜୋନା ସ୍କଟସଡେଲ ଏୟାରପୋର୍ଟରେ ବେସରକାରୀ ଜେଟ୍‌ର ଧକ୍କା ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି ଏବଂ କିଛି ଲୋକ ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ପରେ ରନୱେ ବନ୍ଦ କରି ଦିଆଯାଇଛି । ଗତ ୧୨ ଦିନରେ ଏହା ଚତୁର୍ଥ ବିମାନ ଦୁର୍ଘଟଣା । ସୂଚନାନୁସାରେ ପାର୍କ ହୋଇଥିବା ଏକ ବିଜନେସ ଜେଟକୁ ଏକ ମଧ୍ୟମ ଆକାରର ବିଜନେସ ଜେଟ୍ ଧକ୍କା ଦେଇଥିଲା । ଏକ ଜେଟ୍ ରନୱେରୁ ଓହ୍ଲାଇ ଯାଇ ପାର୍କ ହୋଇଥିବା ଗଲ୍ଫଷ୍ଟ୍ରିମ ୨୦୦ ଜେଟ ସହିତ ଧକ୍କା ହୋଇଥିଲା । ସ୍କଟସଡେଲ ଏୟାରପୋର୍ଟର ଜଣେ ଅଧିକାରୀଙ୍କ କହିବା ଅନୁସାରେ ଜେଟର ପ୍ରାଇମେରୀ ଲାଣ୍ଡିଂ ଗିୟର ବନ୍ଦ ହୋଇଯାଇଥିଲା, ଫଳରେ ଧକ୍କା ହୋଇଥିଲା । ଜେଟଟି ଟେକ୍ସାସରୁ ଆସିଥିଲା । ଏଥିରେ ୪ ଜଣ ଯାତ୍ରୀ ଥିଲେ । ସେହିପରି ପାର୍କ ହୋଇଥିବା ଜେଟରେ ଜଣେ ବ୍ୟକ୍ତି ରହିଥିଲେ ।

## ଲଟେରୀକୁ ନେଇ ସୁପ୍ରିମ୍‌କୋର୍ଟଙ୍କ କଡ଼ା ନିର୍ଦ୍ଦେଶ




ନୂଆଦିଲ୍ଲୀ: ଲଟେରୀକୁ ନେଇ ମଙ୍ଗଳବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଲଟେରୀ ଉପରେ ଟିକସ ଲଗା ହେବ କି ନାହିଁ ଏନେଇ ଉଚ୍ଚ ନ୍ୟାୟଳୟ ବଡ଼ ନିଷ୍ପତ୍ତି ନେଇଛନ୍ତି । କୋର୍ଟ କହିଛନ୍ତି, ଟିକସ ଲଗାଇବା ଅଧିକାର କେବଳ ରାଜ୍ୟ ସରକାରମାନଙ୍କର ରହିବ । କେନ୍ଦ୍ର ସରକାରଙ୍କର ଏହା ଉପରେ ଟିକସ ଲଗାଇବାର କୌଣସି ଅଧିକାର ରହିବ ନାହିଁ । ଏହି ରାୟ ପ୍ରଦାନ କରିବା ସମୟରେ, ବିଚାରପତି ବି.ଭି. ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଲଟେରୀ ବିତରକମାନଙ୍କ ଉପରେ ସେବା କର ଲାଗୁ କରିବାର କେନ୍ଦ୍ର ସରକାରଙ୍କ ଉଦ୍ୟମକୁ ଅସାମ୍ବିଧାନିକ ବୋଲି ଘୋଷଣା କରିଛନ୍ତି । କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସମ୍ବିଧାନ ୬୨ ଅନୁଯାୟୀ ଲଟେରୀଗୁଡ଼ିକ 'ସଟ୍ଟାବାଜି ଏବଂ ଜୁଆ'ର ଏକ ପ୍ରକାର ଭାବରେ ରାଜ୍ୟଗୁଡ଼ିକର ଅଧିକାର କ୍ଷେତ୍ର ମଧ୍ୟରେ ଆସିଥାଏ । କେନ୍ଦ୍ର ସରକାର ଯୁକ୍ତି ଦେଇଥିଲେ ଯେ ଲଟେରୀ ବଣ୍ଟନ ଏବଂ ବିପଣନ ସହିତ ଜଡ଼ିତ କମ୍ପାନୀଗୁଡ଼ିକ ଉପରେ ସେବା କର ଲାଗୁ କରାଯିବା ଉଚିତ । ସରକାର ଏହାକୁ ଆର୍ଥିକ ଆଇନ ଅନୁଯାୟୀ ଏକ 'ସେବା' ଭାବରେ ଘୋଷଣା କରିବା ଏବଂ ଏହାକୁ କରଯୋଗ୍ୟ ଘୋଷଣା କରିବାକୁ ଯୁକ୍ତି ଦର୍ଶାଇଥିଲେ । ତଥାପି, ସୁପ୍ରିମକୋର୍ଟ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ । କୋର୍ଟ କହିଛନ୍ତି ଯେ ରାଜ୍ୟ ସରକାର ଏବଂ ଲଟେରୀ ବିତରକଙ୍କ ମଧ୍ୟରେ ସମ୍ପର୍କ 'ପ୍ରିନ୍ସିପାଲ ରୁ ପ୍ରିନ୍ସିପାଲ', 'ପ୍ରିନ୍ସିପାଲ ରୁ ଏଜେଣ୍ଟ' ନୁହେଁ । ତେଣୁ, ଏହା ଉପରେ ସେବା କର ଲାଗୁ କରାଯାଇପାରିବ ନାହିଁ ।

### ଜାମ୍ମୁ-କାଶ୍ମୀରରେ ସୁରକ୍ଷା ସ୍ଥିତିର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

## 'ଶୂନ୍ୟ ଅନୁପ୍ରବେଶ' ସୁନିଶ୍ଚିତ କରିବା ପାଇଁ ବିଏସ୍‌ଏଫ୍‌କୁ ଶାହାଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଜାମ୍ମୁ-କାଶ୍ମୀରରେ ସୁରକ୍ଷା ପରିଦୃଶ୍ୟର ସମୀକ୍ଷା ପାଇଁ ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ । ୨୦୨୫ ମସିହା ଫେବୃଆରୀ ୪ ଏବଂ ୫ ତାରିଖରେ ଭାରତୀୟ ସେନା ଏବଂ ଜାମ୍ମୁ-କାଶ୍ମୀର ପୁଲିସ ସହିତ ହୋଇଥିବା ଉଚ୍ଚସ୍ତରୀୟ ବୈଠକକୁ ଦୃଷ୍ଟିରେ ରଖି ଏହି ବୈଠକ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ଗୃହ ସଚିବ, ନିର୍ଦ୍ଦେଶକ (ଆଇ. ବି.), କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ (ସି. ଆର୍. ପି. ଏଫ୍.) ଏବଂ ସୀମା ସୁରକ୍ଷା ବାହିନୀ (ବି.ଏସ୍.ଏଫ୍.) ର ମହାନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର



ମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର 'ଆତଙ୍କ ମୁକ୍ତ ଜାମ୍ମୁ-କାଶ୍ମୀର 'ପାଇଁ ପ୍ରତିଶ୍ରୁତିବଦ୍ଧ । ଆତଙ୍କବାଦ ମୁକ୍ତ ଜାମ୍ମୁ-କାଶ୍ମୀରର ଲକ୍ଷ୍ୟ ହାସଲ କରିବା ଲାଗି ଅର୍ଦ୍ଧସାମରିକ ବାହିନୀର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅନ୍ତର୍ଜାତୀୟ ସୀମାରୁ ଶୂନ୍ୟ ଅନୁପ୍ରବେଶ ସୁନିଶ୍ଚିତ କରିବା ଲାଗି, କଡ଼ା ନଜର ରଖିବା, ସୀମା ଗ୍ରୀଡକୁ ସୁଦୃଢ଼ କରିବା ଏବଂ ତଦାରଖ ତଥା ସୀମା ସୁରକ୍ଷା ପାଇଁ ଉନ୍ନତ ପ୍ରଯୁକ୍ତିର ଉପଯୋଗ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ବି. ଏସ୍. ଏଫ୍. କୁ ନିର୍ଦ୍ଦେଶ ଦେଇଥିଲେ । ଅମିତ ଶାହ ସି.ଆର. ପି. ଏଫ୍. କୁ ଭାରତୀୟ ସେନା ଏବଂ ଜାମ୍ମୁ-କାଶ୍ମୀର ପୋଲିସ ସହିତ ସମନ୍ୱୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଜାମ୍ମୁ-କାଶ୍ମୀରରେ କାର୍ଯ୍ୟ କରୁଥିବା ଗୁଇନ୍ଦା ଉପକରଣଗୁଡ଼ିକର ମଧ୍ୟ ସମୀକ୍ଷା କରିଥିଲେ ଏବଂ ଗୁଣାତ୍ମକ ଗୁଇନ୍ଦା ତଥ୍ୟ ସୃଷ୍ଟି କରିବା ଲାଗି ଏହାର ପ୍ରସାର ଏବଂ ଅନୁପ୍ରବେଶ ବୃଦ୍ଧି କରିବା ଲାଗି ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗୁଇନ୍ଦା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱକୁ ସେ ଦୋହରାଇଥିଲେ । ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ଆତଙ୍କବାଦ-ପାଣ୍ଠି ଯୋଗାଣ ଉପରେ ନଜର ରଖିବା, ନିଶା-ଆତଙ୍କବାଦ ମାମଲା ଉପରେ ନିୟନ୍ତ୍ରଣକୁ ସୁଦୃଢ଼ କରିବା ଏବଂ ଜାମ୍ମୁ-କାଶ୍ମୀରରେ ସମଗ୍ର ଆତଙ୍କବାଦୀ ଇକୋସିଷ୍ଟମକୁ ଧ୍ୱଂସ କରିବା ମୋଦୀ ସରକାରଙ୍କ ପ୍ରାଥମିକତା । ସେ କହିଥିଲେ ଯେ ଜାମ୍ମୁ-କାଶ୍ମୀରରେ 'ଜିରୋ ଟେରର ପ୍ଲାନ' ପାଇଁ ଦୃଢ଼ ପଦକ୍ଷେପ ନିଆଯାଉଛି । ଅମିତ ଶାହ ସମସ୍ତ ସୁରକ୍ଷା ସଂସ୍ଥାଗୁଡ଼ିକୁ ସତର୍କ ରହିବାକୁ ଏବଂ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସମନ୍ୱିତ ଢଙ୍ଗରେ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରୟାସରେ ସମସ୍ତ ସମ୍ବଳ ଉପଲବ୍ଧ କରାଯିବ ବୋଲି ସେ ଆଶ୍ୱାସନା ଦେଇଥିଲେ ।

## ଆଇଇଡି ବିସ୍ଫୋରଣ, ୨ ଯବାନ ଶହୀଦ



ଶ୍ରୀନଗର: ଜମ୍ମୁ ନିକଟବର୍ତ୍ତୀ ଅଖନୁର ସେକ୍ଟରରେ ନିୟନ୍ତ୍ରଣ ରେଖା (ଏଲଓସି) ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ବଡ଼ଧରଣର ଆଇଡି ବିସ୍ଫୋରଣ ହୋଇଛି । ଏଥିରେ ଜଣେ ସେନା କ୍ୟାପଟେନଙ୍କ ସମେତ ଦୁଇ ଜଣ ସେନା କର୍ମଚାରୀ ସହିଦ ହୋଇଛନ୍ତି ଏବଂ ଅନ୍ୟ ଜଣେ ଯବାନ ଆହତ ହୋଇଛନ୍ତି । ଏ ସମ୍ପର୍କରେ ଅଧିକାରୀମାନେ କହିଛନ୍ତି ଯେ, ଯବାନମାନେ ପାଟ୍ରୋଲିଂ କରୁଥିବା ସମୟରେ ଅପରାହ୍ନ ପ୍ରାୟ ୩ଟା ୫୦ ସମୟରେ ଅଖନୁର ସେକ୍ଟରରେ ନିୟନ୍ତ୍ରଣ ରେଖା ନିକଟ ଭଟ୍ଟାଲ ଅଞ୍ଚଳରେ ଏକ ବିସ୍ଫୋରଣ ହୋଇଥିଲା । ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ଏକ ଏହା ଏକ ଆଇଡିରେ ବିସ୍ଫୋରଣ ଘଟିଛି । ବିସ୍ଫୋରଣ ପରେ ଆମର ଯବାନମାନେ ଏହି ଅଞ୍ଚଳକୁ ଅକ୍ତିଆର କରିନେଇଛନ୍ତି ଏବଂ ସର୍ଚ୍ଚ ଅପରେସନ୍ ଚାଲିଛି । ଆହତ କର୍ମଚାରୀମାନଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ଜଣେ କ୍ୟାପଟେନଙ୍କ ସମେତ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟ ଜଣେ ଆହତ ଯବାନଙ୍କ ଚିକିତ୍ସା ଜାରି ରହିଛି ବୋଲି ସେନା ପକ୍ଷରୁ ସୂଚନା ରହିଛି । ଏହାର ଗୋଟିଏ ଦିନ ପୂର୍ବରୁ, ସୋମବାର, ରାଜୌରୀ ଜିଲ୍ଲାରେ ନିୟନ୍ତ୍ରଣ ରେଖା (ଏଲଓସି) ରେ ଗୁଳିଚାଳନା ଯୋଗୁଁ ଜଣେ ଯବାନ ଗୁରୁତର ଆହତ ହୋଇଥିଲେ । ଆହତ ଯବାନ ଜଣକ ନୌଶେରା ସେକ୍ଟର କଲାଲ ଅଞ୍ଚଳର ।

## ଦିଲ୍ଲୀ ପରାଜୟର କାରଣ ଖୋଜୁଛି ଆପ୍

ନୂଆଦିଲ୍ଲୀ: ଦିଲ୍ଲୀ ପରାଜୟର କାରଣ ଖୋଜୁଛନ୍ତି ଅରବିନ୍ଦ କେଜ୍ରିୱାଲ । ଏନେଇ ଦିଲ୍ଲୀରେ ଏନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି । ଏଥିରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କ ସମେତ ତାଙ୍କର ମନ୍ତ୍ରୀ, ବିଧାୟକ ଏବଂ ସାଂସଦଙ୍କୁ ଡକରା ହୋଇଛି ଆଉ ସେମାନେ ଉପସ୍ଥିତ ବି ରହିଛନ୍ତି । ଦିଲ୍ଲୀ ବିଧାନସଭା ପ୍ରଚାରରେ ପୂରା ପଞ୍ଜାବ ଆପ୍ ସହଯୋଗ କରିଥିଲା । ପଞ୍ଜାମ ମୁଖ୍ୟମନ୍ତ୍ରୀଙ୍କ ସମେତ, ମନ୍ତ୍ରୀ, ବିଧାୟକ, ସାଂସଦ, ପ୍ରାୟ ୨୦୦ରୁ ଅଧିକ ଆପ୍ କର୍ମୀ ଦିଲ୍ଲୀରେ ପ୍ରଚାର ପାଇଁ ଡେରା ପକାଇଥିଲେ । ଆଉ ସେମାନେ ହିଁ ପ୍ରଚାର ବେଳେ ଅତି ନିକଟରୁ ଦିଲ୍ଲୀର ସମସ୍ୟା ଓ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ତେଣୁ ଦିଲ୍ଲୀ ପରାଜୟର ପୋଷ୍ଟମର୍ଟମ ଯେତେବେଳେ ହେଉଛି ସେମାନଙ୍କ ମତର ଅନେକ ଆବଶ୍ୟକତା ରହୁଛି । ଦଳ ଭିତରେ ଥିବା ଅନ୍ତ କନ୍ଦଳ ଏବଂ ବିଧାୟକଙ୍କ ମନୋମାଳିନ୍ୟ ଯଦି ଥାଏ ଅବା ଯଦି କେଉଁ ବିଧାୟକ ସାଂସଦ ଅନ୍ୟ ଦଳର ସମ୍ପର୍କରେ ଥାଆନ୍ତି ସେମାନଙ୍କୁ କେମିତି ବୁଝାଇ ସୁଝାଇ ରଖାଯିବ ସେନେଇ କେଜ୍ରିୱାଲ ବୈଠକ ଡାକି ଚର୍ଚ୍ଚା କରିବାର ସୂଚନା ରହିଛି ।

## ସଡ଼କ ଦୁର୍ଘଟଣାରେ ୭ ମୃତ

ନୂଆଦିଲ୍ଲୀ: ମଧ୍ୟପ୍ରଦେଶର ଜବଲପୁର ଜିଲ୍ଲାରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ମହାକୁମ୍ଭ ମେଳାରୁ ବୁଡ ପକାଇ ଫେରିବାବେଳେ ଗାଡି ଧକ୍କାରେ ୭ଜଣଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଗତକାଲି ଆନ୍ଧ୍ରପ୍ରଦେଶର କିଛି ଲୋକ ଏକ ଟ୍ରାଭେଲର ଯୋଗେ ପ୍ରୟାଗରାଜ ଯାଇଥିଲେ । ମହାକୁମ୍ଭରେ ବୁଡ ପକାଇ ଫେରିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ । ନାଗପୁର ପ୍ରୟାଗରାଜ ଜାତୀୟ ରାଜପଥରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଟ୍ରାଭେଲରକୁ ଧକ୍କା ଦେଇଛି । ମଙ୍ଗଳବାର ସକାଳ ୯ଟା ସମୟରେ ଏହି ଅଘଟଣ ଘଟିଛି । ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି । ଗୁରୁତର ମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ପୁଲିସ୍ ଘଟଣାସ୍ଥଳରେ ଅଧିକ ତଦନ୍ତ ଜାରି ରଖିଛି ।

## ବିଷ୍ଣୁଦେବଙ୍କୁ ସାକ୍ଷାତ କଲେ ବିଶ୍ୱ ବିଦ୍ୟାଳୟ କୁଳପତି




ରାୟପୁର: ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ସରକାରୀ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧୀ ଉଦ୍ୟାନିକି ଏବଂ ବାଣିକି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବି ଆର୍ ସକ୍‌ସେନାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ବିଶ୍ୱ ବିଦ୍ୟାଳୟ ଗୁଡିକରେ ଶିକ୍ଷା ପରିଚାଳନାରେ ଯେପରି କୌଣସି ପ୍ରତିବନ୍ଧକ ସୃଷ୍ଟି ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥିସହିତ ବିଶ୍ୱବିଦ୍ୟାଳୟଗୁଡିକରେ ବୈଷୟିକ ଓ ଅନୁସନ୍ଧାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମଧ ଶ୍ରୀ ସାଏ କହିଥିଲେ । ଏଥିସହ ଏହି ବିଶ୍ୱବିଦ୍ୟାଳୟର ପ୍ରତିଟି ଅନୁସନ୍ଧାନ କାର୍ଯ୍ୟ ଯେପରି ଚାଷୀଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ମଧ ଶ୍ରୀ ସାଏ କହିଥିଲେ । କୃଷକମାନଙ୍କ ଆୟ ବଢ଼ାଇବା ତଥା ସେମାନଙ୍କ କ୍ଷମତାର ବିକାଶ ପାଇଁ ଦକ୍ଷତା କାର୍ଯ୍ୟକ୍ରମ ବିଶ୍ୱ ବିଦ୍ୟାଳୟ ଗୁଡିକରେ ଆରମ୍ଭ କରିବାକୁ ଶ୍ରୀ ସାଏ ପରାମର୍ଶ ଦେବା ସହ ଏ କ୍ଷେତ୍ରରେ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ମହାକୁମ୍ଭରେ ବୁଡ ପକାଇଛନ୍ତି ୪୫ କୋଟିରୁ ଅଧିକ



ନୂଆଦିଲ୍ଲୀ: ମହାକୁମ୍ଭ ଶେଷ ହେବାକୁ ଆଉ ମାତ୍ର ୧୫ ଦିନ ବାକି ଥିବା ବେଳେ ଜାନୁଆରୀ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଭବ୍ୟ ସମାରୋହ ପରଠାରୁ ୪୫ କୋଟିରୁ ଅଧିକ ଲୋକ ସଙ୍ଗମରେ ସ୍ନାନ କରିଛନ୍ତି ବୋଲି ଉତ୍ତରପ୍ରଦେଶ ସରକାର କହିଛନ୍ତି । ମହାକୁମ୍ଭ ଫେବ୍ରୁଆରି ୨୬ ତାରିଖରେ ମହାଶିବରାତ୍ରୀ ଅବସରରେ ଶେଷ ବଡ଼ ସ୍ନାନ ସହିତ ଶେଷ ହେବ । ଏକ ବିବୃତିରେ ଉତ୍ତରପ୍ରଦେଶ ସରକାର କହିଛନ୍ତି ଯେ ମହାକୁମ୍ଭ ଶେଷ ସୁଦ୍ଧା ପାଖାପାଖି ୫୫ କୋଟି ଲୋକ ପ୍ରୟାଗରାଜ ଗସ୍ତ କରିବେ ବୋଲି ଆଶା କରାଯାଉଛି । ମକର ସଂକ୍ରାନ୍ତି, ମୌନି ଅମାବାସ୍ୟା ଓ ବସନ୍ତ ପଞ୍ଚମୀରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ଅମୃତ ସ୍ନାନ ପରେ ମଧ୍ୟ ପବିତ୍ର ସହରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଉତ୍ସାହ ଅତୁଟ ରହିଛି । ମଙ୍ଗଳବାର ପୂର୍ବାହ୍ନ ୧୦ଟା ସୁଦ୍ଧା ୭୪.୯୬ ଲକ୍ଷ ଲୋକ ସଙ୍ଗମରେ ସ୍ନାନ କରିଥିଲେ । ବିବୃତି ଅନୁଯାୟୀ, ମୌନି ଅମାବାସ୍ୟାରେ ୮ କୋଟି ଲୋକ ସ୍ନାନ କରିଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ସର୍ବାଧିକ ଦେଖିବାକୁ ମିଳିଥିଲା । ମକର ସଂକ୍ରାନ୍ତିରେ ଅମୃତ ସ୍ନାନରେ ସାଢ଼େ ୩ କୋଟି ଓ ବସନ୍ତ ପଞ୍ଚମୀରେ ୨.୫୭ କୋଟି ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ ନେତାମାନେ ସଙ୍ଗମରେ ସ୍ନାନ କରିଥିଲେ । ସେହିପରି ବଲିଉଡ୍ ଅଭିନେତା ଅନୁପମ ଖେର, ଅଲିମ୍ପିକ୍ ପଦକ ବିଜେତା ସାଇନା ନେହୱାଲ, କ୍ରିକେଟର ସୁରେଶ ରାଇନା ଓ କୁସ୍ତିଯୋଦ୍ଧା ଖଲି ପ୍ରମୁଖ ମହାକୁମ୍ଭରେ ଭାଗ ନେଇଥିଲେ ।

# ବାଣିଜ୍ୟ



ନୂଆଦିଲ୍ଲୀ: ଭାରତୀୟ ସେୟାର ବଜାରରେ ଲଗାତାର ୫ ଦିନରେ ହାହାକାର ଜାରି ରହିଛି । ସେନ୍‌ସେକ୍ସ ୧,୦୧୮ ଅଙ୍କ ଖସି ବନ୍ଦ ହୋଇଛି । ଅନ୍ୟପଟେ ନିଫ୍ଟି ହ୍ରାସ ପାଇ ୨୩,୧୦୦ ତଳେ ବନ୍ଦ ହୋଇଛି । ଏହି କାରଣରୁ ସେୟାର ବଜାରରେ ଆଜି ନିବେଶକଙ୍କ ଆଜି ପ୍ରାୟ ୯.୩୨ ଲକ୍ଷ କୋଟି ଟଙ୍କା ବୁଡ଼ିଛି । ଗତ ୫ ଦିନରେ ସେନ୍‌ସେକ୍ସ ପ୍ରାୟ ୨୩୦୦ ଅଙ୍କ ହ୍ରାସ ପାଇଛି । ଛୋଟିଆ ଏବଂ ମଧ୍ୟମ ଧରଣ ସେୟାରର ନିବେଶକଙ୍କୁ ଅଧିକ ଲହୁଲୁହାଣ କରିଛି । ବିଏସ୍‌ଇ ମିଡ୍‌କ୍ୟାପ୍ ଏବଂ ସ୍ମଲକ୍ୟାପ୍ ଯଥାକ୍ରମେ ୨.୮୮ ପ୍ରତିଶତ ଏବଂ ୩.୪ ପ୍ରତିଶତ ହ୍ରାସ ପାଇଛି । ଏପରିକି ଆଜି ସମସ୍ତ ସେକ୍ଟୋରାଲ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି । ମାର୍କେଟ୍ ବିଶେଷଜ୍ଞଙ୍କ ମତରେ ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ଟାରିଫ୍ ଘୋଷଣା, ବିଦେଶୀ ନିବେଶକଙ୍କ ଦ୍ୱାରା ଜାରି ସେୟାର ବିକ୍ରି, ଭାରତୀୟ ମୁଦ୍ରା ଦୁର୍ବଳ ହେବା, କମ୍ପାନିଗୁଡ଼ିକର ଦୁର୍ବଳ ବୃଦ୍ଧି, ସ୍ମଲକ୍ୟାପ୍ ଏବଂ ମିଡ୍‌କ୍ୟାପ ସେୟାରଗୁଡ଼ିକର ଉଚ୍ଚ ଭେଲ୍ୟୁଏସନ୍ ଯୋଗୁ ବଜାରରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । କାରବାର ଶେଷରେ ବିଏସ୍‌ଇର ୩୦ ସେୟାର ବିଶିଷ୍ଟ ସୂଚକାଙ୍କ ସେନ୍‌ସେକ୍ସ ୧୦୧୮.୨୦ ଅଙ୍କ ବା ୧.୩୨ ପ୍ରତିଶତ ହ୍ରାସ ପାଇ ୭୬,୨୯୩.୬୦ ଅଙ୍କରେ ବନ୍ଦ ହୋଇଛି ।

## 'ଓ ମାଇଁ ବିଉଟିଫୁଲ ଓଡ଼ିଶା ୨.୦' ବିଜେତାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ ଗୁଡିକ ପକ୍ଷରୁ ବହୁ ଚର୍ଚ୍ଚିତ ଫଟୋଗ୍ରାଫି ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ 'ଓ ମାଇ ବିୟୁଟିଫୁଲ୍ ଓଡ଼ିଶା ୨.୦'ର ବିଜେତାମାନଙ୍କୁ ସମ୍ମାନିତ କରିବା ପାଇଁ ଭୁବନେଶ୍ୱରରେ ଏକ ଭବ୍ୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ 'ଓଡ଼ିଶାର ସାଂସ୍କୃତିକ ଐତିହ୍ୟ'କୁ ବିଭିନ୍ନ ପୃଷ୍ଠଭୂମିର ଫଟୋଗ୍ରାଫରଙ୍କ ଠାରୁ ୫୦୦୦ରୁ ଅଧିକ ଆବେଦନ ମିଳିଥିଲା । ପ୍ରତିଯୋଗୀମାନେ ରାଜ୍ୟର ସମୃଦ୍ଧ ସାଂସ୍କୃତିକ, ପ୍ରାକୃତିକ ଓ ସ୍ଥାପତ୍ୟ ପରମ୍ପରାକୁ ପ୍ରଦର୍ଶିତ କରିଥିଲେ, ଏଥିମଧ୍ୟରୁ ବିଜେତା ମାନଙ୍କ ଫୋଟୋକୁ ଟିପି ଓଡ଼ିଶା ୨୦୨୫ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଟାଟା ପାୱାରର ଚିଆଣ୍ଡି ସଭାପତି ସଞ୍ଜୟ ବାଙ୍ଗା, ଟିପିସିଓଡିଏଲର ସିଇଓ ଅରବିନ୍ଦ୍ ସିଂହ, ଟିପିଏନ୍‌ଓଡିଏଲର ସିଇଓ ଦ୍ୱିଜଦାସ ବାସକ, ଟିପିଏସ୍‌ଓଡିଏଲର ସିଇଓ ଅମିତ ଗର୍ଗ ଓ ଅନ୍ୟ ବରିଷ୍ଠ ସଦସ୍ୟମାନେ ଯୋଗ ଦେଇଥିଲେ । ଏହି ଅବସରରେ ୧୩ ଜଣ ବିଜେତାଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ସହିତ ସେମାନଙ୍କ ଫଟୋକୁ ଟିପି ଓଡ଼ିଶା ୨୦୨୫ କ୍ୟାଲେଣ୍ଡରରେ ସ୍ଥାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଛନ୍ତି ଯେ, 'ସାଂସ୍କୃତିକ ଐତିହ୍ୟ ଓ ବିବିଧତାରେ ଭରପୂର ରାଜ୍ୟ ଓଡ଼ିଶାରେ ଆକର୍ଷଣୀୟ ଦୃଶ୍ୟ ଓ ଜୀବନ୍ତ ପରମ୍ପରା ରହିଛି । ମୁଁ ଟାଟା ପାୱାରକୁ ହୃଦୟରୁ କୃତଜ୍ଞତା ଜଣାଉଛି ଯେ ସେମାନେ ପଦକ୍ଷେପ ନେଇଛନ୍ତି ଏବଂ ସ୍ଥାନୀୟ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଛନ୍ତି । ଟାଟା ପାୱାରର ଚିଆଣ୍ଡି ସଭାପତି ସଞ୍ଜୟ ବାଙ୍ଗା କହିଛନ୍ତି ଯେ, 'ଟାଟା ପାୱାରରେ ଓଡ଼ିଶା ପ୍ରତି ଆମର ପ୍ରତିବଦ୍ଧତା ଭରସାଯୋଗ୍ୟ ବିଜୁଳି ଯୋଗାଇବା ଠାରୁ ଅଧିକ । ତାହା ହେଉଛି ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା, ଐତିହ୍ୟ ସଂରକ୍ଷଣ କରିବା ଏବଂ ଜନସାଧାରଣଙ୍କୁ ସଶକ୍ତ କରିବା । ଗତବର୍ଷ ଆରମ୍ଭ ହୋଇଥିବା 'ଓ ମାଇଁ ବିଉଟିଫୁଲ୍ ଓଡ଼ିଶା' ଅଭିଯାନ ଓଡ଼ିଶାକୁ ଅନନ୍ୟ କରିପାରିଥିବା ଚମତ୍କାର ଦୃଶ୍ୟ, ସମୃଦ୍ଧ ଇତିହାସ ଓ ସାଂସ୍କୃତିକ ଐତିହ୍ୟରୁ ପ୍ରେରିତ । ଏହି ଯାତ୍ରା ଜାରି ରଖି ଓଡ଼ିଶାବାସୀଙ୍କ ସହ ଅର୍ଥପୂର୍ଣ୍ଣ ଉପାୟରେ ଯୋଡ଼ି ହେବାକୁ ଆମେ ଆଶା ରଖିଛୁ

## ବେଦାନ୍ତର 'ବାର୍ଷିକ ଖଣି ସୁରକ୍ଷା ପକ୍ଷ' ଆୟୋଜିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ନିରାପଦ ଖଣି ଖନନ କାର୍ଯ୍ୟ ପ୍ରତି ଏହାର ଅତୁଟ ପ୍ରତିବଦ୍ଧତାକୁ ସୁଦୃଢ଼ କରି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଏହାର ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍‌ଏସ୍‌ଏଫ୍) ର ସଦ୍ୟତମ ସଂସ୍କରଣ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର ଜାମକାନି କୋଇଲା ଖଣିରେ ଆୟୋଜନ କରାଯାଇଛି । ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ) ସହଯୋଗରେ ଆୟୋଜିତ ଏହି ଦୁଇ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ କର୍ମଚାରୀ ଏବଂ



ବ୍ୟବସାୟିକ ଅଂଶୀଦାରଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ 'ଆପକା ପରିବାର ଆପକୋ ଇନ୍ତେଜାର କର ରହା ହେ' ଉପରେ କେନ୍ଦ୍ରିତ ଥିବାବେଳେ, ଏହା ଦୁର୍ଘଟଣାକୁ ରୋକିବା ଏବଂ କର୍ମଚାରୀଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ପ୍ରୋଟୋକଲର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ଭୁବନେଶ୍ୱର ସ୍ଥିତ ଡିଜିଏମସ୍‌ର ଖଣି ସୁରକ୍ଷା ନିର୍ଦ୍ଦେଶକ ପ୍ରଫୁଲ୍ଲ ରଞ୍ଜନ ଠାକୁର କହିଥିଲେ ଯେ 'ବାର୍ଷିକ ଖଣି ସୁରକ୍ଷା ପକ୍ଷ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିଥିବାରୁ ମୁଁ ବେଦାନ୍ତ ଆଲୁମିନିୟମର ଜାମକାନି କୋଇଲା ଖଣି ଦଳକୁ ଅଭିନନ୍ଦନ ଜଣାଉଛି । ବେଦାନ୍ତ ଆଲୁମିନିୟମର ସୁରକ୍ଷା-ପ୍ରଥମ ସଂସ୍କୃତି ଉପରେ ଆଲୋକପାତ କରି, ସିଇଓ ଡେଭିଡ ଷ୍ଟୋନ କହିଛନ୍ତି ଯେ 'ଏକ ସଂସ୍ଥା ଭାବରେ, ସୁରକ୍ଷା ଆମର ମୂଳ ମୂଲ୍ୟବୋଧର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି, ଏବଂ କାର୍ଯ୍ୟକ୍ଷେତ୍ରରେ ଶୂନ୍ୟ-କ୍ଷତି ପରିବେଶ ସୁନିଶ୍ଚିତ କରିବା ଆମର ପ୍ରମୁଖ ଉଦ୍ଦେଶ୍ୟ ।' 'ଆମେ ସମସ୍ତ ପରିଚାଳନା ସ୍ତରରେ ସର୍ବୋତ୍ତମ ଅଭ୍ୟାସର ନିରନ୍ତର କାର୍ଯ୍ୟକାରିତା ଏବଂ ଅନୁପାଳନ ପାଇଁ ଏକ ନିରବଚ୍ଛିନ୍ନ ଢାଞ୍ଚା ସୃଷ୍ଟି କରି ଏହି ଲକ୍ଷ୍ୟକୁ ତ୍ୱରାନ୍ୱିତ କରୁଛୁ । ବାର୍ଷିକ ଖଣି ସୁରକ୍ଷା ପକ୍ଷ ପଦକ୍ଷେପ ଏକ 'ଯତ୍ନ ସଂସ୍କୃତି' କୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସିଇଓ କହିଛନ୍ତି ।

## ଗ୍ଲେନୱାକ୍‌ର ବ୍ରାଣ୍ଡ ଆମ୍ବାସାଡର ହେଲେ ସଞ୍ଜୟ ଦତ୍ତ



ନୂଆଦିଲ୍ଲୀ: ଯେଉଁମାନେ ଜୀବନର ସବୁଠାରୁ ସୁନ୍ଦର ଜିନିଷକୁ ପ୍ରଶଂସା କରନ୍ତି, ସେମାନଙ୍କ ପାଇଁ ଶ୍ରେଷ୍ଠ ମାଲଟରେ ପ୍ରସ୍ତୁତ ପ୍ରିମିୟମ୍ ସ୍କଚ୍ ହ୍ୱିସ୍କି ଗ୍ଲେନୱାକ୍ ଶେଷରେ ଓଡ଼ିଶାରେ ପହଚିଛି । କାର୍ଟେଲ ବ୍ରଦର୍ସ ଦ୍ୱାରା ପ୍ରତିଷ୍ଠିତ ଏହି ରଣନୈତିକ ପଦକ୍ଷେପ ଜୁନ୍ ୨୦୨୩ରେ ଲଚ୍ ହେବା ପରଠାରୁ ଏହାର ଅଭୂତପୂର୍ବ ସଫଳତାକୁ ଆଧାର କରି ସମଗ୍ର ଭାରତରେ ବ୍ରାଣ୍ଡ ଚାଲିଥିବା ସମ୍ପ୍ରସାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟି । ଭାରତର ୬ଟି ରାଜ୍ୟର ୫୦ରୁ ଅଧିକ ସହର ଏବଂ ମହାରାଷ୍ଟ୍ର, ନୂଆଦିଲ୍ଲୀ, ଗୋଆ, ପାବ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଭଳି ପ୍ରମୁଖ ବଜାରରେ ଉପସ୍ଥିତି ଏବଂ ମଧ୍ୟପ୍ରାଚ୍ୟରେ ଅର୍ନ୍ତଜାତୀୟ ସ୍ତରରେ ଉପସ୍ଥିତି ସହିତ ଏହି ବ୍ରାଣ୍ଡ୍ ବିଶ୍ୱ ସ୍ପିରିଟ୍ ବଜାରରେ ନିଜର ଏକ ପରିଚୟ ସୃଷ୍ଟି କରିଛି । ମ୍ୟାନସିଓର ଲିଭିଂ ଲିକ୍ୱିଡ଼ର ପ୍ରତିଷ୍ଠାତା ତଥା କାର୍ଟେଲ ବ୍ରଦର୍ସର ସହ-ପ୍ରତିଷ୍ଠାତା ମୋକ୍ଷଶ ସାନି କହିଛନ୍ତି, 'ଓଡ଼ିଶା ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଜୀବନ୍ତ ଅର୍ଥନୀତି ଏବଂ ଉତ୍ତମ ମନୋବଳ ପ୍ରତି ବଢ଼ୁଥିବା ପ୍ରଶଂସା ସହିତ ଗ୍ଲେନୱାକ୍ ପାଇଁ ଏକ ଆଦର୍ଶ ପ୍ଲାଟଫର୍ମ ପ୍ରଦାନ କରୁଛି । ଆମେ ନିଶ୍ଚିତ ଯେ ରାଜ୍ୟର ଗତିଶୀଳ ବଜାର ଗ୍ଲେନୱାକ୍‌ର ଅସାଧାରଣ ଗୁଣବତା ଏବଂ ସୁରୁଖୁରୁରେ ସ୍ୱାଦକୁ ଗ୍ରହଣ କରିବ । ଗ୍ଲେନୱାକ୍‌ର ସେଲିବ୍ରିଟି ବ୍ରାଣ୍ଡ ଆମ୍ବାସାଡର ସଞ୍ଜୟ ଦତ୍ତ କହିଛନ୍ତି, 'ଗ୍ଲେନୱାକ ଓଡ଼ିଶାରେ ବିସ୍ତାର ଦେଖି ମୁଁ ଆନନ୍ଦିତ । ଓଡ଼ିଶା ଏକ ଜୀବନ୍ତ ସଂସ୍କୃତି ଏବଂ ଉଷ୍ମ ଆତିଥ୍ୟର ଦେଶ ଏବଂ ମୁଁ ବିଶ୍ୱାସ କରେ ଯେ ଗ୍ଲେନୱାକ୍, ଏହାର ଅସାଧାରଣ ଗୁଣବତା ଏବଂ ସରଳ ସ୍ୱାଦ ସହିତ, ରାଜ୍ୟର ବୁଦ୍ଧିଜୀବୀ ତାଲୁମାନଙ୍କ ସହିତ ଅନୁକୂଳ ହେବ । ଓଡ଼ିଶାରେ ଗ୍ଲେନୱାକ୍ ଏକ ବଡ଼ ସଫଳତା ହେବ ବୋଲି ମୋର ବିଶ୍ୱାସ ରହିଛି ।

## ଉଚ୍ଚ ସ୍ତରରେ ପହଞ୍ଚିଛି ବିଶ୍ୱ ସୁନା ଚାହିଦା

ନୂଆଦିଲ୍ଲୀ : ୱାର୍ଲ୍ଡ ଗୋଲ୍ଡ କାଉନସିଲର ଚତୁର୍ଥ ତ୍ରୈମାସିକ ଏବଂ ୨୦୨୪ର ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ ରିପୋର୍ଟରୁ ଜଣାପଡିଛି ଯେ କେନ୍ଦ୍ରୀୟ ବ୍ୟାଙ୍କର ଦୃଢ଼, ନିରନ୍ତର କ୍ରୟ ଏବଂ ନିବେଶ ଚାହିଦାରେ ବୃଦ୍ଧି ଯୋଗୁଁ ମୋଟ ବାର୍ଷିକ ସୁନା ଚାହିଦା (ଓଟିସି ସମେତ) ୪,୯୭୪ଟନର ରେକର୍ଡ ସ୍ତରରେ ପହଂଚିଛି । ୨୦୨୪ରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଅଧିକ ସୁନା କିଣିବା ଜାରି ରଖିଥିବା ବେଳେ କ୍ରମାଗତ ତୃତୀୟ ବର୍ଷ ପାଇଁ ସୁନା କ୍ରୟ ୧୦୦୦ଟନ ଟପିଛି । ଚତୁର୍ଥ ତ୍ରୈମାସିକରେ ସୁନା କ୍ରୟ ଯଥେଷ୍ଟ ବୃଦ୍ଧି ପାଇ ୩୩୩ଟନରେ ପହଂଚିଛି, ଯେବେକି କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ବାର୍ଷିକ ସମୁଦାୟ ୧,୦୪୫ଟନକୁ ବୃଦ୍ଧି ପାଇଛି । ୨୦୨୪ର ଦ୍ୱିତୀୟାର୍ଦ୍ଧରେ ସୁନା ଇଟିଏଫ ଚାହିଦାରେ ପୁଣି ବୃଦ୍ଧି ଯୋଗୁଁ ବିଶ୍ୱବ୍ୟାପୀ ପୁନିବେଶ ଚାହିଦା ବାର୍ଷିକ ୨୫% ବୃଦ୍ଧି ପାଇ ୧,୧୮୦ଟନରେ ପହଂଚିଛି । ୨୦୨୪ର ଚତୁର୍ଥ ତ୍ରୈମାସିକରେ ଗ୍ଲୋବାଲ ଗୋଲ୍ଡ ଇଟିଏଫ ୧୯ଟନ ଯୋଡ଼ିଛି । ବାର୍ ଏବଂ ମୁଦ୍ରା ଚାହିଦା ୧,୧୮୬ଟନ ସହ ୨୦୨୩ର ଭଲ୍ୟୁମ୍ ସହିତ ସମାନ ରହିଛି । ୱାର୍ଲ୍ଡ ଗୋଲ୍ଡ କାଉନସିଲର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, '୨୦୨୪ରେ ସୁନା ପୁଣି ଥରେ ଚର୍ଚ୍ଚାରେ ରହିଥିଲା ଏବଂ ଗତବର୍ଷ ସୁନା ମୂଲ୍ୟ ୪୦ ରେକର୍ଡ ସ୍ତରରେ ପହଂଚିଥିଲା । ଅନେକ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ଚକ୍ର ଆରମ୍ଭ ହେବା ଏବଂ ଆମେରିକା ରାଷ୍ଟ୍ରପତି ନିର୍ବାଚନ ସମେତ ବିଶ୍ୱସ୍ତରୀୟ ଅନିଶ୍ଚିତତା ବୃଦ୍ଧି ଏବଂ ମଧ୍ୟପ୍ରାଚ୍ୟରେ ଉତେଜନା ବୃଦ୍ଧି ଯୋଗୁଁ ଏହା ବୃଦ୍ଧି ପାଇଥିଲା । ୨୦୨୫ରେ ଆମେ ଆଶା କରୁଛୁ ଯେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଙ୍ଗ ଧରିବେ ଏବଂ ଗୋଲ୍ଡ ଇଟିଏଫ୍ ନିବେଶକମାନେ ମଇଦାନକୁ ଓହ୍ଲାଇବେ । ଅନ୍ୟପକ୍ଷରେ ସୁନା ଦର ବୃଦ୍ଧି ଓ ଅର୍ଥନୈତିକ ଅଭିବୃଦ୍ଧି ହ୍ରାସ ପାଉଥିବାରୁ ଅଳଙ୍କାର ଦୁର୍ବଳତା ଜାରି ରହିବ । ସେହିଭଳି ୱାର୍ଲ୍ଡ ଗୋଲ୍ଡ କାଉନସିଲର ଭାରତର ଆଂଚଳିକ ସିଇଓ ସଚିନ ଜୈନ କହିଛନ୍ତି, ୨୦୨୪ରେ ଭାରତର ମୋଟ ସୁନା ଚାହିଦା ୮୦୨.୮ ଟନ୍ ଥିଲା, ଯାହାକି ୨୦୨୩ରେ ୭୬୧ ଟନ୍ ତୁଳନାରେ ୫% ଅଧିକ । ସୁନା ଦରରେ ଏକାଧିକ ରେକର୍ଡ ସ୍ତରରେ ପହଂଚିବା, ଆମଦାନୀ ଶୁଳ୍କ ହ୍ରାସ, ନିବେଶ ଚାହିଦା ଏବଂ ବିବାହ ଓ ପର୍ବପର୍ବାଣୀ ସମ୍ବନ୍ଧୀୟ କ୍ରୟ ଯୋଗୁଁ ଏହା ହୋଇଥିଲା ।

## ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଭୂମିପୂଜନ




ମୁମ୍ବାଇ: ଟେକ୍‌ନିମଂଟର ଭାରତୀୟ ସହଯୋଗୀ କମ୍ପାନୀ ଟେକ୍‌ନିମଂଟ ପ୍ରାଇଭେଟ ଲିମିଟେଡ (ଟିସିଏମପିଏଲ), ପାରାଦୀପ ପୌରସଂସ୍ଥା ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି, କର୍ଣ୍ଣାଟକ, ସୁରଥକାଲ (ଏନଆଇଟିକେ) ପକ୍ଷରୁ ଓଡ଼ିଶାର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ପାରାଦୀପ ପୌରାଞ୍ଚଳରେ ଏକ ଟନ୍ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ସରକାରଙ୍କ ଶିଳ୍ପ, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ରାଷ୍ଟ୍ରମନ୍ତ୍ରୀ ବସନ୍ତ ବିଶ୍ୱାଳ, ଅଧ୍ୟକ୍ଷ, ପାରାଦୀପ ପୌର ପରିଷଦ ଏବଂ ଆଲେସାଣ୍ଡ୍ରୋ ବରନିନି, ସିଇଓ, ମାଇରେ ଗ୍ରୁପ ତଥା ଅନ୍ୟାନ୍ୟ ସରକାରୀ ପଦାଧିକାରୀ ଏବଂ ଏନଆଇଟିକେ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବାୟୋଗ୍ୟାସ ପ୍ଲାଣ୍ଟ ଟିସିଏମପିଏଲ କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ ପ୍ରୟାସସମୂହର ଏକ ଅଂଶ ଏବଂ ଏହା ପାରାଦୀପ ପୌରସଂସ୍ଥା, ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏବଂ ଏନଆଇଟିକେ ସହଯୋଗିତାରେ ତ୍ରିପାକ୍ଷିକ ରାଜିନାମା ଅଧୀନରେ କାର୍ଯ୍ୟକାରୀ କରାଯାଉଛି । ଏହି ଅବସରରେ ଉଦବୋଧନ ଦେଇ ମିଲିନ୍ଦ ବାରିଡେ, ଇଣ୍ଡିଆ ରିଜନ ଭାଇସ-ପ୍ରେସିଡେଣ୍ଟ, ମାଇରେ ଗ୍ରୁପ କହିଥିଲେ, 'ଏହି ସୁବିଧା ଆବର୍ତ୍ତୀ, ସାମାଜିକ ଦାୟିତ୍ୱ ନିର୍ବାହ ଏବଂ ଏହା ସେବା ଯୋଗାଉଥିବା ଜନସମୁଦାୟରେ ଅର୍ଥନୈତିକ ଦୀର୍ଘସ୍ଥାୟିତା ପ୍ରତି ମାଇରେ ଗ୍ରୁପର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ସରକାରଙ୍କ ଶିଳ୍ପ, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ରାଷ୍ଟ୍ରମନ୍ତ୍ରୀ କହିଥିଲେ, 'ଏହି ପ୍ରସ୍ତାବିତ ବାୟୋଗ୍ୟାସ ପ୍ଲାଣ୍ଟ ପୌରାଞ୍ଚଳରୁ ନିର୍ଗତ ହେଉଥିବା ଖାଦ୍ୟ ବର୍ଜ୍ୟର ପୁନଃଚକ୍ରଣ କରିବାକୁ ଲକ୍ଷ୍ୟ ରଖିଛି । ବସନ୍ତ କୁମାର ବିଶ୍ୱାଳ, ଅଧ୍ୟକ୍ଷ, ପାରାଦୀପ ପୌର ପରିଷଦ କହିଥିଲେ, 'ଏହି ପ୍ରକଳ୍ପ ସମୁଦାୟ ପାରାଦୀପ ପୌରପାଳିକା ଅଧିକାରୀମାନଙ୍କର ନିରନ୍ତର ଏକନିଷ୍ଠ ପ୍ରୟାସର ନିଦର୍ଶନ ହୋଇଛି, ଯେଉଁମାନେ ଏହାକୁ ସମ୍ଭବ କରିପାରିଛନ୍ତି ।

GANDHI SHILP BAZAAR
SALE
Attractive Handicrafts and Handloom items from different States
Direct sale by Artisans
VENUE: EKAMRA HAAT
EXHIBITION GROUND, BHUBANESWAR
From 10th February to 16th February 2025 (7 days)
Daily from 11A.M. to 9P.M.
Sponsored by:
Office of the Development Commissioner (Handicrafts)
indian handicrafts हस्तशिल्प continuing tradition
Ministry of Textiles, Govt. of India, New Delhi
Organized by - Orissa Khadi & Village Industries Association



ଆପଣ ଜାଣିଥିବେ କୌଣସି ଖାଦ୍ୟରେ କାଜୁ ପଡ଼ିଥିଲେ ଲୋକେ ତାକୁ ସର୍ବ ପ୍ରଥମେ ଖାଇଥାନ୍ତି । ମିଠା ଲାଗୁଥିବାରୁ ଲୋକ ମାନେ ତାକୁ ବୋହୁତ ପସନ୍ଦ କରନ୍ତି। କାଜୁରେ ଭିଟାମିନ, ତମ୍ବା, ଫସଫରସ, ଆଇରନ ଆଦିର ପରିମାଣ ଭରପୁର ହୋଇ ରହିଥାଏ, ସେଲେନିଅମ୍, ଜିଙ୍କ ଏବଂ ଅନେକ ଖଣିଜ ପଦାର୍ଥ ର ପରିମାଣ ଅଧିକ ମାତ୍ରାରେ ରହିଥାଏ । ସେଲେନିଅମ୍, ଜିଙ୍କ ଏବଂ ଅନେକ ଖଣିଜ ପଦାର୍ଥ ର ପରିମାଣ ଅଧିକ ମାତ୍ରା ରେ ରହିଥାଏ । ଏହା ଆମ ଶରୀର ପାଇ ବୋହୁତ ଲଭ ଦାୟକ ଅଟେ । ଆସନ୍ତୁ ଜାଣିବା ସବୁଦିନ ରାତିରେ ୨ ଟି କାଜୁ ଖାଇବା ଦ୍ୱାରା ଆମ ଶରୀରରେ ବା ଆମ ମଧ୍ୟ ରେ କଣ ସବୁ ପରିବର୍ତ୍ତନ ଘଟିଥାଏ । ହୃଦୟ ପାଇଁ ଭଲ ଅଟେ। ଏହା ମଧ୍ୟ ରେ ଥିବା ପୋଟାସିୟମ ବା କ୍ୟାଲସିୟମ ରହିଥାଏ। କାଜୁରେ ପ୍ରଚୁର ପରିମାଣରେ ଭିଟାମିନ ଏଲୋସିନ ମହଜୁଦ ଥାଏ । ଯଦି ଆପଣ କାଜୁ ପ୍ରତି ଦିନ ସେବନ କରିବେ ତେବେ ଆଖି ରୋଗ ହେବନାହି । ଏହା ସହ ଜଲ୍‌ଦି ଆଖି ରେ ମୋତିଆ ବିନ୍ଦୁ ହୁଏ ନାହି । କାଜୁରେ ଆଇରନ ଭରପୂର, ତେଣୁ ରକ୍ତହୀନତା ଦ୍ୱାରା କାଜୁ ବ୍ୟବହାର ଦୂର ହୁଏ । ଯଦି ଆପଣ ନିୟମିତ ଭାବରେ କାଜୁ ଖାଆନ୍ତି, ତେବେ ଆପଣଙ୍କର ସ୍ମରଣ ଶକ୍ତି ବୃଦ୍ଧି ହେବ। କାଜୁରେ ଭିଟାମିନ୍ ବି ଭରପୂର ଅଟେ, ତେଣୁ ଖାଲି ପେଟରେ ୨ଟି କାଜୁ ସହ ମହୁ ମିଶାଇ ଖାଇବା ଦ୍ୱାରା ଆପଣ ସୁସ୍ଥ ରହିଥାନ୍ତି ।

## ଅଗ୍ନି ଉତ୍ସବ



ମାଘ ପୂର୍ଣ୍ଣିମାକୁ ଅଗ୍ନି ଉତ୍ସବ ବା ଅଗିରା ପୂର୍ଣ୍ଣିମା ବୋଲି କୁହାଯାଏ। ଏହିଦିନ ଅଗ୍ନିଦେବଙ୍କ ପୂଜା ଉତ୍ସବ ପାଳନ କରାଯାଇଥାଏ। ସନ୍ଧ୍ୟାରେ ଗାଁ ମୁଣ୍ଡରେ କୁଟା ଆଦି ଗଦା କରି ସେଥିରେ ଅଗ୍ନି ସଂଯୋଗ କରାଯାଏ। ଅଗି ଜଳା ଉଠିବା ସହିତ ନାନାଦି ଭୋଗ ଅଗ୍ନିରେ ଅର୍ପଣ କରାଯାଏ। ଅଗ୍ନିରେ ଆଳୁ, ବାଇଗଣ ଆଦି ପକାଯାଇଥାଏ। କୁହାଯାଏ ଏହି ପୋଡା ପରିବା ଖାଇବା ଦ୍ୱାରା ଚର୍ମ ରୋଗ ହୁଏ ନାହିଁ। କେବଳ ସେତିକି ନୁହେଁ, ଯେଉଁ ଦିଗକୁ ଅଗ୍ନି ଶିଖା ଢ଼ଳିଥାଏ ସେହି ଦିଗରେ ଧାନର ଅମଳ ଭଲ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଅଗିଜଳା ପୂନେଇଁ ସହିତ ଶୀତ ଋତୁ ଶେଷ ହୁଏ। ମକର ସଂକ୍ରାନ୍ତିରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଆରମ୍ଭ ହୋଇଥିବାରୁ ଏହି ସମୟ ବେଳକୁ ଶୀତ କମି ଆସିଥାଏ। ତେଣୁ ଲୋକ ମୁଖରେ କୁହାଯାଏ ଅଗି ଜଳିଲା, ଶୀତ ଟଳିଲା। ଅନ୍ୟ ପକ୍ଷରେ ଓଡ଼ିଶାର ଅନେକ ସ୍ଥାନରେ ଭିନ୍ନ ଭିନ୍ନ ପରମ୍ପରାରେ ଅଗ୍ନି ଉତ୍ସବ ପାଳନ କରଯାଏ। ସେହିପରି ଏହି ଅଗ୍ନି ଉତ୍ସବ ଏକ କୃଷିଭିତତିବ ପର୍ବ। ଅଗି ଜଳା ପୂର୍ଣ୍ଣମୀରେ ଅଗ୍ନି ଉତ୍ସବ ପାଳନ କରି ଅଗ୍ନି ଦେବଙ୍କର ପୂଜା ଅର୍ଚ୍ଚନା ପରେ ଗ୍ରାମବାସୀ ସେମାନଙ୍କ ନିଜ ନିଜ ଚାଳ ଘରରୁ ଛପର କାର୍ଯ୍ୟ ଆରମ୍ଭ କରିଥାନ୍ତି। କଥାରେ ଅଛି 'ଘର ପୋଡି ଠାରୁ ବିପତ୍ତି ନାହିଁ। ତେଣୁ ଗୃହକୁ ଅଗ୍ନିଦାହରୁ ସୁରକ୍ଷା ପାଇଁ ଅଗ୍ନି ଦେବଙ୍କୁ ଅଗ୍ନି ଉତ୍ସବ ପାଳନ ପୂର୍ବ ସନ୍ତୁଷ୍ଟି କରାଯାଇଥାଏ। ଅଧୁନା ସହରର ଛକ ଜାଗା ତଥା ସହି ମୁଣ୍ଡରେ ଅଗି ଜଳା ପାଳନ ହୋଇଆସୁଛି।



## ନିୟମିତ ଧୂମ୍ରପାନ କରୁଥିଲେ ଜାଣନ୍ତୁ...

ନିୟମିତ ଧୂମପାନ କରୁଥିଲେ ମାଡ଼ିବସିବ ଏସବୁ ମାରାତ୍ମକ ରୋଗ । ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଟାଇପ-୨ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ଅସ୍ଥିର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସଫୁସକୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ।

ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ- ଏହି ଦୁଇ ପ୍ରକାରର ଅଟେ। ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ। ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ ଏବଂ ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡିର ଅଂଶରୁ ବାହାରୁଥିବା ଧୂଆଁ। ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ। ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ।



## ସ୍ୱର୍ଣ୍ଣମନ୍ଦିରରେ ଭିକି-ରଶ୍ମିକା



ବଲିଉଡ୍ ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଅଭିନୀତ ଫିଲ୍ମ 'ଛାବା' ଫେବୃଆରୀ ୧୪ରେ ମୁକ୍ତିଲାଭ କରିବ। ଏହା ପୂର୍ବରୁ ୨ କଳାକାର ପ୍ରମୋଶନ ପାଇଁ ପଞ୍ଜାବର ଅମୃତସରସ୍ଥିତ ସ୍ୱର୍ଣ୍ଣମନ୍ଦିର ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହାର କିଛି ଫଟୋକୁ ଭିକି ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସ୍ୱର୍ଣ୍ଣ ମନ୍ଦିରରେ ଦର୍ଶନ କରିବା ସମୟରେ ଭିକି ଧଳା ରଙ୍ଗର କୁର୍ତ୍ତା ଏବଂ ରଶ୍ମିକା ଗୋଲାପୀ ରଙ୍ଗର ଶୁଟ୍ ପିନ୍ଧି ଖୁବ୍ ସୁନ୍ଦର ଦେଖାଯାଉଥିଲେ। ପୋଷ୍ଟର କ୍ୟାପ୍‌ସନ୍‌ରେ ଭିକି ଲେଖିଛନ୍ତି, ସ୍ୱର୍ଣ୍ଣ ମନ୍ଦିରରେ ବିତାଇଥିବା କ୍ଷଣ ସବୁବେଳେ ଅଭୁଲା ହୋଇ ରହିବ। ଏଠାକାର ଦିବ୍ୟ ଏବଂ ଶାନ୍ତ ପରିବେଶରେ ପ୍ରାର୍ଥନା କରିବାର ଅନୁଭବକୁ ବର୍ଣ୍ଣନା କରିହେବ ନାହିଁ। ପ୍ରକାଶ ଯେ, 'ଛାବା' ଫିଲ୍ମର ପ୍ରମୋଶନ ପାଇଁ ସମ୍ପ୍ରତି ଭିକି ଏବଂ ରଶ୍ମିକା ବିଭିନ୍ନ ସହରକୁ ଗସ୍ତ କରୁଛନ୍ତି। ଛତ୍ରପତି ଶମ୍ଭାଜୀ ମହାରାଜଙ୍କ ଜୀବନୀକୁ ନେଇ ଆଧାରିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଲକ୍ଷ୍ମଣ ଉଟେକର ଦେଇଛନ୍ତି।



## ସୁଟିଂ ପାଇଁ ମୁମ୍ବାଇ ଗଲେ ମୋନାଲିସା

ପ୍ରୟାଗରାଜ ମହାକୁମ୍ଭ ମେଳାର ଭାଇରାଲ ଗର୍ଲ ମୋନାଲିସା । ମାଳା ବିକ୍ରି କରିବାକୁ ଆସିଥିବା ମୋନାଲିସା ତାଙ୍କ ନୀଳ ଆଖି ଓ ସୌନ୍ଦର୍ଯ୍ୟ ପାଇଁ ଚର୍ଚ୍ଚାର ଥିଲେ। ସୋସିଆଲ ମିଡିଆରେ ମୋନାଲିସା ଭାଇରାଲ ହେବାପରେ ତାଙ୍କୁ ଲୋକେ ମହାକୁମ୍ଭରେ ଖୁବ ହଇରାଣ କରିଥିଲେ। ସେଥିପାଇଁ ସେ ମହାକୁମ୍ଭ ଛାଡ଼ି ନିଜ ଗାଁକୁ ଚାଲି ଯାଇଥିଲେ। ରିପୋର୍ଟ ଅନୁଯାୟୀ, ମୋନାଲିସା ଫିଲ୍ମ 'ଦ ମଣିପୁର ଡାଏରୀ'ର ସୁଟିଂ ପାଇଁ ଗାଁରୁ ମୁମ୍ବାଇରେ ଆସି ପହଞ୍ଚିଛନ୍ତି। ସିନେମା ନିର୍ଦ୍ଦେଶକ ମନୋଜ ମିଶ୍ରାଙ୍କ ଆସିଷ୍ଟାଣ୍ଟ ମହେନ୍ଦ୍ର ଲୋଧି ମୋନାଲିସାଙ୍କୁ ନେବା ପାଇଁ ମହେଶ୍ୱରରେ ଯାଇଥିଲେ। ଗାଁରୁ ମୁମ୍ବାଇ ମୋନାଲିସାଙ୍କୁ ସୁରକ୍ଷିତ ଭାବେ ଆଣିବା ମହେନ୍ଦ୍ର ଲୋଧି ସେଠାକର ଥାନା ଅଧିକାରୀଙ୍କୁ ମଧ୍ୟ ଭେଟିଥିଲେ। ଏହାପରେ ମୋନାଲିସା ତାଙ୍କ ବଡ଼ ବାପା ବିଜୟ ପଟେଲ, ଭଉଣୀ ରୁପନ୍ନ ପଟେଲ ସହିତ ଇନ୍ଦୋର ଯାତ୍ରା କରିଥିଲେ। ଇନ୍ଦୋର ପହଞ୍ଚି ସେଠାରୁ ବିମାନ ଯୋଗେ ମୁମ୍ବାଇରେ ପହଞ୍ଚିଛନ୍ତି। 'ଦ ମଣିପୁର ଡାଏରୀ'ରେ ମୋନାଲିସା ଜଣେ ସେନା ଅଧିକାରୀଙ୍କ ଝିଅ ଭୂମିକାରେ ନଜର ଆସିବେ। ଏହି ସିନେମାର ସୁଟିଂ ମୁମ୍ବାଇରେ ଚାଲିଛି। ମୋନାଲିସା ଉଭୟ ମୁମ୍ବାଇ ଓ କୋଲକାତାରେ ପ୍ରଶିକ୍ଷଣ ନେବେ। ଏହାପରେ ସେ ସିନେମା ପାଇଁ ଅଭିନୟ ଆରମ୍ଭ କରିବେ। ଏହି ସିନେମାରେ ଜଣେ ସେନା ଅଧିକାରୀ ଭାବେ ଅନୁପମ ଖେର ନଜର ଆସିବେ। ପରଦାରେ ଅନୁପମ ଖେରଙ୍କ ଝିଅ ସାଜି ମୋନାଲିସା କ'ଣ ଜଲୱା ଦେଖାଉଛନ୍ତି ସେ ଅପେକ୍ଷାରେ ଅଛନ୍ତି ଦର୍ଶକ। ସିନେମା ନିର୍ଦ୍ଦେଶକ ମୋନାଲିସାଙ୍କ ଅଭିନୟକୁ ନେଇ ଖୁବ ଆଶବାଦୀ ଅଛନ୍ତି।



## ଜବରଦସ୍ତ କଲେକ୍ସନ କରୁଛି 'ସନମ ତେରୀ କସମ'

ହର୍ଷବର୍ଦ୍ଧନ ରାଣେ ଏବଂ ମାୱରା ହୋକେନଙ୍କ ରୋମାଣ୍ଟିକ ଡ୍ରାମା ଫିଲ୍ମ 'ସନମ ତେରୀ କସମ'। ୫ ଫେବୃଆରୀ ୨୦୧୬ରେ ମୁକ୍ତିଲାଭ କରିଥିଲା । ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ୯ ବର୍ଷ ପରେ ପୁଣି ଥରେ ଫିଲ୍ମଟି ରିଲିଜ ହୋଇଛି । ୭ ଫେବୃଆରୀରେ, ୨୦୨୫ ଭାଲେଣ୍ଟାଇନ୍ସ ସପ୍ତାହ ଆରମ୍ଭରେ, ଏହି ଫିଲ୍ମଟି ପ୍ରେକ୍ଷାଳୟରେ ରି-ରିଲିଜ ହୋଇଛି । ଯାହା ହିଟ୍ ହୋଇଥିଲା। 'ସନମ୍ ତେରୀ କସମ୍' ଏବେ ଅଧିକ ରୋଜଗାର କରୁଛି। ଯେତେବେଳେ ଏହି ଫିଲ୍ମଟି ପ୍ରଥମ ଥର ପାଇଁ ୨୦୧୬ରେ ମୁକ୍ତିଲାଭ କରିଥିଲା। ଏହାର ମୋଟ ୯.୧୧ କୋଟି ଟଙ୍କା ସଂଗ୍ରହ ଥିଲା। ଏହା ମାତ୍ର ୪ ଦିନରେ ବିପୁଳ ପରିମାଣର ରୋଜଗାର କରି ଧମାଲ କରିଛି। ୯ ବର୍ଷ ପୂର୍ବେ ମୁକ୍ତିଲାଭ କରିଥିବା 'ସନମ୍ ତେରୀ କସମ୍' ୨୦୧୬ର ଫ୍ଲପ୍ ହୋଇଥିଲା। ଯାହାକୁ ରିଲିଜ୍ କରାଯାଇଥିଲା। ଏବେ ସୁପରହିଟ୍ ଫିଲ୍ମ ତାଲିକାରେ ସାମିଲ କରାଯାଇଛି। ୨୦୧୬ ମସିହାରେ 'ସନମ୍ ତେରୀ କସମ୍' ପ୍ରଥମ ଦିନରେ ୫.୧୪ କୋଟି ଟଙ୍କା ରୋଜଗାର କରିଥିଲା, ଦ୍ୱିତୀୟ ଦିନରେ ଏହା ୬.୨୨ କୋଟି ଟଙ୍କା କରିଛି। ଯେତେବେଳେ 'ସନମ୍ ତେରୀ କସମ୍' ରି ରିଲିଜ୍ କରିବାର ଦୁଇ ଦିନ ମଧ୍ୟରେ ୧୧.୩୬ କୋଟି ଟଙ୍କା ସଂଗ୍ରହ କରିଥିଲା। ଏହି ଫିଲ୍ମଟି ୪ ଦିନରେ ୩୦ କୋଟି ଟଙ୍କାର ନେଟ୍ କଲେକ୍ସନ କରିଛି। ହର୍ଷବର୍ଦ୍ଧନ ରାଣେ ଏବଂ ମାୱରା ହୋକେନଙ୍କ 'ସନମ ତେରୀ କସମ' ୨୦୧୬ରେ ମୁକ୍ତିଲାଭ କରିଥିଲା । ସେହି ସମୟରେ ୮ ରୁ ୯ କୋଟି ଟଙ୍କା ସଂଗ୍ରହ କରିଥିଲା। କିନ୍ତୁ ରି-ରିଲିଜ ପରେ ଏହି ଫିଲ୍ମ ଏକ ନୂତନ ରେକର୍ଡ ସୃଷ୍ଟି କରିଛି। 'ସନମ୍ ତେରୀ କସମ୍' ଏକ ରୋମାଣ୍ଟିକ୍ ଫିଲ୍ମ । ଯେଉଁଥିରେ ମାୱରା ଜଣେ ଦକ୍ଷିଣ ଭାରତୀୟ ଝିଅ ସରସ୍ୱତୀ (ସରୁ) ଭୂମିକାରେ ନଜର ଆସିଛନ୍ତି। କିନ୍ତୁ କୌଣସି ପୁଅ ତାଙ୍କୁ ବିବାହ ପାଇଁ ପସନ୍ଦ କରନ୍ତି ନାହିଁ। ଯେତେବେଳେ ହର୍ଷବର୍ଦ୍ଧନ 'ଇନ୍ଦର' ଭୂମିକାରେ ନଜର ଆସିଥିଲେ। ଏହି ଫିଲ୍ମଟି ସରୁ ଏବଂ ଇନ୍ଦରଙ୍କ ପ୍ରେମ କାହାଣୀ ଉପରେ ଆଧାରିତ। ଯାହା ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଛି। ଏବେ ହର୍ଷବର୍ଦ୍ଧନ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ଯେ ଫିଲ୍ମର ସିକ୍ୱେଲ୍ ଉପରେ କାମ କରାଯାଉ ନାହିଁ। 'ସନମ୍ ତେରୀ କସମ୍ ୨' ବିଷୟରେ ଏପର୍ଯ୍ୟନ୍ତ କିଛି ପ୍ଲାନିଂ କରାଯାଇ ନାହିଁ।



ବଲିଉଡ୍‌ର ଜଣାଶୁଣା ଅଭିନେତ୍ରୀ ଯାମୀ ଗୌତମ। ନିଜ ଅଭିନୟରେ ସମସ୍ତଙ୍କୁ ପାଗଳ କରିଥିବା ଯାମୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଟିଭି ପରେ, ଯାମୀ ବଲିଉଡରେ ମଧ୍ୟ ତାଙ୍କର ଅଭିନୟ ଦକ୍ଷତା ପ୍ରମାଣିତ କରିଛନ୍ତି। ଇଣ୍ଡଷ୍ଟ୍ରିରେ କଠିନ ପରିଶ୍ରମ କରିବା ପରେ, ନିଜ ଦମରେ ସ୍ଥାନ ହାସଲ କରିଛନ୍ତି। ଅଭିନେତ୍ରୀ ଯାମୀ ଗୌତମ ଏବେ 'ଧୂମ୍ ଧାମ୍' ପାଇଁ ଚର୍ଚ୍ଚାରେ ଅଛନ୍ତି। ଯାମୀଙ୍କ ଏହି ଫିଲ୍ମଟି ଫେବୃଆରୀ ୧୪, ୨୦୨୫ରେ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହେବାକୁ ଯାଉଛି। ଫିଲ୍ମର ଟ୍ରେଲର ରିଲିଜ୍ ହେବା ପରଠାରୁ ସେ ସୋସିଆଲ ମିଡିଆରେ ରାଜ୍ କରୁଛନ୍ତି। ଏକ ପୁରୁଣା ସାକ୍ଷାତକାରରେ ଯାମୀ କହିଥିଲେ ଯେ ସେ ଆଇଏଏସ୍ ଅଧିକାରୀ ହେବାକୁ ଚାହାଁନ୍ତି। ବଲିଉଡ୍ ଅଭିନେତ୍ରୀ ଯାମୀ ଗୌତମଙ୍କ ଦମଦାର ଅଭିନୟ ବିଷୟରେ ସମସ୍ତେ ଜାଣନ୍ତି, କିନ୍ତୁ ବହୁତ କମ୍ ଲୋକ ଜାଣନ୍ତି ଯେ ଯାମୀ ପଢ଼ିବା ଏବଂ ଲେଖିବାରେ ବହୁତ ପସନ୍ଦ କରୁଥିଲେ। ଏହି କାରଣରୁ ସେ ପାଠପଢ଼ାରେ ବହୁତ ଭଲ ଥିଲେ। ସେ ଜଣେ ଆଇଏଏସ୍ ଅଧିକାରୀ ହେବାର ସ୍ୱପ୍ନ ଦେଖୁଥିଲେ କିନ୍ତୁ ଭାଗ୍ୟ ତାଙ୍କ ପାଇଁ ଅନ୍ୟ କିଛି ରଖିଥିଲା। ସେ ମଡେଲିଂରେ ପାଦ ଥାପିଥିଲେ । ପରେ ସେ ଟିଭି ଏବଂ ଏବେ ଫିଲ୍ମ ଜଗତରେ ବହୁତ ନେମ୍ ଫେମ୍ ହାସଲ କରିଥିଲେ । ବର୍ତ୍ତମାନ ସେ ଗୋଟିଏ ଫିଲ୍ମରେ କାମ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ନେଉଛନ୍ତି।

## ଆଇଏଏସ୍ ହେବାକୁ ଚାହୁଁଥିଲେ ଯାମୀ

ଯାମୀ ଗୌତମ ପଞ୍ଜାବୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ମୁକେଶ ଗୌତମଙ୍କ ଝିଅ। ଅଭିନେତ୍ରୀ 'ଚାନ୍ଦ କେ ପାର ଚଲୋ', 'ୟେ ପ୍ୟାର ନା ହୋଗା କମ' ଭଳି ଟେଲିଭିଜନ ଧାରାବାହିକରେ କାମ କରିଛନ୍ତି। ସେ ୨୦୧୨ ମସିହାରେ ଆୟୁଷ୍ମାନ ଖୁରାନାଙ୍କ ବିପକ୍ଷରେ 'ଭିକି ଡୋନର' ଫିଲ୍ମ ମାଧ୍ୟମରେ ବଲିଉଡରେ ଡେବ୍ୟୁ କରିଥିଲେ। ଏହା ପରେ, ସେ 'ଆକ୍ସନ୍ ଜ୍ୟାକସନ୍', 'ବଦଲାପୁର', 'ସନମ୍ ରେ', ହ୍ରିତିକ୍ ରୋଶନଙ୍କ ସହ 'କାବିଲ୍', 'ଉରି: ଦି ସର୍ଜିକାଲ୍ ଷ୍ଟ୍ରାଇକ୍', 'ବାଲା', 'ଥର୍ସଡେ', 'ଦସଭି' ଭଳି ଅନେକ ଫିଲ୍ମରେ ଅଭିନୟ କରିଛନ୍ତି। ୨୦୨୩ ମସିହାରେ, ଯାମୀ ଗୌତମ ଅକ୍ଷୟ କୁମାର ଏବଂ ପଙ୍କଜ ତ୍ରିପାଠୀଙ୍କ ସହ କମେଡି-ଡ୍ରାମା 'ଓଏମ୍‌ଜି ୨'ରେ ଅଭିନୟ କରିଥିଲେ। ଯାମୀ ଗୌତମଙ୍କୁ ଶେଷ ଥର ପାଇଁ ୨୦୨୪ ମସିହାରେ ଆସିଥିବା ରାଜନୈତିକ ଆକ୍ସନ୍ ଥ୍ରୀଲର 'ଆର୍ଟିକିଲ୍ ୩୭୦'ରେ ଦେଖିବାକୁ ମିଳିଥିଲା। ଯାମୀ 'ଧୂମ୍ ଧାମ୍' ନାମକ ଏକ ବିବାହିତ ଦମ୍ପତିଙ୍କ କାହାଣୀରେ ପ୍ରତୀକ ଗାନ୍ଧୀଙ୍କ ବିପକ୍ଷରେ ନଜର ଆସିବେ। ଏହି ଫିଲ୍ମଟି ଭାଲେଣ୍ଟାଇନ୍ସ ଡେ'ର ନେଟଫ୍ଲିକ୍ସରେ ପ୍ରିମିୟର ହେବ। ଅଭିନେତ୍ରୀଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କହିବାକୁ ଗଲେ, ଯାମୀ ଗୌତମ 'ଉରି' ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କୁ ବିବାହ କରିଛନ୍ତି। ସେମାନେ ୨୦୨୧ ମସିହାରେ ବିବାହ କରିଥିଲେ ଏବଂ ୨୦୨୪ ମସିହାରେ ସେମାନଙ୍କର ପ୍ରଥମ ସନ୍ତାନକୁ ସ୍ୱାଗତ କରିଥିଲେ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ସୁକ୍ରୁଲି ବ୍ଲକ୍ ଅନ୍ତର୍ଗତ ଗମ୍ଭାରିଆପାଳ ଗ୍ରାମରେ ପାଳିତ ହୋଇଯାଇଛି ମାଗେ ପର୍ବ। ଆଦିବାସୀ ହୋ ସମ୍ପ୍ରଦାୟର ଲୋକେ ମାଗେ ପର୍ବକୁ ଧୁମ୍ଧାମରେ ପାଳନ କରନ୍ତି। ପାରମ୍ପରିକ ପର୍ବ ଭାବରେ ପିଢ଼ି ପରେ ପିଢ଼ି ପର୍ବକୁ ପାଳନ କରିଆସୁଛନ୍ତି। ମାଘ ମାସରେ ପର୍ବକୁ ପାଳନ ହୁଏ ବୋଲି ମାଗେ ପର୍ବ ବୋଲି ସମ୍ବୋଧନ କରିଥାନ୍ତି। ପାରମ୍ପରିକ ପର୍ବରେ ଯିଏ ଯେଉଁଠି ଥିଲେବି ସମସ୍ତେ ଗାଁ' କୁ ଫେରନ୍ତି ଏବଂ ସମସ୍ତେ ଏକାଠି ହୋଇ ଖୁସି ମନାଇଥାଆନ୍ତି। ମାଗେ ପର୍ବକୁ ତିନି ରୁ ସାତ ଦିନ ପାରମ୍ପରିକ ରିତିନୀତିରେ ଗ୍ରାମର ଶାଳରେ ପୂଜା କରି ଗ୍ରାମବାସୀଙ୍କ ସୁଖ ସ୍ୱଚ୍ଛନ୍ଦ ପାଇଁ ପ୍ରାର୍ଥନା କରିଥାନ୍ତି। ମାଗେ ପରବ ଅବସରରେ ସାଂସ୍କୃତିକ ଏବଂ ପାରମ୍ପରିକ ନାଗର, ମାଦଳ ର ତାଳେ ତାଳେ ସମସ୍ତେ ମସଗୁଲ ହୁଅନ୍ତି। ମାଗେ ପରବ ଅବସରରେ ମାଗେ ମହୋତ୍ସବର ମଧ୍ୟ ଆୟୋଜନ ହୋଇଥିଲା। ମହୋତ୍ସବରେ ଅତିଥି ଭାବରେ ନନ୍ଦିଘୋଷ ଟିଭି ପ୍ରତିନିଧି ସନ୍ତୋଷ ମହାନ୍ତ, ସମ୍ବାଦ ପ୍ରତିନିଧି ପଙ୍କଜ ପିଙ୍ଗୁଆ, ଜିଲ୍ଲା ପରିଷଦ ସଭ୍ୟ ବିକାଶ ରଞ୍ଜନ ସି, ସମାଜ ସେବୀ ଗୋଲକ ବିହାରୀ ନାୟକ ଏବଂ ତୁଷାର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ନିଜନିଜର ଅଭିଭାଷଣ ରଖି ଥିଲେ ଆଦିବାସୀ ସମ୍ପ୍ରଦାୟର ହାଇସ୍କୁଲ, କଲେଜ୍ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସାଧାରଣ ସଭା ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# କବି ରାସବିହାରୀଙ୍କ ଜୟନ୍ତୀରେ ସ୍ୱରଚିତ କବିତା ଆସର



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଳୋ ପଞ୍ଚାୟତ ପରମହଂସପୁର ଭାଗବତ ଟୁଙ୍ଗି ଠାରେ ସ୍ୱର୍ଗତ କବି ରାସ ବିହାରୀଙ୍କ ୧୪୫ ତମ ଜୟନ୍ତୀ ଅବସରରେ, କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଦାଳକଗଡ଼ ସାଂସ୍କୃତିକ ପ୍ରତିଷ୍ଠାନ କୁଆଳୋ ସୌଜନ୍ୟତାରେ କବି ଭ୍ରମରବର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡଃ ପ୍ରଶାନ୍ତ କୁମାର ରଥ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କବି ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ କବି ଯୁଗଳ କିଶୋର ନାୟକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ରାଜ୍ୟପାଳ ପୁରସ୍କୃତ କବି ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ମହାପାତ୍ରଙ୍କ ଉଦେଶ୍ୟରେ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସାହିତ୍ୟ ସମାଜର ଦର୍ପଣ, ଅତିତର ସାହିତ୍ୟ ସାଧକମାନେ ଅନେକ ସାହିତ୍ୟ ରଚନା କରିଯାଇଛନ୍ତି ଯାହା ପାଇଁ ସେମାନେ ଆଜି ବି ଏ ସମାଜ ପାଇଁ ଚିରସ୍ମରଣୀୟ। ଏହିପରି ଜଣେ ସାରସ୍ୱତ ସାଧକ ୬ଷ୍ଠ ପାଠ ପଢି ତାଳ ପତ୍ର ଉପରେ ତାଙ୍କ ଲେଖନି ଚାଳନା ସମସ୍ତଙ୍କୁ ଆଲୋକିତ କରିଛି। ସେହି ମହାନ ସାରସ୍ୱତ ସାଧକ କବି ରାସବିହାରୀ ସାହୁଙ୍କର ଜନ୍ମ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ ପରମହଂସ ପୁର ଗ୍ରାମରେ ହୋଇଥିଲା। ଉପସ୍ଥିତ ଅତିଥିମାନେ କବି ରାସବିହାରି ସାହୁଙ୍କ କବିତ୍ୱର ଗୁଣଗାନ କରିଥିବା ବେଳେ, ଏହି ଅବସରରେ କୋଦାଳକଗଡ଼ ଓ ପରଜଙ୍ଗ ବୀରଭୂମି ସାହିତ୍ୟ ସଂସଦର କବିମାନେ ଯଥା, ସୁବାଷ ଚନ୍ଦ୍ର ଭୂତିଆ, ସୁଧାକର ନାୟକ, ନଳିନୀକାନ୍ତ ସାହୁ, ଯତିନ୍ଦ୍ର କୁମାର ସାହୁ, ଜିତେନ୍ଦ୍ର ସାହୁ ଓ ଅତିଥି ମାନେ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କବି ଭ୍ରମରବର ବିଶ୍ୱାଳଙ୍କୁ ମାନସକବି ଉପାଧି ଘୋଷଣା କରାଯାଇଥିବା ବେଳେ ଡ. ପ୍ରଶାନ୍ତ କୁମାର ରଥ, ବ୍ୟଙ୍ଗ କବି ସୁଧାକର ନାୟକ ଓ କବି ମହେଶ ଚନ୍ଦ୍ର ନାୟକଙ୍କୁ କବି ରାସବିହାରୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା। କବି ଯତିନ୍ଦ୍ର କୁମାର ସାହୁ ବିବରଣୀ ପାଠ କରିଥିବା ବେଳେ, ପରିଶେଷରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ନାୟକ ମଞ୍ଚ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ ଦାୟିତ୍ୱ ନିର୍ବାହ କରିଥିଲେ।

# ବେଆଇନ ବାଲି ଚୋରି : ପ୍ରଶାସନ ନିରବ



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ତହସିଲ ଅଧିନ ଆନନ୍ଦପୁର ପଞ୍ଚାୟତ ସୀମା ବୁଢ଼ା ମହାଦେବ ପାଖରେ ବୈତରଣୀ ନଦୀରୁ ବାଲି ଚୋରି ଆରମ୍ଭ ହୋଇଯାଇଛି। ରାତି ବେଳା ବାବୁସାହିର ଜଣେ ଗାଡ଼ି ମାଲିକ ନିଜ ଡୋଜରରେ ଏହି ଘାଟରେ ପଶି ବାଲି ଠୁଳ କରୁଛି। ପାହାନ୍ତିଆରୁ ଅନ୍ୟ ଗାଡ଼ି ମାଲିକମାନେ ନିଜନିଜ ଟ୍ରାକ୍ଟର ଓ ମିନି ଟ୍ରକରେ ବାଲି ବୋହୁଛନ୍ତି। ନଭେମ୍ବର ୧୭ ତାରିଖ ରବିବାର ଠାରୁ ବାଲି ଚୋରି ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ଜଣେ ଟ୍ରାକ୍ଟର ମାଲିକ ନିଜ ଟ୍ରାକ୍ଟରରେ ୫ ଟ୍ରିପ ବାଲି ଚୋରି କରୁଛନ୍ତି। ନଈରୁ ବାଲି ଆଣି ନିଜନିଜ ବାଡ଼ିରେ ଷ୍ଟକ କରୁଛନ୍ତି। ଆଉ କେହିକେହି ବରାଦ ଅନୁସାରେ ବାଲି ବିକ୍ରି କରୁଛନ୍ତି। ଲଗାତର ବେଆଇନ ବାଲି ଚୋରି ଯୋଗୁଁ ବୈତରଣୀ ନଦୀର ଆନନ୍ଦପୁର ସୀମାରେ ଅନ୍ୟ କୌଣସି ସ୍ଥାନରେ ବାଲି ପଡ଼ିନାହିଁ। ହେଲେ ଭଣ୍ଡାରିପୋଖରୀ ଓ ଧାମନଗର ତହସିଲ ସୀମାରେ ଥିବା ବୁଢ଼ା ମହାଦେବ ପାଖରେ ଅଳ୍ପ କିଛି ବାଲି ପଡ଼ିଛି। ପାଣି ଶୁଖି ନଥିଲେ ବି ଗାଡ଼ି ମାଲିକ ଡୋଜର ପୂରାଇ ବାଲି ଠୁଳ କରୁଛନ୍ତି। ସେ ବାବଦରେ ଗୋଟିଏ ଟ୍ରିପକୁ ସେ ୧୦୦ ଟଙ୍କା ନେଉଛନ୍ତି। ତା' ପରେ ଲୋଡ଼ିଂ କରିଦେଲେ ଆଉ ୧୦୦ ଟଙ୍କା ନେଉଛନ୍ତି ସଂପୃକ୍ତ ଡୋଜର ମାଲିକ। ଚୋରାରେ ବାଲି ଚାଲାଣ ହେଉଥିବାରୁ ସରକାରଙ୍କୁ କୌଣସି ପ୍ରକାର ରୟାଲଟି ଦେବାକୁ ପଡୁନାହିଁ। ଏଣୁ ଟ୍ରାକ୍ଟର ମାଲିକମାନେ ଏହି ବାଲିକୁ ଟ୍ରିପ ପିଛା ୧୪୦୦ରୁ ୧୫୦୦ ଟଙ୍କାରେ ବିକ୍ରି କରି ମାଲେମାଲ ହେଉଛନ୍ତି। ସେପଟେ ସୀମା ବିବାଦ ଥିବାରୁ ଗାଡ଼ି ମାଲିକଙ୍କୁ ଏହା ସୁହାଉଛି। ସେପଟେ ବାଲି ନିଲାମ ତହସିଲ ହାତରେ ନଥିବାରୁ ଦୁଇ ତହସିଲର ତହସିଲଦାର କି ଅଧିକାରୀ ଚୁପ୍ ରହୁଛନ୍ତି। ଧାମନଗର ତହସିଲର ସୋଧ ରାଜସ୍ୱ ନିରୀକ୍ଷକ ଚୁପ୍। ସେପଟେ ଭଣ୍ଡାରିପୋଖରୀ ତହସିଲର ମାଳଦା ରାଜସ୍ୱ ନିରୀକ୍ଷକ ବି ଚୁପ୍। ସରକାରୀ ନିୟମ ଅନୁସାରେ, ବାଲି ଚୋରି ରୋକିବାର କ୍ଷମତା ତହସିଲଦାର ଓ ଥାନା ପାଖରେ ଅଛି। ହେଲେ ରାଜନୈତିକ ଚାପ ଓ ଶାସକ ଦଳର କର୍ମୀଙ୍କ ପ୍ରେସ ଆଗରେ ଏମାନେ ସବୁ ନିରବ ରହୁଥିବା ଅଭିଯୋଗ ହୋଇଛି। ତେବେ ଏନେଇ ଧାମନଗର ତହସିଲଦାର ଦୀପକ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବାଲି ଚୋରିର ଅଭିଯୋଗ ହୋଇନି। ଅଭିଯୋଗ ହେଲେ ଖଣି ବିଭାଗକୁ ଜଣାଇ ପଦକ୍ଷେପ ନିଆଯିବ। ଗୋଟିଏ ଦିଗରେ ଦିନକୁ ଦିନ ଏହି ବାଲି ଚୋରି ବଢୁଥିବା ବେଳେ ଅନ୍ୟ ଦିଗରେ କିନ୍ତୁ ସବୁ ଜାଣି ମଧ୍ୟ ସରକାର ନିରବଦ୍ରଷ୍ଟା ସାଜିଛନ୍ତି।

# ଓଲଟପୁର ଥାନାରେ ଯୋଗ ଦେଲେ ନୂତନ ଆଇଆଇସି



କଣ୍ଟାପଡା, (ଭାସ୍କର ନ୍ୟୁଜ୍): ଓଲଟ ପୁର ଥାନାରେ ନୂତନ ଆଇଆଇସି ଭାବେ ଯୋଗ ଦେଇଛନ୍ତି କାଦମ୍ବିନୀ ପରିଡ଼ା। ପରିଡ଼ା ଯୋଗ ଦେବାପରେ ବିଭିନ୍ନ ରାଜନୈତିକ ଦଳ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଶୁଭେଚ୍ଛା ଦେବାପାଇଁ ତାଙ୍କ ନିକଟକୁ ଛୁଟୁଛି ସୁଅ। କଣ୍ଟାପଡା ସରପଞ୍ଚ ନିର୍ମଳ କୁମାର ସାହୁ, କଣ୍ଟାପଡ଼ା ସେବା ସମବାୟ ସମିତି ସଭାପତି ଦ୍ୱାରିକା ନାଥ ଦାଶ, ଅଶୋକ ସାମନ୍ତରାୟ, ସନାତନ ପୁଷ୍ଟି ପୁଷ୍ପ ମାଲ୍ୟ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ। ଓଲଟପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକ ଅନ୍ୟତ୍ର ବଦଳି ହେବା ପରେ କାଦମ୍ବିନୀ ପରିଡ଼ା ରବିବାର ଦିନ ଯୋଗ ଦେଇଛନ୍ତି। ସେ ପୂର୍ବରୁ କଟକ ଜିଲ୍ଲା ମାଣିଆ ବନ୍ଧ ବୈଦେଶ୍ୱର ଭଳି ଥାନାରେ ଦକ୍ଷତାର ଶହ କାମ କରିଛନ୍ତି।

# ୫ଟି ପରୀକ୍ଷା କେନ୍ଦ୍ରରେ ୯୨୨ଜଣ ପରୀକ୍ଷାର୍ଥୀ ଦେବେ ମାଟ୍ରିକ ପରୀକ୍ଷା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଚଳିତ ମାଟ୍ରିକ ପରୀକ୍ଷା ଫେବୃଆରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ରେ ସରିବ। ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୫ଟି ପରୀକ୍ଷା କେନ୍ଦ୍ରରେ ୯୨୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଛାତ୍ରଛାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ୨୦୧୮ ମସିହାରୁ ୧୦କିଲୋମିଟର ମଧ୍ୟରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଛି। ମିଳିଥିବା ସୂଚନା ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ୫ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ଜନତା ହାଇସ୍କୁଲ ବନ୍ତିଲୋ ରେ ୧୧୧ଜଣ, ଐଶାନେଶ୍ୱର ବିଦ୍ୟାପୀଠ, ଅଠଦିରା ୨୬୭ଜଣ, ପାଟଳଦା ହାଇସ୍କୁଲ, ପାଟଳଦା ୧୬୨ଜଣ, ସୁରେନ୍ଦ୍ର ନାଥ ବିଦ୍ୟାପୀଠ ସୁନ୍ଦର ୧୮୭ଜଣ ଓ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ, ଅସ୍ତରଙ୍ଗରେ ୧୯୫ଜଣ ପରୀକ୍ଷାର୍ଥୀ ଦେବାକୁ ଥିବା ବେଳେ ମୋଟ ୯୨୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷା ପରିଚାଳନାକୁ ଅବାଧ ଏବଂ କପି ମୁକ୍ତ କରିବାକୁ ସ୍ୱତନ୍ତ୍ର ସ୍କ୍ୱାଡ଼ ଗଠନ କରାଯିବ।

# ସରକାରୀ ଚାକିରିଆ ଲୁଟୁଛନ୍ତି ରାସନ ଚାଉଳ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଗରିବଙ୍କ ରାସନକୁ ହାତେଇଛନ୍ତି ସରକାରୀ କର୍ମଚାରୀ। ଏହିଭଳି ଖବର ଆସିଛି କେନ୍ଦୁଝର ଜିଲ୍ଲାରୁ। କେନ୍ଦୁଝର ଜିଲ୍ଲାରେ ଫେବୃଆରୀ ୧୦ ତାରିଖ ସୁଦ୍ଧା ୨୦୮୬ ଜଣ ସରକାରୀ କର୍ମଚାରୀଙ୍କୁ ଅଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି। ଏହି ୨୦୮୬ ଜଣ ସରକାରୀ କର୍ମଚାରୀଙ୍କ ନାମରେ ପ୍ରତି ମାସ ରାସନ ସାମଗ୍ରୀ ଉଠାଯାଉଛି । ଏବେ ସରକାରଙ୍କ ଯାଞ୍ଚ ବେଳେ ଏଚ୍‌ଆରଏମ୍ଏସ୍‌ରେ ଏଭଳି କର୍ମଚାରୀଙ୍କୁ ଚିହ୍ନଟ କରି ରାସନ କାର୍ଡ କଟାଯାଉଛି। ଆଧାର ଲିଙ୍କ ହେବା ପରେ ଏଚ୍‌ଆରଏମ୍ଏସ୍ ଏହି ସରକାରୀ କର୍ମଚାରୀଙ୍କୁ ଚିହ୍ନଟ କରି ବିଡିଓମାନଙ୍କୁ ଏହାର ତାଲିକା ପଠାଯାଉଛି। ଏହି ଅଯୋଗ୍ୟ ହିତାଧିକାରୀ ତାଲିକାରେ ଅଧ୍ୟାପକ, ପୋଲିସ, ଡାକ୍ତର, ଶିକ୍ଷକ, ବନରକ୍ଷୀ, ବନପାଳ, ସ୍ୱାସ୍ଥ୍ୟ କର୍ମଚାରୀ, କିରାଣୀ, ମହିଳା ସ୍ୱାସ୍ଥ୍ୟକର୍ମୀ ରହିଥିବା ଜଣାପଡ଼ିଛି। ସେହିଭଳି ଆୟକର ଦେଉଥିବା ୧୫ଜଣଙ୍କର ରାସନ କାର୍ଡ କଟାଯାଇଛି। କେତେକ ସ୍ଥଳରେ ଅନେକ ଚାକିରିଆ ଚତୁରତାର ସହ ନିଜ ନାମକୁ ବାଦ ଦେଇ ପୁରା ପରିବାରକୁ ରାସନ କାର୍ଡ ତାଲିକାରେ ସାମିଲ କରାଯାଇଥିବା ଅଭିଯୋଗ ହୋଇଛି। ଯେଉଁ ସରକାରୀ କର୍ମଚାରୀମାନେ ଗ୍ରାମାଞ୍ଚଳରେ ୧୦ହଜାରରୁ ଅଧିକ ଏବଂ ସହରାଞ୍ଚଳରେ ୧୫ ହଜାରରୁ ଅଧିକ ସେମାନଙ୍କୁ ରାସନ କାର୍ଡ ତାଲିକାରୁ ବାଦ ଦିଆଯାଇଛି। ସରକାର ୧୫ ତାରିଖ ମଧ୍ୟରେ ଇ-କେୱାଇସି କରିବାକୁ କହିଛନ୍ତି । ଯେଉଁମାନେ ଇ-କେୱାଇସି କରିବେ ନାହିଁ ସେହି କାର୍ଡ ଗୁଡ଼ିକୁ କାଟି ଦିଆଯିବ। କେନ୍ଦୁଝରରେ ମୋଟ ୧୫ଲକ୍ଷ ୨୬ ହଜାର ୮୬୨ ଜଣ ହିତାଧିକାରୀ ରହିଛନ୍ତି। ସେଥିମଧ୍ୟରୁ ୧୩ଲକ୍ଷ ୭୯ ହଜାର ୮୦୯ ଜଣ ହିତାଧିକାରୀ ଇ-କେୱାଇସି କରିଥିବା ବେଳେ ୧ଲକ୍ଷ ୪୭ ହଜାର ୫୩ ଜଣ ହିତାଧିକାରୀ ଇ-କେୱାଇସି କରିନଥିବା ଜଣାପଡିଛି।

# କାଉତରା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ଶିକ୍ଷା ବ୍ଲକ୍ ଅନ୍ତର୍ଗତ ଫାସୀଓଦା ଗ୍ରାମ ପଞ୍ଚାୟତ କାଉତରା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସଭାପତିତ୍ୱରେ ଓ କାଉତରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ସୋମବାର ଦିନ ୧୩ତମ ବାର୍ଷିକ ଉତ୍ସବ ମହାଡ଼ମ୍ବର ସହକାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ନୟାଗଡ଼ ବିଧାୟକ ଡକ୍ଟର ଅରୁଣ କୁମାର ସାହୁ, ମୁଖ୍ୟ ବକ୍ତାଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ବୋଲଗଡ଼ ବ୍ଲକ୍ ପ୍ରାକ୍ତନ ସମିତି ଅଧ୍ୟକ୍ଷ ବାନାମ୍ବର ମାଝୀ ବୋଲଗଡ଼ ବ୍ଲକ୍ ସମିତି ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଫାସଓଦା ଗ୍ରାମ ପାଞ୍ଚୟତର ସରପଞ୍ଚ ପୁଷ୍ପଲତା ଭଞ୍ଜ, ଜହ୍ନିପଦା ଗ୍ରାମ ପାଞ୍ଚୟତ ସରପଞ୍ଚଙ୍କ ପ୍ରତିନିଧି ଅରୁଣ କୁମାର ରାଉତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଉତ୍ସବର ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟ ସହଶିକ୍ଷକ ଜନ୍ମେଜୟ ମାଝୀ ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ତ୍ରିନାଥ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ନିମନ୍ତ୍ରିତ ଅତିଥିମାନେ ପୁରସ୍କାର ସ୍ୱରୂପ ପ୍ରମାଣ ପତ୍ର ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ନିତ୍ୟାନନ୍ଦ ଜେନା, ସୂର୍ଯ୍ୟକାନ୍ତ ନାୟକ, ରାମଦାସ ମୁର୍ମୁ, ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ, ରଶ୍ମିତା ମଣ୍ଡଳ, ଅଳକା ବେହେରା ମଧୁସ୍ମିତା ପ୍ରଧାନ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ଶିକ୍ଷା ବିକାଶର ଚାବିକାଠି ଓ ଜୀବନର ମାନଦଣ୍ଡ ହୋଇଥିବାରୁ ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ଶିକ୍ଷା ଅଧ୍ୟୟନ ସମୟରେ କଠିନ ପରିଶ୍ରମ କରିବାକୁ ମୁଖ୍ୟ ଅତିଥି ଡକ୍ଟର ଅରୁଣ କୁମାର ସାହୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପ୍ରଦାନ କରିବା ପାଇଁ ସାହୁ ଅନୁରୋଧ କରିଥିଲେ। ପ୍ରତ୍ୟେକ ପିତାମାତା ଘରେ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିବା ସମୟରେ କୌଣସି ଖରାପ କଥା ଓ ସମାଜ ଗ୍ରହଣ ଯୋଗ୍ୟ ହେଉ ନଥିବା କାର୍ଯ୍ୟମାନ କଲେ ଛାତ୍ରଛାତ୍ରୀମାନେ ତାହା ଗ୍ରହଣ କରି ଖରାପ ବାଟକୁ ଗଲେ ଭବିଷ୍ୟତରେ ସେମାନେ ଭଲ ମଣିଷ ହୋଇପାରିବେ ନାହିଁ ବୋଲି ମୁଖ୍ୟବକ୍ତା ସାହୁ ପରାମର୍ଶ ଦେଇଥିଲେ। ଯେଉଁ ସମୟରେ ଛାତ୍ର ଛାତ୍ରୀମାନେ ଘରେ ନଥିବେ ସେ ସମୟରେ କୌଣସି ଖରାପ କଥା କି କାର୍ଯ୍ୟ ଆଲୋଚନା କରିଲେ ପିଲାମାନେ ତାହା ଗ୍ରହଣ କରିପାରିବେ ନାହିଁ କି ଖରାପ ବାଟକୁ ଯିବେ ନାହିଁ ବୋଲି ମୁଖ୍ୟବକ୍ତା ସାହୁ ମତ ବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ଓ ନୃତ୍ୟ ଗୁରୁ କାର୍ତ୍ତିକ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା। ପରିଶେଷରେ ଶିକ୍ଷକ ଗଣେଶ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବେତନଟୀ ଡାକ୍ତରଖାନା ପରିସରରେ ଶବବ୍ୟବଚ୍ଛେଦ ଗୃହ ଉଦ୍‌ଘାଟିତ




ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଡାକ୍ତରଖାନା ପରିସରରେ ଏକ ଶବବ୍ୟବଚ୍ଛେଦ ଗୃହ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଶବ ବ୍ୟବଚ୍ଛେଦ ଗୃହ ବେତନଟୀ ବାସୀଙ୍କର ଗୋଟିଏ ସ୍ୱପ୍ନ ହୋଇ ରହିଯାଇଥିଲା। କିନ୍ତୁ ଆଜି ବଡ଼ସାହି ବିଧାୟକଙ୍କ ନିଜସ୍ୱ ପାଣ୍ଠିରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୭୦୦୦୦୦ ଲକ୍ଷ ଟଙ୍କାର ଅନୁଦାନରେ ନିର୍ମାଣ ହୋଇଥିବା ଏହି ଗୃହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ଏଣୁ ଆଉ ବେତନଟୀ ସର୍କଲ ଅଧିନରେ ଥିବା ପାଞ୍ଚୋଟି ଥାନା ଅଞ୍ଚଳରେ ଯଦି କାହାରି କେଶ ଅଧିନ ମୃତ୍ୟୁ ଘଟେ ତାହାଲେ ସେମାନଙ୍କ ପରିବାରବର୍ଗ ଆଉ ଶବକୁ ନେଇ ବାରିପଦା ଯିବାକୁ ପଡ଼ିବ ନାହିଁ। ଏହି ଶବବ୍ୟବଚ୍ଛେଦ ଗୃହରେ ଶବ ବ୍ୟବଚ୍ଛେଦ ହୋଇପାରିବ। ତେଣୁ ବେତନଟୀ ବାସୀ ବହୁତ ଖୁସିବ୍ୟକ୍ତ କରିଛନ୍ତି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବାରିପଦା ସିଡିଏମଓ ପ୍ରଭାତ କୁମାର ବେହେରା, ବାରିପଦା ଏଡିଏମଓ ବିଜୟ କୁମାର ଦାସ, ବେତନଟୀ ଏମଓଆଇସି ସିପୁନ ପଣ୍ଡା, ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ାଙ୍କ ସହିତ ବେତନଟୀ ଡାକ୍ତରଖାନାର ଏନଏମକର୍ମୀ, ଆଶାକର୍ମୀ, ବେତନଟୀ ଡାକ୍ତରଖାନାର କର୍ମଚାରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ବିଧାୟକ ସନାତନ ବିଜୁଳି ବେତନଟୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ବୁଲି ସେମାନଙ୍କ ସ୍ୱାସ୍ଥ୍ୟ ବାବଦରେ ପଚାରି ବୁଝିଥିଲେ।

# ସ୍ୱନକ୍ଷେତ୍ର ଦିବସ ପାଳିତ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ ଏରଞ୍ଚରେ ଥିବା ଦେବୀ କନ୍ଦଳ ନିତ୍ୟାନନ୍ଦ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ୪୫ତମ ସ୍ୱନକ୍ଷେତ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କଲେଜର ଅଧ୍ୟକ୍ଷ ତଥା ସଭାପତି ମାର୍କଣ୍ଡେଶ୍ୱର ମହାପାତ୍ର ଅଭି ଭାଷଣ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ଛବି ମଲିକ ଯୋଗ ଦେଇଥିଲେ। ସାମ୍ମନୀତ ଅତିଥିଭାବେ ନିଆଳି ବ୍ଲକ ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଂଜନ ମହାନ୍ତି ଜିଲ୍ଲା ପରିଷଦ ସଦସ୍ୟ ସୌଦାମିନୀ ମହାପାତ୍ର, ନିଆଳି ବ୍ଲକ୍ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଏରଞ୍ଚ ସରପଞ୍ଚ ନିରଞ୍ଜନ ବେହେରା, ଭୁବନାନନ୍ଦ ମହାପାତ୍ର ଯୋଗ ଦେଇଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ମନୋଜ କୁମାର ସେନାପତି ପ୍ରଦାନ କରିଥିଲେ। ଉପ ସଭାପତି ଡାକ୍ତର ଅକ୍ଷୟ କୁମାର ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅମୁଲ୍ୟରତନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ବିରେନ କୁମାର ପ୍ରଧାନ, ବିଶ୍ୱଜିତ ରାଉତ, ଗୋପାଳ କୃଷ୍ଣ ମିଶ୍ର, ସୁବ୍ରତ କୁମାର ବେହେରା, ଡାକ୍ତର ନିରଞ୍ଜନ ମହାପାତ୍ର, ଡାକ୍ତର ମୋନାଲିସା ଚକ୍ରବର୍ତ୍ତୀ, ପବିର କୁମାର ଜେନା, ଲକ୍ଷ୍ମୀପ୍ରିୟା ବେହେରା, ପୂର୍ଣ୍ଣ ଚନ୍ଦ୍ର ଦାଶ, ପ୍ରଭାତ ଜେନା, ଅଶୋକ କୁମାର ରଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ ବୃଦ୍ଧ

## ପର କରିଦେଲା ପରିବାର



ମାଲକାନଗିର, (ଭାସ୍କର ନ୍ୟୁଜ୍): ମୌଳିକ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ ଭଗବାନ ଦଳେଇ (୬୨) ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ସହର ଉପକଣ୍ଠ ତଳସାହିରେ ତାଙ୍କର ଘର। ଅନେକଦିନ ପୂର୍ବରୁ ପାଗଳି ହୋଇ ପତ୍ନୀ କେଉଁଆଡ଼େ ଚାଲିଯାଇଥିବା ବେଳେ ବାହାହେବା ପରେ ପୁଅ ମଧ୍ୟ ଅନ୍ୟତ୍ର ରହୁଛି। ପୁରୁଣା ଘର ଭାଙ୍ଗିଯିବା ପରେ ଏକାକି ହୋଇ ଏଣେ ତେଣେ ବୁଲୁଥିଲେ। ଶେଷରେ ଟେକଗୁଡା ସାହିରେ ଥିବା ଶକୁନ୍ତଳା ମାଝୀଙ୍କ ଜଳଖିଆ ଦୋକାନ ବାରଣ୍ଡା ସାଜିଛି ଆଶ୍ରୟ ସ୍ଥଳୀ। ମହିଳା ଜଣଙ୍କ ଦୟା ଦେଖାଇ ତାଙ୍କୁ ପ୍ରତିଦିନ ଦୁଇଓଳି ଖାଇବାକୁ ଦେଉଛନ୍ତି। ଦୋକାନୀଙ୍କ ଏକ ଶୁଆ ଏବେ ବୃଦ୍ଧଙ୍କ ସାଥୀ ପାଲଟିଛି। ଆଜିପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ଟଙ୍କିକିଆ ଚାଉଳ କି ଭିନ୍ନକ୍ଷମ ଭତ୍ତା ମିଳିପାରି ନାହିଁ। ମୁଣ୍ଡ ଗୁଞ୍ଜିବା ପାଇଁ ଆବାସଟିଏ ଯୋଗାଇ ଦିଆଯାଇନି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଅସହାୟ ଭଗବାନଙ୍କୁ ସାହାଯ୍ୟ କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି। ଭଗବାନଙ୍କ କହିବା ପ୍ରକାରେ, ଦୀର୍ଘବର୍ଷ ଧରି ସେ ତାଙ୍କ ପରିବାର ସହ ତଳସାହିରେ କୁଡ଼ିଆ କରି ରହିଆସୁଥିଲେ। ପରିବାର କହିଲେ ପତ୍ନୀ ଯମୁନା ଓ ପୁଅ ମୋଟୁଲ। ପୁଅକୁ ୫ବର୍ଷ ହେବା ବେଳକୁ ପତ୍ନୀ ପାଗଳି ହୋଇ ପୁଅ ଓ ସ୍ୱାମୀଙ୍କୁ ଛାଡ଼ି କେଉଁଆଡ଼େ ପଳାଇଗଲେ। ପର ଘରେ କୁଲିଭୂତି କରି ଦୁଃଖକଷ୍ଟରେ ଭଗବାନ ନିଜସହ ପୁଅ ପାଇଁ ଦାନା ଯୋଗାଡ଼ କରୁଥିଲେ। ପୁଅ ବଡ଼ ହୋଇ ଜୟପୁରର ଗୋଟିଏ ଝିଅକୁ ବିବାହ ହୋଇ ଘର ଜ୍ୱାଇଁ ହୋଇ ରହିଗଲା। ଆଉ ଘରକୁ ଫେରିଲା ନାହିଁ କି ତାଙ୍କୁ ପଚାରିଲା ନାହିଁ। ଯେଉଁ କୁଡ଼ିଆ ଖଣ୍ଡିକ ଥିଲା ତାହା ଭାଙ୍ଗି ଭୁସୁଡିଗଲା। ମୁଣ୍ଡ ଗୁଞ୍ଜିବା ପାଇଁ ଘର ନଥିବାରୁ ଶେଷରେ ଟେକଗୁଡ଼ା ସାହି ମୁଣ୍ଡରେ ଧନପତି ମାଝୀଙ୍କ ପତ୍ନୀ ଶକୁନ୍ତଳାଙ୍କ ଜଳଖିଆ ଦୋକାନ ବାରଣ୍ଡାରେ ଆଶ୍ରୟ ନେଇଥିବା କହିଛନ୍ତି। ଦିନେ ତେନ୍ତୁଳି ତୋଳୁଥିବା ବେଳେ ଗଛରୁ ପଡ଼ି ତାଙ୍କ ଗୋଡ ଭାଙ୍ଗିଗଲା। ସାହି ଲୋକେ ତାଙ୍କୁ ମେଡ଼ିକାଲକୁ ନେଇ ଚିକିତ୍ସା କରାଇଥିଲେ । ହେଲେ ଠିକ୍ ଭାବେ ଆଉ ଚାଇବୁଲ୍ କରିପାରୁ ନାହାନ୍ତି। ବାଡ଼ିଟିଏ ଧରି ବହୁକଷ୍ଟରେ ନିଜର ନିତ୍ୟକର୍ମ କରୁଛନ୍ତି। ଦୋକାନ ବାରଣ୍ଡାର କାଠ ବେଞ୍ଚ ତାଙ୍କ ପାଇଁ ଆଶ୍ରୟ ପାଇଟିଛି। ଦୋକାନୀଙ୍କ ଏକ ଶୁଆ ପ୍ରତିଦିନ ତାଙ୍କ ନିକଟକୁ ଆସୁଛି। ତାଙ୍କ କାନ୍ଧରେ ବସି ତାଙ୍କ ସହ ଖେଳୁଛି। ଏପରି କି ଶୁଆଟି ତାଙ୍କ ସହ ଖାଉଛି। ନିଜ ପରିବାର ପର କରିଦେଲେ ହେଲେ ଶୁକପକ୍ଷୀଟି ତାଙ୍କ ପିଛା ଛାଡୁନି। ଶକୁନ୍ତଳାଙ୍କ ପରିବାର ଓ ଶୁଆ ଏବେ ତାଙ୍କର ଆପଣାର ମଣିଷ ପରି ରହିଥିବା ଭଗବାନ କହିଛନ୍ତି। ସରକାରଙ୍କ ତରଫରୁ ତାଙ୍କୁ ଚାଉଳ, ଭତ୍ତା ଓ ଆବାସ ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# 'ବିକଶିତ ଗାଁ' ବିକଶିତ ଓଡ଼ିଶା'କୁ ନେଇ ଗ୍ରାମ ସଭା ଆୟୋଜିତ



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକ୍ ସଦର ପଞ୍ଚାୟତ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ 'ବିକଶିତ ଗାଁ' ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ ନେଇ ଗ୍ରାମ ସଭା ଆୟୋଜିତ ହୋଇଯାଇଛି। ପଞ୍ଚାୟତ ପିଇଓ ବୃନ୍ଦାବନ କଲେକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ସରପଞ୍ଚ ଲକ୍ଷ୍ମୀ କାଡ୍ରାକା ସଭାପତିତ୍ୱ କରିଥିଲେ। ଏଥିରେ ଗ୍ରାମ ପଞ୍ଚାୟତ ନାଇବ ସରପଞ୍ଚ ସନେୟା ମାଣ୍ଡିଙ୍ଗୀ, ବିଜେଡ଼ି ବ୍ଲକ ସଭାପତି ବାଲା ନାଗ, ବିଜେପି ଜିଲ୍ଲା ସମ୍ପାଦକ ଶରତ ପାତ୍ର, କଂଗ୍ରେସ ବ୍ଲକ ସଭାପତି ଡି ଏଙ୍କାଟି, ପୂର୍ବତନ ସରପଞ୍ଚ ଜି ତ୍ରିପତି ରାଓ, ଏଡିଇଓ ଲିଙ୍ଗରାଜ ସାହୁକାର, ଜି ଅଶୋକ ଓ ଅନେକ ଲୋକ ଉପସ୍ଥିତ ରହିଥିଲେ। ପଞ୍ଚାୟତର ୧୨ ୱାର୍ଡ଼ ଠାରୁ ଶତାଧିକ ପୁରୁଷ ମହିଳା ଉପସ୍ଥିତ ରହିଥିଲେ। ରାଜ୍ୟ ସରକାରଙ୍କ 'ବିକଶିତ ଗାଁ' ବିକଶିତ ଓଡ଼ିଶା' ପାଇଁ ୨୦୨୪-୨୫ରୁ ଆରମ୍ଭ କରି ୨୦୨୮-୨୯ ଆର୍ଥିକବର୍ଷ ପର୍ଯ୍ୟନ୍ତ ଚାଲିବ। ପଞ୍ଚାୟତକୁ ମିଳିଥିବା ମୋଟ ପାଣ୍ଠିର ୩୫ ପ୍ରତିଶତ ଟଙ୍କା କେବଳ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ କରାଯିବ। ଶିକ୍ଷା ଭିତ୍ତିଭୂମିର ବିକାଶ ସହିତ କ୍ରୀଡ଼ା, କ୍ଷୁଦ୍ର ପର୍ଯ୍ୟଟନ ଭିତ୍ତିଭୂମି ଆଦି ମଧ୍ୟ ନିର୍ମାଣ କରିବାର ବ୍ୟବସ୍ଥା ରହିଛି। ଜିଲ୍ଲା ପ୍ରଶାସନ ତରଫରୁ ଗ୍ରାମ ସଭା ନିମନ୍ତେ ପ୍ରାପ୍ତ ପ୍ରକଳ୍ପର କାର୍ଯ୍ୟ ସୂଚୀକୁ ପିଇଓ ବୃନ୍ଦାବନଙ୍କ ଦ୍ୱାରା ସମସ୍ତଙ୍କୁ ପଢ଼ି ଅବଗତ କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟ ସୂଚୀ ଅନୁଯାଇ ଶାନ୍ତି ଶୃଙ୍ଖଳାର ସହିତ ପ୍ରତି ଗାଁ'ରୁ ଉପସ୍ଥିତ ଗ୍ରାମବାସୀ ପ୍ରକଳ୍ପ ଲେଖି ସରପଞ୍ଚଙ୍କୁ ହସ୍ତାନ୍ତର କରି ଥିଲେ। ଏହା ସହିତ ପ୍ରତି ଗାଁକୁ ଯାଇ ଗାଁ'ରେ ପଲ୍ଲୀ ସଭା କରାଯାଇ ପଞ୍ଚାୟତ ପାଇଁ ୫ ବର୍ଷର ପ୍ରକଳ୍ପ ଅଟକଳ ପ୍ରସ୍ତୁତ କରି ପଞ୍ଚାୟତ ସମିତିକୁ ନେଇ ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି। ଶେଷରେ ସରପଞ୍ଚ ଉପସ୍ଥିତ ଥିବା ସମସ୍ତେ ନିଜ ଗାଁ ଉନ୍ନତି ପାଇଁ ଯୋଜନା ଗୁଡିକର ପ୍ରକଳ୍ପ ଲିଖିତ ଭାବେ ଦେଇ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲ।

# ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଆଲୋଚନାଚକ୍ର



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ବଡ଼ଚଣା ଶିକ୍ଷା ମଣ୍ଡଳ ଅଧିନସ୍ଥ ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ 'ଭାଷାର ଇତିହାସ ଓ ଆମ ଭାଷ' ଶୀର୍ଷକ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟ ସ୍ଥିତ ସିଲଭର ଜୁବୁଲି କକ୍ଷରେ ଅନୁଷ୍ଠିତ ହେଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସୁକେସିନୀ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରେଭେନ୍ସା ମହାବିଦ୍ୟାଳୟ କଟକର ଅବସର ପ୍ରାପ୍ତ ପ୍ରଫେସର୍ ଡକ୍ଟର ନଟବର ଶତପଥୀ ଓ ସମ୍ମାନିତ ବକ୍ତା ଭାବେ ମୌଲାନକ୍ଷ ଅବଦୁଲ କାଲାମ ଆଜାଦ୍ ବହୁମୁଖି ମହାବିଦ୍ୟାଳୟ କଟକର ଡକ୍ଟର କ୍ଷୀରୋଦ କୁମାର ସାହୁ ଯୋଗଦେଇ ଭାଷାର ବିକାଶକ୍ରମ, ସ୍ୱରୂପ, ବିଶ୍ୱଭାଷା ପରିବାର ଏବଂ ଓଡ଼ିଆ ଭାଷାର ଇତିହାସ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଦିପ୍ତିମୟୀ ନାୟକ, ଡକ୍ଟର ଡଲିନ୍ ବାଳା ସାମଲ, ରାଜନୀତି ବିଜ୍ଞାନର ଡକ୍ଟର ସଞ୍ଜୟ ରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ ଅନ୍ତର୍ଗତ ରେଣୁଗାଁ ଠାରେ ସହିଦ କାଳିଆ ମହାନ୍ତ ଯୁବକ ସଂଘର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ପ୍ରାରମ୍ଭରେ ସହିଦ କାଳିଆ ମହାନ୍ତଙ୍କୁ ଯୁବକ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯିବା ସହିତ ସ୍ମୃତିଚାରଣ କରାଯାଇଥିଲା। ଯୁବକ ସଂଘର ସଦସ୍ୟ ଗତିକୃଷ୍ଣ ମହାନ୍ତଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ସଂଘର ସଭାପତି ଧର୍ମେନ୍ଦ୍ର ମହାନ୍ତ, ସମ୍ପାଦକ ତ୍ରିନାଥ ମହାନ୍ତ, କୋଷାଧ୍ୟକ୍ଷ ସଞ୍ଜିତ ମହାନ୍ତ, ୧୨ନମ୍ବର ୱାର୍ଡର ୱାର୍ଡ ମେମ୍ବର ପ୍ରଫୁଲ୍ଲ ମହାନ୍ତ, ସଂଘର ସଦସ୍ୟ କିଶୋର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ହୋଇ ସହିଦ କାଳିଆ ମହାନ୍ତ ଯୁବକ ସଂଘ ଗଠନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଂଘ ଆଗାମୀ ଦିନରେ ବିଭିନ୍ନ ପ୍ରକାର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରି ଚାଲିବ ବୋଲି ପ୍ରକାଶ କରାଯାଇଥିଲା। ଏହି ଅବସରରେ ମଧ୍ୟାହ୍ନରେ ଅନ୍ନସେବନ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବକ ସଂଘର ସଦସ୍ୟ ଧରଣୀଧର ମହାନ୍ତ, ବିଶ୍ୱରଞ୍ଜନ ମହାନ୍ତ, ଛାଲୁ ମହାନ୍ତ ଓ ଅନ୍ୟ ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ମୟୁରଭଞ୍ଜ ଏନ.ଆଇ.ସି ପକ୍ଷରୁ ନିରାପଦ ଇଣ୍ଟରନେଟ ଦିବସ ପାଳିତ

ବାରିପଦା, (ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରାଳୟ ନିର୍ଦ୍ଦେଶ ଅନୁଯାୟୀ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଏନ.ଆଇ.ସି. ଆନୁକୂଲ୍ୟରେ ନିରାପଦ ଇଣ୍ଟରନେଟ ଦିବସ ପାଳିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ ଓ ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ଯୋଗ ଦେଇଥିଲେ। ଏହି ଅବସରରେ ଏନଆଇସିର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟ ସ୍ତରରେ ଅଧିକାରୀ ତଥା କର୍ମଚାରୀ ମାନଙ୍କୁ ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ 'ଉତ୍ତମ ଇଣ୍ଟରନେଟ ପାଇଁ ଏକତ୍ରିତ' ଶୀର୍ଷକ ସମ୍ବନ୍ଧରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଏହି ଦିବସ ଫେବୃଆରୀ ମାସ ଦ୍ୱିତୀୟ ମଙ୍ଗଳବାର ଦିନ ବିଶ୍ୱବ୍ୟାପି ପାଳନ ହେଉଛି ବୋଲି ସୂଚାଇ ଥିଲେ। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସାଧାରଣ, ଯୁବସମାଜ, ଛାତ୍ରଛାତ୍ରୀ ତଥା ସମାଜ ର ସବୁ ବର୍ଗର ଲୋକଙ୍କୁ ସଚେତନ କରି ଇଣ୍ଟରନେଟର ସଠିକ ପ୍ରୟୋଗ ଦ୍ୱାରା ଏହାର ବ୍ୟବହାର ମାଧ୍ୟମ ରେ ଯେଉଁ ସବୁ ଠକେଇର ଶିକାର ହେଉଛନ୍ତି ସେଥିରୁ ମୁକ୍ତି ପାଇବା। ମୁଖ୍ୟ ପରିପ୍ରେକ୍ଷୀରେ ସେ କହିଥିଲେ ଯେ ଆଜିର ବ୍ୟସ୍ତ ବହୁଳ ଜୀବନଶୈଳୀରେ ବ୍ୟକ୍ତିଗତ ସ୍ତରରେ ହେଉ କିମ୍ବା ସରକାରୀ ସ୍ତରରେ ହେଉ ଅବା ସାମାଜିକ ସ୍ତରରେ ହେଉ ଦୈନନ୍ଦିନ ଜୀବନରେ ପ୍ରତ୍ୟେକଙ୍କ ପାଇଁ ଇଣ୍ଟରନେଟର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ମାତ୍ର ଏହାର ବ୍ୟବହାର ସମୟରେ ଆମେ ଯଦି ଉପଯୁକ୍ତ ସତର୍କତା ଅବଲମ୍ବନ ନକରିବା ତେବେ ଆମେ ଠକେଇର ଶିକାର ହେବା। ଏହି ଠକେଇ ଶିକାରର ମୁଖ୍ୟ କାରଣ ହେଉଛି ଲୋଭ ଓ ଭୟ। ଏହି ଅବସରରେ ଠକେଇ ରୁ ଦୂରେଇ ରହିବା ପାଇଁ ସେ କେତେକ ସଚେତନଧର୍ମୀ କୌଶଳ ଉପସ୍ଥାପନ କରିଥିଲେ ଯଥା ଓଟିପି, ପିନ, ଆଧାର, ପ୍ୟାନ କିମ୍ବା ସମ୍ବେଦନଶୀଳ ବିବରଣୀ ପ୍ରକାଶ ନକରିବା, ଅନଧିକୃତ ଆଧାର ଦେୟ ବିଜ୍ଞାପନ ବିଷୟରେ ସତର୍କ ରହିବା, ଅଜ୍ଞାତ ନମ୍ବରରୁ ଆସିଥିବା ଲିଙ୍କ ଉପରେ କେବେବି କ୍ଲିକ୍ ନକରିବା, ଅଜଣା ନମ୍ବରରୁ ବ୍ୟକ୍ତିଗତ ସୂଚନା କିମ୍ବା ଟଙ୍କା ପାଇଁ ନିବେଦନ କରୁଥିବା ଲୋକଙ୍କ ଠାରୁ ଦୂରେଇ ରହିବା, କ୍ୟୁଆର କୋଡ୍ ସ୍କାନ କରିବା କିମ୍ବା ପେମେଣ୍ଟ ଗ୍ରହଣ କରିବା ପାଇଁ ଓଟିପି/ପିନ ସେୟାର ସମୟରେ ସାବଧାନ ରହିବା, ଅନଲାଇନ କିମ୍ବା ସାମାଜିକ ଗଣମାଧ୍ୟମ ରେ ନିଜର ବ୍ୟକ୍ତିଗତ ସୂଚନା ନଦେବା, ଉଚ୍ଚ ରିଟର୍ଣ୍ଣ ସହିତ ଅନଲାଇନ ନିବେଶ ଠାରୁ ଦୂରେଇ ରହିବା, ନିଜ ମୋବାଇଲରେ ଥିବା ଆପ ଗୁଡିକ ନିୟମିତ ବ୍ୟବଧାନ ରେ ସମୀକ୍ଷା କରିବା, ଗିରଫ ହେବା ଭୟରେ ମିଛ ଭିଡ଼ିଓ କଲ କିମ୍ବା ଭଏସ କଲ ଉପରେ ବିଶ୍ୱାସ ନକରି ସତ୍ୟା ସତ୍ୟ ଅନୁସନ୍ଧାନ କରିବା, ବ୍ୟାଙ୍କ ପରି ସମ୍ବେଦନଶୀଳ ଆର୍ଥିକ କାରବାର ପାଇଁ ପବ୍ଲିକ ୱାଇଫାଇରୁ ଦୂରେଇ ରହିବା ଇତ୍ୟାଦି ପ୍ରମୁଖ ଥିଲେ ବୋଲି ଉଲ୍ଲେଖ କରିଥିଲେ। ସାବଧାନ ରହିବା ସତ୍ତ୍ୱେ ଦୁର୍ଯୋଗ ବଶତଃ ଯଦି କୌଣସି ସାଇବର ଠକେଇ ର ଶିକାର ହୁଅନ୍ତି ତେବେ ତୁରନ୍ତ ଟୋଲ-ଫ୍ରି ୧୯୩୦ ନମ୍ବରକୁ କଲ୍ କରି ସୂଚିତ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ଅତିଥି ମାନେ ମଧ୍ୟ କାର୍ଯ୍ୟକ୍ରମ ଉପରେ ସୁଚିନ୍ତିତ ମତାମତ ରଖି ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଏହି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବିଭିନ୍ନ ପଦାଧିକାରୀ, କର୍ମଚାରୀ, ପୋଲିସ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଏନ.ଆଇ.ସିର ଟିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଥାଉକି ଏନଆଇସି ତରଫରୁ ଉକ୍ତ ସଚେତନ କାର୍ଯ୍ୟକ୍ରମ ପୂର୍ବାହ୍ନରେ ସ୍ଥାନୀୟ ଏମପିସି ଅଟୋନମସ କଲେଜରେ କରାଯାଇ ଛାତ୍ର ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ସଚେତନ କରାଯାଇଥିଲା।




# ଆଶୀର୍ବାଦ ଉତ୍ସବରେ ରତ୍ନଦୀପ ପ୍ରଜ୍ୱଳନ କଲା ଡିଏଭି

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଡିଏଭି ପିଟିଏସଆର ପବ୍ଲିକ ସ୍କୁଲ୍ ପରିସରରେ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଶୁଭ ମନାସି ଆଶୀର୍ବାଦ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବକୁ ଅତିଥି ଭାବେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ନିମନ୍ତ୍ରିତ କରାଯାଇଥିଲା। ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ଏହି ଉତ୍ସବରେ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ଅଭିଭାବକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅର୍ପଣ କରିଥିଲେ।




ଏହି ବିଦ୍ୟାଳୟର ଶିକ୍ଷକ ପ୍ରବୀଣ କୁମାର ପାତ୍ର ଛାତ୍ରଛାତ୍ରୀମାନଙ୍କ ଶୁଭକାମନା ମନାସି ଅଖଣ୍ଡ ରତ୍ନଦୀପ ପ୍ରଜ୍ୱଳନ କରିଥିଲେ ଓ ବିଦ୍ୟାଳୟରେ ଯଜ୍ଞ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି ଯଜ୍ଞ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଚିତ୍ତରଞ୍ଜନ ଆଚାର୍ଯ୍ୟ, ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ସମସ୍ତ ରୀତିନୀତି ବୈଦିକ ରୀତିରେ କରାଯାଇଥିଲା। ପ୍ରଧାନ ଶିକ୍ଷକ ବାସୁଦେବ ପାଣିଗ୍ରାହୀ, ମୁଖ୍ୟ ଅତିଥି ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ଏକତ୍ରିତ ହୋଇ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ବାସୁଦେବ ପାଣିଗ୍ରାହୀ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷାର ସମସ୍ତ ନୀତି ନିୟମଗୁଡ଼ିକୁ ପାଳନ କରିବାପାଇଁ ପରାମର୍ଶ ପ୍ରଦାନ କରିଥିଲେ। ବିଦ୍ୟାଳୟ ତରଫରୁ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜର ସହଯୋଗ ପ୍ରଦାନ କରିଥିଲେ।

# ଗାଁ'କୁ ଫେରିଲା ପୁଣି ଦାଦନ ଶ୍ରମିକଙ୍କ ମୃତଦେହ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଥମିବାର ନା ନେଉନାହିଁ। ପ୍ରତି ମାସରେ କେଉଁଠି ନା କେଉଁଠି ଦାଦନ ଶ୍ରମିକଙ୍କ ମୃତଦେହ ଘରକୁ ଫେରିବାର ଘଟଣା ବିଭିନ୍ନ ଖବର କାଗଜରେ ଶିରୋନାମା ପାଲଟିଛି। ଏବେ ପୁଣି ମଙ୍ଗଳବାର ଦିନ ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି କୁମ୍ଭାରୀ ଗାଁ'କୁ ଏକ ଦାଦନ ଶ୍ରମିକଙ୍କ ମୃତ ଫେରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାକୋର ଧରିଛି। ସୁଦୂର ମୁମ୍ବାଇରୁ ମୃତଦେହ ଗାଁ'କୁ ଫେରିଥିବା ବେଳେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ କୁମ୍ଭାରୀ ଗାଁ'ର ବବ୍ଲୁ ପୁଟେଲ କିଛି ମାସ ତଳେ ମୁମ୍ବାଇକୁ ଦାଦନ ଖଟି ଯାଇଥିଲେ। ସେଠାରେ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ବେଳେ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଛି। ଖବର ପାଇ ଘରଲୋକେ ସେଠାକୁ ଯାଇ ଆମ୍ବୁଲାନ୍ସ ଯୋଗେ ମଙ୍ଗଳବାର ଅପରାହ୍ନରେ ଦାଦନଶ୍ରମିକଙ୍କର ମୃତଶରୀର କୁମ୍ଭାରୀ ଗାଁ'କୁ ଆଣିଛନ୍ତି। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ମଶାଣିରେ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ଗାଁ'କୁ ଶବ ପହଁଚିବା ପରେ କାନ୍ଦବୋବାଳିରେ ଫାଟି ପଡିଥିଲା। ମୃତ୍ୟୁ ବବ୍ଲୁଙ୍କ ପରିବାର ଏକ ଗରିବ ଶ୍ରେଣୀ ଅଟନ୍ତି। ତାଙ୍କର ସ୍ତ୍ରୀ ତରୁଣୀ ପଟେଲ, ଝିଅ ମନୀଷା ପଟେଲ (୧୫) ଓ ପୁଅ ମନିସ ପଟେଲ (୧୦) ରହିଛନ୍ତି। ପରିବାରର ଏକମାତ୍ର ରୋଜଗାରିଆ ବାପା ଚାଲିଗଲା ପରେ ଭାଙ୍ଗି ପଡିଛନ୍ତି ସ୍ତ୍ରୀ। ପ୍ରଶାସନ ପକ୍ଷରୁ ତୁରନ୍ତ ପରିବାରକୁ ବିଭିନ୍ନ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ଦାବୀ ହେଉଛି।

# ଆଇନ ସଚେତନତା ଶିବିର ଅନୁଷ୍ଠିତ



ପୁରୀ, (ଭାସ୍କର ନ୍ୟୁଜ୍) : ପୁରୀ ଟାଉନ ହଲ ଠାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପୁରୀ ସଦର ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଇନକୁ ସଠିକ ଭାବେ ବୁଝିବା ସହ ଉପଯୁକ୍ତ ଉପଯୋଗ ପାଇଁ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ମହାନ୍ତି ଯୋଗଦେଇ ଶିଶୁ ଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତ ଙ୍କ ପାଇଁ ଆଇନରେ ବ୍ୟବସ୍ଥା ରହିଛି। ଶିଶୁ ଓ ମହିଳା ମାନେ ସମାଜର ସମ୍ବେଦନଶୀଳ ଗୋଷ୍ଠୀ ହିସାବରେ ପରିଚିତ। ସେମାନେ ଶିକାର ହେଉଥିବା ଘଟଣାବଳୀକୁ ଅନୁଧ୍ୟାନ ସହ ଯେପରି ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଓ ସତର୍କ କରାଯାଇ ପାରିବ ସେ ସମ୍ପର୍କରେ ପ୍ରତ୍ୟେକ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଜାଣିଲେ ଜିଣିବା ଭଳି ଆମେ ପ୍ରତ୍ୟେକ ଆଇନ ସମ୍ପର୍କରେ ସଚେତନ ହୋଇ ପଦକ୍ଷେପ ନେଲେ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ ହୋଇପାରିବ ବୋଲି ମତଦେବା ସହ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସହ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମଓ ଡା. ବିନୋଦ ବିହାରୀ ରଥ, ଶିଶୁସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଆହ୍ୱନ ଏଡ଼ର ଜିଲ୍ଲା ସଂଯୋଜକ ରଞ୍ଜିତା ଦାସ, ପ୍ରୋଗ୍ରାମ ଅଫିସର ଚନ୍ଦ୍ର ପ୍ରଭା ଦେଇ,ସୁହାଗୀ ହେମ୍ବ୍ରମ, ସଦର ସିଡିପିଓ ଗୀତାଞ୍ଜଳି ନାୟକ, ମୁନିସିପାଲ୍ଟି ସିଡିପିଓ ବିନୋଦିନୀ ତ୍ରିପାଠୀ, ସୁପରଭାଇଜର ବାଲ୍ୟବତୀ ମହାନ୍ତି ପ୍ରମୁଖ ଯୋଗ ଦେଇ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ମହିଳା ମାନଙ୍କ ସୁରକ୍ଷା ଓ ଅଧିକାର, ଘରୋଇ ହିଂସା, ବୟସ୍କମାନଙ୍କୁ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହ ଏହାର ସଠିକ ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଆଇନ ପରାମର୍ଶ ଦାତା ସୁଧୀର କୁମାର ଘୋଷ, ଆଇନ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ମାଷ୍ଟର ଟ୍ରେନର ଭାବେ ବିସ୍ତୃତ ସୂଚନା ଓ ତଥ୍ୟ ପ୍ରଦାନ କରି ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ ଶିବିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଯୋଗ ଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୬ ତମ ବାର୍ଷିକ ଉତ୍ସବ ସ୍ଥାନୀୟ କଚେରୀ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଟଙ୍କଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥିଭାବେ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପରିଚାଳନା ସମିତି ସମ୍ପାଦକ ପଦ୍ମନାଭ ସୁବୁଦ୍ଧି ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଓ ମୁଖ୍ୟବକ୍ତା ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ପରିଶ୍ରମ କରି ବଡ଼ ମଣିଷ ନହୋଇ ଭଲ ମଣିଷ ହେବାପାଇଁ ବକ୍ତବ୍ୟ ରଖିଥିଲେ। କୋଷାଧ୍ୟକ୍ଷ ଅଭିଷେକ ଅଗ୍ରୱାଲା ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ସହ ଅଭିଭାବକ, ଅଭିଭାବିକା ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।




# ନୀଳାଚଳ ସାରସ୍ୱତ ସଂଘର ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ନୀଳାଚଳ ସାରସ୍ୱତ ସଂଘ ପକ୍ଷରୁ ୭୪ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। କୁଜଙ୍ଗ ସାରସ୍ୱତ ସଂଘ ଆସନ ମନ୍ଦିର ସମାଗୋଳ ପକ୍ଷରୁ ଆୟୋଜିତ ଏହି ତିନି ଦିନିଆ ମହୋତ୍ସବରେ ଦୁର୍ଗାଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ସମଗ୍ର ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୦ହଜାର ଭକ୍ତ ଓ ମହିଳାମାନେ ଯୋଗ ଦେଇଛନ୍ତି। ଅଭ୍ୟର୍ଥନା କମିଟିର ଆବାହକ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉତ୍ସବରେ ଯୋଗଦେଇ କହିଲେ ଯୁବକମାନେ ଏବେ ଭୌତିକ ସୁଖ ପଛରେ ଲାଗିଛନ୍ତି। ଏହିଭଳି ସତ୍ସଙ୍ଗ ସାମାଜିକ ଜୀବନ ଉପରେ ସୁପ୍ରଭାବ ପକାଇବ। ୭୪ତମ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଆମ ଅଞ୍ଚଳରେ ଆୟୋଜନ ହୋଇ ସମସ୍ତ ଭକ୍ତମାନଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇଛି। ସେ କହିଲେ ୪ଟି ଗୁରୁଙ୍କ ଠାରୁ ସିଦ୍ଧିଲାଭ କରିବାପରେ ଯୋଗ, ଜ୍ଞାନ, ତନ୍ତ୍ର ଓ ପ୍ରେମରେ ଜଗତ୍‌ଗୁରୁ ସମାଜକୁ ଦିଗ୍‌ଦର୍ଶନ ଦେଇଛନ୍ତି। ଯୁବକମାନେ ଏଥିପ୍ରତି ଦିଗ୍‌ଦର୍ଶନ ପାଇବା ଉଚିତ। ୧୧, ୧୨ ଓ ୧୩ ତିନିଦିନ ଧରି ଭକ୍ତମାନଙ୍କର ସମାରୋହ ନୂଆବାଟ କଢ଼ାଇବ। ସାଧୁ ପ୍ରଜ୍ଞାନାନନ୍ଦ ସରସ୍ୱତୀ ମହାରାଜ କହିଲେ ଯେ ଠାକୁରଙ୍କୁ ନିଜକୁ ସମର୍ପଣ କରିଦେଲେ ସମସ୍ତେ ମୁକ୍ତ ହୋଇ ପାରିବେ। ହେଲେ ଦେହ ପରିବର୍ତ୍ତନଶୀଳ, ଦେହ ଭିତରେ ସବୁ ରହିଛି। ଠାକୁର ସବୁବେଳେ କର୍ମ ଉପରେ ବିଶ୍ୱାସ କରନ୍ତି। ସ୍ୱାମୀ ନିଗମାନନ୍ଦ କହିଛନ୍ତି ଲକ୍ଷେ ବର୍ଷ ଜୟଗୁରୁ କହିଲେ ବି ଫଳ ମିଳିବନାହିଁ। ଦାରିଦ୍ର୍ୟ, ଦୁଃଖ, ଭୟ ଓ ଶୋକ ଦୂର ନ ହେଲେ ଗୁରୁଦେବଙ୍କୁ ପାଇବା ସହଜ ନୁହେଁ ବୋଲି ସେ କହିଥିଲେ। ସେହିପରି ସ୍ୱାମୀ ସଦାନନ୍ଦ ମହାରାଜ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ପ୍ରମୁଖ ଭକ୍ତମାନଙ୍କୁ ଭାବ ଗମ୍ଭୀର ବକ୍ତବ୍ୟ ପ୍ରଦାନ କରିଥିଲେ। କୁଜଙ୍ଗ ନୀଳାଚଳ ସାରସ୍ୱତ ସଂଘର ସମ୍ପାଦକ ବ୍ରହ୍ମାନନ୍ଦ ବେହେରା ସୂଚନା ପ୍ରଦାନ କରିଥିବା ବେଳେ ଆବାହ କମିଟିର ସଭାପତି କଳ୍ପତରୁ ସେନାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଦିବସରେ ରାତି ୧୦ଘଟିକା ପର୍ଯ୍ୟନ୍ତ ଚାରୋଟି ପର୍ଯ୍ୟାୟରେ ଅଭିଭାଷଣ ଅନୁଷ୍ଠିତ ହୋଇଥିଲା। ପ୍ରାତଃରୁ ଠାକୁର ନିଗମାନନ୍ଦଙ୍କର ଷୋଡ଼ଶ ଉପଚାର ପୂଜା, ଆରତୀ, ସ୍ତୋତ୍ର ବନ୍ଦନା, ପ୍ରାର୍ଥନାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭକ୍ତମାନଙ୍କ ପାଇଁ ରହିବା, ଖାଇବା ଓ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଜାରୀ ରହିବ ବୋଲି ସାରସ୍ୱତ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ମେଡିକାଲରୁ ବଳଦେବଜିଉ ମନ୍ଦିର ରାସ୍ତାରେ ଜବରଦଖଲ ଉଚ୍ଛେଦ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ଠାରୁ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ରାସ୍ତାର ଉଭୟ ପାଶ୍ୱର୍ରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଡିସେମ୍ବର ମାସ ୧୦ତାରିଖରେ ଚିହ୍ନଟ କରାଯାଇ ନୋଟିସ ଦିଆଯାଇଥିଲା । ୭ ଦିନ ମଧ୍ୟରେ ଜବରଦଖଲକାରୀ ନିଜେ ନଭାଙ୍ଗିଲେ ପୌରପାଳିକା ପକ୍ଷରୁ ଭାଙ୍ଗି ଦିଆଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ମଙ୍ଗଳବାର ଠାରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଏହି କାର୍ଯ୍ୟ ୩ ଦିନ ପର୍ଯ୍ୟନ୍ତ କରାଯିବ ବୋଲି ଜଣାପଡିଛି। ଏହି କାର୍ଯ୍ୟରେ କେନ୍ଦୁଝରଗଡ ପୌରପାଳିକା, ସଦର ତହସିଲ, ପୂର୍ତ୍ତ ବିଭାଗ ଏବଂ ଟାଉନ ଥାନା ପୋଲିସ ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟ ଚାଲିଛି। ଅନେକସ୍ଥାନରେ ଲୋକମାନେ ନିଜେ ଭାଙ୍ଗି ଦେଉଥିବାବେଳେ ଅନେକ ସ୍ଥାନରେ ଜେସିବି ମେସିନରେ ଭଙ୍ଗା ଚାଲିଛି। ରାସ୍ତା ପ୍ରଶସ୍ତିକରଣକୁ ଲୋକମାନେ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତାକୁ ଲାଗି ଘର,ବ୍ୟବସାୟିକ ସଂସ୍ଥା ହୋଇଥିବାରୁ ରାସ୍ତା ସଙ୍କୁଚିତ ହୋଇ ଯିବା ଆସିବାରେ ବାଧା ସୃଷ୍ଟି କରୁଛି। ହସ୍ପିଟାଲ୍ ରାସ୍ତାରେ ସରକାରୀ ଜମି ଜବରଦଖଲ ସହ ବେଆଇନ ପାର୍କିଂ ଯୋଗୁଁ ପ୍ରତିଦିନ ଆମ୍ବୁଲାନ୍ସ ହସ୍ପିଟାଲକୁ ଆସିବାରେ ସମସ୍ୟା ହେଉଛି। ରାସ୍ତା ପାଶ୍ୱର୍ରେ ଜବରଦଖଲ ଯୋଗୁଁ ରାସ୍ତା ପ୍ରଶସ୍ତିକରଣ ହୋଇପାରୁ ନାହିଁ। ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ରାସ୍ତାର କଡ଼ରେ ହେଉଥିବା ଜବରଦଖଲ ଉଚ୍ଛେଦ କରାଯାଉଛି। ଜବରଦଖଲ ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ବାଂଶପାଳ ଅତିରିକ୍ତ ତହସିଲଦାର ବୈରାଗୀ ନାୟକ ଥିବାବେଳେ ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁ, ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକଙ୍କ ସମେତ ସଦର ତହସିଲ ଏବଂ ପୌରପାଳିକାର ରାଜସ୍ୱ ନୀରିକ୍ଷକ, ଅମିନ ଉପସ୍ଥିତ ଅଛନ୍ତି। ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ୨ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ହୋଇଛନ୍ତି। ଏହି ରାସ୍ତାରେ ମୋଟ ୭୭ଜଣଙ୍କୁ ଗତ ମାସ ୧୧ତାରିଖରେ ନୋଟିସ ଦିଆଯାଇଥିଲା। ଏଥିପୂର୍ବରୁ ଲାବଣ୍ୟଛକ ଠାରୁ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପର୍ଯ୍ୟନ୍ତ ମାପଚୁପ ହୋଇ ଚିହ୍ନଟ ହୋଇଥିଲେ ହେଁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ହେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ରାସ୍ତାରେ ବହୁ ଲୋକ ସରକାରୀ ଜମିରେ ରାସ୍ତା ପାଶ୍ୱର୍ରେ ଦୋକାନ ଘର କରି ଭଡା ଦେଇ ଲାଭବାନ ହେଉଥିବା ସାଧାରଣ ଲୋକ ଅଧିକାଂଶ ସମୟରେ ଟ୍ରାଫିକ ଜାମରେ ପଡି ହିନସ୍ତା ହେଉଛନ୍ତି। ଏହି ଜନାକୀର୍ଣ୍ଣ ରାସ୍ତା ପାଶ୍ୱର୍ରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବୀ ହୋଇଛି। ସରକାରୀ ଜମି ଜବରଦଖଲ ନେଇ ସଦର ରାଜସ୍ୱ ନୀରିକ୍ଷକଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସେ ଚୁପ ରହୁଥିବା ଅଭିଯୋଗ ହୋଇଛି। ଏପରିକି କେଉଁ ସ୍ଥାନରେ କେତେ ସରକାରୀ ଜମି ରହିଛି ତାହା କ୍ଷେତ୍ର ପରିଦର୍ଶନ କରୁ ନଥିବାରୁ ଏଭଳି ପରିସ୍ଥିତି ଦେଖାଦେଇଛି। ସେହିପରି କେନ୍ଦୁଝର ସହରରେ ଜବରଦଖଲ ମୁକ୍ତ ପାଇଁ ପଦକ୍ଷେପ ନିଆଯାଉ ନାହିଁ। ସରକାରୀ ଜମି ଏବଂ ଠାକୁରଙ୍କ ଜମିରେ ଘର କରିଥିବା ଲୋକଙ୍କୁ ପୌରପାଳିକା, ଦେବୋତ୍ତର ବିଭାଗ ଏବଂ ତହସିଲ ପକ୍ଷରୁ କେବଳ ନୋଟିସ ହେଉଛି କିନ୍ତୁ ଜବରଦଖଲ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅନେକ ସମୟରେ ଅଭିଯୋଗ ହେଲେ କେବଳ କାଗଜ କଲମରେ ନୋଟିସ ହୋଇ ଉଚ୍ଛେଦ ପାଇଁ ରିପୋର୍ଟ ପ୍ରସ୍ତୁତ ହେଉଛି। କେନ୍ଦୁଝରଗଡ ପୌରାଞ୍ଚଳରେ ବିଭିନ୍ନ ସରକାରୀ ଅଫିସ ଏବଂ କ୍ୱାର୍ଟର ପାଇଁ ଜାଗା ଅଭାବ ଥିବାବେଳେ ଜବରଦଖଲ କାରୀମାନେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମାଡି ବସି ଘର କରୁଛନ୍ତି। ଫଳରେ ସରକାରୀ ଅଫିସ ପାଇଁ କେନ୍ଦୁଝର ସହର ଜାଗା ମିଳୁନାହିଁ। ସେହିପରି କଟକ-ଭୁବନେଶ୍ୱର ବସଷ୍ଟପ ପାଇଁ ଜାଗା ମିଳୁନଥିବାରୁ ରାସ୍ତା ପାଶ୍ୱର୍ରେ ଘଣ୍ଟାଘଣ୍ଟା ଧରି ବସ ଛିଡ଼ାହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ସରକାରୀ ଜମି ସୁରକ୍ଷା ପାଇଁ ସାଇନବୋର୍ଡ ଲଗାଇବା ସହ ବାଡ଼ ଘେରିବା ପାଇଁ ପ୍ରତ୍ୟେକ ବର୍ଷ ସରକାର ଅର୍ଥ ଦେଉଥିଲେ ମଧ୍ୟ ଏହାକୁ ସଠିକ୍ ବିନିଯୋଗ କରାଯାଉ ନାହିଁ।



# କିଡ଼ନୀ ରୋଗର ନିଦାନ ପାଇଁ ଅର୍ଥ ସାଜିଛି ବାଧକ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମର ଯୋଗୀନାଥ ମୁଦୁଲି (୪୯) ବର୍ଷଙ୍କର ୨ଟି ଯାକ କିଡ଼ନି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅଭାବୀ ସଂସାର ମଧ୍ୟରେ ଘରେ ପତ୍ନୀ ଅମୁଲି ଓ ଏକମାତ୍ର ଦେଢ଼ବର୍ଷର ପୁଅଟିଏ ଅଛି। ମୂଲ ମଜୁରୀ ଆଣିଲେ ପରିବାର ଚାଳେ। ଏପରି ଅଭାବ ଭିତରେ କିଡ଼ିନୀ ଖରାପ ନେଇ ଯୋଗୀନାଥ ମୂଲମଜୁରୀ ଆଣିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ନିହାତି ପ୍ରତି ସପ୍ତାହରେ ୨ଥର ଭୁବନେଶ୍ୱର ଯାଇ ଡାଇଲେସିସି ହେବା ସହ ମାସକୁ ୨୦ହଜାର ଟଙ୍କା ଔଷଧ ଖର୍ଚ୍ଚ ଆବଶ୍ୟକ ହେଉଛି। ପତ୍ନୀ ଅମୁଲି ପ୍ରାଣପଣେ ମାଗିଯାଚି ଗତମାସରେ ମାତ୍ର ୪ହଜାର ଟଙ୍କା ଔଷଧ କିଣିଥିଲେ। ଏହା ମାତ୍ର ଗୋଟେ ସପ୍ତାହରେ ଶେଷ ହୋଇଯାଇଛି। ଏବେ ଔଷଧ ବନ୍ଦ ହୋଇଥିବା କୋହଭରା ବିକଳ କଣ୍ଠରେ ସେ ଜଣାଇଛନ୍ତି। ଭୁବନେଶ୍ୱର ଯାଇ ଡାଇଲେସିସି ହେବା ପାଇଁ ବସଖର୍ଚ୍ଚ ନଥିବାରୁ ଘରେ ଭଗବାନଙ୍କ ଭରଷାରେ ପଡ଼ିରହିଛନ୍ତି। ସରକାରଙ୍କର ସ୍ୱାସ୍ଥ୍ୟସେବା ଉପରେ କୋଟିକୋଟି ଟଙ୍କା ଖର୍ଚ୍ଚ କରିବା ସହ ବିଭିନ୍ନ ଯୋଜନା ରହିଛି କିନ୍ତୁ ଯୋଗୀନାଥ ପାଇଁ ଏହା ବହୁତ ଦୂରରେ ରହିଛି। ଏନେଇ ନିରୀହ ପରିବାରଟି ବିଭିନ୍ନ ସ୍ଥାନରେ ଗୁହାରୀ କରିଥିଲେ ମଧ୍ୟ କେହି ତାଙ୍କ କଥା କର୍ଣ୍ଣପାତ କରୁନାହାନ୍ତି। ଜିଲା ପ୍ରଶାସନ, ବ୍ଲକ୍ ପ୍ରଶାସନ ଓ କେହି ସହୃଦୟ ବ୍ୟକ୍ତିବିଶେଷ ଯୋଗିନାଥଙ୍କୁ କେବଳ ଚିକିତ୍ସା ସହାୟତା ପ୍ରଦାନ କଲେ ପରିବାରଟି ବଞ୍ଚିପାରିବ ବୋଲି ଗ୍ରାମବାସୀମାନେ ନିବେଦନ କରିଛନ୍ତି।

# ମୟୂରଭଞ୍ଜ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଯାପିତ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଶୁଳିଆପଦା ପରିସରରେ ଫେବୃୟାରୀ ୧୧ ତାରିଖରେ ମୟୂରଭଞ୍ଜ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରୀ, ୨୦୨୪-୨୫ ଉଦଯାପିତ ହୋଇ ଯାଇଛି। ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଜିଲ୍ଲା ସମ୍ପାଦକ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଶୁଳିଆପଦା ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ ଯୋଗଦେଇ ସ୍କାଉଟ୍ସ ଓ ଗାଇଡ୍ସମାନେ ସୃଜନଶୀଳତା ବିକାଶ, ସୁଦୃଢ ମନୋବଳ, ଉନ୍ନତ ଚିନ୍ତାଧାରା ପରିପ୍ରକାଶ କରି ରାଜ୍ୟ ଓ ଜାତୀୟସ୍ତରରେ ଉନ୍ନତମାନର ପୂର୍ଣ୍ଣବ୍ୟକ୍ତିତ୍ୱ ପରିଦର୍ଶନ କରି ଓଡ଼ିଶା ରାଜ୍ୟର ନାମ ରଖିବା ପାଇଁ ପ୍ରତ୍ୟେକ ସ୍କାଉଟ୍ସ ଗାଇଡ୍ସମାନେ ସଂକଳ୍ପ ନେବା ପାଇଁ କହିଥିଲେ। ଜିଲ୍ଲା ସମ୍ପାଦକ ଭାଗିରଥି ମଲ୍ଲିକ ଶିବିରର ତିନିଦିନର ସଫଳ କ୍ୟାମ୍ପୋରୀ କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଶୁଳିଆପଦା ବ୍ଲକର ସମାଜସେବୀ ତଥା କ୍ରୀଡ଼ାବିତ ଶଶିଭୂଷଣ ଟିପିରିଆ, ଜିଲ୍ଲା କମିଶନର (ସ୍କାଉଟ୍ସ) ସନ୍ତୋଷ କୁମାର କାସ୍ତ, ପୂର୍ବତନ ଜିଲ୍ଲା ପ୍ରଶିକ୍ଷକ କମିଶନର (ସ୍କାଉଟ୍ସ) ଶରତ ଚନ୍ଦ୍ର ମହାନ୍ତ, ପୂର୍ବତନ ଜିଲ୍ଲା ସଂଗଠନ କମିଶନର (ଗାଇଡ୍ସ) ମଞ୍ଜୁଲି ଦେ, ଜିଲ୍ଲା ସଂଗଠନ କମିଶନର (ସ୍କାଉଟ୍ସ) ବିଜୟ କୁମାର ପାଣିଗ୍ରାହୀ, ଜିଲ୍ଲା ସଂଗଠନ କମିଶନର (ଗାଇଡ୍ସ) ସୁଲୋଚନା ମଙ୍ଗରାଜ, ଜିଲ୍ଲା ସ୍କାଉଟ୍ସ ରିପ୍ରେଜେଣ୍ଟିଭ ଚିତ୍ତରଞ୍ଜନ ପଳତା, ଶୁଳିଆପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମହାନ୍ତ ପ୍ରମୁଖ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସର କ୍ୟାମ୍ପୋରୀରେ ଉଲ୍ଲେଖନୀୟ ଅବଦାନ ଯୋଗୁଁ ଆୟୋଜକ ବିଦ୍ୟାଳୟର ସ୍କାଉଟ୍ସ ମାଷ୍ଟର ବିକାଶ କୁମାର ନାୟକ, ସମସ୍ତ ସେଣ୍ଟ୍ରାଲ ଅଫିସିଆଲ, ବିଭିନ୍ନ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଅଫିସିୟାଲ ଏବଂ ରୋଭୋର ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ ଅତିଥିମାନଙ୍କ ଦ୍ୱାରା କରାଯାଇ ଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ପରିଚୟ ସପନ କୁମାର ଦାଶ ଓ ସଂଜୀବ କୁମାର ପାଣିଗ୍ରାହୀ ଦେଇଥିବା ବେଳେ ଧନ୍ୟବାଦ ଅର୍ପଣ ଜିଲ୍ଲା ସଂଗଠନ କମିଶନର (ଗାଇଡ୍ସ) ସୁଲୋଚନା ମଙ୍ଗରାଜ କରିଥିଲେ। ସନ୍ଧ୍ୟାରେ ରଙ୍ଗାରଙ୍ଗ ପିଜେଣ୍ଟ ସୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ୟାମ୍ପରୀ କାର୍ଯ୍ୟକ୍ରମ ପରିଚାଳନାରେ ଶୁଳିଆପଦା ବ୍ଲକର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟତ୍ରୀ, ଶୁଳିଆପଦା ଉଚ୍ଚ ବିଦ୍ୟାଳୟ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ, ଶୁଳିଆପଦାର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଶିକ୍ଷା କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସହଯୋଗ କରିଥିଲେ।

## ସୁରକ୍ଷିତ ଇଣ୍ଟରନେଟ୍ ଦିବସ କର୍ମଶାଳା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ଉପରେ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଅଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସୁରକ୍ଷିତ ଇଣ୍ଟରନେଟ୍ ଦିବସରେ 'ଏକ ଉତ୍ତମ ଇଣ୍ଟରନେଟ୍ ପାଇଁ ଏକାଠି' ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ, ଶୁଭାଶିଷ ପଟ୍ଟନାୟକ ଓ ଡି.ଆଇ.ଓ, ଏନ.ଆଇ.ସି ରଜନୀଶ କାନ୍ତ ପାଣ୍ଡେ ଏହି କର୍ମଶାଳାକୁ ପରିଚାଳନା କରିବା ସହ ସଭାରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଇଣ୍ଟରନେଟ ବିଷୟରେ ସଚେତନତା ସୃଷ୍ଟି କରିଥିଲେ।



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜନସାଧାରଣଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରାଇବା ପାଇଁ ଜଗତସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର କୁଇଜ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଆୟୋଜିତ ଲୋକ କବି ବାଳକୃଷ୍ଣ ମହାନ୍ତିଙ୍କର ୧୨୪ ତମ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶହ ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ସଡକ ସୁରକ୍ଷା ପ୍ରସଙ୍ଗରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହିତ ବିଭିନ୍ନ ସତର୍କ ସୂଚନା, ଟ୍ରାଫିକ ନିୟମ ଇତ୍ୟାଦି ପ୍ରସଙ୍ଗରେ କରାଯାଇଥିବା ଓପନ କୁଇଜରେ ସଠିକ ଉତ୍ତର ଦେଇଥିବା ପ୍ରତିଯୋଗୀମାନଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ଚନ୍ଦ୍ର ଦାସ ହେଲମେଟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ମୃତି ପରିଷଦର ଅଧ୍ୟକ୍ଷ ମହେନ୍ଦ୍ର ଆଚାର୍ଯ୍ୟ, ଉପଦେଷ୍ଟା ହେମନ୍ତ ରଥ, ସମ୍ପାଦକ ଗୋପାଳକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବରାହ ଦ୍ୱାଦଶୀରେ ଆଳିର ଆରାଧ୍ୟ ଶ୍ରୀଲକ୍ଷ୍ମୀବରାହ ଜିଉଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ଆଳି(ଭାସ୍କର ନ୍ୟୁଜ): ପବିତ୍ର ବରାହ ଦ୍ୱାଦଶୀ ଆଉ ପବିତ୍ର ବରାହ ଦ୍ୱାଦଶୀ ଉପଲକ୍ଷେ ଆଳିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହଜୀଉଙ୍କ ଜନ୍ମୋତ୍ସବରେ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳେ। ଆଳି ସଡ଼କପଥରେ ଗଲେ କଟକଠାରୁ ଚାନ୍ଦବାଲି ମଧ୍ୟରେ ୯୫ କି.ମି. ଦୂରରେ ଆଳି ଲକ୍ଷ୍ମୀବରାହଙ୍କ ପୀଠ ଅବସ୍ଥିତ। ପ୍ରତିବର୍ଷ ବରାହ ଦ୍ୱାଦଶୀରେ ବୋହୂ ଆଡ଼ମ୍ବରରେ ପୂଜା ପାଆନ୍ତି ଆଳିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହଜୀଉ ଚଳିତବର୍ଷ ମଧ୍ୟ ବହୁ ଧୂମଧାମରେ ପାଳନ ହେଉଛି ବରାହ ଦ୍ୱାଦଶୀ. କେନ୍ଦ୍ରାପଡ଼ା, ରାଜନଗର ପଟ୍ଟାମୁଣ୍ଡାଇ, ରାଜକନିକା ଓ ଆଳିର ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତମାନଙ୍କ ବୋହୂ ମାତ୍ରାରେ ସମାଗମ ଦେଖିବାକୁ ମିଳୁଛି। ମାଘ ମାସ ଦ୍ୱାଦଶୀ ଦିନ ବଡ଼ ଭୋରୁ ପହଡ଼ ଖୋଲିଲା ପରେ ମଙ୍ଗଳ ଆଳତି ହୁଏ। ବରାହ ଜୀଉଙ୍କ ସ୍ନାନ କାର୍ଯ୍ୟ ସମାପନ ପରେ ଆଳିର ବର୍ତ୍ତମାନ ଆଳି ରାଜା ଶ୍ରୀ ବ୍ରଜ କେଶରୀ ଦେବ ଓ ରାଣୀ ସାହେବାଙ୍କ ଉପସ୍ଥିତିରେ ଠାକୁରଙ୍କୁ ସେବକ ମାନେ ଅଭିଷେକ କରନ୍ତି ଏହା ପରେ ଶ୍ରୀ ଜିଉ ରଜାବେଶ ହୁଅନ୍ତି ଏହାପରେ ସର୍ବସାଧାରଣ ଦର୍ଶନ ପାଇଁ ଅନୁମତି ମିଳେ। ପରେ ପରେ ଠିକ ଅପରାହ୍ନ ୧୨:୩୦ ସମୟରେ ଲକ୍ଷ୍ମୀବରାହ ଜୀଉଙ୍କ ଜନ୍ମଧୂପ ଉତ୍ସବ ଅନୁଷ୍ଠିତ ହୁଏ ଯାହାକୁ ଦେଖିବାକୁ ଭକ୍ତମାନେ ଉତ୍ସୁକତାର ସହିତ ଚାହିଁ ରହିଥାନ୍ତି। ଶ୍ରୀବରାହଜୀଉଙ୍କ ଏହି ବିଶେଷ ଉତ୍ସବ ଉପଲକ୍ଷେ ମନ୍ଦିର ଠାରୁ ଆଳି ବଜାର ପର୍ଯ୍ୟନ୍ତ ଦ୍ୱାରରେ ଆଲୋକମାଳା କରାଯାଇ ଆକର୍ଷଣୀୟ ପରିପାଟିରେ ସାଜସଜ୍ଜା ଦେଖିବାକୁ ମିଳିଥିଲା। ପବିତ୍ର ବରାହ ଦ୍ୱାଦଶୀ ଆଳିରେ ଏକ ସାର୍ବଜନୀନ ମହୋତ୍ସବ ଭାବେ ପାଳିତ ହେଉଥିବା ଦେଖିବାକୁ ମିଳିଛି। ଉତ୍ସବରେ ବରାହଜୀଉଙ୍କ ମନ୍ଦିରରେ ଅହୋରାତ୍ର ନାମ ସଂକୀର୍ତ୍ତନ ସହିତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହାସହ ସନ୍ଧ୍ୟା ସମୟରେ ୧୦୮ ନୈଷ୍ଠିକ ବ୍ରାହ୍ମଣଙ୍କ ଦ୍ୱାରା ହରିହର ମହୋତ୍ସବ ହେବା ସହ ନାମ ସଂକୀର୍ତ୍ତନରେ ମନ୍ଦିର ପରିବେଶ ମଧ୍ୟରେ ଏକ ଆଧ୍ୟାତ୍ମ ଭାବନା ଭରି ଉଠେ। ଆଜି ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନଙ୍କ ସମାବେଶରେ ସମଗ୍ର ଆଳି ଅଞ୍ଚଳ ଉତ୍ସ୍ୱ ମୁଖର ହୋଇଉଠିଛି। ଅସହ୍ୟ ଗରମ ଗୁଳୁଗୁଳିକୁ ଲକ୍ଷ ରଖି ବକ୍ସ ଅଫିସ ହେଲ୍ପଡେସ୍କ ଓ ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅନୁଷ୍ଠାନ ତରଫରୁ ମାଗଣା ଦହିପାଣି ଓ ଜଳଛତ୍ର ବ୍ୟବସ୍ଥା କରାଯିବା ସହିତ ଅଧିକ ଭକ୍ତଙ୍କ ସମାଗମ କାରଣରୁ ଆଳି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମାଗଣା ଜୋତାଷ୍ଟାଣ୍ଡର ବ୍ୟବସ୍ଥା ମଧ୍ୟ ଦେଖିବାକୁ ମିଳିଥିଲା। ଆଳି ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଭିଡ଼ ନିୟନ୍ତ୍ରଣ ସହିତ ଶ୍ରଦ୍ଧାଳୁମାନେ କିଭଳି ଶାନ୍ତିଶୃଙ୍ଖଳାର ସହିତ ବରାହଜୀଉଙ୍କୁ ଦର୍ଶନ କରିପାରିବେ ସେଥିପାଇଁ ସଜାଗ ଥିବା ଦେଖିବାକୁ ମିଳିଥିଲା। ଜନଶ୍ରୁତିରୁ ଶୁଣାଯାଏ ପବିତ୍ର ବରାହ ଦ୍ୱାଦଶୀରେ ଭଗବାନଙ୍କୁ ଦର୍ଶନ କଲେ ଶୁଭ ଫଳ ମିଳିଥାଏ ବୋଲି ସେଥିପାଇଁ ଲକ୍ଷ୍ମୀବରାହଙ୍କ ପୀଠରେ ଆଜିର ଦିନରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଲକ୍ଷ୍ମୀବରାହଙ୍କ ଜନ୍ମମହୋତ୍ସବକୁ ଆଳି ଦେମାଳ ୟୁଥ କ୍ଲବ୍‌ର ସଦସ୍ୟ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଭାବେ ପରିଚାଳନା କରିଥିଲେ।

# ସମୀକ୍ଷା ବୈଠକ ପାଲଟିଲା ପ୍ରହସନ, ଅଧାରୁ ଫେରିଗଲେ ବିଧାୟକ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକ ଅଧାରୁ ପ୍ରଶାସନର ଖାମଖିଆଲି ମନୋଭାବ ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରି କଟକ ସଦର ବିଧାୟକ ଚାଲିଯିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ନିଶ୍ଚିନ୍ତକୋଇଲି ବ୍ଲକ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ। ତେବେ ବ୍ଲକ ପ୍ରଶାସନ ତରଫରୁ ଦୀର୍ଘ ଦିନ ହେଲା କଟକ ସଦର ଅଞ୍ଚଳକୁ ଅଣଦେଖା ଓ ଉପେକ୍ଷା କରାଯାଇ ଆସୁଥିବା ଘଟଣା କାହାରିକୁ ଅଛପା ନାହିଁ। ଏପରିକି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଜଣେ ଦଳିତ ସମ୍ପ୍ରଦାୟର ହୋଇଥିବାରୁ ପ୍ରଶାସନ ତରଫରୁ ତାଙ୍କୁ ବାରମ୍ବାର ଅଣଦେଖା କରାଯାଇ ଆସୁଥିଲା। ଏପରିକି ମାହାଙ୍ଗା ବିଧାୟକଙ୍କୁ ବ୍ଲକ ପ୍ରଶାସନ ତରଫରୁ ଆଦର କରାଯାଇ ଆସୁଥିଲା ବେଳେ କଟକ ସଦର ବିଧାୟକଙ୍କୁ ହତାଦର କରାଯାଇ ଆସୁଥିଲା। ଏପରିକି କଟକ ସଦର ବିଧାୟକଙ୍କୁ କୌଣସି କାର୍ଯ୍ୟକ୍ରମକୁ ଆମନ୍ତ୍ରଣ କରାଯାଉନଥିଲା। ସେହିପରି ଭାବେ କଟକ ସଦର ବିଧାୟକଙ୍କୁ ଅଣଦେଖା କରାଯାଇ ତାଙ୍କ ବିନା ଅଗୋଚରରେ ବିଭିନ୍ନ କାର୍ଯ୍ୟାଦେଶ ଦିଆଯାଇ ଆସୁଥିଲା। ତେବେ ବ୍ଲକ ପ୍ରଶାସନର ଏଭଳି ମନମୁଖୀ ଶାସନରେ ବିଧାୟକ ଶ୍ରୀ ସେଠୀ ଦୀର୍ଘଦିନ ହେଲା ଅସନ୍ତୁଷ୍ଟ ହୋଇ ରହିଆସୁଥିଲେ। ଆଜି ବିଧାୟକ ଶ୍ରୀ ସେଠୀ ତାଙ୍କ ନିର୍ବାଚନ ମଣ୍ଡଳୀର ୧୪ଟି ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଡାକିଥିଲେ। ଏହି ବୈଠକରେ ପ୍ରଶାସନ ତରଫରୁ ବିଧାୟକଙ୍କ ପ୍ରଶ୍ନ କୌଣସି ସନ୍ତୋଷ ଜନକ ଉତ୍ତର ଦିଆଯାଇପାରିନଥିଲା। ଏଥିରେ କ୍ଷୁବ୍ଧହୋଇ ବିଧାୟକ ଶ୍ରୀ ସେଠୀ ବୈଠକ ଅଧାରୁ ଛାଡି ପଳାଇ ଯାଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ପ୍ରଶାସନ ତରଫରୁ ବହୁ କଳ ବଳ କୌଶଳ ଖର୍ଚ୍ଚ କରାଯାଇ ମାନ ଭଞ୍ଜନ କରାଯାଇ ଅଧାରୁ ତାଙ୍କୁ ଫେରାଇ ଅଣାଯାଇଥିଲା। ଏହି ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

## କଣାସ ଅଞ୍ଚଳରେ ଝାଡାବାନ୍ତି ଥମିଲା

କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକରେ ଡିସେମ୍ବର ମାସ ପ୍ରଥମ ସପ୍ତହରୁ ଗଡିଶାଗୋଦା ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମରେ ଝାଡାବାନ୍ତି ଆରମ୍ଭ ହୋଇ ତିନି ଜଣ ବ୍ୟକ୍ତି ମୃତ୍ୟୁ ବରଣ କରିଥିବାବେଳେ ପାଖ ଗ୍ରାମ ନଇକୂଳପାଟଣାରେ ଝାଡାବାନ୍ତି ଲାଗି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାବେଳେ ଗୋପୀନାଥପୁର ପଞ୍ଚାୟତର ଜାଗୁଳାଇପଦର ଗ୍ରାମରେ ଝାଡାବାନ୍ତି ଲାଗି ଜଣଙ୍କର ମୃତ୍ୟୁ ହୋଇଥିଲା। ଦିନକୁ ଦିନ ପାଖଗ୍ରାମ କଳାପଦର, ଗୋପୀନାଥପୁର, ପାଇକମରା, ହରିହରପାଟଣା, ଯାମଳଗୋଦା, ଗଡିଶାଗୋଦା ପ୍ରଭୃତି ଆଖପାଖ ଗ୍ରାମରେ ଝାଡାବାନ୍ତି ମାଡି ଚାଲିଥିଲା। ଯାହାଫଳରେ କି ଜିଲ୍ଲା ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇପଡିଥିଲା। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ,ପୁରୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ରୁପଭାନୁ ମିଶ୍ର ବାରମ୍ବାର ଝାଡାବାନ୍ତି ଅଞ୍ଚଳ ଗସ୍ତ କରି ଦୟାନଦୀର ଜଳ ପ୍ରଦୁଷିତ ଥିବା ଯୋଗୁଁ ଝାଡାବାନ୍ତି ଗାଂ କୁ ଗାଁ ବ୍ୟାପିଥିବା ଜାଣିବା ପରେ ଦୟାନଦୀ କୂଳରେ ଥିବା ୪୨ ଟି ଗ୍ରାମକୁ ଦୟାନଦୀ ଜଳ ବ୍ୟବହାର ନକରିବାକୁ ନିର୍ଦ୍ଦେଶ ଦେବା ସହିତ ଗ୍ରାମ୍ୟ ଜଳଯୋଗାଣ ବିଭାଗକୁ ଝାଡାବାନ୍ତି ଲାଗିଥିବା ଗ୍ରାମଗୁଡିକରେ ଟ୍ୟାଙ୍କର ଯୋଗେ ପର୍ଯ୍ୟାପ୍ତ ପରିମାଣରଜଳ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେବାପରେ ଜଳ ଯୋଗା ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ ଉପସ୍ଥିତ ରହି ଝାଡାବାନ୍ତି ଲାଗିଥିବା ୨୨ ଟି ଗ୍ରାମକୁ ୩୪ଟି ଟ୍ୟାଙ୍କର ଯୋଗେ ଦୈନନ୍ଦିନ ଜଳଯୋଗାଣ କାର୍ଯ୍ୟ ଚାଲୁ ରଖିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନୂଆଗାଁ ଓ ଜାଗୁଳାଇପଦର ଗ୍ରାମରେ ଦୁଇଟି ଅସ୍ଥାୟୀ ସ୍ୱାସ୍ଥ୍ୟସେବା କେନ୍ଦ୍ର ଖୋଲାଯାଇ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ରହି ଗାଁକୁ ଗାଁ ବୁଲି ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୁରୀରୁ ତିନି ଜଣ ଡାକ୍ତର ଆସି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପସ୍ଥିତ ରହି ଝାଡାବାନ୍ତି ରୋଗୀମାନଙ୍କ ଚିକିତ୍ସା କରୁଛନ୍ତି। ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀ ମାନଙ୍କର ଘରକୁ ଘର ବୁଲି ଜଳ ଫୁଟାଇ ପିଇବା ପାଇଁ ନିର୍ଦ୍ଦେଶ ଦେବା ସହ ଜଳ ବିଶୋଧନ ପାଇଁ ହଲୋଜିନ ଟାବଲେଟ ଦେଉଛନ୍ତି ଯାହାଦ୍ୱାରାକି ୫ ଦିନ ହେଲା କେହି ଝାଡାବାନ୍ତିରେ ଆକ୍ରାନ୍ତ ହୋଇନଥିବା ଜଣାପଡିଛି। ଯାହାଦ୍ୱାରାକି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କ ଦିନରାତି ସେବା ସଫଳ ହୋଇଛି।

# ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ବିଭିନ୍ନ ଧାନମଣ୍ଡି ପରିଦର୍ଶନ



ଡେରାବିଶ(ଭାସ୍କର ନ୍ୟୁଜ): ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରିଥିବା ବେଳେ ଡେରାବିଶ ବ୍ଲକ ଅନ୍ତର୍ଗତ କୁଶିଆପାଳ ଓ ନହଙ୍ଗ ସମବାୟ ସମିତିର ମଣ୍ଡି ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଧାନ କ୍ୟୁଂଟାଲ ପ୍ରତି ୩୧୦୦ ଟଙ୍କା ହୋଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଉପସ୍ଥିତ ଚାଷୀମାନେ କୃତଜ୍ଞତା ଜଣାଇଥିଲେ। ଶ୍ରୀ ମାଝି ଧାନ କିଣିବାରେ ସ୍ୱଚ୍ଛତା ଓ ଶୃଙ୍ଖଳିତ ଅବଲମ୍ବନ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଯେଉଁମାନେ ବିଶୃଙ୍ଖଳ ଓ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ କେନ୍ଦ୍ରାପଡ଼ା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରସାଦ ପ୍ରଧାନ, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଜିଲ୍ଲା ସାଧାରଣ ସମ୍ପାଦକ ବିଚିତ୍ର କୁମାର ପ୍ରଧାନ, ସରୋଜକାନ୍ତ ସାହୁ, ସତ୍ୟରଞ୍ଜନ ସାହୁ, ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତି ମଳିକ, ମାନିନୀ ଷଡ଼ଙ୍ଗୀ, ସରୋଜକାନ୍ତ ପଣ୍ଡା, ତାପସ ରଞ୍ଜନ ନାୟକ, କେଦାରନାଥ ସାମନ୍ତରାୟ, ତପନ କୁମାର ମନ୍ତ୍ରୀ, ସୁନାକର ପ୍ରଧାନ, ଦୟାନିଧି ବଳ, ଅଶୋକ କୁମାର, ମନମୋହନ ସିଂହ ମହାପାତ୍ରଙ୍କ ସମେତ ଶତାଧିକ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ବିଭିନ୍ନ ଦାବି ନେଇ ଜୀବିକା ମିଶନ ଶକ୍ତି ସଂଘର ବିକ୍ଷୋଭ



ନିଶ୍ଚିନ୍ତକୋଇଲ(ଭାସ୍କର ନ୍ୟୁଜ): ମଙ୍ଗଳବାର ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜୀବିକା ମିଶନ ଶକ୍ତି ଇସି ସଙ୍ଘ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ଜୀବିକା ମିଶନ ଶକ୍ତି ସଙ୍ଘ ଡାକରାରେ ନିଶ୍ଚିନ୍ତକୋଇଲି ବ୍ଲକ୍‌ରେ କାର୍ଯ୍ୟରତ ଶତାଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କାର୍ଯ୍ୟକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ମହାସଙ୍ଘର ଇସି ସ୍ତରରେ ପୁନର୍ଗଠନକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶକ ଓ କମିସନରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ତୁରନ୍ତ ବାତିଲ ନିମନ୍ତେ ଦାବି କରାଯାଇଥିଲା। ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନରେ ମହାସଙ୍ଘର ଇସି ସଦସ୍ୟା ଭାବେ କର୍ମୀମାନେ ବର୍ଷ ବର୍ଷ ଧରି ବିନା ପାରିଶ୍ରମିକରେ ମହିଳାଙ୍କୁ ସଙ୍ଗଠିତ କରିଆସୁଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ଆର୍ଥୀକ ପରିଚାଳନାରେ ତାଲିମ ସହ ପ୍ରୋତ୍ସାହିତ କରିଆସୁଥିଲେ। ସଭାପତି ଓ ସମ୍ପାଦିକାଙ୍କ ସ୍ୱାକ୍ଷର ଋଣ ଗ୍ରହଣ ଓ ଋଣ ପ୍ରଦାନରେ କରାଯାଇଆସୁଥିଲା। ବିନା ପରିଶ୍ରମିକରେ ଗତ ୨୦୨୨ ମସିହା ପର୍ଯ୍ୟନ୍ତ ମହିଳା ସଶକ୍ତି କରଣରେ ହୃତପିଣ୍ଡ ସଦୃଶ କାର୍ଯ୍ୟ କରିଆସୁଥିବା ଏହି ଇସି କର୍ମୀଙ୍କୁ ୨ ବର୍ଷକୁ ଥରେ ପୁନର୍ଗଠନ ନାମରେ ଅସ୍ଥାୟୀତ୍ୱର ଅନିଶ୍ଚିତତା ଭିତରେ ରଖାଯାଇଛି। ଗତ ୨୦୨୨ ମସିହା ଜାନୁଆରୀ ମାସରୁ ଧାର୍ଯ୍ୟଗ୍ରସ୍ତ ଖର୍ଚ୍ଚ ବାବଦକୁ ସ୍ୱଳ୍ପ ପାରିଶ୍ରମିକରେ କାର୍ଯ୍ୟ କରିଆସୁଥିଲେ। ଗତ ୨୦୨୪ରେ ସ୍କୁଟି ଋଣ ଯୋଜନାରେ କର୍ମଚାରୀମାନେ ବ୍ୟାଙ୍କ ଋଣ କିସ୍ତି ଶୁଝିବାରେ ଅସମର୍ଥ। କାରଣ ଗତ ସେପ୍ଟେମ୍ବର ମାସରୁ ଧାର୍ଯ୍ୟ ଗସ୍ତ ଖର୍ଚ୍ଚ ମିଳୁନାହିଁ। ପ୍ରତିବାଦରେ ବ୍ଲକର ଶତାଧିକ ମହିଳା ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ପ୍ରକାର ନାରାବାଜି ଦେଇ ଏକ ପଟୁଆରରେ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଡିଓ ଏବଂ ସିଡିପିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ



ନବରଙ୍ଗପୁର(ଭାସ୍କର ନ୍ୟୁଜ): ନବରଙ୍ଗପୁର ସହର ସ୍ଥିତ ବୈଭବ କଲ୍ୟାଣ ମଣ୍ଡପଠାରେ ରାଜ୍ୟ ମହିଳା କମିଶନଙ୍କ ତରଫରୁ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଦ୍ୱାରା ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ଯୋଗଦେଇ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବ୍ଲକ ସ୍ତରୀୟ କର୍ମଶାଳାରେ ବିଧାୟକ ଗୌରୀ ଶଙ୍କର ମାଝି ନିଜର ବକ୍ତବ୍ୟରେ ଭାରତୀୟ ସଂସ୍କୃତିରେ ନାରୀ ମାନଙ୍କର ମହନୀୟତାକୁ ସ୍ମରଣ କରାଇବା ସହିତ ସାମ୍ବିଧାନିକ ବିଧିବ୍ୟବସ୍ଥାରେ ମହିଳା ମାନଙ୍କ ନିମନ୍ତେ ଅଧିକାର ଓ ନ୍ୟାୟଗୁଡିକ ଆଲୋଚନା କରିବା ସହିତ, ସମସ୍ତ ମହିଳାମାନଙ୍କୁ ଆଇନ ସଂଗତ ଅଧିକାର ଏବଂ ସଚେତନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ ନିଜର ବକ୍ତବ୍ୟରେ ଭାରତୀୟ ସଂସ୍କୃତିରେ ଲକ୍ଷ୍ମୀ ସରସ୍ୱତୀ ଓ ଦୂର୍ଗାଙ୍କ ମହିମା ଉପରେ ଆଲୋକପାତ କରିବା ସହିତ ମହିଳା ମାନେ ନିଜକୁ ଦୁର୍ବଳା ବୋଲି ନିଜକୁ ନଭାବି ପରିବାରରୁ ରାଷ୍ଟ୍ର ପର୍ଯ୍ୟନ୍ତ ନେତୃତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। ମହିଳା ଅଧିକାର ଆଇନ ବିଶେଷଜ୍ଞ ଭାବରେ ଯୋଗଦେଇ ଆଡଭୋକେଟ କିଶୋରୀ ପଟ୍ଟନାୟକ ଓ ଆଶ୍ୱିନଏଡର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଥିବା ଲିଙ୍ଗ ଭ୍ରୂଣ ନିରୂପଣ ନିବାରଣ ଆଇନ, ବାଲ୍ୟ ବିବାହ ନିଷେଦ୍ଧ ଆଇନ, ଯୌତୁକ ନିବାରଣ ଆଇନ, କର୍ମସ୍ଥଳରେ ମହିଳାଙ୍କୁ ଯୌନ ଶୋଷଣ ନିବାରଣ ଆଇନ, ଘରୋଇ ହିଂସା ନିବାରଣ ଆଇନ, ଡାହାଣୀ ନିବାରଣ ଆଇନ ଓ ମହିଳା ଚାଲାଣ ଆଇନ ଉପରେ ବିଷଦ ଭାବରେ ଆଲୋଚନା କରିବା ସହ ମହିଳାମାନଙ୍କ ନିମନ୍ତେ ଉଦିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଉପସ୍ଥିତ ମହିଳାମାନଙ୍କୁ ବୁଝାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର , ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ପ୍ରୋଗ୍ରାମ ଅଫିସର ପୁଷ୍ପା ପଟ୍ଟନାୟକ, କାଉନସେଲର ଶର୍ମିଷ୍ଠା ଦେଓ, ନଗେନ୍ଦ୍ର ପଟ୍ଟନାୟକ, ସୁପର ଭାଇଜର ରଶ୍ମିପ୍ରଭା ପାଣିଗ୍ରାହୀ, ସୁଶ୍ରୀ ରେଖା ତ୍ରିପାଠୀ, ବୈଶାଖି ସାମଲ, ଆରତୀ ନଳିନୀ ନନ୍ଦ, ୱାନଷ୍ଟପ ସେଣ୍ଟର ପକ୍ଷରୁ ରଞ୍ଜିତା ସାହୁ ଶକ୍ତିସଦନର ପ୍ରତିନିଧି ଏମେ ଅନିତା କୁମାରୀ, ମନରମା ମାଝି ପ୍ରମୁଖ୍ୟ ବକ୍ତା ମାନେ ସମାଜରେ ମହିଳା ମାନେ ସେମାନଙ୍କ ଜୀବନରେ ଯେଉଁ ସବୁ ସମସ୍ୟାର ସମ୍ମୁଖିନ୍ନ ହେଉଛନ୍ତି ତାହାକୁ ଦୃଢ ଭାବରେ ମୁକାବିଲା କରି ଆଗକୁ ଚାଲିବା ସହ ସେମାନଙ୍କର ମାନବିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା, ସମସ୍ତ ଶିଶୁ କନ୍ୟା ମାନେ ଯେପରି ସମାନ ଭାବରେ ଶିକ୍ଷା ପାଇପାରିବେ ଏହି ସବୁ ବିଷୟରେ ଆଲୋଚନା କରିଥିଲେ। ସିଡିପିଓ ମିନତୀ ଦାସ କର୍ମଶାଳାର ଉଦେଶ୍ୟ ଜ୍ଞାମ୍ପନ କରିଥିବା ବେଳେ ସୁପର ଭାଇଜର ସୁଶ୍ରୀ ରେଖା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବେତନଟୀ ରେଳ ଷ୍ଟେସନରେ ଟିକେଟ୍ କଳାବଜାରି ଅଭିଯୋଗ

ବେତନଟୀ(ଭାସ୍କର ନ୍ୟୁଜ): ବେତନଟୀ ରେଳ ଷ୍ଟେସନରେ ଅଗ୍ରୀମ ଟିକେଟ ବୁକିଂକୁ ନେଇ କଳାବଜାରୀ ହେଉଥିବା ଅନେକ ଦିନରୁ ଅଭିଯୋଗ ହୋଇ ଆସୁଥିବା ସତ୍ତ୍ୱେ ଏହାର କୌଣସି ସମାଧାନ ହୋଇପାରୁନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ସୂଚନା ଅନୁସାରେ ବେତନଟୀ ରେଳ ଷ୍ଟେସନରେ ଯେବେଠୁଁ ଅଗ୍ରୀମ ଟିକେଟ ବୁକିଂ ଆରମ୍ଭ ହୋଇଛି ସେବେଠୁ ଟିକେଟ ବୁକିଂରେ କଳାବଜାରୀ ମଧ୍ୟ ଆରମ୍ଭ ହୋଇଯାଇଛି। ଯେପରିକି ଅଗ୍ରୀମ ଟିକେଟ ବୁକିଂ ନିମନ୍ତେ ରୁପ୍ସା ଓ ବାଲେଶ୍ୱରରୁ କଳାବଜାରୀ ମାନେ ଆସି ନିଜେ ଲାଇନରେ ଛିଡା ନହୋଇ ପଥର ଯୋଗେ ନିଜ ଲାଇନକୁ ରଖି ଫର୍ମକୁ ଦାଖଲ କରିବାରେ ସଫଳ ହେଉଛନ୍ତି। ଯାହାଦ୍ୱାରା ବେତନଟୀ ଆଖପାଖ ଅଞ୍ଚଳର ସାଧାରଣ ଲୋକେ ଅଗ୍ରୀମ ଟିକେଟ ପାଇବାରୁ ବଞ୍ଚିତ ହେଉଛନ୍ତି। ବାହାରୁ କଳାବଜାରୀମାନେ ଅଗ୍ରୀମ ଟିକେଟ ଏଠାରୁ କିଣି ବାହାରେ ଅଧିକରୁ ଅଧିକ ଦାମରେ ବିକ୍ରି କରୁଛନ୍ତି।ଏହି କଳାବଜାରୀରେ ବେତନଟୀର ରେଳ କର୍ମଚାରୀ ବି ସାମିଲ ରହିଥିବା ସାଧାରଣରେ ଅଭିଯୋଗ ହେଉଛି। ଆଗାମୀ ଦିନରେ ରେଳ ପ୍ରଶାସନ ପକ୍ଷରୁ ଯଦି ଏ ବାବଦରେ ଦୃଷ୍ଟି ଦିଆ ନଯାଏ ତେବେ ବେତନଟୀ ରେଳ ଷ୍ଟେସନରେ ସାଧାରଣ ଲୋକଙ୍କ ପକ୍ଷରୁ ଏହାକୁ ଜୋରଦାର ବିରୋଧ କରାଯିବା ନେଇ ଚେତାବନୀ ଦିଆଯାଇଛି।

# ଆଳି ବ୍ଲକ୍ ବିଜେଡି ଯୁବ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ



ଆଳି(ଭାସ୍କର ନ୍ୟୁଜ): ଆଳି ବ୍ଲକର ବିଜେଡି ଯୁବ ସଭାପତି ତଥା ୧ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟା କନକଲତା ବେହେରାଙ୍କ ସ୍ୱାମୀ କେଦାର ବେହେରାଙ୍କୁ ଆଳି-ଗୋବିନ୍ଦପୁର ରାସ୍ତା ଏଣ୍ଡୋଳ ମୁଖ୍ୟ ରାସ୍ତା ନିକଟରେ କିଛି ଦୁର୍ବୃତ୍ତ ରାଜନୈତିକ ଶତ୍ରୁତା ରଖି କାଠ ଫାଳିଆ ସହିତ ଖଣ୍ଡା ଭୁଜାଲି ସହାୟତାରେ କେଦାର ବେହେରାଙ୍କୁ ଆକ୍ରମଣ କରିଥିଲା ବେଳେ ସେ ଭୟରେ ରାସ୍ତା ପାଖରେ ଥିବା ଜଣଙ୍କ ଘରେ ପଶିଯାଇଥିଲେ। ଦୁର୍ବୃତ୍ତ ମାନେ ଘରେ ପଶି ଯୁବ ସଭାପତିଙ୍କୁ ଘୋଷାରି ଆଣି ଆକ୍ରମଣ କରି ଫିଙ୍ଗିଦେଇଥିଲେ। ଖବର ପାଇ ଆଳି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରତର ଅବସ୍ଥାରେ କେଦାର ବେହେରାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲା। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗୁରତର ଅବସ୍ଥାରେ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏକ ନିର୍ଦ୍ଦିଷ୍ଟ ଦଳର ବ୍ୟକ୍ତି ରାଜନୈତିକ ଶତ୍ରୁତା ରଖି ଏମିତି ଘଟଣା ଘଟାଇଥିବା ବ୍ଲକ୍ ଯୁବ ବିଜେଡି ସଭାପତି ଅଭିଯୋଗ ଆଣିଛନ୍ତି। ଘଟଣା ସମ୍ପର୍କ ରେ ଏପର୍ଯ୍ୟନ୍ତ ଆଳି ଥାନାରେ କୌଣସି ଅଭିଯୋଗ ହୋଇନଥିଲା ବେଳେ ପୋଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ବିଜେପିରେ ମିଶିଲେ ବିଜେଡି ଓ କଂଗ୍ରେସ କର୍ମୀ




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗରେ ସଶକ୍ତ ହେଉଛି ବିଜେପି। ମଙ୍ଗଳବାର ସନ୍ଧ୍ୟା ସମୟରେ ଅସ୍ତରଙ୍ଗ ବ୍ଲକ କୋରଣା ଗ୍ରାମ ପଞ୍ଚାୟତ ଗାଙ୍ଗପୁର ଗ୍ରାମରେ ଗାଙ୍ଗେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅସ୍ତରଙ୍ଗ ମଣ୍ଡଳ ୧ର ସଭାପତି ଇନ୍ଦ୍ରମଣି ଜେନା ଓ ଦିବାକର ଛାଟୋଇଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି ଗାଙ୍ଗପୁର ଗ୍ରାମର ୨୫ରୁ ଉର୍ଦ୍ଧ ପରିବାର। ବିଜେଡି ଓ କଂଗ୍ରେସ ପରିତ୍ୟାଗ କରି ବିଜେପି ରେ ମିଶିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଶକ୍ତ ହେଉଛି ବିଜେପି।ଏ ହି ମିଶ୍ରଣ ପର୍ବରେ ନରେନ୍ଦ୍ର ପ୍ରଧାନ, କପିଳ ପ୍ରଧାନ, ମାୟାଧର ବାଗ, ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ମିଶ୍ରଣ ପର୍ବସମୟରେ ଉପସ୍ଥିତ ଥିଲେ।

# ଶ୍ରୀଅନ୍ନ ଅଭିଯାନ ଆନୁକୂଲ୍ୟରେ ପୁଷ୍ଟି ଶସ୍ୟ ଖାଦ୍ୟମେଳା

ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ସୋରଡା ଅଞ୍ଚଳ ସ୍ଥିତି ମଙ୍ଗଳବାର ଦିବା ୧୧ଘଟିକା ସମୟରେ ପାଟପୁର (ଶିଳଦା) ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପୁଷ୍ଟି ଶସ୍ୟ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ସ୍ୱାର୍ଡ଼। ସହାୟକ ସଂସ୍ଥାର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ଯ ଅତିଥି ଭାବେ ମୋରଡ଼ାବ୍ଲକ୍ କୃଷି ଅଧିକାରୀ ମାଣ୍ଡିଆ ଶରୀର ପାଇଁ ଅନେକ ଉପକାରୀ ଖାଦ୍ୟଭାବେ ମତ ଦେଇଥିଲେ। ଏହାକୁ ନିୟମିତ ବ୍ୟବହାର କଲେ ଜଣେ ନିରୋଗ ଓ ସୁସ୍ଥ ଭାବେ ଜୀବନ ଯାପନ କରିପାରିବ। ଏଥିପାଇଁ ସମସ୍ତଙ୍କୁ ଏହାର ଫାଇଦା ନେବାକୁ ଉତ୍ସାହିତ କରିଥିଲେ। ବିଭିନ୍ନ ଗ୍ରାମରୁ ୨୦ଗୋଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ନିଜ ହାତ ତିଆରି ନାନା ରକମର ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଏଠାରେ ପ୍ରଦର୍ଶନ କରି ସମସ୍ତଙ୍କୁ ବାଣ୍ଟିଥିଲେ। ଏଥିରେ ସ୍ୱାର୍ଡ଼ା ଅନୁଷ୍ଠାନର ସଂଜୟ ଦ୍ୱାରୀ, ହୃଦାନନ୍ଦ ସାହୁ, ସାଓନା




ସ୍ନେହାଶିଷ ସାହୁ, ମୁଖ୍ୟବକ୍ତା ସିଡ଼ିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ, ଆଇସିଡ଼ିଏସ୍ ସୁପରଭାଇଜର ବାସନ୍ତୀ ନାୟକ, ସୁଷମା ପାଣିଗ୍ରାହୀ, କୃଷି ଅଧିଦର୍ଶକ ସତିଶ ଚନ୍ଦ୍ର ଦାସ, ବଳରାମ ପରିଡା, ଶୁଭ୍ର ଜ୍ୟୋତି ବେହେରା ଓ ଗ୍ରାମ୍ଯ କୃଷି କର୍ମୀ ମମତା ରାଉତ୍, ସ୍କୁଲର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାନ୍ତ ପ୍ରମୁଖ ଯୋଗଦେଇ ମାର୍ଣ୍ଡି, ଆଦିକନ୍ଦ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ନାଏକ, ଉପେନ୍ଦ୍ର ପାତ୍ର, ବିକ୍ରମ ନାୟକ, ଯଶୋମତୀ ମହାନ୍ତ, ସିର୍ଜନ୍ କୃଷକ ସଂଗଠନର ନିର୍ଦ୍ଦେଶକ ସୁମିତ୍ରା ମହାନ୍ତ ଓ ଅର୍ପିତା ମହାନ୍ତ, ସିଇଓ ମୋହନ ମୁର୍ମୁ, ସ୍କୁଲ ଶିକ୍ଷକ ଓ ଶିକ୍ଷୟତ୍ରୀ ବୃନ୍ଦ ପ୍ରମୁଖ ଅଂଶ ଗ୍ରହଣ କରି ଏହି କାର୍ଯ୍ଯ କ୍ରମକୁ ସଫଳ କରାଇଥିଲେ।

# ବଡଗୁଣ୍ଡୁରୀ କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା ମେଳା



କଣିହାଁ(ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅଧୀନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଇଣ୍ଡାଠାରେ ମଙ୍ଗଳବାର ଦିନ ବଡଗୁଣ୍ଡୁରୀ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ସମଗ୍ର ଶିକ୍ଷା ଓ ନିପୁଣ ଓଡିଶା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ନିପୁଣ ଓଡିଶା ମେଳା ସମାରୋହରେ ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି କଣିହାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜନ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାଗ୍ମୀ ମିଶ୍ର, ସମ୍ମାନୀତ ଅତିଥିଭାବେ ଡାକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ କୁମାର ଦାସ, ବଡଗୁଣ୍ଡୁରୀ ସରପଞ୍ଚ ସତ୍ୟାନନ୍ଦ ପ୍ରଧାନ, ଏସ୍ଏମ୍ସି ଅଧ୍ୟକ୍ଷ ନିତ୍ୟାନନ୍ଦ ବେହେରା, କ୍ଲଷ୍ଟର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାହୁ, ଗୋଇଲାଣ୍ଡ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ସାହୁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମାରୋହରେ ସମସ୍ତ ଅତିଥି ଓ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କ୍ଲଷ୍ଟରର ସିଆରସିସି ନୀଳମଣି ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଥିଲେ। ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ଅତିଥି ପରିଚୟ କରାଇବା ସହିତ ମଞ୍ଚ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପରେ ନିପୁଣ ଓଡିଶା ମେଳାର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସଂପର୍କିତ ଶିକ୍ଷଣ ସାଧନ ଉପକରଣ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରି ପରିଦର୍ଶନ କରିଥିଲେ। ପରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଉଭୟ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟା ଜ୍ଞାନ ପ୍ରଦର୍ଶନୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ମୁନା ନାଏକଙ୍କ ପୁରସ୍କାର ବିତରଣକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇ ସହଯୋଗ କରିଥିଲେ।

# ଯାଜପୁର ଜିଲ୍ଲା ମହୋତ୍ସବ ୪ର୍ଥ ଦିବସରେ କବି ସମ୍ମିଳନୀ ଓ କବିତା ପାଠୋତ୍ସବ

ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ମହୋତ୍ସବ - ୨୦୨୫ରେ ପ୍ରାଧାପକ ଶ୍ରିହରି ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କବି ସମ୍ମିଳନୀ ଓ କବିତା ପାଠୋତ୍ସବର ପ୍ରଥମ ଅଧିବେଶନ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡିଙ୍କ ଦ୍ୱାରା ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଉଦ୍ଘାଟିତ ହୋଇଯାଇଅଛି। ଉଦ୍‌ଘାଟକ ଶ୍ରୀମତୀ ରେଡ୍ଡି ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ମା ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରି ଉତ୍ସବକୁ ଉଦଘାଟନ କରିଥିଲେ। କବି ପ୍ରଭାତ କୁମାର ମଲ୍ଲିକ ଅତିଥିମାନଙ୍କ ସ୍ୱାଗତ ସହ କବି ଜିତେନ୍ଦ୍ର ବେହେରା ପରିଚୟ ପ୍ରଦାନ କରିଥିଲେ। କବି ହୃଷିକେଶ ପତି ସ୍ତୋତ୍ର ପାଠ କରିଥିଲେ। ଉଦଘାଟକ ଶ୍ରୀମତୀ ରେଡ୍ଡି ଯାଜପୁର ଜିଲ୍ଲା ମହୋତ୍ସବ - ୨୦୨୫ ସାହିତ୍ୟ, ସଂସ୍କୃତି ଓ କଳାତ୍ମକ ସୃଜନତାର ବାର୍ତ୍ତାବହ, କବିତା ପାଠୋତ୍ସବ ପୁରାତନ ଓ ନୂତନତାର ସମ୍ମିଶ୍ରିତ ମାର୍ଗ ଦର୍ଶକ, କବିତା, ସ୍ରଷ୍ଟା ଓ ସୃଷ୍ଟିର ହୃଦୟର ନିଭୃତ ଅଭିବ୍ୟକ୍ତି ବୋଲି ଉଲ୍ଲେଖ କରିବା ସହିତ ଉତ୍ତମ ଅଭିବ୍ୟକ୍ତି ଗୁଡ଼ିକୁ ସୁନ୍ଦର ଭାବେ ସଜାଇ ରଖି ପ୍ରକାଶ କରିବାର ପ୍ରତିଶ୍ରୁତି ସେ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଡ. ରବୀନ୍ଦ୍ର ବିହାରୀ ଯୋଗଦେଇ କବିତାର ପୃଷ୍ଠ ଭୂମି, ଓ ତାର ସାହିତ୍ୟିକ ଚେତନା କିପରି କିପରି ପ୍ରାଣ ଓ ମନକୁ ଆନ୍ଦୋଳିତ କରି ପାଠକୀୟ ଆଦୃତି ଲାଭ କରିବ ତାର ଉଦାହରଣ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଶତ୍ରୁଘ୍ନ ପାଣ୍ଡବ ଯୋଗଦେଇ କବିତା ଲେଖିବା ହୁଏତ ସହଜ ହୋଇପାରେ କିନ୍ତୁ କବି ହେବା ଖୁବ୍ କଷ୍ଟକର। କବିତାର ଶ୍ରେଣୀ ବିଭାଗ କବିତା ଲେଖକ ଭାବରେ ସିକୃତି ଦିଏ, କିନ୍ତୁ କବି ନୁହେଁ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ଅଧାପକ ସୁବ୍ରତ କୁମାର ଦାସ, ସାରସ୍ୱତ ସଂଯୋଜକ ସନ୍ତୋଷ କୁମାର ନନ୍ଦ ଯୋଗ ଦେଇ କବିତାର ସ୍ୱର, ପ୍ରାଣ ଓ ହୃଦୟରେ ଅଫୁରନ୍ତ ପୁଲକ ସୃଷ୍ଟି କରେ ବୋଲି କହିଥିଲେ। କବୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତରାୟ, କବୟିତ୍ରୀ ରଞ୍ଜିତା ଦାଶ, ସରସ୍ୱତୀ ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସାରସ୍ୱତ ସାଧକ ଡ.ସୂର୍ଯ୍ୟମଣି ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ବରୁଣେଶ୍ୱର ମହାବିଦ୍ୟାଳୟର ଅଧକ୍ଷା ଡ. ବିଦ୍ୟୁତରେଖା ମହାପାତ୍ର, ଯାଜପୁର ଓଡ଼ିଆ ଭାଷା ସମ୍ମେଳନର ସଭାପତି ଡ଼ା. ରୁଦ୍ର ନାରାୟଣ ପୃଷ୍ଟି, ଯାଜପୁରର ଆରକ୍ଷୀ ନିରୀକ୍ଷକ କବି ଶରତ ପାତ୍ର, କବୟିତ୍ରୀ ବନ୍ଦନା ସାହୁ, ସାରସ୍ୱତ ସଂଗଠକ ବିଭୂତି ମହାପାତ୍ର, ଜିତେନ୍ଦ୍ର ବେହେରା, କବି ପ୍ରଭାତ ମଲ୍ଲିକ ଅଧାପକ ସୁବ୍ରତ କୁମାର ଦାସ, ପ୍ରମୁଖ ସଂଯୋଜନା କରିଥିଲେ। କବି ରାମଚନ୍ଦ୍ର ଦାସ, ଭୁବନ ମୋହନ ମହାନ୍ତି, କବି ଶଶିଭୂଷଣ ସାମଲ, କବି ମନୋଜ କୁମାର ନାଥ, ମଧୁସୂଦନ ମହାପାତ୍ର, ବିଦ୍ୟୁତଲତା ଦାସ, ରମାକାନ୍ତ ନାୟକ, ଅଖିଳ ମୋହନ ଦାସ, ଓମ୍ ପଣ୍ଡା, ଚିରନ୍ତନୀ ସମ୍ପାଦିକା ସଂଯୁକ୍ତା ମହାପାତ୍ର, କବି ଅନିଲ ମହାନ୍ତି, କବି ରବୀନ୍ଦ୍ର ପରିଡା, କବି କୈଳାଶ ଚନ୍ଦ୍ର ସ୍ୱାଇଁ, ନାରାୟଣ ଦାସ, ସତ୍ୟ ମହାନ୍ତି, ମନୋଜ ନାୟକ, ସୁବାସ ମହାପାତ୍ର, ଅକ୍ଷୟ କୁମାର ବାରିକ, ପ୍ରଦୀପ କୁମାର ସାମଲ, ସନ୍ତୋଷୀ ତନୟା ନନ୍ଦ, ସ୍ନେହଲତା ବିଶ୍ୱାଳ, କାର୍ତ୍ତିକ ସ୍ୱାଇଁ, ନବଘନ ସ୍ୱାଇଁ, ସବିତା ନାୟକ, ସତ୍ୟବ୍ରତ ସାହୁ, ନମିତା ଓଝା, ଡ. ମହେଶ୍ୱର ଜେନା ସାମନ୍ତ, ସ୍ମୃତି କଳିକା ବେହେରା, ଅଜୟ କୁମାର ମଲ୍ଲିକ, ଅକ୍ଷୟ କୁମାର ସେଠୀ, ପ୍ରତିମା ରଥ, ଉମେଶ ଚନ୍ଦ୍ର ଜେନା, କବି ନାରାୟଣ ମହାଳିକ, ପ୍ରଦୀପ୍ତ କୁମାର ଦାସ, ପଦ୍ମାକର ଗୁରୁ, ଦିନେଶ ମଲ୍ଲିକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ କମଳିନୀ ପାଗଳଙ୍କ ପୁସ୍ତକ ମୌନ ମନ୍ଦିରକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। କବି ଦୟାନିଧି ନାୟକ କବି ସମ୍ମିଳନୀ ଓ କବିତା ପାଠୋତ୍ସବର ସମସ୍ତ ଅଧିବେଶନକୁ ପରିଚାଳନା କରିଥିଲେ। ବ୍ୟଙ୍ଗ କବି ବାଇଧର ମାଝୀ ଧନ୍ୟବାଦ୍ ଦେଇଥିଲେ।



ବ୍ୟାସନଗର (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଲେମ୍ବୋ ପଞ୍ଚାୟତ ଗିରିଧରଡ଼ିହି ଠାରେ ବିଶିଷ୍ଟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝୀ ଜୟନ୍ତୀ ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ମିଳିତ ଆନୁକୂଲ୍ୟରେ ଏକ ଦିନିକିଆ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଆଦିବାସୀ ଲୋକଙ୍କ ପାଇଁ ଏକ ବହୁ ଆଦିବାସୀ-ଭାଷା ପାଠାଗାର ଉଦଘାଟିତ ହୋଇଛି। ଟିଏସଏଫ ଏହାର ସହଯୋଗୀ ସଂସ୍ଥା ଆଦିବାସୀ ସୋସିଓ ଏଜୁକେସନ ଏଣ୍ଡ କାଲଚରାଲ ଆସୋସିଏସନ ସହ ମିଶି ଏହି ପାଠାଗାର ଉଦଘାଟନ କରଛି। ଏହି ପାଠାଗାରରେ ବର୍ତ୍ତମାନ ହୋ, ମୁଣ୍ଡା, ଓରାଓଁ ଏବଂ ସାନ୍ଥାଳୀ ଭାଷାର ପୁସ୍ତକ ଅଛି। ଏହା ଆଦିବାସୀମାନଙ୍କୁ ସେମାନଙ୍କ ଭାଷାକୁ ଉଦଜୀବିତ ରଖିବା ସହିତ ସେମାନନଙ୍କୁ ନିଜର ପରିଚୟ ଓ ଗୌରବ ବଜାୟ ରଖିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଏନଟିପିସିର ଜେନେରାଲ ମ୍ୟାନେଜର ସୁଦର୍ଶନ ହେମ୍ବ୍ରମ, ଅବସରପ୍ରାପ୍ତ ଆଇଆରଏସ ଉଦୟନାଥ ମାଝୀ, ଆରଆଇ ହୃଷିକେଶ ମୁର୍ମୁ, ଲେମ୍ବୋ ପଞ୍ଚାୟତର ସରପଞ୍ଚ କଳ୍ପନା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ବହୁ ଆଦିବାସୀ ନେତା ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସ୍ମୃତି ସମାରୋହରେ ଆଖପାଖ ଗ୍ରାମର ପ୍ରାୟ ୭୦୦ ଆଦିବାସୀ ଭାଷା ଶିକ୍ଷକ, ଛାତ୍ରଛାତ୍ରୀ, ଯୁବକ ଓ ସ୍ଥାନୀୟ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ। କେତେକ ଛାତ୍ରଛାତ୍ରୀ କ୍ଷୁଦ୍ର ବ୍ୟଙ୍ଗ ନାଟକ ପରିବେଷଣ କରି ଶିକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଜ ନିଜ ଗ୍ରାମରେ କଲ୍ୟାଣ ଓ ବିକାଶ କାର୍ଯ୍ୟରେ ନିରନ୍ତର ସମନ୍ୱୟ ରକ୍ଷା କରି ଆସୁଥିବା ସାନ୍ତାଳୀ ଲୋକଙ୍କ କିଛି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



# ଏମଜିଏମ୍ ଟି୨୦ ଚାମ୍ପିଅନସିପ୍ ଉଦ୍‌ଯାପିତ



କଟକ (ଭାସ୍କର ନ୍ୟୁଜ): ଏମଜିଏମ ଟି୨୦ ଚାମ୍ପିଅନସିପ୍ ୨୦୨୫ ଚାରି ଦିନ ରୋମାଞ୍ଚକର କ୍ରିକେଟ୍ ମ୍ୟାଚ୍ ପରେ ଏମଜିଏମ ସ୍କୁଲ୍ ଅଫ୍ ସ୍ପୋର୍ଟସ୍, କପୁରସିଂହ, କଟକରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ସମାପନ ହୋଇଯାଇଛି। ରବି ଶାସ୍ତ୍ରୀ, ଭାରତ ଅରୁଣ ଏବଂ ଆର ଶ୍ରୀଧରଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରିମିୟର୍ କ୍ରିକେଟ୍ ପ୍ରତିଷ୍ଠାନ କୋଚିଂ ବିଏଣ୍ଡର ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟ ସଫଳତାର ସହ କ୍ରିକେଟ୍ ପ୍ରତିଭା ପାଇଁ ଏକ ପ୍ଲାଟଫର୍ମ ଯୋଗାଇଲା ଏବଂ କ୍ରୀଡ଼ାର ବିକାଶ ପାଇଁ ଓଡିଶାର ପ୍ରତିବଦ୍ଧତାକୁ ଦୃଢ କରିଛି। ଏହି ଚାମ୍ପିୟନଶିପ୍‌ରେ ଚେନ୍ନାଇ, ହାଇଦ୍ରାବାଦ ଏବଂ ଭଦୋଦରାସ୍ଥିତ କୋଚିଂ ବିଏଣ୍ଡ କ୍ରିକେଟ୍ ଏକ୍ସଲେନ୍ସ ସେଣ୍ଟରର ଏମଜିଏମ୍ ସ୍କୁଲ୍ ଅଫ୍ ସ୍ପୋର୍ଟସ୍ ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟକୁ ରବି ଶାସ୍ତ୍ରୀ ଏବଂ ଭାରତ ଅରୁଣ ଉଦଘାଟନ କରିଥିଲେ। ଏହି ସମାରୋହରେ ପଙ୍କଜ ଲୋଚନ ମହାନ୍ତି, ସିଏମଡି, ଏମଜିଏମ ଗ୍ରୁପ, ଭେଙ୍କଟାପତି ରାଜୁ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ବିକାସ ପ୍ରଧାନ, କୋଷାଧକ୍ଷ, ଓସିଏ; ଓସିଏ ମୁଖ୍ୟ କ୍ୟୁରେଟର ଡ. ଅଞ୍ଜନ କୁମାର ଖୁଣ୍ଟିଆ ଏବଂ ଏମଜିଏମ ଗ୍ରୁପର ପରାମର୍ଶଦାତା ପ୍ରସାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ସମାରୋହରେ ଭେଙ୍କଟାପତି ରାଜୁ ପୁରସ୍କାର ପ୍ରଦାନ କରିଥିଲେ। ଏକ ରୋମାଞ୍ଚକର ଫାଇନାଲରେ ହାଇଦ୍ରାବାଦର କୋଚିଂକୁ ପରାସ୍ତ କରି ଏମଜିଏମ ସ୍କୁଲ ଅଫ୍ ସ୍ପୋର୍ଟସ-କୋଚିଂ ବିଏଣ୍ଡ ଚାମ୍ପିଅନ୍ ଭାବରେ ଉଭା ହେଲା । ସେମାନେ ୨୦ ଓଭରରେ ୧୭୩ ରନ୍ ସ୍କୋର କରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ସମ୍ପୂର୍ଣ୍ଣ ଆଉଟ୍ କରି ଏକ ନିର୍ଣ୍ଣାୟକ ବିଜୟ ହାସଲ କରିଥିଲେ। ଦଳ ମଧ ଚାରିଟି ମ୍ୟାଚ ମଧ୍ୟରୁ ତିନୋଟି ଜିତି ଟୁର୍ଣ୍ଣାମେଣ୍ଟରେ ଅତ୍ୟନ୍ତ ଭଲ ପ୍ରଦର୍ଶନ କରିଥିଲା । ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ଜୟରାମ ଗେଡିଆ (ଏମଜିଏମ ସ୍କୁଲ୍ ଅଫ୍ ସ୍ପୋର୍ଟସ୍, କଟକ) କୁ ପ୍ରଦାନ କରାଯାଇଥିବାବେଳେ ରବି ତେଜା (ହାଇଦ୍ରାବାଦର କୋଚିଂ) ତାଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ଭାବରେ ପୁରସ୍କୃତ ହୋଇଥିଲେ। ଏହି ଟୁର୍ନାମେଣ୍ଟର ସଫଳତା ବିଷୟରେ ପଙ୍କଜ ଲୋଚନ ମହାନ୍ତି କହିଛନ୍ତି ଯେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରି ଗର୍ବ ଅନୁଭବ କରୁଛୁ।

## ଅଣ୍ଡର ପାସ୍ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବାଚସ୍ପତି

ଟାଙ୍ଗୀ (ଭାସ୍କର ନ୍ୟୁଜ) : ଗୌରଚନ୍ଦ୍ରପୁର ଛକରେ ଅଣ୍ଡର ପାସ ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ଦାବି କରି ଆସୁଥିଲେ ସ୍ଥାନୀୟ ଅଞ୍ଚଳବାସୀ। ହେଲେ ପ୍ରଶାସନ ଶୁଣୁନଥିଲା । ଏବେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ଲୋକଙ୍କ ଦାବି ସହ ଏକମତ ହୋଇ ଜାତୀୟ ରାଜପଥର ଗୌରଚନ୍ଦ୍ରପୁର ଛକରେ ଏକ ଅଣ୍ଡର ପାସ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ର ସଡ଼କ ପରି ବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ପତ୍ର ଲେଖିଥିଲେ । ସ୍ଥାନୀୟ ବିଧାୟିକା ତଥା ଓଡ଼ିଶାର ବାଚସ୍ପତିଙ୍କ ଦାବିକୁ ସମ୍ମାନ ଦେଇ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ୧୩ କୋଟି ଟଙ୍କା ର ଅର୍ଥ ବ୍ୟୟ ବରାଦ କରିଛନ୍ତି । ଏହି ଅଣ୍ଡର ପାସ୍ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ମାନ୍ୟବର ବାଚସ୍ପତି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କେରଣ୍ଡାଟାଙ୍ଗୀ ସରପଞ୍ଚ ପ୍ରଗତି ମହାପାତ୍ର, ସମିତି ସଭ୍ୟ ଶିଶିର ବଳିଆର ସିଂଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟାକାଣ୍ଡର ପର୍ଦ୍ଦାଫାଶ୍ କଲା ପୋଲିସ୍



ବ୍ୟାସନଗର (ଭାସ୍କର ନ୍ୟୁଜ୍): ଯାଜପୁର ରୋଡ ଥାନାର ସୋବରକ୍ଷ ଅଂଚଳରେ ଘଟି ଥିବା ଭିବସ୍ତ ହତ୍ୟା କାଣ୍ଡ ପରଦା ଫାର୍ସ କରିଛି ଯାଜପୁରରୋଡ ପୋଲିସ। ଆଜି ଯାଜପୁର ରୋଡ ଥାନାରେ ଯାଜପୁର ଏସପି ଏକ ସମ୍ୱାଦିକ ସମ୍ମିଳନୀରେ ବିଭିନ୍ନ ଗଣମାଧ୍ୟମକୁ ସୁଚନା ଦେଇଛନ୍ତି। ଯାଜପୁର ରୋଡ ଥାନା ଅନ୍ତର୍ଗତ ସୋବରା ଅଞ୍ଚଳରେ ଘଟି ଥିଲା ଏକ ବୀଭତ୍ସ ହତ୍ୟାକାଣ୍ଡ। ଷ୍ଟୁଡିଓ ଭିତରୁ କ୍ଷତାକ୍ତ ଅବସ୍ଥାରେ ପୋଲିସ୍ ଉଦ୍ଧାର କରିଥିଲା ଦୀପକର ମୃତଦେହ। ଓମ୍ ଡିଜିଟାଲ ଫିଲ୍ମ ଷ୍ଟୁଡିଓର ମାଲିକ ଦୀପକ କୁମାର ସାହୁଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ତାର ଅତି ଆପଣାର ପିଲା ଶ୍ରୀଧର କବି ନିଜ ଗ୍ରାମର ଆଉ ଜଣେ ହେଲା ବିଶ୍ୱ ରଞ୍ଜନ ପଟନାୟକ ତାଙ୍କ ଘର କେନ୍ଦୁଝର ଜିଲ୍ଲା, ରାମଚନ୍ଦ୍ରପୁର ଥାନା, ପୁରୁଣା ବାନ୍ଦଗଡା ବୋଲି ଜଣା ପଡ଼ିଛି। ଦୁର୍ବୃତ୍ତଙ୍କ ଦ୍ୱାରା ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ନିଜେ ଆସାମୀ। ସତ୍ କଥା ମାନି ନେଇଛନ୍ତି। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଜଣା ପଡ଼ିଛି। ସାଇଣ୍ଟିଫିକ ଟିମ୍ ଓ ପୋଲିସ କୁକୁର ସହାୟତାରେ ପୋଲିସ ଏହି ଘଟଣାର ତଦନ୍ତ ଜାରି କରିଥଲ। ସଫଳ ହେଇଥିଲା। ଷ୍ଟୁଡିଓର ଅନତି ଦୂରରେ ରହିଛି ଦୀପକଙ୍କ ଘର। ଦୀପକ ସବୁଦିନ ପରି ଗତକାଲି ରାତିରେ ଘରୁ ଖାଇବା ପିଇବା ସାରି ଦୋକାନକୁ ରାତି ଏଗାରଟାରେ ଶୋଇବାକୁ ଆସିଥିଲେ। ମାତ୍ର ପରିବାର ଲୋକଙ୍କ କହିବା ମୁତାବକ ରାତିରେ ଦୀପକଙ୍କର ମୋବାଇଲ ସୁଇଚ ଅଫ୍ ହୋଇ ରହିଥିଲା । ଆଜି ସକାଳେ ମା’ ଯେତେବେଳେ ପୁଅ ପାଖକୁ ର ନେଇ ଷ୍ଟୁଡିଓକୁ ଆସିଥିଲେ, ସେତେବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୁଅ ଦୀପକଙ୍କ ମୃତଦେହ ଭୂଇଁରେ ପଡିରହିଥିବା ଦେଖିବାକୁ ପାଇଥିଲେ । ଏପରିକି ଷ୍ଟୁଡିଓ ଭିତରେ ଥିବା କମ୍ପ୍ୟୁଟର, କ୍ୟାମେରା ଆଦି ସମସ୍ତ ସାଜ ସରଞ୍ଜାମ ପୋଲିସ୍ ସିଜ୍ କରିଛି । । ଖବର ପାଇ ଶହଶହ ଲୋକ ଘଟଣା ସ୍ଥଳରେ ପହଞ୍ଚି ଭିଡ଼ ଜମାଇଥିଲେ ସିଜ ଲିଷ୍ଟ ରେ ୧ଟି ମଟର ସାଇକେଲ ,୧ଟି ସୁନା ମୁଦି ୩ଟା ମୋବାଇଲ କେମେରା ବେଟେରି ସବୁ ପୋଲିସ ସିଜ୍ କରି ଥାନାରେ ଆସାମୀଙ୍କୁ ରଖି କେଶ୍ କରିଛି ପୋଲିସ କେଶ୍ ନମ୍ବର୍ ୭୦.୯/୨ ।୨୫ u/s ୧୦୩bns,୧୦୫/(୫) bns ।

# ଜଳେଶ୍ୱର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଅମ୍ପାୟର ଭାବେ ଅଜୟ ମହାରଣା ଓ ପ୍ରିୟବ୍ରତ ପଲାଇ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ଶୁଭମ୍ ସେଠୀ ଓ ଅମର ପଲେଇ ଦାୟିତ୍ୱ ନିର୍ବାହ କରିଥିବା ବେଳେ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ମାଳଦା ପଞ୍ଚାୟତ ଜଳହରି ସ୍କୁଲ ପଡିଆ ଠାରେ ପଞ୍ଚଦଶ ଜଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ପ୍ରତିଯୋଗିତା ତିନି ଦିନ ଧରି ଚାଲିଥିଲା। ଫାଇନାଲ ମ୍ୟାଚ ଯାଜପୁର ନାଥସାହି ଓ ବଳିଘାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ନାଥସାହି ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୨୧୧ ରନ୍ ସଂଗ୍ରହ କରିଥିଲା। ଜବାବରେ ବଳିଘାଇ ୧୪ ଓଭର ଖେଳ ପ୍ରଦର୍ଶନ କରି ସମସ୍ତ ୱିକେଟ ହରାଇ ୧୪୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଜିତେନ୍ଦ୍ର ଶତପଥି ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କାଳନ୍ଦୀ ପରିଡା, ସମ୍ମାନିତ ଅତିଥି ଭାବେ ସମାଜସେବୀ ପବିତ୍ର ପାଣିଗ୍ରାହୀ, ନିମନ୍ତ୍ରିତ ଅତିଥି ଭାବେ ସାମ୍ବାଦିକ ରାଜେନ୍ଦ୍ର କୁମାର ଶତପଥୀ, ମନୋରଞ୍ଜନ ସେଠୀ, ମଞ୍ଚ କଳାକାର ଅମୀୟ ମହାରଣା, ସୁରେନ୍ଦ୍ର ଖୁଣ୍ଟିଆ, ପ୍ରଦୀପ ପଲେଇ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତା କୁ ଜଳେଶ୍ୱର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ମାନେ ପରିଚାଳନା କରିଥିଲେ।

## ଆଇସିସି ଅଧ୍ୟକ୍ଷଙ୍କ ସଚେତନତା ଅଭିଯାନ

# ‘ଅଙ୍ଗଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ’



ନୂଆଦିଲ୍ଲୀ: ଆଇସିସି ଅଧ୍ୟକ୍ଷ ଜୟ ଶାହ ଅସହାୟମାନଙ୍କୁ ସାହାଯ୍ୟ କରିବା ପାଇଁ ଅଙ୍ଗଦାନ ଉପରେ ଗୁରୁତ୍ୱ ଦେଇଛନ୍ତି । ସେ ବୁଧବାର ଦିନ ଅହମ୍ମଦାବାଦରେ ଭାରତ ଏବଂ ଇଂଲଣ୍ଡ ମ୍ୟାଚ୍ ବେଳେ ‘ଅଙ୍ଗଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ’ ନାମକ ଏକ ସଚେତନତା ଅଭିଯାନ ଆରମ୍ଭ କରୁଥିବା ନେଇ ସୋସିଆଲମିଡିଆ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ବିସିସିଆଇ ମଧ୍ୟ ଏହି ଅଭିଯାନକୁ ସମର୍ଥନ କରିଛି । ଏନେଇ ବିସିସିଆଇ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରିଛି। ଯେଉଁଥିରେ ଭାରତୀୟ କ୍ରିକେଟର ବିରାଟ କୋହଲି, ଗିଲ, ରାହୁଲ, ଅକ୍ଷର, ଶ୍ରେୟସ ଆୟର, ରବିନ୍ଦ୍ର ଜାଡେଜା ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଆଦି ଅଙ୍ଗଦାନ କରି ହଜାର ହଜାର ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଲୋକଙ୍କୁ ବାର୍ତ୍ତା ଦେଉଛନ୍ତି । ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଅଧ୍ୟକ୍ଷ ଜୟ ଶାହ ନିଜର ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ଲେଖିଛନ୍ତି, ଫେବୃଆରୀ ୧୨ରେ ଅହମ୍ମଦାବାଦରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଚାଲିଥିବା ତୃତୀୟ ଦିନିକିଆ ମ୍ୟାଚ ବଳେ, ଆମେ ‘ଅଙ୍ଗ ଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ’ ନାମକ ଏକ ସଚେତନତା ପଦକ୍ଷେପ ଆରମ୍ଭ କରୁଥିବାରୁ ଆମ୍ଭେମାନେ ଗର୍ବିତ । କ୍ରୀଡାର ଦ୍ୱାରା ପ୍ରେରଣା ଦେବା, ଏକତା ଆଣିବା ଏବଂ ପଡ଼ିଆ ବାହାରେ ଓ ଭିତରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବାର ଶକ୍ତି ଅଛି। ଗୋଟିଏ ସଂକଳ୍ପ, ଗୋଟିଏ ନିଷ୍ପତ୍ତି, ଏକାଧିକ ଜୀବନ ରକ୍ଷା କରିପାରିବ। ସୂଚନାଥାଉକି, ଭାରତ- ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ଶେଷ ମ୍ୟାଚ୍ ୧୨ ଫେବୃଆରୀ ବୁଧବାର ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ । ପୂର୍ବରୁ ଦୁଇଟି ମ୍ୟାଚରେ ଭାରତ ଦଳ ବିଜୟ ହାସଲ କରି ଆଗୁଆ ସିରିଜ ହାତେଇ ସାରିଛି।

## ବ୍ଲକ୍‌ସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଟାଉନ୍ ହଲ୍ ଠାରେ ଓଡିଶା ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ମିଳିତ ଆନୁକୁଲ୍ୟରେ ବୌଦ୍ଧ ବ୍ଲକ ସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବାଲ୍ୟ ବିବାହ ନିରାକରଣ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ରୁପକ ମହାପାତ୍ର, ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳକୃଷ୍ଣ ମଲ୍ଲିକ ମଞ୍ଚାସୀନ ଥିଲେ । ଅତିଥି ମାନେ ପାରିବାରିକ ତଥା ଘରୋଇ ହିଂସା ନିରାକରଣ ଆଇନ୍ ସମେତ ଅନ୍ୟାନ୍ୟ ଆଇନରେ ଥିବା ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ ।

# ତାଇକୋଣ୍ଡୋ କଲର ବେଲ୍ଟ ପରୀକ୍ଷା ଓ ପ୍ରମାଣପତ୍ର ବଣ୍ଟନ ସମାରୋହ




କଣିହାଁ (ଭାସ୍କର ନ୍ୟୁଜ୍) : ଓଡିଶା ଆମାଚ୍ୟୁର ତାଇକୋଣ୍ଡୋ ଏସଏମଏସ ଏକାଡେମୀ ପକ୍ଷରୁ କଲର ବେଲଟ୍ ପରୀକ୍ଷା କରାଯାଇ କୃତୀ ଛାତ୍ର ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଏହି ପରୀପ୍ରେକ୍ଷୀରେ ରବିବାର ଦିନ ଏନଟିପିସି କଣିହାଁ ସ୍ଥିତ ଶିବ ପାର୍ବତୀ ପାର୍କ ଠାରେ କଲର ବେଲଟ ପରୀକ୍ଷା କରାଯାଇଥିଲା। ଯେଉଁଥିରେ ୪୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏସଏମଏସ ଏକାଡେମି ତରଫରୁ ମାଷ୍ଟର ସୁଧାଂଶୁ ପଣ୍ଡା ପରୀକ୍ଷା ପରିଚାଳନା କରିଥିଲେ। ଏଥିରେ ଶିକ୍ଷକ ରାକେଶ କୁମାର ନାଏକ ସହଯୋଗ କରିଥଲେ। ପରେ ଆୟୋଜିତ ଏକ ସଭାରେ ସମ୍ମାନୀତ ଅତିଥି ଭାବରେ ଏସଏମଏସ ଏକାଡେମୀର ପ୍ରତିଷ୍ଠାତା ମାନଗୋବିନ୍ଦ ରାଉଳ, ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ମିଶ୍ର, ସ୍ୱେଚ୍ଛାସେବୀ ମାନସ ପ୍ରଧାନ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଏବଂ ବେଲ୍ଟ ପ୍ରଦାନ କରିଥିଲେ। ଉକ୍ତ ସମାରୋହରେ ଅତିଥି ଗଣ ମାଷ୍ଟର ଅନିଲ କୁମାର ରାଉଳଙ୍କୁ ସାଉଥ କୋରିଆ ୪ର୍ଥ ଡାନ ବ୍ଲାକ ବେଲଟ୍ ଓ ଶ୍ରୀଦେବୀ ପ୍ରଧାନଙ୍କୁ ସାଉଥ କୋରିଆ ୨ୟ ଡାନ ବ୍ଲାକ ବେଲ୍ଟ ପ୍ରଦାନ କରିଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ ନେଇ ତେଜିଲା ଅସନ୍ତୋଷ

ନିଆଳି (ଭାସ୍କର ନ୍ୟୁଜ) : ଓଡିଶା ରାଜ୍ୟ ମହିଳା କମିଶନ ପକ୍ଷରୁ ପୂର୍ବାହ୍ନ ଆଜି ନିଆଳି ବ୍ଲକ ନୂଆଗାଁର ଉଷା ମଣ୍ଡପ ଠାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ଓ ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ଶୁଭ୍ର ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଓ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସଂଯୁକ୍ତା ଘଡେଇ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ ଓ ଅଙ୍ଗନବାଡି ଦିଦି, ଆଶା କର୍ମୀ, କଲେଜ ଛାତ୍ରୀ , ଅଦ୍ୱିକା କିଶୋରୀ, ମହିଳା ସରପଞ୍ଚ, ସମିତିସଭ୍ୟ, ମେଡିକାଲ ଅଫିସର, ପ୍ରାଚୀ ମହିଳା କଲେଜ ର ଅଧ୍ୟକ୍ଷ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳାମାନଙ୍କ ଉପରେ ହେଉଥିବା ଘରୋଇ ହିଂସା ସମ୍ପର୍କରେ ସଚେତନତା ଏବଂ ସେମାନଙ୍କ ପାଇଁ ଥିବା ନିୟମ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷ ପ୍ରମୋଦ କୁମାର ଆଚାର୍ଯ୍ୟ ନାରୀ ସଶକ୍ତିକରଣ ଉପରେ ଆଲୋଚନା କରିଥିଲେ ଓ କର୍ମଜୀବି ମହିଳାଙ୍କ ସୁରକ୍ଷା, କର୍ମକ୍ଷେତ୍ର ବା ନିଜ ଘରେ ହେଉ ଥିବା ନିର୍ଯାତନାର ମୁକାବିଲା ଏବଂ ଏ ସମ୍ପର୍କିତ ଆଇନ ଉପରେ ଆଲୋଚନା କରାଯାଇଥିଲା। ଏହା ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ବ୍ଲକ ରେ ଦୁଇ ଦୁଇଟି ମିଟିଂ ହଲ ଥାଇ ମଧ କାହିଁକି ମଣ୍ଡପ ରେ କରାଗଲା। ଏସ. ଓ. ଜି. ମା ମାନଂକୁ ଦଳୀୟ ଭିତିକ ଡକାଯାଇଥିବା ଅଭିଯୋଗ ହୋଇଛି।

# ମା’ ମାଉଲିଙ୍କ ଯାତ୍ରା ମହା ଆଡମ୍ବରରେ ପାଳିତ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ବ୍ଲକ ଅନ୍ତର୍ଗତ ଚଲାଣଗୁଡା ଠାରେ ରହିଥିବା ମାଁ ମାଉଲିଙ୍କ ମନ୍ଦିରରେ ମାଘ ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ତିନି ଗୋଟି ପଂଚାୟତର ୫୫ଟି ଗାଁରୁ ଲାଠି ଆସିବା ପରେ ପାରଂପାରିକ ରୀତିରେ ପୂଜାର୍ଚ୍ଚନା କରାଯାଇ ଯାତ୍ରା ଆରମ୍ଭ ହୋଇଥିଲା । ନୁଆଁଗୁଡା ପୁରହିତ ଘର ଠାରୁ ମା ବିମାନ ଯୋଗେ ସୋମବାର ଗ୍ରାମ ଦେବି ଠାରେ ପୂଜାଅର୍ଚନା ପରେ ସନ୍ଧ୍ୟା ସମୟରରେ ବିମାନ ଯୋଗେ ମୁଖ୍ୟ ମନ୍ଦିରରେ ପହଞ୍ଚିଥିଲେ । ମଙ୍ଗଳବାର ଦିନ ମାଉଲି ମାଁ ଙ୍କ ଯାତ୍ରାରେ ହଜାର ହଜାର ଭକ୍ତ ମାଲକାନଗିରି ଜିଲ୍ଲା ସମେତ ଛତିଶଗଡର ସୀମାନ୍ତ ଗ୍ରାମଗୁଡିକରୁ ଏହି ଯାତ୍ରା ଦେଖିବା ପାଇଁ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା । ପ୍ରତିବର୍ଷ ମାଘ ମାସରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ । ଭକ୍ତମାନେ ନିଜର ମାନସିକ ପୂରଣ ହୋଇଥିଲେ ଏଠାରେ ମା’ଙ୍କ ନିକଟରେ ବଳି ମଧ ଦେଇଥାନ୍ତି । ଛେଳି, ବତକ, କୁକୁଡା ଆଜି ବଳି ଦିଆଯାଉଥିବା ଦେଖିବାକୁ ମିଳିଥିଲା । ପାରଂପାରିକ ବାଦ୍ୟର ତାଳେ ତାଳେ ଭକ୍ତମାନେ ନାଚୁଥିବା ମଧ ଦେଖିବାକୁ ମିଳିଥିଲା ।ମାଁ ମାଉଲିଙ୍କ ପୂଜାର୍ଚ୍ଚନା ପାଇଁ ମୁଖ୍ୟ ପୂଜାରୀ ବୁଦ୍ରା ଦୁରୁଆ ଏବଂ ପ୍ରଦୀପ କୁମାର ଧାରୁଆ ରହିଛନ୍ତି । ଯାତ୍ରାକୁ ଆଖି ଆଗରେ ରଖି ମୀନାବଜାର ସହ ବଡ ବଡ ଦୋକାନ ବଜାର ମଧ ପଡିଛି । ସନ୍ଧ୍ୟା ସମୟରେ ଏଠାରେ ଦୂର ଦୁରାନ୍ତରୁ ଅଧିକା ଲୋକଙ୍କ ସମାଗମ ହେବାର ଆଶଂକା ରହିଛି । ସେହିପରି ଦୂର ଦୁରାନ୍ତରୁ ଆସିଥିବା ଏବଂ ସ୍ଥାନୀୟ ଅଞ୍ଚଳରୁ ଆସିଥିବା ଭକ୍ତମାନଙ୍କ ପାଇଁ ଅର୍ଣ୍ଣ ଭୋଗର ବ୍ୟବସ୍ଥା ମଧ କରାଯାଇଛି । ପ୍ରଥମ ରାତିରେ ଦେଶିଆ ନାଟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଯାତ୍ରାରେ ଶାନ୍ତି ଶୃଙ୍ଖଳା ପାଇଁ ମାଁ ମାଉଲି ପୂଜା କମିଟି ତରଫରୁ କଡା ସୁରକ୍ଷାର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି । ଏହି ଯାତ୍ରା ପରିଚାଳନା ଏବଂ ଶୃଙ୍ଖଳିତ କରିବା ପାଇଁ ପୂଜା କମିଟି ଗଠନ କରାଯାଇଥିଲା ପୂଜା କମିଟିର ସଭାପତି ଇର୍ମା ପଡିଆମୀ, ସମ୍ପାଦକ ଅରକ୍ଷିତ ନାୟକ, ପଡିଆ କଓ୍ୱାସି, ରବୀନ୍ଦ୍ର କୁମାର ଜେନା,ଇନ୍ଦ୍ରକୁମାର ପଣ୍ଡା, ଗଙ୍ଗା ଧାରୁଆ, ବିଶ୍ୱନାଥ ଧାରୁଆ,ବିଶୁ ଧାରୁଆ, ଗଙ୍ଗାଧର ଧାରୁଆ, ସୀତାରାମ ଦୁରୁଆ,ମୁନା ମାଡକାମୀ, ପାଣ୍ଡୁ ପଡିଆମି,ସୋନୁରାମ ନାୟକ,ଭିମା ଧାରୁଆ,ମାଶା ଦୁରୁଆ,ମୁୟା ଦୁରୁଆ ଏବଂ ଅନ୍ୟମାନଙ୍କ ପ୍ରତୋକ୍ଷ ତତ୍ତ୍ୱାବଧାନରେ ମା ମାଉଲିଙ୍କ ଯାତ୍ରା ଶୃଙ୍ଖଳାରେ ପରିଚାଳନା ହୋଇଥିଲା ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଧର୍ମେନ୍ଦ୍ରଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଅନ୍ତୋଦୟ ଓ ଏକାତ୍ମ ମାନବବାଦର ପ୍ରଣେତା, ଭାରତୀୟ ଜନସଂଘର ପ୍ରତିଷ୍ଠାତା ସଦସ୍ୟ ଏବଂ ଆମ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପଥ ପ୍ରଦର୍ଶକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ ତାଙ୍କ ଚରଣରେ କୋଟିକୋଟି ପ୍ରଣାମ । ତାଙ୍କ ଜୀବନ ଭାରତୀୟ ସଂସ୍କୃତି, ରାଷ୍ଟ୍ରବାଦ ଓ ଜନସେବାର ପ୍ରତି ପୂର୍ଣ୍ଣ ସମର୍ଥନର ଉଦାହରଣ ଅଟେ । ସେ ରାଜନୀତିକୁ ସେବା ମାଧ୍ୟମରେ ମାନିବା ସହ ସମାଜର ଅନ୍ତିମ ବ୍ୟକ୍ତି ଯାଏ ବିକାଶର ଆଲୋକ ପହଞ୍ଚାଇବା ପାଇଁ ସଂକଳ୍ପ ନେଇଛନ୍ତି । ସେ ରାଷ୍ଟ୍ରର ଆର୍ଥିକ, ସାମାଜିକ ଓ ରାଜନୈତିକ ପୁନରୁତ୍ଥାନ ପାଇଁ ଯେଉଁ ଦୃଷ୍ଟି ପ୍ରସ୍ତୁତ କରିଥିଲେ, ତାହା ଆଜି ବି ପ୍ରାସଙ୍ଗିକ ଅଟେ । ତାଙ୍କ ରାଷ୍ଟ୍ରଭକ୍ତି, ତ୍ୟାଗ ଓ ବିଚାରଧାରା ଆଜି ବି ଆମ ସମସ୍ତଙ୍କ ପାଇଁ ପ୍ରେରଣାସ୍ରୋତ ଅଟେ ।

## କ୍ରିକେଟ ମ୍ୟାଚରେ ଲାଇନ କଟିବା ଶକ୍ତି ବିଭାଗର ଭୁଲ ନାହିଁ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ରିକେଟ ମ୍ୟାଚରେ ଯେଉଁ ଲାଇନ କଟିଲା, ସେଥିରେ ଶକ୍ତି ବିଭାଗର କିଛି ଭୁଲ ନାହିଁ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କେଭି ସିଂହଦେଓ। ଲାଇନ ଜେନେରେଟରରୁ ଚାଲୁଥିଲା । ବିଦ୍ୟୁତ କାଟ ହୋଇଥିଲେ ପୁରା ଷ୍ଟାଡିଅମ ଅନ୍ଧାର ହୋଇଥାନ୍ତା । ଷ୍ଟାଡିଅମ ଜେନେରେଟର ପୋଡି ଯିବାରୁ ଲାଇନ ନଥିଲା । ଯେଉଁଥିପାଇଁ ଅଧ ଘଣ୍ଟା ଖେଳ ବନ୍ଦ ରହିଲା । ଏହି ଜେନେରେଟର ଓସିଏର ଥିଲା ବୋଲି କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ।

# ମହାବୀର କ୍ରିକେଟ୍ କପ୍ ଉଦ୍‌ଯାପିତ



କାକଟପୁର (ଭାସ୍କର ନ୍ୟୁଜ୍) : କାକଟପୁର ମଙ୍ଗଳା ମନ୍ଦିର ନିକଟ ନୂତନ ପାର୍କଂ ପଡିଆ ଠାରେ କାକଟେଶ୍ୱରୀ ୟୁଥ କ୍ଲବ ତଥା (୧୮) ତମ ମହାବୀର କ୍ରିକେଟ କପ ଉଦଯାପିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଏହି ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରେ (୧୬) ଗୋଟି କ୍ରିକେଟ ଟିମ ଭାଗ ନେଇଥିଲେ। ୧୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ବଲରା କ୍ରିକେଟ କ୍ଲବ ଓ ଭଣ୍ଡାଘର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ ଭଣ୍ଡାଘର କ୍ରିକେଟ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ (୧୦) ଓଭର ରେ ସମସ୍ତ ଉଇକେଟ ହରାଇ ୪୬) ରନ ସଂଗ୍ରହ କରିଥିଲା। (୪୭) ରନର ବିଜୟ ଲକ୍ଷ୍ୟ ନେଇ ବଲରା କ୍ରିକେଟ କ୍ଲବ (୭) ଓଭରରେ ୩ ଉଇକେଟ ହରାଇ (୪୭) ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବଲରାର ଆକାଶ ଦାସ ମ୍ୟାନ ଅଫ ଦ ମ୍ୟାଚ ଘୋଷିତ ହୋଇ ପୁରସ୍କାର ପାଇଥିଲେ। ଆୟୋଜିତ ଫାଇନାଲ ଟୁର୍ଣ୍ଣାମେଣ୍ଟରେ କ୍ଲବର ସଭାପତି ଭବାନୀ ଶଙ୍କର ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ସମ୍ମାନୀତ ଅତିଥି ଭାବେ ଡ଼ଃ କେଦାର ନାଥ ଦୀକ୍ଷିତ, ସୁମିତ୍ରା ପରିଡ଼ା, ପ୍ରଦୀପ୍ତ କୁମାର ଦୀକ୍ଷିତ, ସୁଦର୍ଶନ ସ୍ୱାଇଁ, ରତିକାନ୍ତ ବେହେରା, କାଳନ୍ଦୀ ଦୀକ୍ଷିତ, ସଲିଳ ରଞ୍ଜନ ଦୀକ୍ଷିତ, ପବିତ୍ର ଦୀକ୍ଷିତ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ (୧୭୦୦୦) ଟଙ୍କା ସହିତ ସିଲଡ଼ ଓ ରନର୍ସ ଦଳକୁ (୧୧୦୦୦) ଟଙ୍କା ଓ ସିଲଡ଼ ପ୍ରଦାନ କରିଥିଲେ, ଖେଳ ପରିଚାଳନା କରିଥିଲେ ରାଜେଶ ଦୀକ୍ଷିତ ଓ ସତ୍ୟପ୍ରିୟ ଦୀକ୍ଷିତ କ୍ଷ କ୍ଲବ ପକ୍ଷରୁ ରାଜେଶ ପାଢ଼ୀ, ଦିନେଶ ଦୀକ୍ଷିତ,ସୂର୍ଯ୍ୟକାନ୍ତ ଦୀକ୍ଷିତ,ରାଜନ,କାହ୍ନା, ଶିବ, ଅମ୍ବୁ, ଲାଲୁ, ନାନୁଆ,ଲଡୁ, ସଚୀନ, ରାଜା, ଲିପୁ, ଶିବୁନ, ଇଲୁ,ପିଣ୍ଟୁ, ମନୁଆ ଓ ଅନ୍ୟ ସଭ୍ୟ ମାନେ ସହଯୋଗ କରିଥିଲେ।

# ଜିଲ୍ଲା ଗାଁ ସାଥୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ




ବୌଦ୍ଧ (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା ଗାଆଁ ସାଥୀ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା କଚେରୀ ଖେଳପଡିଆରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ଗାଆଁ ସାଥୀ ସଂଘ ସଭାନେତ୍ରୀ ମହିମା ବତୀ ଭୋଇ, ସମ୍ପାଦକ ଠାକୁର ଚରଣ ନାଏକ ଓ କୋଷାଧକ୍ଷ ବିଶାଳ ହାତୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ଗ୍ରାମରୁ ଆସିଥିବା ଗାଆଁ ସାଥୀ ମାନେ କଚେରୀ ପଡିଆ ଠାରୁ ବିଭିନ୍ନ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନଙ୍କ ୫ ଦଫା ଦାବି ମଧ୍ୟରେ ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ରାଶି ୧୨ ହଜାର ଟଙ୍କା ପ୍ରଦାନ, ଲିଗାଲ ଗାଁ ସାଥୀଙ୍କ ଡାଟାବେଶ ପ୍ରସ୍ତୁତ, ଗାଁ ସାଥୀମାନଙ୍କୁ ପରିଚୟ ପତ୍ର ପ୍ରଦାନ, ନକଲି ଗାଁ ସାଥୀଙ୍କୁ ହଟାଯିବାର ବ୍ୟବସ୍ଥା, ଗାଁ ସାଥୀମାନଙ୍କୁ ତାଲିମ ପ୍ରଦାନ ବ୍ୟବସ୍ଥା ପ୍ରମୁଖ ରହିଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ୍ ସଭାପତି ରେମନ୍ତ ବାଘ, ସମ୍ପାଦକ ଲିଙ୍ଗରାଜ ପ୍ରଧାନଙ୍କ ସମେତ ହରଭଙ୍ଗା ଓ କନ୍ଧମାଳ ବ୍ଲକ୍ ସଙ୍ଘର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ମଡର୍ଣ୍ଣ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସହରର ମହାବୀରପଡାଠାରେ ଥିବା ମଡର୍ଣ୍ଣ ପବ୍ଲିକ୍ ସ୍କୁଲର ୧୨ତମ ବାର୍ଷିକ ଉତ୍ସବ-୨୦୨୪ ଏକ ମନୋଜ୍ଞ ପରିବେଶ ମଧ୍ୟରେ ୧୦ ତାରିଖ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ନିର୍ଦ୍ଦେଶକ ମହମ୍ମଦ ୟୁସୁଫ୍ ଆବାସ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟାର୍ ତଥା ଇଂରାଜୀ ବିଭାଗ ମୁଖ୍ୟ ଡ.ଜୟଦେବ ସାହୁ, ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଏହି ବିଦ୍ୟାଳୟର ଉପଦେଷ୍ଟା ତଥା ବିଶିଷ୍ଟ ଶିକ୍ଷାବିତ୍ ଡ. ଉମେଶ ଚନ୍ଦ୍ର ଶତପଥୀ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରା, ଏମ୍‌ଏସ୍‌ଏର ସମ୍ପାଦକ ସତ୍ୟନାରାୟଣ ସିଂହ ଓ ବରିଷ୍ଠ ସାମ୍ବାଦିକ ଲଳିତ କାନୁନଗୋ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ମାନଙ୍କ ପ୍ରାରମ୍ଭିକ ସଂଗୀତ ପରିବେଷଣ ପରେ ଶିକ୍ଷୟିତ୍ରୀ ଦୀପିକା ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶିକ୍ଷୟିତ୍ରୀ ଦେବସ୍ମିତା ରଥ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ନିର୍ଦ୍ଦେଶକ ମହମ୍ମଦ ୟୁସୁଫ୍ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସଂପ୍ରତି ଛୋଟପିଲା ମାନେ ମୋବାଇଲ ଫୋନ୍ ପ୍ରତି ଅଧିକ ଆକର୍ଷିତ ହେଉଥିବା ଓ ବାପା ମାଆମାନେ ମଧ ମୋବାଇଲରେ ଅଧିକ ସମୟ ଦେଉଥିବା ହେତୁ ପିଲା ଠିକ୍ ରୂପେ ପାଠପଢି ପାରୁ ନଥିବା କଥା କହି ଅତିଥି ମାନେ ଏସବୁ ଠାରୁ ପିଲାମାନଙ୍କୁ ଦୂରରେ ରଖିବାକୁ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ ଆନ୍ତରିକ ଭାବେ ଛୋଟ ପିଲା ମାନଙ୍କ ମାନସିକତାକୁ ଅଧ୍ୟୟନ କରି ଶିକ୍ଷା ଦାନ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାଲାଭ ଏବଂ ବିଦ୍ୟାଳୟର ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ୨୦୨୪-୨୫ ବର୍ଷ ନିମନ୍ତେ 'ଷ୍ଟୁଡେଣ୍ଟ୍ ଅଫ୍ ଦି ଇୟର' ଭାବେ ଷଷ୍ଠଶ୍ରେଣୀର ଛାତ୍ରୀ ଆୟୁଷୀ ମହାନନ୍ଦିଆଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ ଏ ବର୍ଷ ପାଇଁ 'ଡାକ୍ତର ଗଫୁର ମହମ୍ମଦ ଛାତ୍ର ବୃତ୍ତି' ତୃତୀୟ ଶ୍ରେଣୀର ଛାତ୍ର ଘାସିରାମ ବାଘେଲଙ୍କୁ ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟ ଶେଷରେ ଶିକ୍ଷୟିତ୍ରୀ ପ୍ରିୟଙ୍କା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଓ ପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ଜ୍ୟୋସ୍ନା ବିଶି ଓ ଶିକ୍ଷକ ଧର୍ମେନ୍ଦ୍ର ମୁଣ୍ଡ। ଏହି ବାର୍ଷିକ ଉତ୍ସବକୁ ସଫଳ କରିବାରେ ବିଦ୍ୟାଳୟର ସସ୍ମିତା ଝାଙ୍କର, ମିନତି ପଣ୍ଡା, ଚିନ୍ମୟୀ ଷଡ଼ଙ୍ଗୀ, ଦେବଶ୍ରୀତା ରଥ,ପ୍ରଣତି ପଣ୍ଡା, ଧର୍ମେନ୍ଦ୍ର ମୁଣ୍ଡ, ପ୍ରତୀକ ନାଏକ, ତନୁଜା ପୂଜାରୀ, ଜ୍ୟୋସ୍ନାରାଣୀ ବିଶି, ପ୍ରତୀକ୍ଷା ବେହେରା, ଘାସିରାମ ହରିଚନ୍ଦନ, ଯମୁନା ଚଲାନ, କବିତା ରାଉତ ଓ ଧରଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଫାଇଲେରିଆ ନିରାକରଣ ଅଭିଯାନ ତଥା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ଏନ୍‌ଏ ସି ଚେୟାରମ୍ୟାନ ହିମାଦ୍ରୀ ନାଏକ, ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବିଡ଼ିଓ ଦେବାଶିଷ କର, ଜୁନାଗଡ଼ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଖିଲୋ, ଜୁନାଗଡ଼ ଗୋଷ୍ଠୀ କେନ୍ଦ୍ର ଡାକ୍ତର ପ୍ରହଲ୍ଲାଦ ନାଏକ, ଜୁନାଗଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂହ ଦେଓ, ଏବିଇଓ ସୁଶାନ୍ତ ଠାକୁର, ବିପିଏମ୍ ଏମ. ରାଜଶେଖର, ୱାର୍ଡ ମେମ୍ବର କାହ୍ନୁ ବୈଠାରୁ ପ୍ରମୁଖ ଯୋଗଦାନ କରି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଫାଇଲେରିଆ ରୋଗ ଓ ତାର ନିରାକରଣ ଉପରେ ଅବଗତ କରିଥିଲେ। ଶେଷରେ ଉପସ୍ଥିତ ଥିବା ସମସ୍ତ ଛାତ୍ରଛାତ୍ରୀ ଓ ଅତିଥି ମାନେ ସାମୁହିକ ଭାବେ ଔଷଧ ସେବନ କରିଥିଲେ। ଫାଇଲେରିଆ ରୋଗ ଓ ନିରାକରଣ ଉପରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରିଚାଳନା କରିଥିଲେ ବିଭାଗୀୟ ସୁପରଭାଇଜର ପ୍ରିୟ ରଞ୍ଜନ ମୁଣ୍ଡ। ଏହି ଫାଇଲେରିଆ ନିରାକରଣ ଅଭିଯାନ ଆଜିଠାରୁ ଫେବୃଆରୀ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।




## ଦଶମ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




କୋକସରା,(ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଏନଗୁଡାରେ ସୋମବାର ନବମ ଶ୍ରେଣୀ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପୂର୍ବରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଉପେନ୍ଦ୍ର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ପରିଚାଳନା କମିଟି ସଦସ୍ୟ ଭଜମନ ନାଏକ, କୃଷ୍ଣଚନ୍ଦ୍ର ନାଏକ, ହରିଶ୍ଚନ୍ଦ୍ର ନାଏକ, ସାମ୍ବାଦିକ ଜଗଦୀଶ ନାଏକ, ଶିକ୍ଷକ ଘନଶ୍ୟାମ ବେହେରା, ଶୋଳପାଣି ଦାଶ, କପିଳେନ୍ଦ୍ର ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିବା ସହ ଆଗକୁ ହେବାକୁ ଥିବା ମାଟ୍ରିକ ପରୀକ୍ଷାରେ ଭଲ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଦେବାକୁ ମତବ୍ୟକ୍ତ କରିଥିଲେ। ଏହି କ୍ରମରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ବିତେଇଥିବା ଦିନକୁ ନିଜ ନିଜ ବକ୍ତବ୍ୟରେ ବଖାଣି ଭାବ ବିହ୍ୱଳ ହୋଇ କାନ୍ଦି ପକେଇଥିଲେ। ପରେ ନବମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ଲକ୍ଷ୍ମୀଧର ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଭାଲୁ ଧରାକୁ ନେଇ ଫରେଷ୍ଟର-ସାମ୍ବାଦିକ ହାତାହାତି



କୋକସରା, (ଭାସ୍କର ନ୍ୟୁଜ୍ ) : ବଣଜଙ୍ଗଲର ଦ୍ରୁତ କ୍ଷୟ ଯୋଗୁଁ ବନ୍ୟଜନ୍ତୁ ଜନବସତି ମୁହାଁ ହେଉଛନ୍ତି। ଗୋଟିଏ ପଟେ ବନ୍ୟପ୍ରାଣୀଙ୍କ ଜୀବନ ବିପଦ ମଧ୍ୟରେ ରହୁଥିବାବେଳେ ଜନଜୀବନ ମଧ ପ୍ରଭାବିତ ହେଉଛି। ଗତ କିଛିଦିନ ହେଲା କୋକସରା ବ୍ଲକର ବିଭିନ୍ନ ସ୍ଥାନରେ ଜଙ୍ଗଲି ଭାଲୁ ଆତଙ୍କ ଦେଖାଯାଇଛି। ସୋମବାର କାଉଡୋଲା ଗାଁର ନିକଟସ୍ଥ ଜଙ୍ଗଲରୁ ଏକ ଭାଲୁ ପଶି ଆସିଥିଲା। ଭାଲୁ ଗାଁରେ ପଶିଥିବାରୁ ଲୋକେ ଆତଙ୍କିତ ହୋଇ ଉଠିଥିଲେ। ଏହାକୁ ନେଇ ସାମ୍ବାଦିକ ତ୍ରିଲୋକ୍ୟ ବେଶ୍ରା ଆମପାଣି ଫରେଷ୍ଟ ସେକ୍ସନର ଫରେଷ୍ଟରଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଅନେକ ସମୟ ଅତିବାହିତ ହେବାପରେ ମଧ ବନବିଭାଗର କର୍ମଚାରୀ ଭାଲୁ ପଶିଥିବା କାଉଡୋଲା ଗାଁକୁ ଆସି ନଥିଲେ। ଏହାପରେ ସାମ୍ବାଦିକ ଶ୍ରୀବେଶ୍ରା ବନବିଭାଗର ରେଞ୍ଜରଙ୍କୁ ଫୋନ କରିଥିଲେ। ପରେ ଫରେଷ୍ଟର ଡେରିରେ ଆସିବାରୁ ସାମ୍ବାଦିକ ଶ୍ରୀବେଶ୍ରା ତାଙ୍କ ମତାମତ ନେବାକୁ ଚାହିଁଥିଲେ। ଫରେଷ୍ଟର ଚିତ୍ତରଞ୍ଜନ ବେହେରା ଉତ୍‌କ୍ଷିପ୍ତ ହୋଇ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଯୁକ୍ତି ତର୍କ ହେବା ସହ ତାଙ୍କ ମୋବାଇଲ ଛଡାଇ ନେବାକୁ ଚେଷ୍ଟା କରିଥିବାବେଳେ ଉଭୟଙ୍କ ମଧ୍ୟରେ ହାତାହାତି ହୋଇଥିବା ସାମ୍ବାଦିକ ଜଣକ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଉଭୟଙ୍କ ପକ୍ଷରୁ ଆମପାଣି ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଉକ୍ତ ଘଟଣାକୁ ନେଇ କଳାହାଣ୍ଡି ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ କୋକସରା ବ୍ଲକ ସଙ୍ଘ ପକ୍ଷରୁ ଦୃଢ଼ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ଏନେଇ ଫରେଷ୍ଟର ଚିତ୍ତରଞ୍ଜନ ବେହେରାଙ୍କ ମତାମତ ନେବାରୁ ମୋତେ ଦୁର୍ବ୍ୟବହାର କରିବା ସହ ଠେଲାପେଲା କରିଛନ୍ତି। ମୋର ଆତ୍ମ ସୁରକ୍ଷା ପାଇଁ ଥାନାର ଦ୍ୱାରସ୍ଥ ହୋଇଛି ଏବଂ ଆମ ଉପରିସ୍ଥ ଅଧିକାରୀଙ୍କୁ ମଧ ଜଣାଇଛି ବୋଲି କହିଛନ୍ତି।

## କର୍ଲାମୁଣ୍ଡା ବ୍ଲକର ବଜରଙ୍ଗଦଳ ସମାବେଶ




କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତିପୀଠରେ କର୍ଲାମୁଣ୍ଡା ବ୍ଲକ ବଜରଙ୍ଗଦଳ ପ୍ରମୁଖ ସଂଯୋଗ ସୁଶାନ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବଜରଙ୍ଗଦଳ ପକ୍ଷରୁ ସମାବେଶ ସୋମବାର ଅନୁଷ୍ଠିତ ହୋଇଥିଲା। ଏବଂ ହିନ୍ଦୁଧର୍ମ ପ୍ରତି ହେଉଥିବା ବିଭିନ୍ନ ପ୍ରକାର କୁଠାରଘାତ ଓ କିଛି ଅସାମାଜିକ ଯୁବକଙ୍କ ଅଶୋଭନୀୟ ମନ୍ତବ୍ୟ ହିନ୍ଦୁ ଦେବଦେବୀ ମାନଙ୍କୁ ଦେଉଥିବାରୁ ଆଗାମୀ ଦିନରେ ବଜରଙ୍ଗଦଳ ପ୍ରତିବାଦ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସମାବେଶରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ ମତପ୍ରକାଶ କରିଥିଲେ। ଆୟୋଜିତ ସମାବେଶ କାର୍ଯ୍ୟକ୍ରମରେ ସୁଶାନ୍ତ ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ନୂତନ ଭାବେ ନିର୍ବାଚିତ ହୋଇଥିବା ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼୍, ସମ୍ମାନିତ ଅତିଥି ଯୋରାଭ୍ରବରା ମଣ୍ଡଳ ସଭାପତି ଯୋତିନ୍ଦ୍ର ସାହୁ, କର୍ଲାମୁଣ୍ଡା(କ)ଜୋନ ମଣ୍ଡଳ ସଭାପତି ଡୋଳାମଣି ଭୋଇ, ପୂର୍ବତନ ମଣ୍ଡଳ ସଭାପତି ସଂଜୟ ଜୈନ, ଚାଷୀ ନେତା ଦୟାନିଧି ସାହୁ, ଅତିଥି ଭାବେ ଯୋଗଦେଇ ହିନ୍ଦୁ ସଂସ୍କୃତି ପରମ୍ପରାକୁ ଆଗେଇ ନେବା ପାଇଁ ବକ୍ତବ୍ୟ ଦେଇଥିଲେ। ପରିଶେଷରେ ସମାଜ ସେବୀ ସରୋଜ ସାହୁଙ୍କୁ ବଜରଙ୍ଗଦଳ ପକ୍ଷରୁ ଏକ ସମ୍ବର୍ଦ୍ଧନା ମଧ ଦିଆଯାଇଥିଲା। ଏଥିରେ ଜ୍ୟୋତିରଞ୍ଜନ ପଧାନ, ହିମାଂଶୁ ରଣା ମହେନ୍ଦ୍ର ପ୍ରଧାନୀ ଚୁନୁ ପଟ୍ଟନାୟକ, ଗୁଣନିଧି ସାହୁ ସୀତାରାମ ରଣା, ରଂଜନ ରଣା, ପ୍ରମୁଖ ସହଯୋଗ କରିଥିବା ବେଳେ ସୁଧାଂଶୁ ଶେଖର ସାହୁ ଅତିଥି ପରିଚୟ ଦେବା ସହିତ ପରିଶେଷରେ ସଭାସାଙ୍ଗ କରି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବାରଟି ପଞ୍ଚାୟତର ବଜରଙ୍ଗଦଳ କର୍ମକର୍ତ୍ତା ଏବଂ ଭାଜପାର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ଦୋରା ସମାଜର ନୂତନ କମିଟି ଗଠିତ

ନର୍ଲା, (ଭାସ୍କର ନ୍ୟୁଜ୍ ) : ମଣିଷ ଏକ ସାମାଜିକ ପ୍ରାଣୀ। ସେଥିପାଇଁ ମଣିଷ ନିଜ ନିଜ ଜାତି ଓ ସମ୍ପ୍ରଦାୟକୁ ନେଇ ଗର୍ବ ଅନୁଭବ କରିବା ସହିତ ସଂଗଠନକୁ ସୁଦୃଢ଼ କରିବାକୁ କମିଟି ଗଠନ କରି ଥାଏ। ଠିକ୍ ସେହିଭଳି କଳାହାଣ୍ଡି ଜିଲ୍ଲା ନର୍ଲା ଅଞ୍ଚଳର ୧୩ ଖଣ୍ଡ ଗାଁର ଦୋରା ସମ୍ପ୍ରଦାୟର ଲୋକେ ଏକ ନୂତନ କମିଟିର ଗଠନ କରିଛନ୍ତି। ପୂର୍ବରୁ ଚାଲିଥିବା ପୁରୁଣା କମିଟିର କାର୍ଯ୍ୟକାଳ ୫ ବର୍ଷ ହୋଇଥିବାରୁ କମିଟିର ସମସ୍ତ ପଦ ପଦବୀରେ ଥିବା ସଦସ୍ୟ ଏକ କାଳୀନ ଇସ୍ତଫା ଦେଇଥିଲେ। କଳାହାଣ୍ଡି ଦୋରା ମହାସଂଘର ସଭାପତି ଦଶରଥ ପାତ୍ରଙ୍କ ଉପସ୍ଥିତିରେ ନୂତନ କମିଟି ଗଠନ କରାଯାଇଥିଲା। ନୂତନ କମିଟିରେ ସଭାପତି ସୁଦର୍ଶନ ଦୋରା, ଉପସଭାପତି ରାମାରାଓ ଦୋରା, ସମ୍ପାଦକ ମଧୁସୂଦନ ଦୋରା, ସହ ସମ୍ପାଦକ ଗୋବିନ୍ଦ ପାତ୍ର, କୋଷାଧ୍ୟକ୍ଷ ସରୋଜ କୁମାର ଦୋରା, ମଣ୍ଡଳ ନାୟକ ଉପେନ୍ଦ୍ର ଦୋରା, ଦଳ ବେହେରା ବୁଦ୍ଧୁ ଦୋରା, ସଂଯୋଜକ ଖଗେଶ୍ୱର ଦୋରା ଓ ପ୍ରସ୍ତାବଙ୍କ ମଧ୍ୟରେ ଶଙ୍କର ଦୋରା, ଥବିର ଦୋରା, ପଦ୍ମନ୍ ଦୋରା, ସରୋଜ ଦୋରା, କୃଷ୍ଣଚନ୍ଦ୍ର ଦୋରା, ପ୍ରଫୁଲ୍ଲ ଦୋରା, ବଡ଼ ଦୋରା ଓ ମହେନ୍ଦ୍ର ଦୋରା ଉପସ୍ଥିତ ଥିଲେ।

## ଯୁବକକୁ ହତ୍ୟା କରିବା ଘଟଣା

## ୨ ଅଭିଯୁକ୍ତ କୋର୍ଟଚାଲାଣ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଜଣେ ଯୁବକକୁ ନିର୍ମମ ହତ୍ୟା କରିଥିବା ଘଟଣାର ପର୍ଦାଫାସ କରିଛି ପୋଲିସ। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଧର୍ମଗଡ଼ ଏସ୍‌ଡିପିଓ ଏକ ପ୍ରେସ ମିଟରେ ସୂଚନା ଦେଇଛନ୍ତି। ସୂଚନା ମତେ କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଗୀତା ଭବନ ଚିର୍କା ଯିବା କେନାଲ ରାସ୍ତାର ଏକ ଖଳା ପାଖରେ ଥିବା ପୋଖରୀରେ ଜୟପାଟଣା ବ୍ଲକ ପଡାର ମନୋଜ କୁମାର ବେହେରା ଓ ଜୟପାଟଣା ଥାନା ଅଧିକାରୀ ଶେଷଦେବ ବେହେରା ପ୍ରେସମିଟ ମାଧ୍ୟମରେ ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ବିଜେନ୍ଦ୍ର ସାହୁ ଓ ସହଯୋଗୀ ମହେଶ ଦାସ ଓରଫ ମଣ୍ଟୁଙ୍କୁ ହତ୍ୟା ଅଭିଯୋଗରେ କୋର୍ଟ ଚାଲାଣ କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଉକ୍ତ ହତ୍ୟାକାଣ୍ଡ ହୋଇଥିବା ବେଳେ ଏଥିରେ ଆଉ କିଏ କିଏ ସାମିଲ ରହିଛନ୍ତି ତାହା ଆଗକୁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଆହୁରି ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା



ସିତରାମ ନାଏକଙ୍କ ବଡ଼ ପୁଅ ପ୍ରମୋଦ ନାଏକ(୩୧)ଙ୍କୁ ଗତ ୭ ତାରିଖରେ ହତ୍ୟା କରି ଫିଙ୍ଗି ଦେଇଥିଲେ। ପୋଲିସ ତଦନ୍ତ ପରେ ଘଟଣାରେ ସମ୍ପୃକ୍ତି ଥିବା ଦୁଇ ଅଭିଯୁକ୍ତଙ୍କୁ ଠାବ କରିଥିଲା। ଗିରଫ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ। ଏ ନେଇ ଧର୍ମଗଡ଼ ଏସ୍‌ଡିପିଓ ମିଳିଛି। ପରିବାର ଲୋକେ ଉକ୍ତ ହତ୍ୟା ଘଟଣାରେ ଅଧିକ ଲୋକ ସାମିଲ ଥିବା ଦାବି ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ହତ୍ୟା ଦିନ ରାତି ୮ ଟାରୁ ପ୍ରମୋଦ ନିଖୋଜ ଥିବା ବେଳେ ସକାଳୁ ଏକ ପୋଖରୀରେ ତାଙ୍କ ମୃତ ଦେହ ମିଳିଥିଲା।

## ଓଡିଶା ଜୀବିକା ମିଶନ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଓଡିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ସୋମବାର ୪ଦଫା ସମ୍ବଳିତ ଏକ ଦାବିପତ୍ର ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ଅନୁପସ୍ଥିତି ହେତୁ ବରିଷ୍ଠ କିରାଣୀ ବିନୋଦ ନାଏକଙ୍କୁ ପ୍ରଦାନ କରାଯାଇଛି। ଦାବି ଗୁଡ଼ିକ ମଧ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଜାରି ନିୟମ ପ୍ରତ୍ୟାହାର ସହ ଏହି ଇସି କର୍ମୀମାନଙ୍କ କାର୍ଯ୍ୟକାଳ ବୃଦ୍ଧି, ସ୍କୁଟି ଋଣ ସର୍ତ୍ତାବଳୀ ଅନୁଯାୟୀ ବାକି ରହିଥିବା କିସ୍ତି ବିଷୟରେ ବିଚାର, ମିଶନ ଶକ୍ତି ଅଧୀନସ୍ଥ ଓଡ଼ିଶା ଜୀବିକା ମିଶନର କାର୍ଯ୍ୟରତ ମହିଳା ଇସି କର୍ମୀଙ୍କୁ ସାମାଜିକ ନିରାପତ୍ତା ଓ କାର୍ଯ୍ୟକାଳ ସମୟରେ ଦୁର୍ଘଟଣା ଜନିତ ବିମା ଯୋଜନା ପ୍ରଦାନ ଆଦି ୪ଟି ଦାବି ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାନେତ୍ରୀ ଗୀତା ରାଣୀ ସୁନାନୀ, ସମ୍ପାଦିକା ମିଥିଲା ଭୋଇ, ପଙ୍କଜିନୀ ମେହେର, ଯାଜ୍ଞସିନି ହଂସ, ଶୈଳ ନାଏକ, ପଦ୍ମିନୀ ଦାସ, ସଂଯୁକ୍ତା ସିଂ ରାଜପୁତ, ସୁମତି ନାଏକ, ସରସ୍ୱତୀ ଶବର, ଲକ୍ଷ୍ମୀ ବେଶ୍ରା, ଗୀତ ଚୌଧାରୀ ସମେତ ଶତାଧିକ ମିଶନ ଜିପିଏଲ୍‌ଏଫ ସଦସ୍ୟ ଉପସ୍ଥିତ ରହିଥିଲେ।

## ଓଜିଆର୍‌ଏସ୍‌ଏସ୍ ସଂଘର ସମ୍ବର୍ଦ୍ଧନା ଓ ବନ୍ଧୁମିଳନ

ଧର୍ମଗଡ଼ (ଭାସ୍କର ନ୍ୟୁଜ) : ଜ୍ୟୋତି ଫାର୍ମ ଠାରେ କଳାହାଣ୍ଡି ଜିଲ୍ଲା ଓଜିଆର୍‌ଏସ୍‌ଏସ୍ ଓ ଏଡିଇଓ ସଙ୍ଘ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଘର ସଭାପତି ପ୍ରଭାତ କୁମାର ତିୱାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ସଂଘର ଆଗାମି ଦିନ ମାନଙ୍କରେ କାର୍ଯ୍ୟକାରୀ ହେବାକୁ ଥିବା ସୂଚୀ, ସଂଘର ଉଦ୍ଦେଶ୍ୟ ଓ ତାର ସଫଳତା ଉପରେ ରାଜ୍ୟ ସାଧାରଣ ସମ୍ପାଦକ ସଂଗ୍ରାମ ସିଂହ ବିସ୍ତୃତ ବିବରଣୀ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲା ଓ ପ୍ରାନ୍ତରୁ ସଂଘ କର୍ମକର୍ତ୍ତା, ସଦସ୍ୟ ମାନେ ଯୋଗ ଦେଇଥିବା ବେଳେ କଳାହାଣ୍ଡି ଜିଲ୍ଲାର ସମସ୍ତ ଜିଆର୍‌ଏସ୍ ଓ ଏଡିଇଓ




ଉପସ୍ଥିତ ରହିଥିଲେ। ଏଥିରେ ଅନେକ ଜିଆର୍‌ଏସ୍ ଓ ଏଡିଇଓଙ୍କୁ ରାଜ୍ୟ ସଂଘ ସଭାପତି ସମ୍ବର୍ଦ୍ଧିତ କରିବା ସହ ସଂଘକୁ ନିଷ୍ଠା ଓ ଏକତ୍ରିତ ଭାବରେ ଏକଜୁଟ କରି ଆଗେଇ ନେବାକୁ ପ୍ରତିବଦ୍ଧ ଥିବା କହିଥିଲେ। ସୂଚନା ଯେ ତାଙ୍କ ସଭାପତି ଦକ୍ଷତା ଯୋଗୁଁ ସଂଘର ମନ ବଳ ଦୃଢତା ହୋଇପାରିଛି। ସେହି ଦକ୍ଷତା ପ୍ରତିପାଦନରେ ସରକାରୀ କର୍ମଚାରୀ ମାନ୍ୟତା ଏକ ସ୍ୱତନ୍ତ୍ର ଉପଲବ୍ଧ ରହିଥିବା ନେଇ ସଦସ୍ୟ ମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ସୁରେଶ ପାଣିଗ୍ରାହୀ, ସମ୍ପାଦକ ସୁଶୀଳ ପାଣିଗ୍ରାହୀ, ସାଙ୍ଗଠିକ ସମ୍ପାଦକ ଅଜୟ ଜେନା, କୋଷାଧ୍ୟକ୍ଷ - ଦେବାଶିଷ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଶଶାଙ୍କ ଶେଖର ପାଢ଼ୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ରାଜେଶ କୁମାର ପାଢୀ, ଈଶ୍ୱର ପାଣିଗ୍ରାହୀ, ଶିଶିର ଗହୀର, ବିଶ୍ୱ ଦୀପକ ପାଣିଗ୍ରାହୀ, ତୁଲେଶ୍ୱର ଚଣ୍ଡୀ, ହେମନ୍ତ ଦଳେଇ, ରାମ ମହାନନ୍ଦ, ପ୍ରଦ୍ୟୁନ କୁମାର ସାହୁ, ରୁଦ୍ର ବେହେରା, ବିଭୁଦସା, ଅଚ୍ୟୁତ ସାହୁ, କ୍ଷମାନିଧି ସାହୁ, ଦିବ୍ୟ ରଞ୍ଜନ ବେହେରା, ଆଶୁତୋଷ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସଭାପତି ପ୍ରଭାତ କୁମାର ତିୱାରୀ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିବା ବେଳେ ପରିଶେଷରେ ପରସ୍ପର ମଧ୍ୟରେ ବନ୍ଧୁତା ଆଦାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ରାଶିଫଳ

ବୁଧବାର, ୧୨ ଫେବୃଆରୀ ୨୦୨୫



**ମେଷ:** ନିଜ ଘରେ ଏବଂ କାର୍ଯ୍ୟକ୍ଷେତ୍ରରେ ଏକ ଉତ୍ତମ ପରିବେଶରେ ବାସ କରି ବହୁତ ଖୁସି ହେବେ। ସ୍ୱାସ୍ଥ୍ୟ ଭଲ ହେବ। ଚାକିରୀରେ ପଦୋନ୍ନତିର ସମ୍ଭାବନା ରହିଛି। କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ।



**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଥକ୍କା ଏବଂ ଅଳସୁଆ ଅନୁଭବ କରିବେ, ଯେଉଁଥିପାଇଁ ଉତ୍ସାହର ଅଭାବ ରହିବ। ଏହାର ପ୍ରଭାବ ବାଣିଜ୍ୟିକ କ୍ଷେତ୍ରରେ ଦେଖାଯିବ ଏବଂ ଏହା ସମସ୍ୟା ସୃଷ୍ଟି କରିପାରେ। ଉଚ୍ଚ ପଦାଧିକାରୀଙ୍କ ଆଚରଣ ଆପଣଙ୍କ ପ୍ରତି ନକାରାତ୍ମକ ହେବ।



**ମିଥୁନ:** ଆଜି ଆପଣଙ୍କୁ କୈଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି । କଫ ଏବଂ ପେଟ ସମ୍ବନ୍ଧୀୟ ରୋଗ ଆପଣଙ୍କୁ କଷ୍ଟ ଦେଇପାରେ। ସମ୍ଭବ ହେଲେ ଅସ୍ତ୍ରୋପଚାର ପରି ବଡ଼ ମାମଲା ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି।



**କର୍କଟ:** ଆପଣ ସ୍ୱାଦିଷ୍ଟ ଖାଦ୍ୟ ପାଇବେ ଏବଂ ସାଙ୍ଗମାନଙ୍କ ସହିତ ବୁଲିବାକୁ ଯିବେ। ଆପଣଙ୍କର ବ୍ୟବସାୟ ବଢିବ । ବାଣିଜ୍ୟ ଅଂଶଗ୍ରହଣ ଲାଭବାନ ହେବ। ସୁଧ ଇତ୍ୟାଦିରୁ ଆୟ ଅର୍ଥରେ ପରିପୂର୍ଣ୍ଣ ହେବ। ସାଧାରଣ ଜୀବନରେ ସମ୍ମାନ ବୃଦ୍ଧି ପାଇବ। କାର୍ଯ୍ୟରେ ସଫଳତା ସହିତ ସ୍ୱାସ୍ଥ୍ୟ ମଧ ଭଲ ରହିବ ।



**ସିଂହ:** କାର୍ଯ୍ୟରେ ସଫଳତା ପାଇବା ପାଇଁ ଆଜି ସର୍ବୋତ୍ତମ ଦିନ । ଶରୀର ଏବଂ ମନ ସହିତ ତୁମେ ସତେଜତା ଏବଂ ଆନନ୍ଦ ଅନୁଭବ କରିବ । ଚାକିରି-ବ୍ୟବସାୟ ସ୍ଥାନରେ ସହକର୍ମୀଙ୍କ ସମର୍ଥନ ଦିଆଯିବ। ଅସୁସ୍ଥ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବ।



**କନ୍ୟା:** ଆଜି ଆପଣଙ୍କର କଳ୍ପନା ଶକ୍ତି ପୁରା ଭଲ ରହିବ । ସାହିତ୍ୟ ସୃଷ୍ଟି ପାଇଁ ଆଜି ଏକ ଭଲ ଦିନ। ଛାତ୍ରମାନେ ଶିକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବେ । ଭାବପ୍ରବଣତା ଏବଂ ଯୌନତା ଆପଣଙ୍କ ପ୍ରକୃତିରେ ଅଧିକ ରହିବ । ମନରେ ଭୟ ରହିବ ।



**ତୁଳା:** ଆଜି ଆପଣଙ୍କର ବହୁତ ଭାବନା ରହିବ, ଯେଉଁ କାରଣରୁ କାହାର ଶବ୍ଦ କିମ୍ବା ଆଚରଣ ଦ୍ୱାରା ଆଘାତ ପାଇପାରନ୍ତି। ମାତାର ସ୍ୱାସ୍ଥ୍ୟ ଖରାପ ହେତୁ ବହୁତ ବିବ୍ରତ ହେବେ । ଖାଦ୍ୟ ଏବଂ ଶୋଇବାରେ ଅନିୟମିତତା ହେବ । ମହିଳା ଏବଂ ଜଳ କ୍ଷେତ୍ର ପ୍ରତି ସାବଧାନ ରୁହନ୍ତୁ। ଛାତ୍ରମାନଙ୍କ ପାଇଁ ସମୟ ମଧ୍ୟମ ଅଟେ।



**ବିଛା:** ଆଜି ବହୁତ ଭାବପ୍ରବଣ ଏବଂ ସମ୍ବେଦନଶୀଳ ହେବ, ଯେଉଁଥିପାଇଁ ତୁମର କଳ୍ପନା ଏବଂ ସୃଜନଶୀଳତା ଉତ୍ପନ୍ନ ହେବ। ଆପଣ ଆଜି ସାହିତ୍ୟ ଲେଖା ଏବଂ କଳା କ୍ଷେତ୍ରରେ ସହଯୋଗ କରିବାକୁ ସମର୍ଥ ହେବେ । ପରିବାର ସଦସ୍ୟ ବିଶେଷ କରି ମା ସହିତ ସମ୍ପର୍କ ବୃଦ୍ଧି ପାଇବ ।



**ଧନୁ:** ଆଜି ପ୍ରାରମ୍ଭରେ ଅସୁବିଧା ହୋଇପାରେ, ଆପଣଙ୍କର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ହେବ ଏବଂ ଯାହା ବହୁତ ଖୁସି କରିବ। ଆର୍ଥିକ ଯୋଜନା ହେତୁ, ଆପଣଙ୍କର ଅନେକ ଅସୁବିଧା କମିବା ଆରମ୍ଭ କରିବ । ଚାକିରି ବ୍ୟବସାୟରେ ଆପଣଙ୍କର ସହକର୍ମୀମାନେ ସମର୍ଥିତ ହେବେ । ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ସାକ୍ଷାତ କରିବା ଆପଣଙ୍କ ଖୁସି ବଢାଇବ।



**ମକର:** ଆଜି ଆପଣଙ୍କର ବନ୍ଧୁ, ପରିବାର ସହିତ ଆପଣଙ୍କ ଦିନ ବହୁତ ଭଲ ହେବ । ସେମାନଙ୍କଠାରୁ ଉପହାର ଆପଣଙ୍କ ଖୁସିକୁ ଦ୍ୱିଗୁଣିତ କରିବ । ଭ୍ରମଣ ପାଇଁ ଏକ କାର୍ଯ୍ୟକ୍ରମ ହେବ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇବାର ସୁଯୋଗ ମିଳିବ। ଆଜି ଭଲ ଖବର ପାଇବେ ଏବଂ ଆର୍ଥିକ ଲାଭ ମଧ ଉପଲବ୍ଧ ହେବ । ନିଜ ସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରନ୍ତୁ ।



**କୁମ୍ଭ:** ଆଜି ଆପଣଙ୍କୁ କୋର୍ଟ ମାମଲା ଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି । ମନରେ ଅସ୍ଥିରତା ରହିବ ଏବଂ ବିଭିନ୍ନ ଚିନ୍ତା ସୃଷ୍ଟି କରିବ । ସ୍ୱାସ୍ଥ୍ୟ ଖରାପ ହୋଇପାରେ । ବକ୍ତବ୍ୟ ଏବଂ ଆଚରଣରେ ନିଜକୁ ସଂଯମ କରିବା ଆବଶ୍ୟକ, ନଚେତ୍ କାହା ସହିତ କଳହ ହୋଇପାରେ ।



**ମୀନ:** ଆଜି, ଆପଣ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଏବଂ ଲାଭ ପାଇବେ। ଲକ୍ଷ୍ମୀଜୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିବ। ପୁରୁଣା ସାଙ୍ଗମାନଙ୍କ ସହିତ ଆପଣ ଦିନକୁ ଉପଭୋଗ କରିବେ। ଏକ ଭ୍ରମଣ ଯାଇପାରନ୍ତି । ଆଜି ପତ୍ନୀ ଏବଂ ପିଲାମାନଙ୍କ ସହିତ ଭଲ ସମୟ କଟାନ୍ତୁ । ଆପଣ ବିବାହିତ ଜୀବନରେ ଆନନ୍ଦ ପାଇବେ। ଆପଣ ପିଲାମାନଙ୍କର ଭଲ ଖବର ପାଇବେ।




ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧

ମୋ: ୯୪୩୮୩୮୯୦୩୯